ଏ ସଂଖ୍ୟାର ଲେଖକ . . .

ଦେବୀ ଦାସ, ମିଶ୍ର, ଅଜିତା ଅପରାଜିତା, ଧୀରେନ୍ଦ୍ର କୁମାର ବଳ, ଡକ୍ଟର ଭଗବାନ ପଣ୍ଡା, ରାମକୃଷ୍ଣ ସାହୁ, ଜେନାଶ୍ରୀ ସ୍ୱରତ ଭୂଷଣ, ପୃଥ୍ୱୀରାଜ ପରିଡ଼ା, ହୃଷିକେଶ ପଣ୍ଡା, ଶଶୀଭୂଷଣ ରଥ, ହରିହର ଆଚାର୍ଯ୍ୟ, ଏମ୍. ମିଶ୍ର, କାହ୍ନୁଚରଣ ଦାସ ପଟ୍ଟନାୟକ, ଭଗବାନ ନାୟକବର୍ମା, ଅନ୍ନପୂର୍ଣ୍ଣା ମିଶ୍ର, ଶାନ୍ତିଲତା ମିଶ୍ର, ଚୁଳମଣି ଜେନା, ଜୟକୃଷ୍ଣ ସାମଲ, ପୂର୍ଣ୍ଣେନ୍ଦୁ ମିଶ୍ର, ରମାକାନ୍ତ ରାଉତ, ଚକ୍ରଧର ମହାନ୍ତ, ଦେବୀଧଳ

ପ୍ରଗତିବାଦୀ ପବ୍ଲିକେଶନସ୍

Digitized by PPRACHIN, SOA

ଚୟନିକା

୪

ମୁଖ୍ୟ ସଂପାଦକ

ସୁରେନ୍ଦ୍ର ମହାନ୍ତି

ସଂପାଦକ

ଡକ୍ଟର ଭବଗ୍ରାହୀ ମିଶ୍ର

ସଂପାଦକ ମଣ୍ଡଳୀ

ଡକ୍ଟର ଗଗନେନ୍ଦ୍ର ନାଥ ଦାଶ
ଡକ୍ଟର ନୀଳାଦ୍ରୀ ଭୂଷଣ ହରିଚନ୍ଦନ
ଡକ୍ଟର ଆନ୍ଦକନ୍ଦ ସାହୁ
ଅଧ୍ୟାପିକା ମିନତୀ ନାୟକ

ସହଯୋଗୀ ସଂପାଦକ

ନିକୁଞ୍ଜ ଜେନା
ବ୍ରତତୀ ବଳ

Digitized by PPRACHIN, SOA

ସଂପାଦନା କାର୍ଯ୍ୟାଳୟ :

ଡକ୍ଟର ଭବଗ୍ରାହୀ ମିଶ୍ର
ସି/୫ ଖାରବେଳ ନଗର
ଭୁବନେଶ୍ୱର-୭୫୧୦୦୧
ଟେଲିଫୋନ-୫୨୬୭୨

ପ୍ରକାଶକ :

ପ୍ରଦ୍ୟୁମ୍ନ ବଳ
ପ୍ରଗତିବାଦୀ ପବ୍ଲିକେସନ୍ସ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର-୭୫୧୦୦୨
ଟେଲିଫୋନ-୫୧୫୬୯

ମୁଦ୍ରଣ :

ସୁମୁଦ୍ରଣୀ
ଝାଞ୍ଜିରି ମଙ୍ଗଳା
କଟକ-୭୫୩୦୦୯

ମୂଲ୍ୟ—ଚାରି ଟଙ୍କା।

Chaynika—Vol.-2 No. 2

Publisher :
Pradyumna Bal
2130, Vivekananda Marg
Bhubaneswar-751002
Rupees Four only

Digitized by PPRACHIN, SOA

ଏ ସଂଖ୍ୟାର ଲେଖା...

ଏକ ଅସମ୍ବେଦନଶୀଳ ନଦୀ ଓ ମୋର ପରବର୍ତ୍ତୀ ଗଳ୍ପରେ
ଫେରି ଆସୁଥିବା ଚରିତ୍ର ଦୁଇଜଣ ୯

ମିସେସ୍ ବର୍ମା, ଚନ୍ଦ୍ର ଓ ମୁଁ ୧୭

ଟେଲିଗ୍ରାମ୍ ୨୧

ଗଜପତି ପ୍ରତାପରୁଦ୍ର ଦେବ ଓ ଜଗନ୍ମୋହିନୀ ୨୫

ନିଜକୁ ଫୁଲଗଛ ମନେକରି ୩୨

କ୍ଷେତ୍ର ନୁହେଁ କି ନିର୍ବାଣ ନୁହେଁ ୩୪

ବଂଶବାର ମିଠା ମିଠା ଅନେକ ସଲାପ ୩୬

ଏକ ମୂକ ପଥରର ସ୍ବଗତୋକ୍ତି ୩୭

ନେପାଳ କୁମାରୀ ୪୪

ରହସ୍ୟବାଦର ପରମ୍ପରା ୪୮

ସତ୍ୟମେବ ଜୟତେ ୬୩

ନାସ୍ତିକା ସମ୍ବାଦ ୭୨

ଜାଗରଣୀ ୭୩

ବ୍ୟକ୍ତିଗତ ୭୫

ଭାବାନ୍ତର ୭୭

Digitized by PPRACHIN, SOA

କବିତାରେ କେବେ ବିପ୍ଳବ ଆସେନାହିଁ ୮୩
ବଉଳ ୮୫
ତଟିନୀର ତୃଷ୍ଣା ୮୬
ପରାଜୟ ୯୦
ଅପରାଜିତା ଚନ୍ଦ୍ରଲେଖା ୯୬
ବିଲମ୍ବିତ ଲୟ ୧୦୧

Digitized by PPRACHIN, SOA

ପ୍ରକାଶକର କଥା

ସାହିତ୍ୟ, ସାହିତ୍ୟିକ ଓ ପୃଷ୍ଠପୋଷକତା

ଆଜିକାଲି ସଙ୍ଗଠନର ଯୁଗ । ଯଦି ଦେଶରେ ଦୁଇଜଣ ପ୍ରଧାନମନ୍ତ୍ରୀ ଥାଆନ୍ତେ ତେବେ ସେମାନେ ମଧ୍ୟ ନିଜର ଦାବୀ ହାସଲ ପାଇଁ ସଙ୍ଗଠନଟିଏ କରିଥାଆନ୍ତେ । ଆଇ. ଏ. ଏସ. ଅଫିସରଙ୍କ ଠାରୁ ଆରମ୍ଭ କରି ବିମାନ ସେବିକାଙ୍କ ପର୍ଯ୍ୟନ୍ତ ଉପର ସ୍ତରର ଦରମାପ୍ରାପ୍ତ କର୍ମଚାରୀମାନେ ସଂଘ ଗଢ଼ିଛନ୍ତି । ତଳେ ମେହେନ୍ତରଙ୍କଠାରୁ ଆରମ୍ଭ କରି ବେକାର ଯୁବକ-ଯୁବତୀ ଏବଂ ଫୋପଡ଼ାବାସୀ ଅନାଥମାନଙ୍କର ସଂଘ ରହିଛି । ଏବେ ଜଣେ କିଏ ମତେ କହିଲେ "ନିଖିଳ ଭାରତ ପକେଟମାର ସଂଘ" ମଧ୍ୟ ରହିଛି ।

ତେଣୁ ଲେଖକମାନେ ସଂଘ ଗଢ଼ିବାରେ ଆପତ୍ତି ରହିଲା କେଉଁଠୁ ? ଆଜିର ସମାଜରେ ଲେଖକମାନେ ବଡ଼ ଅସହାୟ ଅବସ୍ଥାରେ ଅଛନ୍ତି । ସେମାନେ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି । ଉଚ୍ଚ ପ୍ରଶାସନିକ ଅଫିସର କିମ୍ବା ସ୍କୁଲ ଶିକ୍ଷକ ହୋଇପାରନ୍ତି କିମ୍ବା ଅବସରପ୍ରାପ୍ତ ଅଧ୍ୟାପକ ହୋଇପାରନ୍ତି । କିନ୍ତୁ ଲେଖକ ହିସାବରେ କେତେଜଣଙ୍କର ସ୍ୱୀକୃତି ଆଦର ସମାଜରେ ରହିଛି ?

ଯିଏ ନୂଆ ଲେଖକ ସିଏ ନିଜର ଲେଖାଟିଏ ପତ୍ରପତ୍ରିକାରେ ଛପାଇବାକୁ ବାରି ଧାଁ ଧପଡ଼ କରିବାପରେ ମଧ୍ୟ ନୈରାଶ୍ୟ ହିଁ ସାର । ବଡ଼ ପ୍ରବୀଣ ଲେଖକମାନେ ନିଜର ମୋଟା ପତଳା ପାଣ୍ଡୁଲିପିକୁ ପୁସ୍ତକ ଆକାରରେ ଦେଖିବାକୁ ଉଦ୍‌ଗ୍ରୀବ ହେଲେ ହେଁ ପ୍ରକାଶକ କାହାନ୍ତି ? ଯାହା ହାତରେ କିଛି କ୍ଷମତା ଅଛି ଯାହା ଫଳରେ ପ୍ରକାଶକକୁ ଲାଭ କରାଇ ଦେଇହେବ, ତା' ହେଲେ ନିଜ ବହିଟି ପ୍ରକାଶ କରାଇବା ପାଇଁ କ୍ଷମତା ବି ପ୍ରଚ୍ଛନ୍ନ ବ୍ୟବହାର କରାଯାଇପାରୁଛି ।

ମୁଁ ଜାଣେ ଓଡ଼ିଶାର କେତେକ ଲେଖକ ନିଜ ବହିର ଇଂରାଜୀ ସଂସ୍କରଣ ପ୍ରକାଶ କରିବାକୁ ଦିଲ୍ଲୀର କେତେକ ନାମଜାଦା ପ୍ରକାଶକଙ୍କୁ ପୁଞ୍ଜି

Digitized by PPRACHIN, SOA

ଲଟାଣ ଦେଇ ମଧ୍ୟ ବହିଟି ପ୍ରକାଶପାଇଁ ବର୍ଷ ବର୍ଷ ଧରି ଧାଁ ଧପଡ଼ କରୁଛନ୍ତି । ମୁଁ ଏକଥା ମଧ୍ୟ ଜାଣେ କେତେକ ପାଣ୍ଡୁଲିପି କ୍ଷମତା କିମ୍ବା ଅର୍ଥର ସମର୍ଥନ ଅଭାବରୁ ପ୍ରକାଶ ପାଇପାରୁନାହିଁ । ତେଣୁ ନୂଆ ହେଉନ୍ତୁ ପୁରୁଣା ହେଉନ୍ତୁ ଲେଖକମାନେ ବଡ଼ ଦୟନୀୟ ଅବସ୍ଥାରେ ଅଛନ୍ତି ।

ସଂଘ କଥା କାହିଁକି କହୁଥିଲି କି ଏବେ "ଲେଖକ ସମ୍ମୁଖ୍ୟ"ର ପତାକା ତଳେ ବିଭିନ୍ନ ସ୍ଥାନରେ ସାହିତ୍ୟିକ ମାନଙ୍କର ସାହିତ୍ୟ ଆଲୋଚନାର ସମାବେଶମାନ ହେଉଛି । ମୁଖ୍ୟମନ୍ତ୍ରୀ ଓ ଅନ୍ୟମନ୍ତ୍ରୀମାନେ ସେଠାରେ ଅତିଥି ହୋଇପାଉଛନ୍ତି । ଏହି ସାମ୍ମୁଖ୍ୟର ପଦାଧିକାରୀ ଓ ଆୟୋଜକମାନେ ମଧ୍ୟ ଲେଖକ ଏବଂ ସେମାନଙ୍କ ମଧ୍ୟରୁ କେତେକ ପ୍ରଶାସନିକ ପଦାଧିକାରୀ । କ୍ଷମତାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରୟୋଗ ତଥା ସମର୍ଥନରେ ଏହି ସାହିତ୍ୟ ବା ସାହିତ୍ୟିକ ସମ୍ମିଳନୀଗୁଡ଼ିକ ସଂଗଠିତ ହେଉଛି ବୋଲି ଅଭିଯୋଗ ହେଉଛି । ଏପରିକି ଡକ୍ଟର ହରେକୃଷ୍ଣ ମହତାବ ମଧ୍ୟ ଏପରି ସମ୍ମିଳନୀଗୁଡ଼ିକ ସମାଲୋଚନା କରୁଛନ୍ତି ।

ସାହିତ୍ୟ ଓ ସାହିତ୍ୟିକ ସମ୍ମିଳିତ ପୃଷ୍ଠପୋଷକତାର ଶିକାର ହୋଇ ଆସିଛି । ପୃଷ୍ଠପୋଷକତା ରାଜାଙ୍କର ହେଉ ବା ମନ୍ତ୍ରୀଙ୍କର ହେଉ । ପ୍ରକାଶକର ହେଉ ବା ସମ୍ପାଦକର ହେଉ ପୃଷ୍ଠପୋଷକତା ବିନା, ସାହିତ୍ୟ ଓ ସାହିତ୍ୟିକ ନିରାଶ୍ରୟ ଅନାଥ । ଚଳୁଆ, କ୍ଷମତାଶାଳୀ କିମ୍ବା ପ୍ରଭାବଶାଳୀ ଲେଖକ ନିଜ କ୍ଷମତା ଜରିଆରେ ନିଜକୁ ପୃଷ୍ଠପୋଷକତା ମଧ୍ୟ ଯୋଗାଇ ଦିଏ । କାରଣ ସାହିତ୍ୟିକ ଭାବରେ ତାକୁ ପୃଷ୍ଠପୋଷକତାର ଅବଲମ୍ବନ ଧରିବାକୁ ହେବ । ମହତାବଙ୍କ "ବିଷୁବ ମିଳନ" ପ୍ରତ୍ୟକ୍ଷ ଓ ପ୍ରଚ୍ଛନ୍ନଭାବରେ କ୍ଷମତାର ପୃଷ୍ଠପୋଷକତା ନିଏ । ବିଷୁବ ମିଳନ ସେମିତି ସାହିତ୍ୟ ଓ ସାହିତ୍ୟିକର ପୃଷ୍ଠପୋଷକତା କରିଆସିଛି । ବାମଣ୍ଡା ରାଜା ସାର ସୁଚଳଦେବ ସାହିତ୍ୟିକୁ ପୃଷ୍ଠପୋଷକତା ଦେଇଥିଲେ । ଆଜିର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏକକାଳ ସାହିତ୍ୟିକଙ୍କୁ ସେମିତି ପୃଷ୍ଠପୋଷକତା ଦେଇ ଚାଲିଛନ୍ତି ।

ସେମିତି ଓଡ଼ିଶା ସରକାରଙ୍କ ବହି କିଣା କମିଟିର ସଭ୍ୟମାନେ ନିଜର ପ୍ରକାଶିତ ସବୁ ବହିର ସର୍ବାଧିକ କପି କିଣି ନେବାପାଇଁ ନିଷ୍ପତ୍ତି ନେଲେ ବୋଲି ଯେଉଁ ଅଭିଯୋଗ ଉଠିଛି ତାହା କେତେଦୂର ଯଥାର୍ଥ ? ଯେତେବେଳେ ସୁଯୋଗ

Digitized by PPRACHIN, SOA

ନିଜର ଗଦ୍ୟ ନିଜ ବହି ଯଥେଷ୍ଟ ସଂଖ୍ୟାରେ ସରକାରଙ୍କୁ କିଣାଇଦେଇ ନ ପାରିଲେ ତେବେ କିଏ ସେମାନଙ୍କର ବହି ଏତେ କିଣିପାରୁଥାନ୍ତା ? ଭବିଷ୍ୟତରେ ଯେଉଁ ବହିସବୁ ସେମାନେ ଲେଖିବେ ତାହା ଛପିବାକୁ ପ୍ରକାଶକପାଇଁ ପ୍ରେରଣାର ସୂତ୍ର କ'ଣ ? ସେମାନେ ମଧ୍ୟ ଲେଖକ । ସେମାନେ ମଧ୍ୟ ସାହିତ୍ୟିକ । ସେମାନଙ୍କର ମଧ୍ୟ ପୃଷ୍ଠପୋଷକତାର ଆବଶ୍ୟକତା ରହିଛି । ପୃଷ୍ଠପୋଷକତାର ଅଧିକାର ଯେତେବେଳେ ସେମାନଙ୍କ ପାଖକୁ ଆସିଲା ନିଜର ଚାହିଦା ପୂରଣ କରିବାରେ କ୍ଷତି କ'ଣ ? ଖାଇଲାବେଳେ ଆମ ନିଜ ପେଟ ପୂରାଇ ଖାଉ ନା । ଆଉ କିଏ ଅଧାପେଟ ରହିଗଲା ସେ କଥା ବୁଝୁଥାଉ ?

ଦାନର ପ୍ରତିଦାନ ଅପରିହାର୍ଯ୍ୟ । ତେଣୁ ଲେଖକମାନେ କିମ୍ବା ସାହିତ୍ୟିକମାନେ ଯେତେବେଳେ କେଉଁଠାରୁ ପୃଷ୍ଠପୋଷକତା ପାଆନ୍ତି ସେଥିରେ ଦାତାକୁ ତୁଷ୍ଟ କଲାଭଳି କାମ ଓ କଥାର ଆବଶ୍ୟକତା ପଡ଼େ । ତାହା ପ୍ରଶଂସା ଓ ପ୍ରଶସ୍ତି ଗାନ । ତା'କୁ କେବଳ "ଅସନ୍ତୁଷ୍ଟ ଗୋଷ୍ଠୀ" ବିକୃତକରି ଖୋସାମତ ବୋଲି କହନ୍ତି । ଏଇଟା ସାହିତ୍ୟପ୍ରତି ଅସମ୍ମାନ ଓ ସାହିତ୍ୟିକ ପ୍ରତି ଅନ୍ୟାୟ ।

ସାହିତ୍ୟ ଓ ସାହିତ୍ୟିକ ପାଇଁ କେତେକ ବାଧତା ରହିଛି । ସେଇଥିପାଇଁ ସମାଜରେ କିଞ୍ଚିତ ସହାନୁଭୂତି ଦରକାର ।

ପ୍ରଦ୍ୟୁମ୍ନ ବଳ

Digitized by PPRACHIN, SOA

ସମ୍ପାଦକୀୟ

ସାହିତ୍ୟ ଏକ "ଶୁଦ୍ଧ ଆନ୍ଦୋଳନ"

ଡକ୍‌ଟର ଷବଗ୍ରାହୀ ମିଶ୍ର

ଗତ ଆପତ୍‌କାଳୀନ ଅବସ୍ଥା ସମୟରେ ଡକ୍‌ଟର ହରେକୃଷ୍ଣ ମହତାବଙ୍କ ସହିତ ଏକାମ୍ର ନିବାସରେ ଅଳ୍ପ ସମୟ ଆଲୋଚନା କରିବାର ସୁଯୋଗ ମିଳିଥିଲା। ରାଷ୍ଟ୍ରର ରାଜନୈତିକ ପରିସ୍ଥିତି ସମ୍ପର୍କରେ ଡକ୍‌ଟର ମହତାବ ପ୍ରଶ୍ନ କରିଥିଲେ-"ଏବେ କଣ କରିବା ?" ଉତ୍ତର ଦେଇଥିଲି—"ସାହିତ୍ୟ କରିବା"। ଏହି "ସାହିତ୍ୟ କରିବା" ମୋ ବିଚାରରେ ଏକ "ଶୁଦ୍ଧ ଆନ୍ଦୋଳନ"—"ସଂପୂର୍ଣ୍ଣ ବିପ୍ଳବ" ନୁହେଁ। କାରଣ ସାହିତ୍ୟ ଓ ସାହିତ୍ୟିକ ନିଜର ଭାବ ଓ ଭାଷା ଜରିଆରେ ମଣିଷକୁ ପରିବର୍ତ୍ତନ କରି ଦେଇପାରେ। ସେଇଥିପାଇଁ କୁହାଯାଇଛି ଯେ "ଇତିହାସ ମଣିଷକୁ ପରିବର୍ତ୍ତନ କରିପାରେ—ପୁଣି ମଣିଷ ଇତିହାସର ଧାରାକୁ ବଦଳେଇ ଦେଇପାରେ।" ଇତିହାସର ଧାରାକୁ ବଦଳାଇବା ଦିଗରେ "ଭାଷା ଓ ସାହିତ୍ୟ"ର ବିକାଶ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ସେ ବିଷୟରେ ଏ ପର୍ଯ୍ୟନ୍ତ ବିଧିବଦ୍ଧ ଗବେଷଣା ଆରମ୍ଭ ହୋଇନାହିଁ। ଓଡ଼ିଶା ରାଜ୍ୟ କଥା ବିଚାରକୁ ନଅନ୍ତୁ। ୧୯୮୬ ମସିହାରେ ଓଡ଼ିଶା ପ୍ରଦେଶ ସୃଷ୍ଟିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେବାର ସମ୍ଭାବନା ରହିଛି। ଏହି ଉତ୍ସବ ପାଳିତ ହେଲେ ପଚାଶ ବର୍ଷ ସମୟ ସୀମା ଭିତରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ "ଭାଷା ଓ ସାହିତ୍ୟ"ର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନ ମାନଙ୍କ ମଧ୍ୟରୁ ପଚିଶଜଣଙ୍କୁ ନିର୍ବାଚିତ କରିବା ଆବଶ୍ୟକ ହେବ। ସେହି ମାନେହିଁ "ଶୁଦ୍ଧ ଆନ୍ଦୋଳନ"ର ନୀରବ କର୍ମୀ। ସେମାନଙ୍କର କର୍ମ ଓ ପ୍ରେରଣା ମିଳି ନଥିଲେ ଓଡ଼ିଶାର ଭାଷା ଓ ସାହିତ୍ୟ କ୍ଷେତ୍ରରେ ଯେଉଁ ବିକାଶ ସାଧିତ ହୋଇଛି ତାହା ସମ୍ଭବ ହୋଇ ପାରି ନଥାନ୍ତା।

ଓଡ଼ିଆ ସରକାରୀ ଭାଷା ହେବ, ଓଡ଼ିଆ ଟାଇପ ରାଇଟରର ବହୁଳ ପ୍ରସାର ହେବ, ପୁସ୍ତକ ପ୍ରକାଶ ହେବ, ବିକ୍ରୀ ହେବ, ଗ୍ରନ୍ଥାଗାର ଇତ୍ୟାଦି ହେବ, ପିଲେ ଅଧିକ ସଂଖ୍ୟାରେ ବହି ପଢିବେ, କିଣିପାରିବେ, ପତ୍ର ପତ୍ରିକା ଅଧିକ ପ୍ରସାର ଲାଭ କରିବ, ଲେଖକମାନେ ତାଙ୍କର ପ୍ରାପ୍ୟ ପାଇବେ, ଆକାଶ ବାଣୀ, ଦୂର ଦର୍ଶନ, ଯାତ୍ରା, ସୁଆଙ୍ଗ ନାଟକ, ସିନେମା, ସାହିତ୍ୟ ସମ୍ମିଳନୀ ଇତ୍ୟାଦି ବହୁ ଭାବରେ ଓ ମାଧ୍ୟମରେ ସାହିତ୍ୟିକମାନେ ସେମାନଙ୍କର ଚିନ୍ତାକୁ ପ୍ରକାଶ କରି ଆସିଛନ୍ତି। ପଚିଶ ବର୍ଷ ଭିତରେ

Digitized by PPRACHIN, SOA

ଏ ଯେଉଁ "ଶୁଦ୍ଧ ଆନ୍ଦୋଳନ" ଚାଲି ଆସିଛି, ତାହା "ବିପ୍ଳବ" ନୁହେଁ କି ? ଏହା ହିଁ ଲେଖମାର ବିପ୍ଳବ । କିନ୍ତୁ ଏଇ ଯେଉଁ ଘଟଣା ଗୁଡ଼ିକ, ସମସ୍ୟା ଗୁଡ଼ିକ, ସମାଧାନ ଗୁଡ଼ିକ ହୋଇ ଚାଲିଛି, ସେ ସବୁକୁ ସମୀକ୍ଷା କରିବା ସମ୍ଭବ ହୋଇନାହିଁ—ଯଦିବା ହୋଇଛି ତାହା ଆନୁଷ୍ଠାନିକ ଭାବରେ ଲିପିବଦ୍ଧ କରାଯାଇ ନାହିଁ । ସମ୍ବାଦପତ୍ରର ଟିପ୍ପଣୀ, ବିଭିନ୍ନ ଅନୁଷ୍ଠାନିକ ରିପୋର୍ଟ ଛଡ଼ା ଏସବୁ ତଥ୍ୟକୁ ଗୋଟିଏ କେନ୍ଦ୍ରୀୟ ସ୍ଥାନରେ ଖୋଜି ପାଇବା ସମ୍ଭବ ନୁହେଁ—ସେଥିପାଇଁ ରାଜ୍ୟ ପାଠାଗାର ନାହିଁ, ରାଜ୍ୟ ସ୍ତରୀୟ କୌଣସି ସଂସ୍ଥା ନାହିଁ, ଯେଉଁଠି ଏଇ "ଶୁଦ୍ଧ ଆନ୍ଦୋଳନ"ର ଇତିହାସ ରଚିତ ହେଉଛି ।

ସାହିତ୍ୟ ଓ ସାହିତ୍ୟିକର ସମାଜକୁ ସମ୍ଭାଳି ରଖିବା ପାଇଁ, ସଂଯତ କରିବା-ପାଇଁ, ନିୟନ୍ତ୍ରିତ କରିବା ପାଇଁ—ଏକ ଆଧୁନିକ ଓ ବିଜ୍ଞାନ ସମ୍ମତ ମାର୍ଗରେ ପରିଚାଳିତ କରିବା ପାଇଁ ଏ ଯାବତ୍ କୌଣସି ନିୟମ ପ୍ରଣୟନ ହୋଇ ପାରିଲା ନାହିଁ । ଗ୍ରନ୍ଥାଗାର ପାଇଁ ଆଇନ୍ ନାହିଁ । ପ୍ରକାଶକଙ୍କ ପାଇଁ ଆଇନ ନାହିଁ । ଲେଖକ ବା ସ୍ରଷ୍ଟାଙ୍କର ନିଜ ସୃଷ୍ଟି ଉପରେ ଥିବା ଅଧିକାରକୁ ସୁରକ୍ଷିତ କରିବା ପାଇଁ ଆଇନ୍ ନାହିଁ, ବହି କିଣିବା ପାଇଁ, ଯୋଗେଇଦେବା ପାଇଁ କୌଣସି ସୁଦୃଢ଼ ବ୍ୟବସ୍ଥା ନାହିଁ । ତେଣୁ ଏଠି ସ୍ରଷ୍ଟା, ସମାଲୋଚକ, ପାଠକ, ଗ୍ରନ୍ଥାଗାରର ରକ୍ଷକ, ପ୍ରକାଶକ, ପ୍ରଚାରକ, ବିକ୍ରେତା—ସମସ୍ତେ ଏକ ଅପରିମିଶ୍ରଣର ମୂଳରେ—ସବୁ ବିଶୃଙ୍ଖଳାର ଏକ ସମାରୋହ । ତେଣୁ "ସାହିତ୍ୟ"ର ପ୍ରକାଶ ଓ ବିକାଶ ପ୍ରଚାର ଓ ପ୍ରସାରକୁ ବଢ଼େଇବାକୁ ପଡ଼ିବ—କାରଣ ସାହିତ୍ୟ ଏକ ଶୁଦ୍ଧ ଆନ୍ଦୋଳନ "ସାହିତ୍ୟ" ସହିତ ସମ୍ପୃକ୍ତ ସମସ୍ତଙ୍କୁ ଏହି ଶୁଦ୍ଧ ଆନ୍ଦୋଳନରେ ଯୋଗ ଦେବାକୁ ପଡ଼ିବ ।

ନଈବଢ଼ିଠାରୁ, ଛବିରାଣୀ ଧର୍ଷଣ, ମନ୍ତ୍ରୀମଣ୍ଡଳର ପତନଠାରୁ କୌଣସି ଏକ ଅନୁଷ୍ଠାନର ଶୁଭ ଉଦ୍‌ଘାଟନ—ଏ ସବୁ ଘଟଣା ଓ ଅଘଟଣ ପ୍ରତ୍ୟେକ ମୁହୂର୍ତ୍ତରେ ସାହିତ୍ୟ ସୃଷ୍ଟି କରି ଚାଲିଛି—ଲିଖିତ ଓ ଅଲିଖିତ ସାହିତ୍ୟ । ଆଉ ଏଇ ସାହିତ୍ୟ ଏକ ଶୁଦ୍ଧ ଆନ୍ଦୋଳନ । ଏଇ ଆନ୍ଦୋଳନର ଧାରା ଯେଉଁ ସମାଜରେ ଯେତେ ପରିମାର୍ଜିତ ଓ ଯେତିକି ସମର୍ଥନ ଲାଭକରେ, ସେ ସମାଜ ସେତିକି ଉନ୍ନତ ହୁଏ ଓ ବିକାଶ ଲାଭକରେ । ସାହିତ୍ୟର ବିକାଶ ଉପରେ ହିଁ ସମାଜର ବିକାଶ ନିର୍ଭରଶୀଳ ଓ ଯେଉଁଠାରେ ଏହା ବୈଜ୍ଞାନିକ ବ୍ୟବସ୍ଥା ଜରିଆରେ ସ୍ୱୀକୃତ ଓ ସହଯୋଗ ପାଇଛି, ସେଠାରେ ସମାଜ ଜୀବନ ହୋଇଛି ରୁଚିବନ୍ତ, ସମୃଦ୍ଧ ଓ ଗତିଶୀଳ ।

ଗତ ୩୫-୩୭ ବର୍ଷର ସ୍ୱାଧୀନତା ପରେ ଭାରତ ବର୍ଷରେ, ବିଶେଷ ଭାବରେ ଓଡ଼ିଶାରେ ସାହିତ୍ୟକୁ ପ୍ରୋତ୍ସାହିତ କରିବାପାଇଁ ଯାହା କରାଯାଉଛି, ତାହା ଯଥେଷ୍ଟ ମନେହୁଏ

Digitized by PPRACHIN, SOA

ନାହିଁ । ଆଉ ଯାହା ଯାହା ହେବା ଉଚିତ ମନେ କରାଯାଉଛି, ସେ ସମ୍ପର୍କରେ କୌଣସି ବିଧିବଦ୍ଧ ଯୋଜନା ବି ତିଆରି ହୋଇନାହିଁ । ଦୁ'ଟି ପଞ୍ଚବାର୍ଷିକ ଯୋଜନାରେ "ସାହିତ୍ୟ" ଓ ସାହିତ୍ୟିକଙ୍କୁ ଆଶାନୁରୂପ ଭାବରେ ବିଚାରକୁ ନିଆ ଯାଇ ନାହିଁ । ଏବେ ସପ୍ତମ ପଞ୍ଚବାର୍ଷିକ ଯୋଜନାର ଦ୍ୱାରଦେଶରେ ପହଞ୍ଚି, ଓଡ଼ିଆ ଲେଖକମାନେ ସରକାରଙ୍କୁ ପ୍ରଶ୍ନ କରିପାରନ୍ତି—ଆସନ୍ତା ଆର୍ଥିକ ବର୍ଷରେ ଓ ପଞ୍ଚବାର୍ଷିକ ଯୋଜନାରେ ସାହିତ୍ୟିକର ବିକାଶ ପାଇଁ କି କି ବ୍ୟବସ୍ଥା ରହିଛି ? ସରକାରଙ୍କର ଯେଉଁ ଯେଉଁ ବିଭାଗ ଗୁଡ଼ିକ "ସାହିତ୍ୟ ଓ ସାହିତ୍ୟିକ"ଙ୍କ ସହିତ ସଂପୃକ୍ତ ସେମାନେ ସେମାନଙ୍କର ବ୍ୟୟ ଅଟକଳ ଭିତରେ ଏଥିପାଇଁ କି କି ବ୍ୟବସ୍ଥା ଗ୍ରହଣ କରିଛନ୍ତି । । ଓଡ଼ିଶା ସରକାର ଏ ଦିଗରେ ଆଉ କେତେଦିନ ଅସ୍ୱାଭାବିକ ଭାବରେ ବିନଷ୍ଟ ହି ରହିବେ ? ଭାଷା ସାହିତ୍ୟର ଗତିଶୀଳତାକୁ ପ୍ରଖର କରିବା ପାଇଁ, ସରକାର ଅବିଳମ୍ବେ ଲେଖକ, ସମ୍ପାଦକ, ପ୍ରକାଶକ, ସାହିତ୍ୟାନୁଷ୍ଠାନମାନଙ୍କୁ ପରାମର୍ଶ ଦେବାକୁ "ନିବେଦନ" କରନ୍ତୁ । ଏହି ପରାମର୍ଶଗୁଡ଼ିକୁ ଏକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମୀକ୍ଷା କରିବା ପାଇଁ ସରକାର ଏକ କମିଟି ଗଠନ କରନ୍ତୁ । ଏହି କମିଟିର ପରାମର୍ଶକୁ ଯୋଜନାର ଅନ୍ତର୍ଭୁକ୍ତ କରିବାର ବ୍ୟବସ୍ଥା ଗ୍ରହଣ କରନ୍ତୁ ।

ଏହାର ଫଳରେ "ସାହିତ୍ୟ ଯେ ଏକ ଶୁଦ୍ଧ ଆନ୍ଦୋଳନ", ସେଥିପାଇଁ ପ୍ରଶାସନିକ ସ୍ୱୀକୃତି ମିଳିପାରିବ ଓ ଫଳରେ ସାହିତ୍ୟର ରୂପ, ରସ, ରଙ୍ଗ ବଦଳି-ଯିବ । ହତାଶା, କ୍ଷୋଭ, ଅବସାଦ ଜର୍ଜରିତ ସାହିତ୍ୟ ଆଶା, ଆନନ୍ଦ ଓ ଉତ୍ଫୁଲ୍ଲତା ସୃଷ୍ଟି କରି ପାରିବ । ଆଉ ଆଗାମୀ ବଂଶଧରଙ୍କ ମୁହଁରେ ହସ ଫୁଟି ପାରିବ । ସାହିତ୍ୟ ଏକ ଶୁଦ୍ଧ ଆନ୍ଦୋଳନ ରହି ଆସିଛି ଓ ରହି ପାରିବ-ପୃଷ୍ଠପୋଷକତାର ଅଖଣ୍ଡ ସହଯୋଗ ଫଳରେ । ଏହାହିଁ ସାହିତ୍ୟ କ୍ଷେତ୍ରରେ ଆଧୁନିକୀକରଣ ବାର୍ତ୍ତାବହ ହେବ ।

—o—

Digitized by PPRACHIN, SOA

॥ ଏକ ଅସମ୍ବେଦନଶୀଳ ନଦୀ ଓ ମୋର ପରବର୍ତ୍ତୀ ଗଳ୍ପରେ ଫେରିଆସୁଥିବା ଚରିତ୍ର ଦୁଇଜଣ

—ଦେବୀଦାସ ମିଶ୍ର

ଧରି ନିଆଯାଉ ଏମିତି ଏକ ସମୟ ଫେରି ଆସିଲା । ତୁମେ ବୁଢ଼ା ହୋଇଗଲ । ହାତ ଥରିଲା । ପାପୁଲି ଭିତରେ ଥରିଲା ଆଶାବାଡ଼ି । ଝାପ୍ସା ଝାପ୍ସା ହୋଇ ଦିଶିଗଲା ଶୁଭିଗଲା ଆଖପାଖ ପରିସରର ଶବ୍ଦ ଦୃଶ୍ୟ ।

: ସେଇଠା କଣ କାନ୍ଥ ?

ଏମାନେ କଣ ଗୃହଜଣ ଲୋକ ?
ପବନ ବହୁଛି ।

ଥୋଡ଼ାଏ ପତ୍ର ଦାନ୍ତ କଡ଼ମଡ଼ କରୁଛନ୍ତି ।

ନାଃ ! ଭୁଲ ହୋଇ ଯାଉଛି ବାରମ୍ବାର ।

ପବନ ବହୁଛି କି ?

ଗଛଟା କେଉଁଠି ଠିଆ ହୋଇଛି ?
ସୁଦାମ ! ମୋତେ ଗଛ ପାଖକୁ ନେଇଯାଅ ।

ଏବେ ମୁଁ କଣ ଚୌକାଠ ଡେଇଁ ଅଗଣାରେ,
ଖୋଲା ଆକାଶ ତଳେ ଅଛି ?

କିଏ କିଏ ଦୁଇ ସେଠି କଥାବାର୍ତ୍ତା କରୁଛନ୍ତି ଅନ୍ଧାରରେ,
ବୋଧହୁଏ ବନ୍ଦ କୋଠରୀ ଭିତରେ ?
ଚ୍ୱିଟି-ଟି ଟ୍ୱିଟ୍ ।
ବୋଧହୁଏ ସକାଳ ହେଲା ।
ଚ୍ୱିଟି-ଟି-ଟ୍ୱିଟ୍ । ଚ୍ୱିଟି-ଟି-ଟ୍ୱିଟ୍ ।
ଚଢ଼େଇମାନେ କେଉଁଠି ?

ସୂର୍ଯ୍ୟ କେଉଁଠି ଉଦୟ ହେଉଛି ?

Digitized by PPRACHIN, SOA

ଧଇଁସଇଁ ହୋଇଯାଉ ଦିନେ ଏମିତି ଦୋଦୋ ଚହଲା ହୋଇଆସିଲେ ପ୍ରାସ୍ତାବିକାର ଭିତରେ ଏକଦା ଦେହ ଘଷରା ଶବ୍ଦମାନେ, ଦୃଶ୍ୟମାନେ । ନିରୁତ୍ସାହିତ ସୂର୍ଯ୍ୟାସ୍ତ-ମାନଙ୍କରେ ଗୁହାର ଭିତରେ କାହାଣୀ କହିବାର ଇଚ୍ଛା, ଟିକିକ ଅନେକ ବେଳ ବାହାରେ ପଡ଼ିଥିବା ମାଛପରି ତେଇଁ ଉଠନ୍ତି ତେଇଁ ଉଠନ୍ତି, କ୍ଳାନ୍ତ ଅଣନିଶ୍ୱାସ ଶେଷ କେତୋଟି ନିଶ୍ୱାସ ପାକୁ ପାକୁ କରୁ କରୁ ଆହୁରି ନିସ୍ତେଜ ହୋଇଗଲେ ।

କେଉଁଠି କେଜାଣି ଖରାବେଳର ନଦୀ । ଆଣ୍ଠୁଏ ପାଣିରେ ଠିଆ ହେଇ ବନଶୀର ବଙ୍କା କଣ୍ଟାରେ ଟୁଣ୍ଡା ଜିଆଟିଏ ଭର୍ତ୍ତିକରି ପାଣିକୁ ଗୁଞ୍ଜି ଦେଇ ପିଲାଟିଏ ଓ ଠିଆ ହେଇ ରହିଲା । ପାଣି ତଳେ ଅନ୍ଧାରରେ ଝୁଲିରହିଲା ଲୁହା ଓ ମାଂସର ମୁନିଆଁ ମୃତ୍ୟୁ । ସ୍ୱାଧୀନ ପହଁରାରେ ବ୍ୟସ୍ତ ରହିଯାଇଥିଲେ ମାଛମାନେ ।

ଖରା ପଡ଼ୁଥିଲା । ନଦୀ ବହୁଥିଲା ।

ପିଲାଟା ମୁଣ୍ଡ ଉଠେଇଲା । କୂଳ ଆଡ଼କୁ ଚାହିଁଲା । କୂଳରେ ବସି ରହିଥିଲ ତୁମେ, ଦୁଇ ଆଣ୍ଠୁ ସନ୍ଧିରେ ମୁଣ୍ଡ ଜାକି କପାଳରେ ଚୁମୁକା ପାପୁଲିମାନଙ୍କୁ ଯୋଡ଼ି ତୁମେ-ବୁଢ଼ା ଲୋକଟିଏ ।

: କେତେବେଳେ ହେଇଗଲାଣି ? ପିଲାଟା ପଚାରିଲା ।

: ବହୁତ ବେଳ ! ତୁମେ କହିଲ ।

ନଦୀ ବହିଯାଉଥିଲା । ପିଲାଟା ବନଶୀ କଣ୍ଟାକୁ ଆଉ ଥରେ ଉଠେଇ ଆଣିଲା ପାଣିରୁ ଓ ପୁଣି ଗୁଞ୍ଜି ଦେଲା ।

ପଚାରିଲା ' ଏଥର କହ !

ତଥାପି ତୁମେ ନୀରବ ।

ଢେର ରାତିଯାଏଁ ଉଜାଗର ରହି ଡିବିରି ଆଲୁଅରେ ବର୍ଣ୍ଣିପିକାର ନକ୍ସା ଟିଏ ତିଆରି କଲାପରି ଗୁହାର ଭିତରେ ତିଆରି କଲ କାହାଣୀଟିଏ କହିବାର ଇଚ୍ଛା ।

ଶେଷରେ ତୁମେ କହିଲ ।

ମନେ ପକେଇ ପାରୁଥିବା କଥାମାନେ ।

କେମିତି କଣ ସବୁ ।

ଘର ବାଡ଼ି ପିଲାଝିଲାମାନେ ।

ଆଗ କେମିତି ଘର ପଛ ଆଡ଼କୁ ଥିବା ଜଙ୍ଗଲ, ଗଛପତ୍ରମାନଙ୍କରେ ସାପ ଗାତ ଓହଳି ରହିଥିବା ଅନ୍ଧାର ଭିତରେ ଘୁଲ୍ ବୁଲ୍ ।

Digitized by PPRACHIN, SOA

ଆଗ କେମିତି ଭୂଲ୍ ଦର୍ଜାମାନଙ୍କରେ ଖଟ୍ ଖଟ୍ ।
ସନ୍ଧ୍ୟାମାନଙ୍କରେ କେତେବେଳେ କେମିତି କାହାର ଜଣକର ଶବ୍ଦ ।

ଡ଼ିବି ଆଲୁଅ ଧରି ଏଘରୁ ଡେ଼ଇଁ ଆର ଘରକୁ ପଶି ଯାଉଥିଲା ବେଳେ କାହାର ଜଣକର ମୁହଁ ।

ଏମିତି ଏମିତି କେତେ ରାତି ।
ଏମିତି ଏମିତି କେତେ ଦିନ ।
କୋଉ ଦିନ କାମ ଅଛି ତ କୋଉ ଦିନ ଫୁଙ୍ଗୁଳା ।
ଉପର ବେଳ ସାରା ଖରା ଆଡ଼କୁ ଗୋଡ଼ ଲମ୍ବେଇ ବସିଥାଅ ;
ଶୂନ୍ୟ ହୋଇ ପରି ବେଳ ଗଡ଼ିଯାଉଛି, ଦେଖୁଥାଅ :
ଶେଷରେ ତୁମେ କହିଲ ।

ହଜିଯାଇ ଥିବା ଜିନିଷ ପତ୍ରମାନଙ୍କର ଆକାର, ଗୁଣ୍ଡୁଇ-ଫାଇ ଖୋଜା ଖୋଜି କରି ଶେଷରେ ତୁମେ ପାଟି ଖୋଲିଲ, ଅଟକି ପଡ଼ିବାଯାଏଁ କହିଲ ।

ଧରିନିଆ ଯାଉ ତୁମେ ଏମିତି ଆରମ୍ଭ କଲ :

ବହୁତ ବର୍ଷ ତଳେ ଦିନେ । ହଁ । ବହୁତ ବର୍ଷ ତଳେ ଦିନେ ଲୋକମାନେ ବୁଢ଼ୀଟି ସମ୍ପର୍କରେ କଥାବାର୍ତ୍ତା ହେବାଟା ବନ୍ଦ କରିଦେଲେ । ହଁ । ତାର ପୂର୍ବ ସେଇ ଦୁର୍ଭିକ୍ଷ ବେଳଠୁ ବେପରୁ । ହଁ । ଅକାମି ଅଥଚ ନଗ୍ଲେଡ଼ବନ୍ଧାଗୁଡ଼ିଇ ଦରି ବାପ ପଛେ ପଛେ ଢୂଷୂରି ଧୂଷୂରି ଗଲା ସେ ଯାଇଛି । ହଁ ।

ସମୁଦାୟ କାହାଣୀଟି କହିବାକୁ ତୁମକୁ କେତେ ବର୍ଷ ଲାଗିଗଲା ? ପାଣିତଳେ ମାଛ ଖେଳୁଥିଲେ । କେତେବେଳେ ତୁମେ ନିରବ ହୋଇଗଲେ ? ନଦୀ ବହୁଥିଲା, ଏତେ ସମସ୍ତ ଧରି କେଉଁଠି କେମିତି ବଦଳି ଯାଉଥିଲା ଦୃଶ୍ୟ ? ଏତେ ବର୍ଷ ଭିତରେ ସୂର୍ଯ୍ୟରୁ ହୁଗୁଳି ଆଉ କେତେ ଅଧିକ ଦୂର ଖୋଲିଆସି ଥିଲା ପୃଥିବୀ ? କେତେ କମି ଯାଇଥିଲା ଘୂର୍ଣ୍ଣନର ବେଗ ? କେଉଁ ଆଡ଼କୁ କେତେଦୂର ଛିଟିକି ପଳେଇ ଯାଉଥିଲା ଚନ୍ଦ୍ର ? କେତେ ବେଶୀ ହେମାଳ ପଡ଼ି ଆସିଥିଲା ଗୃହଆଡ଼େ ?

ସେଇ ସମାନ ଖରାବେଳ । ନଦୀ । ମାଛ । ଖାଲି ଯାହା ପିଲାଟି ଜାଗାରେ ଆଣ୍ଠୁଏ ପାଣିରେ ବନଶୀ କଣ୍ଟା ଧରି ଠିଆହୋଇଥିଲା ଏବେ ବୁଢ଼ୀଟିଏ । ହଠାତ୍ ସଚେତନ ହୋଇ ଉଠେଇ ଆଣୁଥିଲା ଲାଠି । କେତେ ବର୍ଷ ହେଲା ସେ ଭୁଲିଯାଉଥିଲା

Digitized by PPRACHIN, SOA

ଯେ ନଦୀ ବହୁଛୁ, ମାଛମାନେ ପହଁରୁଚନ୍ତି, ବଙ୍କା ମୁନଆଁ ଲୁହା କଣ୍ଟାଟିଏ ଝୁଲୁଛୁ ? ବୁଢ଼ାଲୋକଟି କୂଳ ଆଡ଼କୁ ନଜର ହାଣିଲା । ତୁମ ଯାଗାରେ କୂଳରେ ଏବେ ବସିଥିଲା ଗ୍ରେଟପିଲାଟିଏ । ବାଲିଖୋଳ, କାଦୁଆ ମାଟି, ପାଣି କୁଳୁଆ ଗ୍ରେଟ ଗ୍ରେଟ ବୁଦା ସବୁ ଉପାଡ଼ ଉପାଡ଼ ଜିଆ ଖୋଜୁଥିଲା ଓ ଜମାଉଥିଲା ଗ୍ରେଟ ମାଟିର କୁଣ୍ଡିଟିଏରେ । ନଜର ଫେରେଇବା ବେଳେ ବନଶୀ କଣ୍ଟାରେ ଛଟ୍ ପଟ୍ ହେଉଥିଲା ମାଛଟିଏ । ପିଠିସାରା ଝରାବେଳର ସୂର୍ଯ୍ୟ ଭଳି ଚୂଳ ଟୁକୁରା ଟୁକୁରା । ସୂତା ଛଟକୁଥିବା ବେଳେ ବୁଢ଼ାଲୋକଟି ପାପୁଲି ଖସେଇ ଆଣି ସୂତାର ଶେଷ ମୁଣ୍ଡରେ ଡହଳବିକଳ ମାଛଟାକୁ ମୁଠେଇ ଧରିଲା । ଦୁଇହାତରେ ଜୋର୍‌ରେ କଚ୍ଛୁବେଲ ଚପି ଧରିଲା ପରେ ସ୍ତବ୍ଧ ମାଛଟିକୁ ଡାଲା ଭିତରେ ପୁରେଇଦେଲା । ଲଠି ଗୁଡ଼ପଟେ କଣ୍ଟା ସମେତ ସୂତାକୁ ଗୁଡ଼େଇ ଗୁଡ଼େଇ ବାହାରି ଆସିଲା ପାଣିରୁ । ପିଲାଟି ତା'ର ପଛେ ପଛେ । ରାସ୍ତାରେ ପଛକୁ ଓଲଟି ପିଲାଟିକୁ କହିଲା : ଶୀଘ୍ର ଶୀଘ୍ର ପାହୁଣ୍ଡ ପକା ।

ଦୁଇଟା ଗଛ, ସେଇ ପ୍ରଥମ ମାଟିଲିପା ଘର, କାନ୍ଥରେ ଆଜ୍ଞକା ଖୋଲି ଶଗଡ଼କୁ ପାରହୋଇଗଲା ପରେ ପିଲାଟା ପାଟି ଖୋଲିଲା : କେତେ ବେଳ ହେଲାଣି ? ବୁଢାଟି କହିଲା: ବହୁତ । ଆଉକିଛି ଦୂର ଚୁପ୍‌ଚାପ୍ ଚାଲିଚାଲି ପିଲାଟି ପୁଣି ପଚାରିଲା : ଏଥର କହ ।

ଧରିନଆଯାଉ ବୁଢାଲୋକଟି ଏମିତି ଆରମ୍ଭ କଲା :

ବହୁତ ବର୍ଷ ତଳର କଥା । ହଁ । ବୁଢ଼ାଲୋକଟିଏ ଥିଲା । ହଁ । ଦିନେ ସେ ତାର ପୁଅସହ କେଉଁଆଡ଼େ ଉଭେଇଗଲା । ହଁ । ଗାଁରଆଡ଼େ ନରୁଢ଼ ପଡ଼ିଥିଲା । ହଁ । କେତେ ବର୍ଷପରେ ଲୋକମାନେ ବୁଢ଼ାଲୋକଟି ସମ୍ପର୍କରେ କଥାବାର୍ତ୍ତା ହେବାଟା ପାସୋର ଦେଲେ । ହଁ ।

ପ୍ରିୟ ପାଠକ ପାଠିକା ଗଣ ! ଏକ ସମୟରେ ବୁଢାଲୋକଟି କାହାଣୀଟା କହିଦେଇ ସାରିଥିବ । ସନ୍ଧ୍ୟା ଗଡ଼ିଗଲା ପରେ ସେମାନେ ଖିଆପିଆ ତୁଟେଇଦେଇ ଶୋଇ ପଡ଼ିଥିବେ । ରାତିରେ ପିଲାଟାର ନିଦ ଭାଙ୍ଗିଯାଇଥିବ । ଡିବିରିଟିଏ ଜଳୁଥିବ । ମରିଯାଇଥିବା ପରି ଶୋଇଥିବା ବୁଢ଼ାଲୋକଟିର ମୁହଁ ଓ ଦେହର ଭୟଙ୍କର ଛାଇଟିଏ କାନ୍ଥରେ ନାଚୁଥିବ । ପିଲାଟି ଡରିଯାଇଥିବ କି ?

ଏବେ କିନ୍ତୁ ବୁଢାଲୋକଟା ରାସ୍ତା ଚାଲୁଛି । ପିଲାଟା ତାର ପଛେ ପଛେ । ବୁଢାଲୋକଟିର କାହାଣୀ କହିବାଟା ଜାରି ରହିଛି ଏମିତ :

Digitized by PPRACHIN, SOA

କଣ ହେଲନା । ହଁ । ମଚ୍ଚୁଡ଼ି ବେଳେ ପିଲଟା ତ ଗଲା ତା ବାପର ପଛେ ପଛେ । ହ । ଲୋକମାନେ ତ ଭୁଲିଗଲେ ସେମାନଙ୍କ ସମ୍ପର୍କରେ ଲୁଚ୍ ଛପ୍ କଥାହେବାକୁ । ହଁ । ସମସ୍ତ ପାରହେଇଗଲା ପଥରମାନଙ୍କ ଉପରେ । ହଁ । ଏବେବି ସେମାନଙ୍କ ମୁହଁ ହାତ ଖୋଜିଲେବ ଆଉ ମନେ ପକେଇ ହୁଏନା । ହଁ ।

ଦକ୍ଷିଣ ଦିଗରୁ ନଦୀ ପାରହୋଇ ସେମାନେ ଦୁଇଜଣ ଆସିଥିଲେ ଏଇ ଗାଁ କୁ । ସେଇତବେଳେ ତାର ସ୍ତ୍ରୀ, ଘର, ସଂସାର କେଉଁଠି ପଡ଼ିରହିଥିଲା କେଜାଣି । ବୁଢ଼ାଲୋକଟି କଠଉ ହାଲେଟପ ଠେଲାଇଥିଲା ଡଙ୍ଗାରୁ । ଅଳ୍ପ ପାଣିରେ ଚାଲିଆସି କୂଳରେ ରଖିଦେଇଥିଲା କଠଉ ହାଲକ । ଫେରିଯାଇ କାଖେଇ ଆଣିଥିଲା ତାର ନବୀନ ପୁଅକୁ । ପୁଅଟି ହାତରେ ଧରିଥିଲା କାଠପଟାରେ କଣ୍ଟାପଟି ବସାହୋଇଥିବା ଚକଲଗା ଖେଳନା କାଠଘୋଡ଼ାଟିଏ । ବୁଢ଼ାଲୋକଟି ପୁଣି ଫେରିଯାଇ ବୋହି ଆଣିଥିଲା ଛୁଣ୍ଡାକନାର ଗେଣ୍ଠ ବୁଜୁଲିଟିଏ । ଅନେକ ଦିନ ପରେ ତା'ର ସ୍ତ୍ରୀ ସମ୍ପର୍କରେ ବାର ପ୍ରକାରର ଉଡ଼ାଖବର । ସେ ପିଲଟା କୁଆଡ଼େ ବୁଢ଼ାର ହକ୍ ପୁଅ ନୁହେଁ । ସେ ବୁଢ଼ାଟା କୁଆଡ଼େ ନହାଡ଼ ଅପାରଗ । ତା'ର ସ୍ତ୍ରୀ ଅନ୍ୟ କାହାସହ ମିଶି ଫଳେଇଥିଲା ପୁଅଟିକୁ । ବୁଢ଼ା ସବୁ ଜାଣିଥିଲା କୁଆଡ଼େ । ଠାକ ରହିଥିଲା । ଛୁଆଟା ଜନ୍ମହେଲାକ୍ଷଣି ସ୍ତ୍ରୀର ତଣ୍ଟି ଚିପି ରାତାରାତି ଘର ଭିତରେ ଫାଶରେ ଝୁଲେଇ ସକାଳକୁ କହିଥିଲା ସେ : ମୋ ମାଇକିନା ଦଉଡ଼ି ଦେଇଦେଲା । ତାପରେ ସତ ସତ ବହୁତ କାନ୍ଦିଥିଲା କୁଆଡ଼େ, ଛୁଆଟାକୁ ଗୁଡ଼ରେ ଜାକିଧରି ବିକଳ ହୋଇ ।

ନଦୀ ଏପଟ ଗାଁରେ ଓହ୍ଲାଇବାପରେ ବୁଢ଼ାଟି କିଛି ପାଖ ଆଖର ପୁରୋହିତ ମୃତାହ କାମମାନ ଆରମ୍ଭ କରିଦେଇଥିଲା । ରାତି ଅଧରେ ବି କବାଟ ବାଡ଼େଇଲେ ଉଠିଆସୁଥିଲା ।

ମଶାଲ ଆଲୁଅରେ ଯାତ୍ରା । ଆଗେ ଆଗେ ବୁଢ଼ା ଲୋକଟି । ପଛେ ପଛେ ତା'ର ସେଇ ନବୀନ ପୁଅ ଯେ ଏବେ ସାମାନ୍ୟ ବଡ଼ହୋଇ ଆସୁଥିଲା ହାଡ଼ୁଆ ଦେହ, ବଡ଼ ମୁଣ୍ଡ, ଜକ୍ ଜକ୍ ଆଖିରେ ଅନେଇ ରହୁଥିଲା ତାର ବାପାର ପିଠିକୁ । ରାତିଅଧରେ ବି ସୂତାରେ ବନ୍ଧାହୋଇ ପିଲଟିର ପଛେ ପଛେ ଘୁଷୁରି ଘୁଷୁରି ଆସୁଥିଲା ତାର ପ୍ରିୟ ଚକଲଗା କାଠ ଘୋଡ଼ାଟି । ପଛେ ପଛେ ଚୁପଚାପ୍ ଚାଲୁଥିବା ଲୋକ-ମାନେ । ଧପ୍ ଧପ୍ ଧପ୍ ପାଦଶବ୍ଦ । ପାଛୁଆରୁ ଟେଇ ବିଷ୍ଣୁବିମ୍ବ ଯାଉଥିବା ଲୋକପାଖରେ ଚୌପାଲ ଟେରି ଚାଲୁଥିବା ଆଉ ଜଣେ ଲୋକ । ବିବର୍ତ ଆଲୁଅରେ ଓଲଟ ଖଟରେ

Digitized by PPRACHIN, SOA

ଶୋଇଥିବା ମୃତଲୋକଙ୍କୁ ଧରିଥିବା ଗୃହଜଣ ମାଳଭଳି । ସମସ୍ତଙ୍କର ଗୋଡ଼ର ଗ୍ଭଇମାନେ ଲମ୍ବା ଲମ୍ବା ଓ ବଙ୍କାଟଙ୍କା ଯେମିତ ବହୁତ କଳାଲୋକ ଧାଁ ଦୌଡ଼ କରୁଥିଲେ କାନ୍ଥ ସାରା, ଗଛପତ୍ରଙ୍କର ସନ୍ଧିରେ ।

ସକାଳ ପହରକୁ ବୁଢ଼ାଲୋକଟି ଗାଧୋଇ ଗାଧୋଇ ଫେରିଆସୁଥିଲା । ପଛେ ପଛେ ତାର ପୁଅ ଦଉଡ଼ିରେ ବନ୍ଧା କାଠଘୋଡ଼ାକୁ ଟାଣି ଟାଣି ।

ଉପର ବେଳାସାରା କାମନଥିଲେ ଖରାଆଡ଼କୁ ପିଠିକରି ବସିରହିବାକୁ ହେଉଥିଲା । ସୂତାସବୁକୁ ଖୋଲି ପଇତା ତିଆରିବାକୁ ହେଉଥିଲା । ମଝିରେ କେତେବେଳେ ବୁଢ଼ାର ନଜର୍ ପଡ଼ିଯାଉଥିଲା ସ୍ତବ୍ଧହୋଇ ପିଲାଟା ଠିଆହୋଇଛି କାଠଘୋଡ଼ାଟି ଉପରେ । ଟିକିଏ ଫୁର୍ସତ ଦେଖି ଦୁଇପାଦ ବି ଆଗେଇଲେ, ଅଗଣାରେ ଗଛପତ୍ର ପୋତା ହୋଇଯାଇଥିବା ପିଲାଟି ଦୋହଲି ଯାଉଥିଲା । ଆପେ ଆପେ ମୁହଁ ତାର ବୁଲିପଡ଼ୁଥିଲା ବୁଢ଼ା ଆଡ଼କୁ । ଦଉଡ଼ି ଟାଣିହୋଇ କାଠଘୋଡ଼ାଟି ବି ସାମାନ୍ୟ ଘୁଞ୍ଚିଯାଉଥିଲା, ଅଟକି ଯାଉଥିଲା ବୁଢ଼ାଲୋକଟି ଅଟକି ଗଲେ ।

ଏମିତ ଏମିତ ବୁଢ଼ାଲୋକ ଓ ତାର ନବୀନ ପୁଅ ମେଣ୍ଟି ଯାଉଥିଲେ ତୁଚ୍ଛ ଗୁଜୁରାଣ ପରି । ରାସ୍ତାରେ ଆଗ ପଛ ହୋଇ ଚାଲିଯାଉଥିଲେ । ଦୃଶ୍ୟ ସବୁବେଳେ ସମାନ ଥିଲା । ଇତର ଲୋକଟିଏ ଗୋଟିଏ ଜନ୍ତୁର ଶବକୁ ଯେମିତ ଘୋଷାରି ଘୋଷାରି ନେଉଛି ।

ଥରେ ଦୁର୍ଭିକ୍ଷ ପଡ଼ିଲା । ନଦୀଟା ଯେମିତ ଅନେକ ଦିନ ଖରାରେ ପଡ଼ି ପଡ଼ି ମାଂସ ଚମଡ଼ା ଝଡ଼ିଯାଇଥିବା ଗୋଟେ ଶୁଖିଲା କଂକାଳ ବାଲିଭିତରେ । ଖରା ଯେ ଅପର୍ଯ୍ୟାପ୍ତ ଖରା । ପତ୍ରମାନଙ୍କୁ ପାଳଟି ଥୁଣ୍ଟା ଲଙ୍ଗଳା ହୋଇପଡ଼ିଲେ ଗଛମାନେ । ଅଗପଟକୁ ଉପତ୍ର ଶାଗୁଆଥିବା ଗ୍ଭଲ ବି ଶୁଖି କଳା ଓ ଟାଣ ପଡ଼ିଆସିଲା । ଭଙ୍ଗା ହାଣ୍ଡି ପରି ଟୁକୁରା ଟୁକୁରା କ୍ଷେତ ଏଣେ ତେଣେ । ଗାଢ଼ ମାଟିଆ ରଙ୍ଗର ଚଢ଼େଇ ଦୁଇ ତିନୋଟି କେତେବେଳେ କେମିତ ଆକାଶରେ । ସେମାନଙ୍କ ଗ୍ଭଇଫଟା ମାଟି, ଗଛ, ଘର ବାଡ଼ମାନଙ୍କ ଉପରେ ।

କେତେବେଠାରୁ ପଳେଇ ଯିବାର ଆରମ୍ଭ କରିଦେଇଥିଲେ ଲୋକମାନେ ଗାଁ, ଘର, କବାଟ, ଝର୍କା ଡ଼ାଲିମେଲି ଛାଡ଼ିଦେଇ ପୁଅ ମାଇକିନା ମାନଙ୍କୁ ଧରି । ଭୋକରେ ଯେତେଜଣ ବି ମରିପଡ଼ୁଥିଲେ ସେମାନଙ୍କ ଲାସ୍ ପୋଡ଼େଇବା ପାଇଁ କେହିବି ଆସିଲେନି ରାତିଅଧରେ ବୁଢ଼ାର କବାଟରେ ଠକ୍ ଠକ୍ କରିବାକୁ ।

Digitized by PPRACHIN, SOA

କେତେ ଧନ ବା ଚଳିବ ଏମିତ । ବୁଢ଼ାଲୋକଟି ପାଖରେ ଥିବା ଗୁଡ଼ୁଲ ଥୋଡ଼ାକୁ ପୁଡ଼ୁଳା କରି ପାଣିରେ ବତୁରାଏ, ନିଆଁରେ ସିଝେଇ, ଦେଜକୁ ପୁଅକୁ ଦିଏ, ନିଜେ ଢୋକେ ପିଏ । ଦରସିଝା ଗୁଡ଼ୁଲକୁ କାଢ଼ିଆଣି ପୁଣି ଶୁଖେଇରଖେ ଆଗାମୀ କାଲପାଇଁ । ସନ୍ଧ୍ୟାରେ ଆକାଶ ଆଡେ ଅନାଏଁ । ବହୁତ ବେଳ ପରେ ପଛକୁ ଅନେଇଲେ ଠିଆହୋଇଥିବା ନବାବ ପୁଅର ଛାଇ ଟେଲିହୋଇ ପଡ଼ିଥାଏ ବହୁତ ଲମ୍ବ ଗୋଟିଏ ଜମ୍ଭୁତ କିମ କାର କଣ୍ଟାମଲ ମାଛଟିଏ ଯେମିତ । ପାଦରୁ ନିର୍ଦ୍ଦିଷ୍ଟ ଦୂରତାରେ ଦଉଡ଼ିରେ ବନ୍ଧା କାଠଘୋଡ଼ା ଠିଆହେଇଥାଏ ।

ଦିନେ ବୁଢ଼ାଲୋକଟି ଗାଁ ଛାଡ଼ିଦେଲା ଓ ଝିଅ ପିଠିରେ ଟାଣ ହେଲାବେଳକୁ ହଜିଯାଉଥିଲା କିଆଁରିର ହାଡ଼ମାନଙ୍କ ଦେଇଯାଇଥିବା ଅଙ୍କାବଙ୍କା ରାସ୍ତାରେ ବି । କୁ ମୋଡ଼ ଆଗକୁ ଯାଇ ଡାହାଣକୁ ମୋଡ଼ ପୁଣି ବାଁକୁ ମୋଡ଼ କିଆରି ପରେ କିଆରି ଡେଇଁ ଆଗକୁ ଆଗକୁ ହଜିଯାଉଥିଲା ଅନ୍ୟକେଉଁ ଭବିଷ୍ୟତ ଆଡେ଼ ।

ସୂର୍ଯ୍ୟ ମୁଣ୍ଡ ଉପରୁ ଇଷତ୍ ଢଳିପଡ଼ିଲାବେଳକୁ ସେମାନେ ଦୁଇଜଣ ଘୂରିଘୂରି ପୁଣି ପହଞ୍ଚିଯାଇଥିଲେ ବହୁତ ଦୂରରେ ସେଇ ନଈ କୂଳରେ । ବୁଢ଼ାଲୋକଟି ମୋଟା ଶୁଖିଲା ଗଛର ଛାଇରେ ବସିଲା । ଗଣ୍ଡିରେ ପିଠିଆଉଜିଲା । ସାମ୍ନାକୁ ଦେଖିଲା । ବହୁତ ଦୂରଯାଏଁ ବାଲି । ନଦୀ । ମାଟିରେ ଲମ୍ବେଇ ଦେଲା କ୍ଲାନ୍ତ ଗୋଡ଼ । କିଛିଦୂର ଛାଡ଼ି ଗଛର ଥୁଣ୍ଟା ଓ ମୋଟା ଗଣ୍ଡିର ଛାଇରେ ହ୍ରାସ୍ବ ବୁଢ଼ି ଠିଆହୋଇ ରହିଲା ତାର ପୁଅ । ହାତ ମୁଠାରେ ପଛପଟେ ଦୁଷ୍ଟୁରି ଆସିଥିବା କାଠଘୋଡ଼ାର ଲଗାମ୍ । ପିଲାଟା କଳାପଡ଼ି ଯାଇଥିଲା । କପାଳରେ ଝାଳ । ଆଖି ଚକଚକ୍ । କାଠ-ଘୋଡ଼ା ବ ଝରିରେ ହାଉଦର ସଫା, ଚକ୍‌କଣ ଓ ଚକ୍ ଚକ୍ ।

ବୁଢ଼ା ଦୀର୍ଘନିଶ୍ୱାସ ଛାଡ଼ିଲା । ଗୋଡ଼ ଲମ୍ବେଇ ବସିଥିବା ବେଳେ ମଝିରେ ମଝିରେ ଗଛପୋଢ଼ଳା ଘର ଆଶା ବାଡ଼ିଟିକୁ ଠିଆ କରେଇ ଦେଇ, ଦୁଇହାତରେ ବଙ୍କା ଅଗକୁ ମୁଠେଇ ଧଇଲା ଓ ଆଖି ବୁଜିଲା । ଧିରେ୍ଧିରେ ତାର ଦୁଇହାତର ମୁଠା ଚକ୍‌କଣ ଆଶାବାଡ଼ି ଉପରେ ଝସିଲା ତଳକୁ ତଳକୁ । ମୁହଁ ଢଳି ଆସିଲା ସାମ୍ନାକୁ । ହାତ ଦୁଇଟା ମାଟିରେ ଥୋଇ ହୋଇ ଲୋପରେ ବାଡ଼ିଟା ପଡ଼ିଗଲା । କେତେ ସମୟ ପରେ ଅଣ୍ଟା ଉପରକୁ ମୁଣ୍ଡ ସମେତ ଦେହ ବଙ୍କେଇ ଯାଇ ମାଟିରେ ଲାଗି ଶକ୍ତ ଓ ନିର୍ଜୀବ ହୋଇଗଲା । ବନ୍ଦ ଆଞ୍ଜୁଳି ଉପରେ ଥୋଇହୋଇ ଯାଇଥିଲା ମୁଣ୍ଡ ଯେମିତ ବୁଢ଼ାଟି କାହାର ପାଦଧୂଳି ନେଉଛି । ସାମ୍ନାରେ ତାର ନବାବ ପୁଅ ଏ ସବୁକୁ ଦେଖୁଥିଲା କି କଣ, ଠିଆ ହେଇ ରହିଥିଲା । କାଠଘୋଡ଼ା ସ୍ତବ୍ଧ ତାର ଗୋଡ଼ ପାଖରେ । କେତେବେଳେ ପରେ ପିଲାଟି ନଦୀ ଆଡକୁ ଦେଖିଲା । ବାଲି ଭିତରେ କାହିଁ କେତେଦୂରରେ ମ୍ରିୟମାଣ ନିଆଁ ଟିକିଏ ପରି କୁହୁଳୁଥିଲା ଦୁର୍ବଳ

Digitized by PPRACHIN, SOA

ପାଣିଧାରଟିଏ । ପିଲାଟି ପୁଣି ଫେରେଇ ଆଣିଲା ଆଖି ! ବୁଢ଼ା ଲୋକଟିକୁ ଦେଖିଲା । ମାଟିରେ ପ୍ରଣିପାତର ମୁଦ୍ରାରେ ବୁଢ଼ାଲୋକଟିର ଜାବଡ଼େଇ ଧରିଥିବା ମୁଠା ଉପରେ ପ୍ରଜାପତିଟିଏ ଉଡ଼ିଆସି ବସିପଡ଼ିଲା ଓ ବସିରହିଲା ଓ ପୁଣି ଉଡ଼ିଗଲା ଓ ଫେରିଆସି ବସିପଡ଼ିଲା ଓ ବସି ରହି ରହି ଉଡ଼ିଗଲା ମେ ଏତେ ଝାଳରେ ଧୂଳିଆଡ଼େ ଦୁର୍ଭିକ୍ଷର କଳକଳା ମୌନ ହୋଇ କର୍ମ ଉଠୁଥିବାବେଳେ କେଉଁଆଡ଼କୁ ଉଡ଼ିଗଲାଯେ ଆଉ ଫେରିଲାନି ।

ତାପରେ ବୁଢ଼ାଲୋକଟିର ଲମ୍ବିଥିବା ଗୋଡ ଉପରକୁ ଚଢ଼ିଲା ଗୋଟିଏ ପିମ୍ପୁଡ଼ି । ତାପରେ ଅଉ ଗୋଟିଏ ପିମ୍ପୁଡ଼ି ପଛକୁ ଆହୁରି ପିମ୍ପୁଡ଼ିମାନେ—ସରୁ ମାର୍ଜିତ ନଇପରି ଧାଡ଼ିହୋଇ ପିମ୍ପୁଡ଼ି ପରେ ପିମ୍ପୁଡ଼ି ପରେ ପିମ୍ପୁଡ଼ି ମାନେ ।

ପିଲାଟା ସମାନ୍ୟ ହଲଚଲ ହେଲା । ଆଖି ଉଠେଇ ନେଇ ନଦୀକୁ ଦେଖିଲା । ପୁଣି ଆଖି ଲେଉଟେଇ ଆଣି ମୁଣ୍ଡ ନୁଏଇଁ କାଠଘୋଡ଼ାରୁ ଫିଟେଇ ଦେଲା ଦଉଡ଼ି । ବୁଢ଼ ଲୋକର ସମ୍ନାକୁ ଓହଳି ଆସିଥିବା ଡାହାଣ ଗୋଡରେ ବାନ୍ଧିଲା ଓ ଦଉଡ଼ିର ଶେଷ ପଟ ନଳେଇର ପଛକୁ ମୋଡ଼ିଲା । ଟାଣିଲା । ଏଇ ଅଳ୍ପ ସମୟ ଭିତରେ କଚ୍ଛଟା ଓଜନଆଁ ଧରିଆସିଥିଲା ବୁଢ଼ାଲୋକଟି । ପିଲାଟି ଆହୁରି ଜୋରରେ ଟାଣିଲା ଓ କିଛି ସମୟ ପରେ ବୁଢ଼ାଲୋକଟିର ଗୋଡ ଟାଣିହେଇଗଲା, ପିଠି ଘୁଷୁରି ଗଲା ମାଟିରେ । ପିଲାଟି ଆହୁରି ଜୋରରେ ଟାଣିଲା ଓ ଟାଣି ଟାଣି ଆଗେଇ ଚାଲିବେଳେ ସାମ୍ନାରେ ବାଲି, ନଦୀ, ଜଳୁଥିବା ଆକାଶ ଓ ପଛେ ପଛେ ଘୁଷୁରି ଘୁଷୁରି ଆସୁଥିଲା ବୁଢ଼ାଲୋକଟିର ଦେହ ଯେମିତ ଗୋଟିଏ କାଠପଟାରେ କଣ୍ଟାପିଟି ବସା ହେଇଥିବା ଚକଲଗା ଖେଳନା କାଠଘୋଡ଼ାଟିଏ ।

ଅଧ୍ୟାପକ, ଶ୍ରୀରାମ କଲେଜ
ଏସ, ରାମପୁର
ବଲାଙ୍ଗିର

Digitized by PPRACHIN, SOA

—ମିସେସ୍ ବର୍ମା, ଚନ୍ଦ୍ର ଓ ମୁଁ—

ଅଜିତା ଅପରାଜିତା

ସେଦିନ କ୍ଲବରୁ ଫେରିଲାବେଳେ ସ୍ୱାମୀ ମତାମତ ଦେଇଥିଲେ ମିସେସ୍ ବର୍ମା ଖୁବ୍ ସୁନ୍ଦରୀ ନୁହନ୍ତି ? ମୁଁ ସେଦିନ ସ୍ୱାମୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଅନ୍ୟମନସ୍କ-ଭାବରେ ହଁ ମାରିଥିଲି । କୌଣସି ସ୍ତ୍ରୀଲୋକ ତାଙ୍କର ସ୍ୱାମୀଙ୍କ ମୁହଁରେ ଅନ୍ୟନାରୀର ପ୍ରଶଂସା ସହ୍ୟକରିପାରନ୍ତି ନାହିଁ । ମୁଁ କିନ୍ତୁ ମିସେସ୍ ବର୍ମାଙ୍କୁ ଈର୍ଷା କରିନଥିଲି ସେଦିନ । ବରଂ ମୋର ସ୍ୱାମୀଙ୍କର ରୁଚିଜ୍ଞାନକୁ ଦୟା କରିଥିଲି । କଥାଟାକୁ ଆହୁରି ପରିଷ୍କାର ଭାବରେ ନିସଂକୋଚରେ କହିବାକୁ ଗଲେ ମୋ ସ୍ୱାମୀଙ୍କ ଭାଷାରେ ମୁଁ ଏକଦମ୍ ଚୁଡ଼ା ।

ମିସେସ୍ ବର୍ମାଙ୍କର ଜବର କସ୍ମେଟିକ୍—ଆଖିର ଭ୍ରୂଲତାର କେଶଗୁଡ଼ିକର ମୂଳୋତ୍ପାଟନ କରି ଆଇବ୍ରୋ ପେନ୍ସିଲରେ ବିଚିତ୍ର ରୂପେ ଅଙ୍କିତ । ମୁହଁରେ ବହଳ ପ୍ରଲେପ—ଅଧରରେ ଲିପଷ୍ଟିକ୍ ଘଷିବା ଫଳରେ ବିଭତ୍ସଭାବେ ରକ୍ତିମ—ଉଚ୍ଚତା ପ୍ରାୟ ପାଞ୍ଚଫୁଟ୍ ଆଠଇଞ୍ଚ ହେବ—ଧାର ମୁହଁ—ଉନ୍ନତ ନାସା—ବେକଟା ଅସ୍ୱାଭାବିକ ରୂପେ ଲମ୍ବା—ଲମ୍ବା ହାଡ଼ୁଆ ହାତରେ ପାଲିସ କରା ଲମ୍ବା ଲମ୍ବା ନଖ ।

ସ୍ୱାମୀ ପୁଣିଥରେ କଥାଟାକୁ ଦୋହରାଇଲେ । ମିସେସ୍ ବର୍ମା ସୁନ୍ଦରୀ ନୁହନ୍ତି ?

ଦୂରରେ କମ୍ପାନୀର କ୍ଲବ ହାଉସ୍‌ର ଛାତ ଉପରେ ଶୀତ ସନ୍ଧ୍ୟାର ନିଷ୍ପ୍ରଭ ଚନ୍ଦ୍ର ଢଳି ପଡ଼ିଥିଲା । ମୁଁ ପୁଣିଥରେ ଅନ୍ୟମନସ୍କ ଭାବରେ ହଁ ମାରିଲି । ମୁଁ ତୁଳନା କରୁଥିଲି ମିସେସ୍ ବର୍ମା ଆଉ ଚନ୍ଦ୍ର ।

ମୋର ବୁଢ଼ୀମା କହୁଥିଲେ—ତାର ଆଈଶାଶୂ ଅଦ୍ୱିତୀୟା ସୁନ୍ଦରୀ ଥିଲେ । ଥାଳିପଟପରି ମୁହଁ—ଏଡ଼ିକି ବଡ଼ ଥନ୍ଥଲ ପେଟ—ଟହର ନାଭି—ବୁଢ଼ୀମା ଏକଥା କହିଲା ବେଳକୁ ହାତର ପାଞ୍ଚ ଆଙ୍ଗୁଠି ଖୋଲିଯାଏ । ସେ ପୁଣି କହନ୍ତି ତହିଁରେ ପରା କାଠୁଆଏ ହଳଦୀ ଧରିବ । ହାତିକାନପରି ଏଡ଼ିକି ବଡ଼ କାନ—ଚମ୍ପା ଫୁଲିଆ ରଙ୍ଗ ।

ସତେ କେଡ଼େ ବିଚିତ୍ର ଏଇ ରୂପର ସଂଜ୍ଞା—ମାତ୍ର ଏକ ଶତବର୍ଷର ବ୍ୟବଧାନ—ରୂପର ସଂଜ୍ଞା କେତେ ବଦଳିଯାଇଛି । ମିସେସ୍ ବର୍ମା—ଆଉ ମୋର ବୁଢ଼ୀମାଙ୍କର ଆଈଶାଶୂ । ମୋର ବୁଢ଼ୀମାଙ୍କର ଆଈଶାଶୂ ମୋର ପ୍ରପିତାମହଙ୍କ ପାଇଁ ମିସେସ୍ ବର୍ମାଙ୍କୁ ଯଦି ପୁତ୍ରବଧୂ ରୂପେ ନିର୍ବାଚନ କରିବାର ପ୍ରଶ୍ନ ଉଠିଥାଆନ୍ତା ସେ କଦାପି ତାଙ୍କୁ ପସନ୍ଦ କରିନଥାନ୍ତେ ।

Digitized by PPRACHIN, SOA

ତାହେଲେ କଣ ସୌନ୍ଦର୍ଯ୍ୟର ଚିରନ୍ତନ ସଂଜ୍ଞା କିଛି ନାହିଁ । ତାହାଲେ ଆଉ ପଚିଶ ବର୍ଷପରେ ସୌନ୍ଦର୍ଯ୍ୟ ଜଗତରେ ମିସେସ୍ ବର୍ମାଙ୍କ ସ୍ଥାନ କେଉଁଠି ?

ଅଛି ନିଶ୍ଚୟ—ପ୍ରକୃତିର ଅନନ୍ତ ଶ୍ୟାମଳିମା—ମନୋରମ ଉଷାର ବର୍ଣ୍ଣବୈଭବ । ଚନ୍ଦ୍ର ତାରକିତ ରାତ୍ରିର ଅନନ୍ତ ସୁଷମା—ଦୁଗ୍ଧଫେନନିଭ ବାଲୁକା ଶଯ୍ୟାରେ କ୍ଷୀଣାଙ୍ଗିନୀ ତଟିନୀର ନୂପୁର ନିକ୍ୱଣ—ସବୁ ସୁନ୍ଦର ମନୋଜ୍ଞ ।

କ୍ଲବ ହାଉସର ସିଲ୍‌ହ୍ୱାଟ୍ ଛବି—ଆଉ ନାରିକେଳ ବୃକ୍ଷର ଅନ୍ତରାଳରେ ଢଳି ପଡ଼ିଥିବା ଆଜିକାର ଏ ଚନ୍ଦ୍ରଟା କେଉଁ ଅନନ୍ତକାଳରୁ ଏଇ ଆଦିମ ଆକାଶ ଉପରେ ବିଚରଣ କରୁଛି । ମୋର ବୃଦ୍ଧ ପ୍ରପିତାମହ ପଣ୍ଡିତ ବାଚସ୍ପତି ମିଶ୍ରେ ଅଗଣାରେ ପଂପ ପକେଇ ବସିଥିଲା ବେଳେ ବୁଣା—ବସୁଣୀ ପରିହିତା ହଳଦୀ ପ୍ରଲିପ୍ତା ତାଙ୍କର ଜାୟାଙ୍କର ଓଢ଼ଣା ଟେକି ଦେଖେଇ ଦେଇଥିବେ ଦେଖିଲୁ ଏ କୁମାର ପୂର୍ଣ୍ଣିମୀ ଜହ୍ନ କେଡ଼େ ସୁନ୍ଦର ହୁଏତଃ ତନ୍ମୟ ହୋଇ କାଳିଦାସଙ୍କର ଋତୁସଂହାରରୁ ସ୍ୱର ଲମ୍ବାଇ ଗାନ କରିଥିବେ—

ତାରା ଗଣ—ପ୍ରବର—ଭୂଷଣ ମୁଦ୍‌ବହନ୍ତି,
ମେଘା ବରୋଧ ପରିମୁକ୍ତ ଶଶାଙ୍କ ବକ୍ତ୍ରା
ଜ୍ୟୋତ୍ସ୍ନା ଦୁକୂଳ ମମଳଂ ରଜନୀ ଦଧାନ
ବୃଦ୍ଧିଂ ପ୍ରୟାତ୍ୟନୁଦିନଂ ପ୍ରମଦେବ ବାଳା

ସେଦିନ ଗୁଆ ଖଙ୍କୁ ଖଙ୍କୁ ମୋର ବୁଢ଼ୀମାଙ୍କର ତନ୍ୱୀ ଆଇଣାଶୁ ଅପୂର୍ବ ପୁଲକରେ ଶିହରି ଉଠିଥିବେ । ତାଙ୍କର ଗତିଶୀଳ ହାତ ଏବଂ ତୀବ୍ର ବେଗରେ ଗୁଆକାମାନଙ୍କୁ ଶତଖଣ୍ଡ କରୁଥିବା ସେଇ ଧୂଆଁ ଗୁଇ ଗାଁର କମାର ହାତ ତିଆରି ଗୁଆକାତିଟା ମୁହୂର୍ତ୍ତିକ ପାଇଁ ଅଟକି ଯାଇଥିବ ।

ଆଉ କେଉଁ ଏକ ଅନାଗତ ଭବିଷ୍ୟତରେ ମୋର ଅଣନାତି ହୁଏତଃ କାଶ୍ମୀର ଡାଲ୍ ଲେକ୍‌ରେ "ଶିକାରା" ଭିତରେ ହନିମୁନ୍ ପାଳନ କରୁକରୁ ତାର ନବବିବାହିତା ପତ୍ନୀକୁ ଏଇ ଚନ୍ଦ୍ରକୁ ଦେଖାଇଦେବ । ତନ୍ମୟ ହୋଇ ହୁଏତଃ କେଉଁ ଇଂରାଜୀ କବିତା ଗାନ କରିବ—

In The Secluded Chamber
in a moon-lit night
You called softly in whichever
nickname your dearest one

Digitized by PPRACHIN, SOA

That whispered name you reposed here
On the bossom of eternity

ଆଉ ସେଇ ନବବଧୂ ସ୍କଚନ୍ଦ୍ରି ସ୍କି ପେଗରେ ଢ଼ାଳୁ ଢ଼ାଳୁ ତାର ହାତ ଶିଥିଳହୋଇ ପଡ଼ିଥିବ ଏବଂ କେତେବୁନ୍ଦା ବଦେଶୀ ପାନୀୟ ତଳେ ଢ଼ାଳି ଯାଇଥିବ । ସେ କୁଆଁରୟୁନେଇ ଜନ୍ମ ହେଉ—ଅଥବା ମିସୋରୀ-ମିସିସିପି ନଈକୂଳର 'ମୁନ' ହେଉ, ସେ ସବୁଦିନେ—ସବଂଜ ସୁନ୍ଦର ଉପଭୋଗ୍ୟ । ଏହା କଣ ଚୀରନ୍ତନ ସତ୍ୟନୁହେଁ ।

ରାଜପଥ ଉପରେ ଶୀତାର୍ତ୍ତ ସନ୍ଧ୍ୟାର ନିର୍ଜନତା ଘେର ରହିଛି—କର୍ମକ୍ଳାନ୍ତ ମଣିଷର ଦୈନନ୍ଦନ କର୍ମମୁଖର କୋଳାହଳ ଲିଭି ଆସିଲଣି । ଆମେ ଦୁଇଜଣ ପଥଚାରୀ ଖୁବ୍ ପାଖା ପାଖିହୋଇ ଚାଲୁଥିଲୁ । ଆମ ଗାଡ଼ିଟା ଗ୍ୟାରେଜକୁ ଯାଇଚ—ମିଃ ଶ୍ରୀବାସ୍ତବ ଲିଫ୍ଟ ଦେବାକୁ କହୁଥିଲେ—ମୁଁ ବାରଣ କଲି—କେତେଅବା ବାଟ ରାସ୍ତାରେ ଖୋଲାପବନ ବେଶ ଭଲଲାଗିବ ।

ବସ୍ତୀର୍ଣ୍ଣ ଆକାଶର ଅନନ୍ତ ନୀଳିମା ଦିଶୁଥିଲା ସିଷ୍ଟର ଏଲ୍‌ସାଙ୍କର ଆଖିଭଳି ସୁନ୍ଦର କରୁଣାମୟୀ—ମୋର ଅପରେସନ୍ ବେଳେ ଆଟେଣ୍ଡ୍ କରୁଥିବା କେରଳଆନ୍ ସିଷ୍ଟର । ଇସ୍ କ ପ୍ରଶାନ୍ତ ଆଖି—ନିରାଭରଣ ନିର୍ଲିପ୍ତ ମୁହଁରେ ସେଇଖୋଜ ଅନ୍ତର୍ଭେଦୀ ହସ—ଦୟା ଏବଂ କରୁଣାରେ କଲ୍ଲୋଳିତ । ସିଷ୍ଟର ଏଲ୍‌ସା କଣ ସୁନ୍ଦର ନୁହନ୍ତି ?

ବାଲ୍ୟବିଧବା, ନିରାଭରଣା, ଶ୍ୱେତବସ୍ତ୍ର ପରିହିତା ଅନୁସୂୟା କେଡ଼େ ସୁନ୍ଦର । ନିସ୍ପୃହ ଶୁଚିମନ୍ତ ମୁହଁରେ ଭସ ଭସା ଆଖି ।

ସେଦିନ ରେଳ ଯାତ୍ରାରେ ପରିଚୟ ହୋଇଥିବା ସନ୍ୟାସିନୀ ଲଳିତା—ଲାବଣ୍ୟର ବନ୍ୟା ସତେ ଯେପରି ବନ୍ଧ ଭାଙ୍ଗି ହୋଇ ପଡ଼ୁଥିଲା ।

ମିସ୍ ରାଜେଶ୍ୱରୀ—ନୂଆହୋଇ ଆସିଥିବା କଲେକ୍ଟରର ଖୁବ୍ ସାଧାରଣ ବେଶ—ମେକ୍‌ଅପ୍‌ର ନାମଗନ୍ଧ ନାହିଁ—ତାଙ୍କର ବ୍ୟକ୍ତିତ୍ୱ ଭିତରେ ସତେ ଯେପରି ସାହସ—ଆତ୍ମବିଶ୍ୱାସ—ଦୃଢପ୍ରତିଜ୍ଞା ଝିଲ୍‌ମିଲ୍ କରୁଥିଲା—ସେ ନିଖୁଣ ଅଙ୍ଗଲତାରେ ଥିଲା ଅପୂର୍ବ ଆକର୍ଷଣୀ ଶକ୍ତି କିନ୍ତୁ ବେଶୀ ସମୟ ଧରି ସେ ପ୍ରଖର ଦିପ୍ତୀମୟ ମୁହଁକୁ ଚାହିଁ ହୁଏନା—ଆଖି ଆଗରେ ସିନେମାର ଛବିଭଳି ଗୋଟିକ ପରେ ଗୋଟିଏ ଅତିକ୍ରମ କରିଗଲେ—ମିସେସ୍ ବର୍ମା—ସିଷ୍ଟର ଏଲ୍‌ସା—ବାଲ୍ୟବିଧବା ଅନୁସୂୟା—ସନ୍ୟାସିନୀ ଲଳିତା— କଲେକ୍ଟର ରାଜେଶ୍ୱରୀ—

Digitized by PPRACHIN, SOA

ଦିନେ ସକାଳେ ଅସମୟରେ ଏକାନ୍ତ ଆକସ୍ମିକ ଭାବରେ ମିସେସ୍‌ବର୍ମାଙ୍କୁ ତାଙ୍କଘରେ ଦେଖିବାର ସୁଯୋଗ ମିଳିଥିଲା । କ୍ଲବରେ ଦେଖିଥିବା ସେଇ ରକ୍ତିମଅଧରଓଷ୍ଠ କେଡ଼େ ବିଭତ୍ସଭାବେ କଳା—ବିବର୍ଣ୍ଣ—ଦର୍ପଣ ଭଳି ଚକ୍ ଚକ୍ ମୁହଁଟା ଅସଂଖ୍ୟ ରେଖାଯୁକ୍ତ—ବ୍ରଣଦାଗ ବହୁଳ—ଭୂଗୋଳ—କ୍ଲାସରେ ଦେଖିଥିବା ରିଲିଫ୍ ମ୍ୟାପ ଭଳି ବନ୍ଧୁର ।

ସୌନ୍ଦର୍ଯ୍ୟ ପ୍ରସାଧନରେ ନଥାଏ—କାରଣ ତାହା ଏକାନ୍ତ ଭାବେ ପ୍ରତାରଣା—ଛଳନା । ଦୟା କରୁଣା ମମତା, ସାହସ ଧୈର୍ଯ୍ୟ ଆତ୍ମବିଶ୍ୱାସ ରୂପକ ପ୍ରସାଧନୀରେ ଯାହାର ଆତ୍ମ ପୁରୁଷ ପ୍ରଲିପ୍ତ ତାର ସୌନ୍ଦର୍ଯ୍ୟ ଆଲୋକର ବନ୍ୟାଭଳି ବିଚ୍ଛୁରିତ ହୋଇପଡ଼େ । ପ୍ରତିମୂହୂର୍ତ୍ତରେ ଅବଚେତନ ମନ ତାର ଆଲୋକିତ ତୁଳିକା ସ୍ପର୍ଶରେ ରୂପଚର୍ଯ୍ୟା କରୁଥାଏ । ମନ ଗହ୍ୱରର ଆବିଳତା ବ୍ୟକ୍ତିତ୍ୱର ଚୁମ୍ବକୀୟ ଶକ୍ତିକୁ ନଷ୍ଟକରିଦିଏ ।

ପଥଧାରର ବିଜୁଳି ଆଲୁଅରେ ସ୍ୱାମୀଙ୍କର ମୁହଁକୁ ସ୍ପଷ୍ଟଭାବରେ ଦେଖିବାର ସୁଯୋଗ ପାଇଲି । ଲାଲ୍ ମୁହଁରେ ଆଖି ଦୁଇଟି ଅସ୍ୱାଭାବିକ ରୂପେ ଢ଼ଳ ଢ଼ଳ ଦିଶୁଥିଲା । କ୍ଲବ୍‌ରେ ବିଦେଶୀପାନୀୟ ସାମାନ୍ୟ ଭାବେ ମାତ୍ରାଧିକ୍ୟ ହୋଇଛି ନିଶ୍ଚୟ ।

ବୁଝିଲି ଅଜିତା—ମିସେସବର୍ମାଙ୍କର ହସ ଆଉ କଥା କହିବାର ଭଙ୍ଗୀ "ଇଉନିକ"—ନୁହେଁ ?

ମୁଁ ନିରୁତ୍ତର ରହିଲି—କଣ ବା ଜବାବ ଦେଇଥାଆନ୍ତି ।

—ତୁମେ ଖୁବ ଅନ୍ୟମନସ୍କ ମନେ ହେଉଛ—କଣ ହୋଇଛି ତୁମର ?

ମୁଁ ଯଦି କହିଥାନ୍ତି—"ମିଃ ବର୍ମାଙ୍କର ଚଏସ ଅଦ୍ଭୁତ—ଦେଖିଚ ବମ୍ବେରୁ ଯେଉଁ ଡାଇମଣ୍ଡ ନେକଲେସଟା ଆଣିଛନ୍ତି ? ମୋର ପତି ଦେବତା ହୁଏତଃ ଖୁବ ରାଗିଯାଇଥାଆନ୍ତେ:—

—ମିଃ ବର୍ମା He is a Currupt Man—ଆଉ କେତେ ପଦ ଅଶ୍ରାବ୍ୟଗାଳି ମିଃ ବର୍ମାଙ୍କ ଉଦ୍ଦେଶ୍ୟରେ ।

ରାତି ବାରଟାରୁ ଅଧିକ ହେଲାଣି—କେଉଁ ନାମହୀନ ତାରାର ଚନ୍ଦ୍ରଟା ଖୁବ କରୁଣ ଆଉ ନିଷ୍ପ୍ରଭ ଦିଶୁଥିଲା—

ମୋର ଶିଶୁ କନ୍ୟା ଲିଜା ହୁଏତଃ କାନ୍ଦିକାନ୍ଦି କେତେବେଳୁ ଆୟାର କୋଳରେ ଶୋଇ ପିବଣି ।

—o—

Digitized by PPRACHIN, SOA

ଟେଲିଗ୍ରାମ

ଧୀରେନ୍ଦ୍ର କୁମାର ବଳ

ଡମ୍ଫା ପାଉଡ଼ଆ ମୁହଁ ବକଣ୍ଟକୁ ଆଇନା କାଚ ଭିତରେ ପକେଇ ନେଉଥାଏ ସୁରମା । ଯେତେ ଦେଖିଲେବି ଆଖି ବୋଲ ମାନୁନି, ନିଜକୁ ଏତେ ସଜାଇଲା— ଅଥଚ ମନ ବୁଝୁନି । ଅନେକୋଟି ଯତନରେ ସୁନ୍ଥାରେ ସିନ୍ଦୂର ନେଲା, ସେ ଯେମିତି ନିଖୁଣ ହୋଇନି, ଆଖିର କଜଳ ନେସିପଡ଼ୁଛି । ଯେତେ ସଜାଡ଼ିଲେବି କବରୀ ଭିତରୁ କେତୋଏ ଅମାନିଆ କେଶ ଗାଲ ଉପରେ ବଢ଼େଇ ପଡ଼ୁଛି । ଅଙ୍ଗୁଳି କେତୋଟିରେ ସାଉଁଟି ନେଇ ନେଇ ସୁରମା ଚୁପକି କହିଉଠିଲା "ଉଁ...ହୁଁ...ହେଲାନି, ଆଇନା ମୁହଁ ପାଖକୁ ଆଣିଲା । ମନ ନ ମାନିଲେବି ଓଠରୁ ଝଡ଼ି ପଡ଼ିଲା: "ଲାସ କି ସୁନ୍ଦର ହୋଇଛ ସତେ ! ଏତେବେଳେ ସେ ଯଦି ଆସନ୍ତେନା...।"

ଏଇ ପଦକ କଥା ତା ମୁହଁରେ ଫୁଟି ପଡ଼ିଲା, ହେଲେ ସେ ଏବେ ଜାଣୁଚି, "ବଉ ପଇସା ଦେ ଆଇସକ୍ରିମ ଖାଇବି," କହି କହି ଘର ଭିତରକୁ ପଶିଆସିଲା ନାଗିଖି । ଫରୁଆଟା ଆଇନା ଉପରେ ଖସିପଡ଼ି ସିନ୍ଦୂର ବୁଣି ପଡ଼ିଲା, ସୁରମା ମୁହଁ ଉପରେ ଚଲା ମେଘର ସରମ ଛାଇଟିଏ ଗୁଳିଗଲା ଯେମିତି, କାଳେ ନାଗିଖି ତା କଥା ଶୁଣିଥିବ, ଝିଅଟା କ'ଣ ଭାବିଥିବ ସତେ । ସେତେ ବେଳକୁ ନାଗିଖି ହାଣ୍ଡିଶାଳକୁ ବଲେଇ ଗୋଡ଼ାଇବ ବୋଲି ଗୁଳିଗଲା । ପଛେ ପଛେ ସୁରମା ପଶିଗଲା, ଶିକାରେ ପଡ଼ିଥିବା ଦୁଧ ଡେକଚିରୁ ବଲେଇ ଘୋଡ଼ଣୀ ଖସାଇ ଦେଇଛି । ଫୁସକି ବଲେଇଟା ନାଗଖି ଗୋଡ଼ତଳ ଦେଇ ଖସି ଗଲା, ନାଗିଖି ବାହାର ଆସିଲା, ସୁରମା ବାଉଁଶ ଛାଟି କବାଟ ଆଉଜାଇ ଆଣି ପଣତ କାନରେ ଧୂଳି ଝାଡ଼ିଦେଲା ନାଗିଖି ଦେହରୁ । କୋଳକୁ ଟାଣିନେଇ ଚୁପ୍‌କି ତା ଗାଲ ଉପରେ ଚୁମାଟିଏ ଥାପିଦେଇ କହିଲା "ଯା ଯା ଦେଖିଲୁ ବାପା ଆସିଲେଣି ନା"

ବାପା କଥା ଶୁଣି ନାଗିଖି ଆଇସକ୍ରିମ କଥା ଭୁଲିଗଲା, ଏକା ଚଲାକେ ଆସି ଦାଣ୍ଡରେ । ବାପବୋଲି କେତେ ପଦାର୍ଥ ସେ ଜନ୍ମକେ ଦେଖିନି, ଝିଅବୋଲି ସେ ଅଲଅଲ—ଏକୋଇର ବାଳା ବାପର ସ୍ନେହ ପାଇନି, ବଉ ଡ଼ାକେ, ବାପବୋଲି ଡାକିନି ଥରେ । ସେ କେମିତି ? ସେ କ'ଣ...ସେ ଫଟୋର ମଣିଷ ପରି । ସେ କୁଆଡ଼େ ଜନ୍ମ ନ ହେଉଣୁ, ବାପ କଲିକତା ଯାଇଛି ଯେ ଆଉ ଫେରିନି । କଥା

Digitized by PPRACHIN, SOA

କଥା କେ ବଉ ଖାଲି ବାପାର ଦାୟିକା ହଏ । ବାପାଙ୍କ ପାଦପରି କୁଆଡ଼େ ତା ପାଦ ଯୋଡ଼କ, କୌଣସି କଥାରେ ଯିଦ୍ କଲେ ବଉ ଖୁଣ୍ଟାହଏ । କହେ ଝୁଅ ବକଟେକ ବାପପରି ଏକ ଜିଦଖାଣି, ନାଥ ବଉ ଟାର ତା ବାପାକଥା ମନେ ପକାଇ ହଏ । ଆଠବର୍ଷ ହେଲା ଶୁଣିଆସିଛି, ଆଜ ସେଇ ବାପା ଆସିବେ ।

"ତାକୁ ସେ କ'ଣ ଚହ୍ନିବେ ? କୋଲକୁ ଟେକନେବେ । କୁନା, ମୁନା, ଅନ, ଚୁନର ବାପାପରି ତାକୁ ମିଠେଇ ଦେବେ ? ଖେଳଣା ଦେବେ—ହାତୀ ଘୋଡ଼ା ଲଡ଼ୁ । ସେତ ନଜେ ବାପାକୁ ଚହ୍ନି ପାରିବନ, କ'ଣ କରବ ? ହେଲେ ବଉ କ'ଣ ଚହ୍ନାଇ ଦେବନକ ?" ଦଉଡ଼ ଦଉଡ଼ ଆସି ଗାଁ ମୁଣ୍ଡରେ ପହଞ୍ଚିଲଣି, ଜାଣି ପାରୁନ ।

ଆଗକୁ ଚାହିଁଲ । ନାଲିମାଟି ଗୋଡ଼ିରେ ସଡ଼କଟିଏ । କାହିଁ କେତେ ଦୂର ବଙ୍କେଇ ଯାଇଛି । ଫଗୁଣ ମାସିଆ ଖରାରେ କାଚ ଗୁଣ୍ଡ ପରି ଝାଲି ଝାଲି ହଉଛି । ସଡ଼କ କରେ କରେ କଇଥ କରଞ୍ଜ ଗଛ । କାହିଁ କେଇତ ଢ଼ତା ଘୋଡ଼ା ଆସୁନ— ନାଗିଣୀ ଦେଖିଲ ।

ଏଣେ ସୁରମାର ସଜ ଯେମିତ ସରୁନ । ଅଇନା କାଚ ଭିତରେ ନଜକୁ ଆଉଥରେ ନଶଖେଇ ଦେଖୁଛି । କାନ ଅଗରେ ପାଉଡ଼ରର ଉପର ଝାଲକୁ ଥାପି ନେଉଛି । ସରୁ କଜଳ ଧାରେ ଧାରେ କାନ ଥାପି ନେଉଚ । କହକା ତେଲ ହେଲନ । ପଚଶି ପଇସାର ନଡ଼ିଆ ତେଲ କେଶର ବଣଟାକୁ କୁଆଡ଼ୁ ଢକାନ୍ତା । ଖୋସାଟା ଆଉ ଟିକଏ ଉପରକୁ ପିନ୍ଧଥିଲେ, ଛୁ ଉଦର୍ଣ୍ଣିଟିଏ ଦେଖା ଯାଇଥାନ୍ତା । ସେକ'ଣ ଆଉ ସେ ଝିଅ ହୋଇ ରହିଛି ନା କ'ଣ ?

ମଥାକୁ ଓଢ଼ଣା ଉଠାଇଲ । ସୁନା କପାଳର ଧାରେ ଧାରେ ମାଳ କରି ଧଡ଼ି ଲଗିଗଲ । ଏଇ ଲୁଗା ଖଣ୍ଡିକ ସେ ଆସିଲ ବେଳେ ପିନ୍ଧ ଆସିଥିଲ । ଅଇନାରେ ଦେଖି ଚମକ ପଡ଼ିଲ ସୁରମା । ନଜର ବଧୂବେଶ ଆଜି ସେ ଆଇନା ଭିତରେ ଦେଖୁଛି, ହେଲେ ସେଦନ ନବ ବଧୂର ରୂପ ଦେଖିବାକୁ ସେ ଡର ପାଇନ । ହାତରେ ସେ ସୁନା ଚୁଡ଼ି, ଗୁଲପଟି ନାହିଁ କ ଆସମାନୀ ତାର ଶଙ୍ଖା ନାହିଁ । ବେକ ଲଙ୍ଗଳା, ହାର ଖିଅକ ନାହିଁ । ପାଦରେ ପାଉଜ ବ ନାହିଁ । ଅଥଚ ସେ ଅଛି । ଘର, ଲୁଗା ପାଇଁ ତାକୁ ଆଖିବୁଜ ମୂର୍ଚ୍ଛି ଦେଇଛି । ବହିଛି ପେଟକୁ ପିଠିକରି । ଏ ନାଗିଣୀ ପାଇଁ, ତାଙ୍କୁ ଆଉଥରେ ମୁଣ୍ଡିଆଟା ମାରି ଆଖି ପୂରାଇ ଦେଖିବା ପାଇଁ, ନଜକୁ ଆଉଥରେ ଭଲକରି ଦେଖିଲ । ଏଇ, ଆଜ ଯେମିତ ଏ ଘରକୁ ସେ ବହୂହୋଇ ଆସିଛି । ଲଜ ଜର ଜର ହୋଇ ମଧୁ ବାସରକୁ ପଶୁଛି । ତା ପରେ ସେ ଆସିବେ, ଓଢ଼ଣା ଉଠାଇ

Digitized by PPRACHIN, SOA

ଓଠ ଟେକି ନେବେ ତାଙ୍କ ଓଠ ପାଖକୁ । ସେ ତାଙ୍କ ହୁଗୁଲା ମୁଠାରୁ ହାତ ଛୁଟିଦେଇ କବାଟ କୋଣରେ ଲୁଚିଯିବ । ନା ଆଉ ସେ ନିଜକୁ ବେଶୀ ସମୟ ଦେଖି ପାରିଲାନି । ଲାଜ ମାଡ଼ିଲା, ନିଜକୁ ନିଜେ ଦେଖିବାରେ ଏତେ ଲାଜ ସତେ ! ଏ ଆଖିରେ, ଆଜି ସେ ନୂଆକରି ଖୋଜି ପାଇଛି ।

ଭଙ୍ଗା ରସ ବାକ୍ସରେ ଅଇନା ରଖି ଅଗଣାକୁ ବାହାରି ଆସିଲା । ଅଗଣାରୁ ଖରା ଲେଉଟିଲାଣି । ଏତେ ବେଳକୁ ଦୁଇଟା ହୁଏ । ଡାକ ପିଅନ ଯେତେ ଥର ଚିଠି ଟଙ୍କା ଆଣି ଦେଇଯାଏ । ଗଲା ବେଳେ ତରତର ହୁଏ । କହେ ଦୁଇଟା ହେଲାଣି ଯାଉଛି । ହାତରେ ସେ ଘଣ୍ଟା ପିନ୍ଧେନି, ମୁହଁରେ ଯେତିକି କୁହେ, ସେତିକି ବେଳେ ସୁରମା ଅଗଣାରୁ ଖରା ଓଲଟିଲେ ଦୁଇଟା ବାଜେ । ସେତ ଚିଠିରେ ଲେଖିଥିଲେ ଠିକ୍ ବାରଟାରେ ପହଞ୍ଚିବେ ।

କାହିଁ, ଏତେ ବେଳଯାଏ ଆସିଲେନି । ସୁରମା ପୁଣି ଦଉଡ଼ି ଆସିଲା ଭଙ୍ଗାରସ ବାକ୍ସ ପାଖକୁ । ନୀଳ ଇନ୍‌ଲାଣ୍ଡ ଚିଠି । ତା ଉପରେ ପରସ୍ତେ ସିନ୍ଦୂରର ନାଲିଧୂଳି । କଜଳ ଦାଗ ନେସିହୋଇ ପଡ଼ିଛି । ଝାଡ଼ି ଝୁଡ଼ି ଦେଇ ଆଖି ଆଗରେ ଖୋଲି ଧରିଲା । ସେଇ ଧାଡ଼ିଟି କେଉଁଠି, ବ୍ୟାକୁଳହୋଇ ଖୋଜିଲା, ଯେଉଁଠି ଲେଖା ହୋଇଛି, "ସୁରମା ମୁଁ ଠିକ୍ ବାରଟାରେ ଯାଇ ପହଞ୍ଚିବି ।" ଏବେ ପାଇଗଲା କେବଳ ସେଇ ଧାଡ଼ିଟିକୁ । ଖୁବ୍ ସତର୍କ ଆଖିରଖି ପଢ଼ିଲା, ଆଉ ଟିକେ ଆଖିପାଖକୁ ନେଲା, ଖରାକୁ ସାମ୍ନାକରି ଅକ୍ଷର ଗୁଡ଼ିକୁ ଚପିଚପି ପଢ଼ିଲା । ସେଇ ପୂର୍ବ କଥାତ ଠିକ୍ ବାରଟାରେ···।

ମନକୁ କ'ଣ ବହଲାଇଦେଲା କେଜାଣି ଚିଠିକୁ ବୁକୁ ଦେଇ ଚୁମାଟିଏ ଦେଲା । ଛାତିରେ ଜାକିଧରି ଅଶ୍ରୁ ଦୁଇଟୋପା ଆଖିରୁ ଖସାଇଦେଲା । ଚିଠିର ଅକ୍ଷର ଭିଜି ଲିଭିଗଲା । ଛାତିଉପର ଦେଇ ସେ ଲୁହ ସ୍ରୋତ ଗଳିଗଲା । ସତେ ଯେମିତି ଛାତି-ତଳେ ଆଗ୍ନେୟଗିରିଟିଏ ଶୀତଳ ହୋଇଗଲା ।

ରସ ବାକ୍ସରେ ଚିଠିରଖି ଦାଣ୍ଡ ଦୁଆରକୁ ଆସିଲା । ନିଦ୍ରୋଳା ଦିପହର, ସୂର୍ଯ୍ୟ ପୃଥିବୀ ଉପରେ ତରଳି ଯାଉଛନ୍ତି । ଶୁନ୍ ଶାନ୍ । କାହାରି ସୋର ଶବ୍ଦନାହିଁ, ଚଇତ ମାସିଆ ଦିପହର, ରାତି ଅଧ ଭଳି ନିଛାଟିଆ ଲାଗୁଛି । ଆମ୍ବ ଗଛର ଗହଳ ଶାଖାରେ କୋଇଲିଟି କୁହୁ କୁହୁ ହେଉଛି । ଦିଶୁନି । ଲୁଚିଯାଉଛି । ଏତେ ବେଳେ କାଉଟିଏ ଆସି କା କା କରିଦେଲା । ସୁରମାର ମନର ଆମ୍ବ ଡାଳରେ ଆଶାର ବଉଳ ଲଦି ହୋଇଗଲା ।

ଘରକୁ ଆସି ଟିକିଏ ଗଡ଼ ପଡ଼ ହେଲା । ଆଖି ଢୋଲକ ପକାଇ ଦେଲା, ତାପରେ ଅଇନାର ମୁହଁ ପରି ତାଙ୍କ ଲୁଚା ପୋଛୁ ମୁହଁଟା ନାଚି ଗଲା, ସେ

Digitized by PPRACHIN, SOA

ଆସୁଛନ୍ତି । ସେ ଅଭିମାନ କରି କଥା କହୁନି, ତାପରେ ସେ ପାଖକୁ ଆସି ତା ପଣତ କାନି ଧରି ଟାଣୁଛନ୍ତି ଅଳି କରୁଛନ୍ତି "ମୋତେ କ'ଣ ଚିହ୍ନି ପାରୁନୁ ସୁରମା ? ମୁଁ ପରା ବସନ୍ତ । ସତରେ ତୁ କ'ଣ ମୋ ଉପରେ ରାଗିଛୁ ? କଥା କହିବୁନି ? କ'ଣ କରିବି କହିଲୁ, ଆଜି ମାଟିଆ ବୁରୁଜ, କାଲି ବାଉଡ଼ିଆ, ପୁଣି ଦାଶ ନଗରତ ଶ୍ରୀରାମ ପୁର, କେତେ ବେଳେ ଚା ଦୋକାନ ପୁଣି ହୋଟେଲ, ଏଇ ପେଟ ଯନ୍ତ୍ରଣାକ ପାଇଁ କେତେ ବେଳେ ପଥର ବୋହିଛି, ପୁଣି ଅଇଁଠା ପ୍ଲେଟ ଧୋଇଛି । ବଡ଼ ଭୋର ପୁଣି ରାତି ଅଧଯାଏ ଖାଲି କାମ କାମ କାମ । କେତେ ବେଳେ ତର ଆଉ ପାଇଲି ଯେ ଚିଠି ଦେଇଥାନ୍ତି । ଛିଡ଼ା କନ୍ଥା ଆଉ ତେଲ ଚିକିଟା ତକିଆ ଉପରେ ମଥା ରଖିଲେ ତୋ ମୁହଁ ଦିଶିଯାଏ । ଭାବେ କାଲି ଚିଠି ଲେଖିବି । କେତେ କାଲି କାଲି ଚାଲିଯାଏ । ହେଲେ ତୋ ପାଖକୁ ଚିଠି ଲେଖି ପାରିଲିନି, ପଇସାଟିଏ ଦେଇ ପାରିନି । ଯାହାତ ରୋଜଗାର କଲି ପେଟକୁ ନିଅଣ୍ଟ କେଉଁଠୁ ଆଣନ୍ତି ଯେ ତୋ ପାଖକୁ ପଠାଇ ଥାନ୍ତି । ସେଥିଲାଗି ତୁ ଆଜି କଥା କହୁନୁ । ଅଭିମାନ କରିଛୁ ।

ଏତିକିରେ ସୁରମାର ଅଭିମାନର ପଥର ବନ୍ଧ ଯେମିତି ଧସି ପଡ଼ିଲା । ଆଖିରେ ଆଖିଏ ଲୁହ ରଖି ବସନ୍ତର ଝାଙ୍କୁଆ ମୁହଁକୁ ଚାହିଁଲା, ତା ଆଖିର ଲୁହକୁ ବସନ୍ତ ତେମିତି ବୁଝି ନେଲା । କିଛି କହି ପାରିଲାନି । ଖାସ୍ କାନ୍ଦିଲା ତା ଆଖିର ଲୁହର ପ୍ରତିଦାନରେ । ଛୁଇ ନିଦ ଭାଙ୍ଗିଗଲା, ସ୍ୱପ୍ନ ବି ଶୂନ୍ୟ ହୋଇଗଲା । ଅନ୍ଧାରର କଅଁଳ ଝରି କେବଳ ଚାଲି କଣା ଦେଇ ଭଙ୍ଗା କାନ୍ଥରେ ଚହଲୁ ଥିଲା । ସେଠି କେହି ଥିଲେନି, କେବଳ ସୁରମା ଲୁଗା କାନିରେ ଲୁହ ପୋଛୁଛି । ନାଗିଆ ଦଉଡ଼ି ଆସି କୁହାକି ଦେଲା —"ବଉ-ଟେଲିଗ୍ରାମ"

ନାଲି କାଗଜ ଖଣ୍ଡରେ କ'ଣ ଗୁଡ଼ାଏ ଲେଖା ହୋଇଛି । ସୁରମାର କମ୍ପିତ ହାତରେ ଟେଲିଗ୍ରାମଟି ଅଟକିଥିଲା, କାହିଁକି କେଜାଣି ତା ଦେହର ସାତ ତାଳ ଗଭୀରତା ଭିତରୁ ଲୁହ ବୁନ୍ଦାଏ ଖସି ପଡ଼ିଲା ଟେଲିଗ୍ରାମର ସେହି ଶବ୍ଦ ଉପରେ —ସେଇଟି ଥିଲା ପୁରୀ-ହାଓଡ଼ା ଟ୍ରେନ ଦୁର୍ଘଟଣାରେ ବସନ୍ତର ମୃତ୍ୟୁ ହୋଇଛି ।

ନାଲି କାଗଜ ଖଣ୍ଡର ଅକ୍ଷର ମାନଙ୍କୁ ସୁରମା କେବଳ ଚାହିଁ ଥିଲା ପଢ଼ି ପାରୁ ନଥିଲା କିନ୍ତୁ । ହେଲେ କାନ୍ଦଣାରୁ ସବୁ ଯେମିତି ବୁଝି ହେଉଥିଲା— ।

ମୁନ୍ନା ସମ୍ପାଦକ "ପଲ୍ଲୀରେଣୁ"
ସା:—ଗନ୍ଧର୍ବ ପୋଖରୀ, ଡ଼ାକ:—ସିନ୍ଧୋଳ
ଜି:—ବାଲେଶ୍ୱର, ପିନ୍—୭୫୬୧୩୦

Digitized by PPRACHIN, SOA

ଗଜପତି ପ୍ରତାପରୁଦ୍ରଦେବ ଓ ଜଗନ୍ମୋହିନୀ

(ସମୀକ୍ଷାର ଏକ ନୂତନ ଦିଗନ୍ତ)

ଡକ୍ଟର ଭଗବାନ ପଣ୍ଡା

ଗଜପତି ପ୍ରତାପରୁଦ୍ର ଦେବ ପିତା ଓ ପିତାମହଙ୍କ ପରି ବୀର, ପରାକ୍ରମଶାଳୀ ଓ ପ୍ରଜା ବତ୍ସଳ ଥିଲେ । କବିଚନ୍ଦ୍ର ଦିବାକର ମିଶ୍ର, କବିଡିଣ୍ଡିମ ଜୀବଦେବାଚାର୍ଯ୍ୟ ରାଜଗୁରୁ ବଳଭଦ୍ର ମିଶ୍ର, ପଣ୍ଡିତ ରାମକୃଷ୍ଣ ଭଟ୍ଟ ପ୍ରଭୃତି ଭାରତ ବିଖ୍ୟାତ କବି ପଣ୍ଡିତମାନେ ପ୍ରତାପରୁଦ୍ର ଦେବଙ୍କ ରାଜସଭା ମଣ୍ଡନ କରୁଥିଲେ । ଗଜପତି ମହାରାଜ ନିଜେ ଯେପରି ପଣ୍ଡିତ, ବିଦ୍ୟାନୁରାଗୀ ଓ ବିଚାରଶୀଳ ଥିଲେ ସେହିପରି ବହୁ କବି ଓ ପଣ୍ଡିତ ତାଙ୍କଦ୍ୱାରା ସମ୍ମାନିତ ଓ ପୁରସ୍କୃତ ହୋଇଥିଲେ । ସେ ନିଜେ ଜଣେ ପ୍ରସିଦ୍ଧ ଧର୍ମଶାସ୍ତ୍ରକାର ଥିଲେ । ତାଙ୍କ ପ୍ରଣୀତ ବିଚାର ବ୍ୟବହାର ସମ୍ବନ୍ଧୀୟ ଗ୍ରନ୍ଥ 'ସରସ୍ୱତୀ ବିଳାସ' ଅଦ୍ୟାବଧି ଦାକ୍ଷିଣାତ୍ୟର ବିଚାର ପଦ୍ଧତି ମଧ୍ୟରେ ଅନୁସୃତ ହେଉଥିବାର ଜଣାଯାଏ ।

ଗଜପତି ପ୍ରତାପରୁଦ୍ର ଦେବଙ୍କ କନ୍ୟା ଜଗନ୍ମୋହିନୀଙ୍କ ସହିତ କୃଷ୍ଣଦେବରାୟଙ୍କ ବିବାହ ଓ ବିବାହୋତ୍ତର ଜୀବନ ପ୍ରସଙ୍ଗରେ ପଣ୍ଡିତ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ 'ବିଜୟ ନଗରର ମୂଳକଥା'ରେ ଥିବା ଓଡ଼ିଶା ବାହାରର କବି ତଥା ଆଲୋଚକଙ୍କ ମନ୍ତବ୍ୟଗୁଡ଼ିକ ପର୍ଯ୍ୟାଲୋଚନା ପୂର୍ବକ ଯେଉଁ ତଥ୍ୟ ଉପସ୍ଥାପନ କରିଛନ୍ତି (୧) ତାହାର ସାରାଂଶ ପାଠକମାନଙ୍କ ଅବଗତି ନିମିତ୍ତ ଏଠାରେ ଉପସ୍ଥାପିତ କରାଯାଇପାରେ ।

ବିଜୟ ନଗରର ରାଜା କୃଷ୍ଣଦେବ ରାୟ ଥିଲେ ଚନ୍ଦ୍ରବଂଶୀୟ କ୍ଷତ୍ରିୟ ନରସ ବା ନରସିଂହ ଦେବଙ୍କ ରକ୍ଷିତା ନାଗମ୍ମାଙ୍କ ଯଶସ୍ୱୀ ପୁତ୍ର(୨) ନରସିଂହ ଦେବଙ୍କର (୧୫୦୫-୧୫୦୯ ଖ୍ରୀ. ର.) ଯଥାର୍ଥ ଉତ୍ତରାଧିକାରୀ ଥିଲେ ମଧ୍ୟ କୃଷ୍ଣଦେବ ରାୟ ୪-୨-୧୫୦୯ ଖ୍ରୀଷ୍ଟାବ୍ଦରେ ରାଜପଦରେ ଅଭିଷିକ୍ତ ହୋଇଥିଲେ(୩) । କର୍ଣ୍ଣାଟୋତ୍କଳ

---

୧ J.K.H.R.S—Vol II page 115

2. Biographies of Telgu poets-by G.S.R. Murti

3. Epigraphica India -Vol I-p-366

Digitized by PPRACHIN, SOA

ଅଧୀଶ୍ୱର ଗଜପତି ପ୍ରତାପରୁଦ୍ର ଦେବଙ୍କ ସହିତ କୃଷ୍ଣ ଦେବରାୟଙ୍କ ସମ୍ପର୍କ ଆରମ୍ଭରୁ ହିଁ ପ୍ରତିକୂଳ ଥିଲା । ଗଜପତି ମହାରାଜ ପ୍ରତାପରୁଦ୍ରଙ୍କ ଅଧୀନରେ ଥିବା ନଅଜଣ ପାତ୍ର ଦକ୍ଷିଣ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ପ୍ରତିଷ୍ଠିତ କୋଣ୍ଡାପଲ୍ଲୀ, ଉଦୟଗିରି, ବେଲମ୍‌କୋଣ୍ଡା, ନାଗାର୍ଜ୍ଜୁନ କୋଣ୍ଡା, କୋଣ୍ଡାବୀଡ଼ୁ, ଧଙ୍କଡ଼ୁ, କଟବରମ୍‌, ଅଡ୍ଡଙ୍କି ପ୍ରଭୃତି ନବ ଦୁର୍ଗର ରକ୍ଷଣାବେକ୍ଷଣ କରୁଥିଲେ । ନେଲ୍ଲୁରରେ ଥିବା ଦୁର୍ଗଟି ଉଦୟଗିରି ନାମରେ ଅଭିହିତ । ପ୍ରାଚୀନ ବିଜୟ ନଗରର ରାଜଧାନୀ ଥିଲା ଉଦୟଗିରି । କିନ୍ତୁ ପରେ ଏହା ଗଜପତି ସାମ୍ରାଜ୍ୟଭୁକ୍ତ ହୋଇଥିଲା । କୃଷ୍ଣ ଦେବ ରାୟଙ୍କ ରାଜତ୍ୱ କାଳରେ ଗଜପତି ସାମ୍ରାଜ୍ୟ ଦକ୍ଷିଣରେ ନେଲ୍ଲୁର ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

ବୀରଭଦ୍ର ପାତ୍ର ଦଶହଜାର ସୈନ୍ୟ ଓ ଚାରିହଜାର ଘୋଡ଼ା ସବାରଙ୍କୁ ନେଇ ଉଦୟଗିରି ଦୁର୍ଗ ରକ୍ଷା କରୁଥିଲେ । (୪) ବିଜୟବାଟିକା ବା ଆଧୁନିକ ବେଜୱାଡ଼ାଠାରେ ଗଜପତି ପ୍ରତାପରୁଦ୍ର ଦେବ କନକଗିରି ନାମରେ ଏକ ପାର୍ବତୀୟ ଦୁର୍ଗ ନିର୍ମାଣ କରି ସେଠାରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ସେ ସମୟରେ କୃଷ୍ଣାଠାରୁ ଋଷିକୁଲ୍ୟା ନଦୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ରାୟ ରାମାନନ୍ଦ ପଟ୍ଟନାୟକ ଏବଂ ବେଜୱାଡ଼ାଠାରୁ ଦକ୍ଷିଣାଞ୍ଚଳରେ ବୀରଭଦ୍ର ଦେବ ରାଜ୍ୟପାଳ ଥିଲେ । (୫) ବୀରଭଦ୍ରଙ୍କ ଅଧୀନରେ ଷୋହଳ ଜଣ କାୟସ୍ଥ ଶ୍ରେଣୀୟ ମହାପାତ୍ର ଥିଲେ । ସେମାନେ ପାତ୍ର ଉପାଧିଧାରୀ ବଳଭଦ୍ର, ଦୁର୍ଗା, ଭୀମ, ମୁକୁନ୍ଦ, ଶ୍ରୀକର, ବୀର, ରଣରଙ୍ଗ, ଭୀମା, ଆଖଣ୍ଡଳ ନୃହରି, ବଜ୍ରମୁଷ୍ଟି, ତୁରଗରେଣୁ, ଗଜାଙ୍କୁଶ, ଅସହନ୍ୟ, ମୃଗେନ୍ଦ୍ର ଓ କେଶବ ପାତ୍ର ପ୍ରଭୃତି । (୬) କନକଗିରିରେ ପୁତ୍ର ବୀରଭଦ୍ରଙ୍କ ଠାରେ ପ୍ରତାପରୁଦ୍ରଙ୍କ ରାଣୀ ଓ ଦୁଇଟି ଝିଅ ଅବସ୍ଥାନ କରୁଥିଲେ । ତନ୍ମଧ୍ୟରୁ ଜ୍ୟେଷ୍ଠା କନ୍ୟାଙ୍କୁ ରଚ ରାଜୁ ବା ପୁଷ୍ପପତି ମାଧବ ବର୍ମା ବିବାହ କରିଥିଲେ । ସେ କୃଷ୍ଣଦେବ ରାୟଙ୍କ ପରି ପ୍ରବଳ ପରାକ୍ରମୀ ବୀର ଥିଲେ । ତାଙ୍କର ସହାୟତାରେ ବୀରଭଦ୍ର ଦେବ ବିଜୟ ନଗର ପୂର୍ବବର୍ତ୍ତୀ ବେଙ୍ଗୀରାଜ୍ୟକୁ ଅଧିକାର କରିଥିଲେ । ତେଣୁ କୃଷ୍ଣଦେବ ରାୟ ପୁଷ୍ପପତିଙ୍କୁ ବିଶେଷ ଭୟ କରୁଥିଲେ । (୭) କନିଷ୍ଠା କନ୍ୟା ଅନ୍ନପୂର୍ଣ୍ଣା ଓଡ଼ିଆ, ସଂସ୍କୃତ ଓ ତେଲୁଗୁ ଭାଷାରେ ପଣ୍ଡିତା ଥିଲେ ଏବଂ ରୁଚ, ତୁକା ଜଗନ୍ମୋହିନୀ ଓ ବରଦରାଜମ୍ମା ନାମରେ ଅଭିହିତା ହେଉଥିଲେ ।

---

4. Biographies of Telgu poets-by D.S.R. Rao-
1926-p-50
5. Mohammadan period-by K.V.L.Rao-p. 358
6. Briographies of Telgupoets-by G.S.R. Murti-p-540

Digitized by PPRACHIN, SOA

କୃଷ୍ଣଦେବ ରାୟ ନଜର ନୀଚକୁଳୋଦ୍ଭବତା ବିଷୟରେ ସଚେତନ ଥାଇ ମଧ୍ୟ ଏକ କ୍ଷତ୍ରିୟ କନ୍ୟା ବିବାହ ନିମିତ୍ତ ଦୃଢ଼ ଆଶା ପୋଷଣ କରୁଥିଲେ । କାରଣ ତାଙ୍କର ମାତୁଳ କନ୍ୟା ରାଜରାଣୀ ହେବା ନିମିତ୍ତ ରୂପ, ଗୁଣ, ଶିକ୍ଷାଦିରେ ଏକାନ୍ତ ଅନୁପଯୁକ୍ତା ଥିଲେ । ତେଣୁ କୃଷ୍ଣଦେବ ତାଙ୍କର ମୁଖ୍ୟ ମନ୍ତ୍ରୀ ଥିମ୍ମରସୁଙ୍କ ଠାରେ ଗଜପତିଙ୍କ କନ୍ୟା ଅନ୍ନପୂର୍ଣ୍ଣାଙ୍କୁ ବିବାହ କରିବା ନିମିତ୍ତ ସ୍ୱାଭିଳାଷ ପ୍ରକାଶ କରୁଥିଲେ ଏବଂ ମନ୍ତ୍ରୀଙ୍କଠାରୁ ଏବିଷୟରେ ସାହାଯ୍ୟର ଆଶ୍ୱାସନା ପାଇଥିଲେ । ଏକଦା ବୀରଭଦ୍ର ଦେବ ବେଳୁକୋଣ୍ଡା ଦୁର୍ଗରେ ଅବସ୍ଥାନ କରୁଥିବାବେଳେ ଥିମ୍ମରସୁ ତାଙ୍କଠାରେ କୃଷ୍ଣଦେବଙ୍କ ସହିତ ଅନ୍ନପୂର୍ଣ୍ଣାଙ୍କ ବିବାହ ପ୍ରସ୍ତାବ ନିବେଦନ କଲେ । ବୀରଭଦ୍ର ସ୍ୱପିତା ଗଜପତି ପ୍ରତାପରୁଦ୍ରଦେବ ଓ ଭଗ୍ନୀପତି ପୁଷ୍ପପତିଙ୍କ ସହିତ ପରାମର୍ଶ କରି ନଜର ମତାମତ ଦେବେ ବୋଲି ଜଣାଇଥିଲେ ମଧ୍ୟ ପ୍ରସ୍ତାବଟି ପରେ ପ୍ରତ୍ୟାଖ୍ୟାତ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ କୃଷ୍ଣ ଦେବ ରାୟ ପ୍ରତାପରୁଦ୍ର ଦେବଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । କିନ୍ତୁ ମନ୍ତ୍ରୀ ଥିମ୍ମରସୁ ଉତ୍କଳୀୟ ବୀରଙ୍କ ବୀରତ୍ୱ ତଥା ଉତ୍କଳର ଗଜପତିଙ୍କ ସହିତ ସିଧାସଳଖ ଶତ୍ରୁତା ମଙ୍ଗଳକର ନୁହେଁ ବୋଲି ରାଜାଙ୍କୁ ବୁଝେଇ ଯୁଦ୍ଧରୁ ନିବୃତ୍ତ ହେବାପାଇଁ ପରାମର୍ଶ ଦେଇଥିଲେ ମଧ୍ୟ କୃଷ୍ଣଦେବ ମନ୍ତ୍ରୀଙ୍କ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରି ଯୁଦ୍ଧରେ ଅଗ୍ରସର ହେଲେ । ପ୍ରଥମେ ବୀରଭଦ୍ରଙ୍କ ତୀବ୍ର ପ୍ରତିରୋଧର ସମ୍ମୁଖୀନ ହୋଇ ମନ୍ତ୍ରୀଙ୍କୁ ଯୁଦ୍ଧ ପରିଚାଳନା ଭାର ଅର୍ପଣ କଲେ । ଠିକ୍ ଏହି ସମୟରେ ଶ୍ରୀ ଚୈତନ୍ୟଙ୍କ ପ୍ରେମଭକ୍ତି ଦ୍ୱାରା ପ୍ରଭାବିତ ହୋଇ ରାଜ ମହେନ୍ଦ୍ରର ରାଜ୍ୟପାଳ ରାୟ ରାମାନନ୍ଦ ପଟ୍ଟନାୟକ ରାଜକାର୍ଯ୍ୟରୁ ଅବସର ଗ୍ରହଣ ନିମିତ୍ତ କଟକ ପ୍ରତ୍ୟାଗମନ କଲେ । ତେଣୁ ବୀରଭଦ୍ର ପୁଷ୍ପପତିଙ୍କୁ ସମଗ୍ର ଦକ୍ଷିଣାଞ୍ଚଳ ଭାର ଅର୍ପଣ କରି ନିଜେ ଷୋହଳ ଜଣ ପାତ୍ରଙ୍କ ସହିତ ମାତା ଓ କନିଷ୍ଠା ଭଗ୍ନୀଙ୍କୁ ନେଇ ବିଦ୍ୟାନଗରକଟକରେ ଅବସ୍ଥାନ କଲେ ।

ଏହି ସୁଯୋଗରେ ଥିମ୍ମରସୁ ଷୋହଳ ଜଣ ପାତ୍ରଙ୍କୁ ଉଦ୍ଦେଶ୍ୟ କରି ଷୋହଳଖଣ୍ଡ ପ୍ରତାରଣାପୂର୍ଣ୍ଣ ପତ୍ର ଲେଖାଇ ପ୍ରତ୍ୟେକ ପତ୍ରକୁ ସ୍ୱର୍ଣ୍ଣ ପରିପୂର୍ଣ୍ଣ ଗୋଟିଏ ଗୋଟିଏ ପେଟିକାରେ ପାତ୍ରମାନଙ୍କ ପାଖକୁ ଏପରି ଭାବରେ ପଠାଇବାର ବ୍ୟବସ୍ଥା କରିଥିଲେ ଯାହାଦ୍ୱାରା ସେଗୁଡ଼ିକ ମଧ୍ୟପଥରେ ବୀରଭଦ୍ରଙ୍କ ହସ୍ତଗତ ହେଲା । (୮) ପତ୍ର ପାଠମାତ୍ରେ ପାତ୍ରମାନଙ୍କ ବିଶ୍ୱାସ ଘାତକତାର ପ୍ରମାଣ ପାଇ ବୀରଭଦ୍ର ଅବିମୃଷ୍ୟତ

7. Biographies of Telgu poets-by G.S.R Murti, p-514, 540 & 546

8. Sources of Vijayanagar History by S.K. Ayangar p-116.

Digitized by PPRACHIN, SOA

ସ୍ୱବେ ନିରପରାଧ ପାତ୍ରମାନଙ୍କୁ ବନ୍ଦୀ କଲେ । ଫଳରେ କୃଷ୍ଣଦେବ ରାୟଙ୍କ କିନ୍ତୀ ସୁଯୋଗ ପାଇ କୋଣ୍ଡାବିଡ୍ରୁ, ବେନୁକୋଣ୍ଡା, କନକଗିରି, ଆଦି ଦୁର୍ଗ ଅଧିକାର କରିନେଲେ । ଦୁର୍ଗ ଗୁଡ଼ିକର ପତନ ବାର୍ତ୍ତା ପାଇ ବୀରଭଦ୍ର ଗଜପତି ପ୍ରତାପରୁଦ୍ର ଦେବଙ୍କୁ ସମସ୍ତ କଥା ଜଣାଇ ଦେବା ସଙ୍ଗେ ସଙ୍ଗେ ସୁଷପତିଙ୍କ ଉପରେ ବିଦମ କଟକର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ କରି ନିଜେ ସସୈନ୍ୟ ବିଜୟନଗର ସୈନ୍ୟଙ୍କ ଉଦ୍ଦେଶ୍ୟରେ ଯୁଦ୍ଧଯାତ୍ରା କରିଥିଲେ । ନାଗାବଲୀ ନଦୀ ତୀରରେ କୃଷ୍ଣଦେବ ରାୟଙ୍କ ସହିତ ଗଜପତି ପ୍ରତାପରୁଦ୍ର ଦେବ ଓ ବୀରଭଦ୍ର ଦେବଙ୍କ ପ୍ରବଳ ଯୁଦ୍ଧ ହେଲା । ସେହି ଯୁଦ୍ଧ କ୍ଷେତ୍ର ଆଜି 'ଟେକ୍କଲମ୍' ନାମରେ ପରିଚିତ । ସେହି ଯୁଦ୍ଧବେଳକୁ କୃଷ୍ଣ-ଦେବରାୟ ବେଜଓ୍ୱାଡ଼ା, ମଦୁଗୁଲ୍, ବଡ଼ାଡ଼ଡ଼ି ଓ ବୀରଘାଟ ଦୁର୍ଗ ଅଧିକାର କରି ସାରିଥିଲେ । ଯୁଦ୍ଧ ସମୟରେ ଉତ୍କଳୀୟ ସୈନ୍ୟଙ୍କର ବିଭ୍ରାନ୍ତ ସୃଷ୍ଟି କରିବାପାଇଁ କୃଷ୍ଣଦେବ ରାୟ ଅନ୍ୟ କେତେକ ସୈନ୍ୟଙ୍କୁ ବିଦମ କଟକ ଅଧିକାର ଓ ଅନ୍ନପୂର୍ଣ୍ଣାଙ୍କୁ ବନ୍ଦୀ କରିବା ନିମିତ୍ତ ଆଦେଶ ଦେଲେ । କିନ୍ତୁ ତାଙ୍କ ଉଦ୍ଦେଶ୍ୟ ସଫଳ ହେଲା ନାହିଁ । ଫଳରେ ମଧ୍ୟ ରାତିରେ କୃଷ୍ଣଦେବଙ୍କ କେତେକ ସୈନ୍ୟ ବିଦମ କଟକ ବହିର୍ଭାଗସ୍ଥ କେତେକ ଗୃହକୁ ଅଗ୍ନି ଲଗାଇ ଧ୍ୱଂସ କରିଥିଲେ । କୃଷ୍ଣ ଦେବଙ୍କ ପ୍ରଶସ୍ତି ମୂଳକ ଗ୍ରନ୍ଥ 'ମନୁ ଚରିତ'ରେ ଉପର୍ଯ୍ୟୁକ୍ତ ବିବରଣ ଅତିରଞ୍ଜିତ ଭାବରେ ବର୍ଣ୍ଣିତ ହୋଇ-ଥିବାର ଦେଖାଯାଏ । ଏତଦ୍‌ବ୍ୟତୀତ ସିଂହାଚଳ ନିକଟବର୍ତ୍ତୀ ପୋଟ୍‌ନୁରୁ ଶିଳା ସ୍ତମ୍ଭଲେଖ ତଥା 'ଅମୁକ୍ତମାଲ୍ୟଦ' ଗ୍ରନ୍ଥରେ ମଧ୍ୟ ଏହା ଉଲ୍ଲେଖ ଅଛି । (୯) କୃଷ୍ଣଦେବ ରାୟ ଅଧିକ କାଳ ଯୁଦ୍ଧ କରି ନ ପାରି ଗଜପତିଙ୍କୁ ସନ୍ଧି ପ୍ରସ୍ତାବରେ ବିଜିତ ରାଜ୍ୟ ପ୍ରତ୍ୟାବର୍ତ୍ତନ ସହିତ କନ୍ୟାର ପାଣି ଗ୍ରହଣ ପ୍ରସ୍ତାବ ଦେଇଥିଲେ । ଏହାଫଳରେ ରାଜକୀୟ ଶାନ୍ତି ସ୍ଥାପନ ନିମିତ୍ତ ବିବାହ ୧୫୧୫ ଖ୍ରୀଷ୍ଟାବ୍ଦରେ ଅନୁଷ୍ଠିତ ହୋଇଥିଲା ବୋଲି ଯେଉଁ ବିବରଣ ମିଳେ ତାହା ଭ୍ରମାତ୍ମକ । କାରଣ ଏଠାରେ ଏତିକି କହିଲେ ଯଥେଷ୍ଟ ହେବ ଯେ କୃଷ୍ଣଦେବ ରାୟ ବିଦମ କଟକ ଦୁର୍ଗରେ ଥିବା ଅନ୍ନପୂର୍ଣ୍ଣାଙ୍କୁ ଲାଭ କରିବା ନିମିତ୍ତ ଯୁଦ୍ଧ ଘୋଷଣା କରିଥିଲେ । କଟକ ବିଜୟ ବିଷୟରେ କୃଷ୍ଣଦେବଙ୍କ କୌଣସି ଶିଳାଲେଖ ବା ତାଳପତ୍ର ଅଦ୍ୟାବଧି ଆବିଷ୍କୃତ ହୋଇ ନାହିଁ । ପୂର୍ବୋକ୍ତ ଶିଳାସ୍ତମ୍ଭ ତଥା ଅନ୍ୟାନ୍ୟ ଗ୍ରନ୍ଥ ବର୍ଣ୍ଣିତ 'କଟକ'କୁ ବିଦମ କଟକରୂପେ ଗ୍ରହଣ କରା-ଯାଇ ପାରେ, କାରଣ ଋଷିକୁଲ୍ୟା ନଦୀ ପାରି ହୋଇଥିବା ବା ଆଠଗଡ଼, ଖେମୁଣ୍ଡି, ଝଡ଼ସିଙ୍ଗୀ ଆଦି ରାଜନ୍ୟ ମଣ୍ଡଳୀକୁ ପରାଜିତ କରି ଥିବାର ଉଲ୍ଲେଖ କୁଆପି ଉପଲବ୍ଧ ହୁଏ ନାହିଁ ।

9. J. K. H. R. S-Vol II-p-117

Digitized by PPRACHIN, SOA

ତଦ୍‌ବ୍ୟାଖ୍ୟାତ ପ୍ରତାପରୁଦ୍ର ଦେବଙ୍କ ସହିତ କୃଷ୍ଣଦେବ ରାୟ ୧୫୧୨ରୁ ୧୫୧୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବାରମ୍ବାର ଯୁଦ୍ଧ କରିଥିଲେ । ତେଣୁ ରାୟସମ୍ ଅଭିଲେଖ ଅନୁସାରେ ପ୍ରତାପରୁଦ୍ର ଦେବ ଉତ୍ତର ଓ ଦକ୍ଷିଣ ଉଭୟ ଦିଗରୁ ଶତ୍ରୁଙ୍କ ଦ୍ୱାରା ବାରମ୍ବାର ଆକ୍ରମିତ ହେବାରୁ ବାଧ୍ୟ ହୋଇ କୃଷ୍ଣଦେବ ରାୟଙ୍କ ପ୍ରସ୍ତାବରେ ଏକମତ ହୋଇ ମ।ମ।୧୫୧୯ରେ ଶାନ୍ତିଚୁକ୍ତି କରିଥିଲେ । (୧୦) ତେଣୁ ପ୍ରତାପରୁଦ୍ର ଦେବ କେବେହେଲେ କୃଷ୍ଣଦେବ ରାୟଙ୍କ ଦ୍ୱାରା ପରାଜିତ ହୋଇ ନଥିଲେ କି ଶାନ୍ତି ଚୁକ୍ତି ପାଇଁ ଜଗନ୍ମୋହିନୀଙ୍କ ବିବାହ ପ୍ରସ୍ତାବ ଏକ ସର୍ତ୍ତ ରୂପେ ନ ଥିଲା । ଅଭିଲେଖ ବର୍ଣ୍ଣିତ ଶ୍ରୀ କୃଷ୍ଣଦେବ ରାୟଙ୍କ 'ଗଜପତି ସପ୍ତାଙ୍ଗ ହରଣ' ଉପାଧି ଏକ ମିଥ୍ୟା ଗୌରବର ପରିଚାୟକ ବୋଲି ଗବେଷକମାନେ ମତବ୍ୟକ୍ତ କରିଛନ୍ତି ।(୧୧)

ଶାନ୍ତି ପ୍ରତିଷ୍ଠା ହେବାପରେ ଗଜପତି ପ୍ରତାପରୁଦ୍ର ଦେବ କନ୍ୟାର ବିବାହରେ ପର୍ଯ୍ୟାପ୍ତ ପରିମାଣ ଧନରତ୍ନ ଓ ଦାସଦାସୀ ସହିତ ନାଗାବଳୀଠାରୁ ଗୋଦାବରୀ ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଏବଂ ପାରିଜାତ ପରିହରଣର କବି ମୁକ୍କୁ ତିମ୍ମନ୍ନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରି ଥିବାର ବର୍ଣ୍ଣନା ରହିଛି । କୃଷ୍ଣା ନଦୀର ପରବର୍ତ୍ତୀ ରାଜ୍ୟ ଜ୍ୟେଷ୍ଠା କନ୍ୟାକୁ ଦାନ କରାଯାଇଥିଲା । ସେହି କାଳଠାରୁ ନାଗାବଳୀ ଓ ଗୋଦାବରୀର ମଧ୍ୟବର୍ତ୍ତୀ ଅଞ୍ଚଳ ବିଜୟନଗର ନାମରେ ଅଭିହିତ ହୋଇ ଆସୁଅଛି । ଗଜପତିଙ୍କ କନ୍ୟା ଅନ୍ନପୂର୍ଣ୍ଣା ମଧ୍ୟ ପୂର୍ବରୁ ନିଜର ବିବାହ ପ୍ରସ୍ତାବ ସହିତ ପିତାଙ୍କ ସମବୟସ୍କ କୃଷ୍ଣଦେବ ରାୟଙ୍କ ପ୍ରତାରଣା ବିଷୟ ଅବଗତା ଥିଲେ । ବିବାହ ପରେ ସେ ନିଜର ସ୍ୱାମୀ ଦାସୀପୁତ୍ର ହୋଇଥିବାରୁ କୃଷ୍ଣଦେବଙ୍କୁ ଘୃଣାଚକ୍ଷୁରେ ଦେଖିଥିବାର ଜଣାଯାଏ । (୧୨) ତେଣୁ ଅନ୍ନପୂର୍ଣ୍ଣା ପ୍ରଥମ ମିଳନ ରାତିରେ ତାଙ୍କୁ ସ୍ପର୍ଶ ନ କରିବା ନିମିତ୍ତ ପିତୃଶତ୍ରୁ କୃଷ୍ଣଦେବ ରାୟଙ୍କୁ ଅନୁରୋଧ କରିଥିଲେ । ଏପରି ବ୍ୟବହାରରେ ଉତ୍‌କ୍ଷିପ୍ତ କୃଷ୍ଣଦେବ ରାୟ ଯେତେବେଳେ ଅନ୍ନପୂର୍ଣ୍ଣାଙ୍କୁ ବଳାତ୍କାର ପୂର୍ବକ ନିଜ ପାଖକୁ ଟାଣି ଆଣିଲେ ସେତେବେଳେ ଅନ୍ନପୂର୍ଣ୍ଣାଙ୍କ ଖଡ୍‌ଗାକୃତି କମର ପେଟିକା ତଳେ ପଡ଼ିଗଲା, ତାହା ଦେଖି ରାଜା ଆଶ୍ଚର୍ଯ୍ୟ ଓ ଭୟଭୀତ ହୋଇ ପଡ଼ିଥିଲେ । କିନ୍ତୁ ପର ମୁହୂର୍ତ୍ତରେ ତାଙ୍କର ପରିଚାରିକା ରାଜାଙ୍କୁ ବୁଝାଇଦେଇଥିଲେ ଯେ କ୍ଷତ୍ରିୟ କନ୍ୟାମାନେ ଆତ୍ମରକ୍ଷା ନିମିତ୍ତ ଏପରି କମରପେଟିକା ବ୍ୟବହାର କରିଥାନ୍ତି । ତେଣୁ ଏଥିରେ ଭୀତ ହେବାର କୌଣସି କାରଣ

10. The Gajapati Kings of Orissa—
P. K. Mukharjee—P-75

11. Cambridge History of India—Vol. III—P-497

୧୨. କୃଷ୍ଣଦେବରାୟ – ଏସ୍. ସି. ଶ୍ରୀନିବାସାଚାର୍ଯ୍ୟ– ୮ମ ଅଧ୍ୟାୟ—ପୃ-୧୦

Digitized by PPRACHIN, SOA

ନାହିଁ । (୧୩) ସେହି ଖଡ୍ଗଟି ଅଦ୍ୟାବଧି ବିଜୟନଗର ଦୁର୍ଗରେ ସୁରକ୍ଷିତ ଥିବାର ଦେଖାଯାଏ । ଉକ୍ତ ଘଟଣାପରେ ରାଜା ସେ ସ୍ଥାନରୁ ଫେରିଆସି ବୃଦ୍ଧମନ୍ତ୍ରୀଙ୍କୁ ସମସ୍ତ ଘଟଣା ଜଣାଇଥିଲେ ଏବଂ ଅନ୍ନପୂର୍ଣ୍ଣାଙ୍କୁ ହତ୍ୟା କରିବା ନିମିତ୍ତ ଆଦେଶ ଦେଲେ । କିନ୍ତୁ ଥିମ୍ମରସୁଙ୍କ ପରାମର୍ଶ କ୍ରମେ କୃଷ୍ଣଦେବ ରାୟ ଅନ୍ନପୂର୍ଣ୍ଣାଙ୍କୁ ତାଙ୍କ ଭାଇ ବୀରଭଦ୍ରଙ୍କ ପାଖକୁ ପଠାଇଦେଲେ ଏବଂ ବିବାହ ଯୌତୁକ ରୂପେ ପାଇଥିବା ବିଜୟନଗର ରାଜ୍ୟକୁ ମଧ୍ୟ ଫେରାଇ ଦେଇଥିଲେ । ବିବାହ ପରେ ଅନ୍ନପୂର୍ଣ୍ଣା ଉତ୍କଳମଲ୍ଲ ଦେବୀ ନାମରେ ପରିଚିତା ହେଲେ । କୃଷ୍ଣଦେବ ରାୟ ପ୍ରାଚୀନ ବିଜୟନଗରକୁ ଫେରିଯାଇ ଚିନ୍ନମ୍ମା ନାମରେ ଅନ୍ୟଏକ କନ୍ୟାର ପାଣିଗ୍ରହଣ କରିଥିଲେ । (୧୪)

ଉତ୍କଳମଲ୍ଲଦେବୀ ନିଜର ଭଗ୍ନୀପୁତ୍ରକୁ ନିଜ ରାଜ୍ୟର ଉତ୍ତରାଧିକାରୀ ରୂପେ ଗ୍ରହଣ କଲେ । ସେହି ପୁତ୍ର ଗଜପତି ପୁଷ୍ପପତି ରୂପେ ପରିଚିତ ହେଲେ । ବିଜୟନଗର ବର୍ତ୍ତୀ କୁମ୍ମିଲପୁରଠାରେ ଏକ ନୂତନ ଦୁର୍ଗ ନିର୍ମିତ ହେଲା ଯାହା ଅଦ୍ୟାପି 'କର୍ଦ୍ଦମଦୁର୍ଗ' ରୂପେ ଅଭିହିତ । ଉତ୍କଳମଲ୍ଲଦେବୀ ଚିତ୍ତୁରୁ ଜିଲ୍ଲା ଅନ୍ତର୍ଗତ ପାହାଡ଼ ପରିବେଷ୍ଟିତ ଅଞ୍ଚଳରେ ଏକ ବିରାଟ ପୁଷ୍କରିଣୀ ଖୋଦନ ପୂର୍ବକ ସେଠାରେ ଏକ ଅଭିଲେଖ ଉତ୍କୀର୍ଣ୍ଣ କରାଇଥିଲେ । ତଦ୍‌ବ୍ୟତୀତ କମ୍ଭମ୍ ଠାରେ ମଧ୍ୟ ଆଉ ଏକ ପୁଷ୍କରିଣୀ ଖୋଳାଇଥିଲେ । ସେହି ଉତ୍କଳମଲ୍ଲ ଦେବୀ ଉତ୍କଳପତି ବାଲାଜୀ ମନ୍ଦିରର ଯେଉଁ ସ୍ୱର୍ଣ୍ଣାବରଣ କରାଇଥିଲେ ତାହା ଅଦ୍ୟାପି ବହୁ ଦର୍ଶକଙ୍କର ଦୃଷ୍ଟି ଆକର୍ଷଣ କରିଥାଏ ।

ଅନ୍ନପୂର୍ଣ୍ଣାଙ୍କ ନାମରେ ପ୍ରଚଳିତ ଶ୍ଳୋକ ପଞ୍ଚକର ଐତିହାସିକ ସତ୍ୟତା ପ୍ରମାଣିତ ହୁଏନାହିଁ । କାରଣ ପୂର୍ବୋକ୍ତ ବିବରଣୀ ଅନୁଯାୟୀ ଗଜପତି କନ୍ୟା ଅନ୍ନପୂର୍ଣ୍ଣା କେବେହେଲେ କୃଷ୍ଣଦେବ ରାୟଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତ ଏପରି ଆତ୍ମନିବେଦନ କରିଥିବା ଆଦୌ କଳ୍ପନା କରାଯାଇ ନପାରେ । ତଦ୍‌ବ୍ୟତୀତ କୃଷ୍ଣଦେବରାୟଙ୍କ ରାଜତ୍ୱକାଳୀନ ରାଜପତ୍ରରେ ଅନ୍ୟ ଦୁଇ ରାଣୀଙ୍କ ପରି ଉତ୍କଳ ରାଜକନ୍ୟାଙ୍କ ବିଷୟରେ କୌଣସି ସ୍ପଷ୍ଟ ଉଲ୍ଲେଖ ନଥିବାରୁ ତାଙ୍କ ସହିତ ଅନ୍ନପୂର୍ଣ୍ଣାଙ୍କ ବିବାହ ହୋଇଥିଲା କି ନାହିଁ ସେ ବିଷୟରେ ବହୁ ପ୍ରକାର ଜଳ୍ପନା କଳ୍ପନା ପ୍ରକାଶ ପାଇଛି । (୧୫) ଖ୍ରୀଷ୍ଟାବ୍ଦ ୧୫୧୯ରେ କୃଷ୍ଣଦେବ ରାୟଙ୍କ ସହିତ ଗଜପତି ପ୍ରତାପରୁଦ୍ର ଦେବଙ୍କ ସନ୍ଧିପତ୍ର ସ୍ୱାକ୍ଷରିତ ହୋଇଥିବା ବେଳେ ୧୫୧୫ ଖ୍ରୀଷ୍ଟାବ୍ଦରେ ଜଗନ୍ମୋହିନୀଙ୍କ ବିବାହ ହୋଇ-

13. Biography of Telgu Poets—G.S.R. Murti—P-550
14. Krishnadeva Ray—C. S. Sririvasachari—1928—Chapter—8—Page-12
15. Sources of Vijay nagar History—P-11

Digitized by PPRACHIN, SOA

ଥିବା ଘଟଣା ଅବାନ୍ତର ମନେହୁଏ । କାଞ୍ଚିକାବେରୀ ବର୍ଣ୍ଣିତ ଗଜପତି ପୁରୁଷୋତ୍ତମ ଦେବ ଓ ପଦ୍ମାବତୀଙ୍କ ବିବାହ ପ୍ରସଙ୍ଗ ଗ୍ରନ୍ଥରେ ଜଗନ୍ମୋହିନୀ ଓ କୃଷ୍ଣଦେବ ରାୟଙ୍କ ବିବାହ ବର୍ଣ୍ଣନା ଏକ କବି କଳ୍ପନା ବୋଲି କେତେକ ମତବ୍ୟକ୍ତ କରନ୍ତି । ତେଣୁ ଗଜପତି କନ୍ୟା କୃଷ୍ଣଦେବ ରାୟଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଥିବାର ଯେଉଁ ବର୍ଣ୍ଣନା ମିଳେ ତାହା କପୋଳକଳ୍ପିତ କିମ୍ବଦନ୍ତୀ ବ୍ୟତୀତ ଆଉ କିଛି ନୁହେଁ ।

(୪) History of Orissa. Dr K. C. Panigrahi— P-127

Digitized by PPRACHIN, SOA

ନିଜକୁ ଫୁଲଗଛ ମନେକରି

※ ରାମକୃଷ୍ଣ ସାହୁ

ଚପ୍ ଚପ୍ ଓଦା ମାଟିରେ ପାଦ ପୋତି
ଯେତେଥର ମୁଁ ଉହୁଙ୍କି ଆସେ ଉର୍ଦ୍ଧ୍ୱକୁ
ସେତେଥର ମହକିଯାଏ ହାତ ପାଆନ୍ତାର ଆକାଶ
ଅଥଚ ନିଜ ଦେହ ଗନ୍ଧରେ
ଏତେ କୁତୁକୁତୁ ମୋର ଇନ୍ଦ୍ରିୟ ଯେ
ମୋତେ ଜାଣିପାରେନା କେଉଁ ପ୍ରବୀଣ ହାତର
କରାମତି ମୋର ଏ ମଧୁର ଭୂଖଣ୍ଡ
କିଏ ସେଇ ପ୍ରବୀଣ କାରିଗର
ହରେକ୍ ବର୍ଣ୍ଣ ହରେକ୍ ଆକୃତିର ତୂଳୀ ଧରି
ଯାର ଅଦୃଶ୍ୟ ହାତରେ ଋତୁମାନେ ଆସନ୍ତି
ମନ ମୁତାବକ ଆଙ୍କି ଲେଖୁଥାଆନ୍ତି ମୋର ଚଉପଟ
କ୍ଷଣ କ୍ଷଣକେ ବଦଳି ଯାଉଥାଏ ଦୃଶ୍ୟ
କିଏ ସେଇ ପ୍ରବୀଣ କାରିଗର ?
କେବେବା ମୁଁ ଝଡ଼ ଝୁଙ୍କି ଝଲସିବାବେଳେ ଖରା ଓ ବାତ୍ୟାରେ
ମୋର ପାଦତଳ ମାଟିରୁ ପୁଣି ତେଜ ଆସେ
ସେଇ ପ୍ରାଚୀନ ହାତ ଯାର ନିର୍ଦ୍ଦେଶରେ :
କିଏ ସେଇ ପ୍ରବୀଣ କାରିଗର ?
ମୋର ପଡ଼ୋଶୀଙ୍କୁ, ମୋର ଆତ୍ମୀୟସ୍ୱଜନଙ୍କୁ
ମୁଁ ବରଂ ଠିକ୍ ଚିହ୍ନିଛି,
ଦୁଷ୍ଟ ହାତଧରି ସେମାନେ ବେଳେ ବେଳେ ଆସନ୍ତି
ଛଡ଼ାଇ ନିଅନ୍ତି ମୋର ଆଖି, ଓଠ, ଜିଭ
ବସ୍ତାକୁ କାଟି ପରି ବେଳେ ବେଳେ ସେମାନେ
ଲୁଟି ନିଅନ୍ତି ମୋ ଦେହର ଲଳିତ କାରୁକାର୍ଯ୍ୟ
ପୁଣି ଅସରୂପା ପରି ଛନ୍ନ ବସନ୍ତି ପରି ଉହାଡ଼ରେ
ମୋର ସଦାଖେଳା ହାତକୁ ଝପଟି ଛଡ଼େଇ ନେବାପାଇଁ

Digitized by PPRACHIN, SOA

ତୋବାର ସୁଖ ଓ ସ୍ୱପ୍ନକୁ
ତଥାପି ସେମାନଙ୍କୁ ମୁଁ ଭଲପାଏ
ଯେମିତି ଚନ୍ଦନ ଭଲପାଏ ପବନର କୋଧକୁ

'ଭୁଲ୍' ବୋଲି ବେଳେ ବେଳେ ମୌନ ଚକ୍ରାରହିଏ ସୁଭେ
ତଥାପି କେଉଁ ଲୋଭନୀୟ କମ୍ପନହିଏ
ଆଚ୍ଛନ୍ନକରୂ ରଖିଥାଏ ମୋତେ କେଜାଣି
ନୀଳ ଲୋହୂର ଲହୂ ଗୁହାକୁ ଗୁହା ବର୍ଷୁଥାଏ
ମୃଦୁ ମୃଦୁ ପବନ ବହୁଥାଏ, ଆରାମ ଲାଗୁଥାଏ
ଲାଲେ ଲାଲ୍ ଗୋଟେ ସୁନ୍ଦରତମ ମିଛ
କଠିଣ ହୃତ୍‌ପିଣ୍ଡକୁ ମୋର ନଚଉଥାଏ ।

କିଛି ଯାଏ ଆସେନା
ଯଦି ଭୁଲ୍ ହୋଇଯାଏ ସବୁ ଦୃଶ୍ୟ,

କିଛିଯାଏ ଆସେନା
ମାଳୀ ଥାଉ କି ନ ଥାଉ ପରଦା ଉହାଡ଼ରେ
କିଛି ଯାଏ ଆସେନା
ଯଦି ପାଦ ଲୋଇ ପଥର ଘଷିରେ
ଛିଡ଼ା ହେବାକୁ ପଡ଼େ ମୋତେ ସାରା ଝଗଡ଼ବେଳ
ଅଥବା ଅଗ୍ନିକ ବାତ୍ୟାରେ ଯଦି
ଛିନ୍ ଭିନ୍ ହୋଇଯାଏ ମୋର ଇତିହାସ
ହରଦମ୍ ଫୁଟୁଥିବା
ଫୁଟି ମହକୁଥିବା
କେଡ଼େ ଚମତ୍କାର !!

କମଳ ବଜାର
ସମ୍ବଲପୁର

—o—

Digitized by PPRACHIN, SOA

ନିର୍ମାଣ ନୁହେଁ କି ନିର୍ବାଣ ନୁହେଁ

ଜେନାଶ୍ରୀ ଭାରତ ଭୂଷଣ

ଗତାୟୁ ସ୍ୱପ୍ନର ଶବପର
ବୁଦ୍ ବୁଦ୍ ର କ୍ଷଣିକ ସ୍ଥାୟିତ୍ୱରେ,
ମିଳାଇଯାଏ ସେ ମାନଧାତା ଅମଳର ଆସକ୍ତି ।
ପଳାତକ ସମୟର ଚଉକାଠେ ଆବଦ୍ଧ
ଅନ୍ୟଏକ ନିତୋଳୀର ଉତ୍ତେଜନା,
ବାଞ୍ଛିତାପ୍ତ ପ୍ରେମର ସେ ଅକ୍ଷୟ ହାହାକାର···ପ୍ରୀତି ଫଳାକାଂକ୍ଷା···
ମୂଲ୍ୟହୀନ ଏ ସାଧନାରେ ଆଜି ।
ବିଡମ୍ବିତ ସେ ଭାବନା ମଧ୍ୟ···
ଫେରିଯାଅ ଫେରିଯାଅ ଲାସ୍ୟମୟୀ ଅବଚ୍ଛେଦ୍ୟାରୁ··· ।
ଚନ୍ଦ୍ରାର ସାମ୍ରାଜ୍ୟ··· । ନିର୍ବାସନ ନେଇ ।
ଏବଂ ଏ ଏକାକୀତ୍ୱ ବରଂ ଭଲ···
ନିରବତା ହିଁ ମଧୁର !
ନିଃସଙ୍ଗତା ହିଁ ଆନନ୍ଦମୟ !!
କରନାହିଁ ତପସ୍ୟାରେ ଆଦର୍ଶଚ୍ୟୁତ ଅଥର୍ବ ଓ ପଙ୍ଗୁ···
ଲେଖିବାକୁ ଦକ୍ଷତାରେ ରକ୍ତ ସ୍ୱର୍ଣ୍ଣାକ୍ଷରେ ସାମ୍ରାଟିକ ଭଗ୍ନଶୀଳାପରେ ।
ଶୁଣି କି ପାରୁନା ତମେ ? ଦେଖିପାରନାହିଁ ଏହି କୃଷ୍ଣମସୀ···
ଚତୁର୍ଦ୍ଦିଗେ ତପସ୍ୱୀର ସାଜ ସାଜ ରବ···
ଦ୍ୱୀତୀୟା ଚନ୍ଦ୍ର ହସ ହସି ହାତଠାରି ଡାକେ ।
ନୂତନତ୍ୱ ଆବାହନ । ପୁରାତନେ ବିସର୍ଜନ ପାଇଁ ଆଜି ସେ ଉଦ୍ୟତ··· ।
କିମ୍ବା ପରିହାସ ଆସି ?
ତପସ୍ୟା ତପସ୍ୱୀ ବିଦୁଷୀ ତମେ ବି ସାଜିଛ ଉର୍ବଶୀ ?
ମନେରଖ ରାଣୀହୁଏ ରାଜ ଭୋଗ୍ୟା 'ନୁହେଁ' ନୁହେଁ ଦାସୀ !
ବ୍ୟର୍ଥଚେଷ୍ଟା । ନଛୁଇଁବ କାଳ ତାକୁ ନଛୁଇଁବ ମସୀ ।
ହେ ବିପ୍ଳବ ! ସଦାସଖା ମୋର ! ଆସ ପ୍ରିୟ ।
ଆସ ବନ୍ଧୁ ସମସ୍ତ ଉତ୍ତୀର୍ଣ୍ଣ ।

Digitized by PPRACHIN, SOA

ଚମ୍ପକଳା

ଏ ଜେ ମାଙ୍ଗଳିକ ମଧୁଲଗ୍ନ !
ସର୍ବେ ଆଜି ଖଡ୍‌ଗହସ୍ତ ସର୍ବଦାଶତତ ନିୟୁକ୍ତ କରିବାକୁ ଭଗ୍ନ !
ତପସ୍ୱୀର ଉଗ୍ରତପ ଶଙ୍କାର କାରଣ ।
କାରଣ ବି ହୋଇପାରେ ସବୁରିମରଣ ।
ଉଗ୍ରଗାମୀ ସେ ତପସ୍ୟା ଅରଜ ଅମର ।
ତା ମଧ ହୋଇପାରେ ସବୁରିତାରଣ ।
ତପସ୍ୟା କରୁଛେ ସର୍ବେ ସସାଗରାଧରା···
ଅନ୍ତରିକ୍ଷ···,ଭଗବାନ, ଗ୍ରହ, ନକ୍ଷତ୍ର ଓ ତାରା··· ।
ହେ ଅଜ୍ଞାତ !
ଐଶୀ ଶକ୍ତି ! !
ଆସ ଅବତରି ।
କର୍ମିତ ଫଳତ ସ୍ତବ୍ଧଚକିତ ଆଜିକ ତୁମବାସପୁଣ୍ୟ ?
ସଂହାର ମୁଦ୍ରାତବ ସତ୍ୟ, ଶିବ, ସୁନ୍ଦର ।
ତାପସର ଚର୍ମନେତ୍ରେ ଅତଚମତ୍କାର ।
ଆସନ୍ତୁଭୁ ! ଛିନ୍ନକର ତପସ୍ୱୀର ଶିର···
କବନ୍ଧରୁ ଜାତହେବ ଏକପରେ ଏକ ନିରବଚ୍ଛିନ୍ନ···
ଯେନ ତବହାତେ ଉପହାର ।
ଛିନ୍ନକର···   ଛିନ୍ନକର··· ।
ଅନନ୍ତ ସମୟ··· ହୋଇ ଅସହାୟ··· ।
ଆଟଗ୍ନୟ ସାଧନା । ଅଟଳ ସାଧକ ।
ସୃଷ୍ଟି ଧ୍ୱଂସ ··· । ପୁନଃ ପୁନଃ । ଧ୍ୱଂସ ସୃଷ୍ଟି ··· ।
ସୃଜବିଶ୍ୱ ନିୟାମକ । ତାରି··· ମାରି··· ଅବା ଦୟାକର··· ।
ନକ୍ଷତ୍ର ନୁହେଁ କି··· ନିର୍ବାଣ ନୁହେଁ ···
ଏ ତପସ୍ୟାର ଅଭିସାରୁ....
ଅନ୍ତିମ ଲଗନେ ଗୃହେଁ ହେବାକୁ ସାକ୍ଷାତ ଈଶ୍ୱର !

ସତ୍ୟନାରାୟଣ ଗାର୍ଡେନ୍
୭-ଟାଏଲର୍ଡସ୍ ଇଷ୍ଟେଟ୍ ସେକେଣ୍ଡଷ୍ଟ୍ରିଟ୍
ମାଡ୍ରାସ-୨୪

—o—

Digitized by PPRACHIN, SOA

॥ ବଞ୍ଚିବାର ମିଠା ମିଠା ଅନେକ ସଂଳାପ ॥

ପୃଥ୍ୱୀରାଜ ପଣ୍ଡା

ସ୍ଥିର ନିର୍ବିକାର ଅନେକ ନିଃଶବ୍ଦତାରେ
ଶୀତଳତା ପୂର୍ଣ୍ଣ ସ୍ତବ୍ଧ ନିଖିଳ
ଦୃଷ୍ଟି-ଇ- ଖୋଜୁଥାଏ ସ୍ୱଚ୍ଛ ଓ ପବିତ୍ର
ଅନୁରାଗ ଅନ୍ୟମନସ୍କତା ଭଳି ବାରମ୍ବାର ହସ୍ତାନ୍ତରିତ
ମାଦକତା । ବିପୁଳରୁ ବିପୁଳତର
ଅସଂଖ୍ୟ ଶୀତଳ ଉଷ୍ମ କଣ୍ଠରେ
ସଂଖ୍ୟାହୀନ ପ୍ରବୃତ୍ତିର ସମ୍ପର୍କର ନିଃସଙ୍ଗତା ଓ
ଅଫୁରନ୍ତ ନିଃଶବ୍ଦତା ପୂର୍ଣ୍ଣ
ଅନିତ୍ୟ କୃଷ୍ଣଚୂଡ଼ାର ଗୁଚ୍ଛ ॥
ନିର୍ମଳ ମାର୍ବଲ ଚଟାଣଉପରେ
ଅସ୍ଥିରତା ପୂର୍ଣ୍ଣସ୍ୱର, ବିମର୍ଷ କେତେ କଣ୍ଠସ୍ୱର
ନିଜସ୍ୱ ଉଜ୍ଜ୍ୱଳ ହସଂତ ଆକାଶଭଳି
ବଞ୍ଚିବାର ମିଠା ମିଠା ଅନେକ ସଂଳାପ ॥

ଯେ କୌଣସି ବିଦାୟର ଅସ୍ପଷ୍ଟ ମୁହୂର୍ତ୍ତରେ
ନିସ୍ତବ୍ଧ ଆଖିର ବାକ୍ୟହୀନ କଣ୍ଟକିତ ଦୂରତ୍ୱ
ଓ ମସ୍ତିଷ୍କ ବନ୍ଧନ ବିବର୍ଜିତ ଦିନମାନଙ୍କ ଭଳି
ନିଃଶବ୍ଦ ପତ୍ରଶାଖାହୀନ
ତୁମ ଗୃହପାଖରେ ଏଯାବତ୍ ଗୋପନରେ
ବସା ବାନ୍ଧିଥିବା ଅହମିକାଶୂନ୍ୟ ବାର୍ତ୍ତାଳାପ:
ଓ ନିର୍ମଳ ନିଜତ୍ୱବିହୀନ
ବ୍ୟକ୍ତିତ୍ୱର ଖଣ୍ଡ ଖଣ୍ଡ ଚେତନାର ନିଦ ॥

ଆନନ୍ଦ କୁଟୀର
ଦଣ୍ଡଭୋଗା
ପୁରୀ ॥

—୦—

Digitized by PPRACHIN, SOA

ଏକ ମୂକ ପଥରର ସ୍ୱଗତୋକ୍ତି

ହୃଷୀକେଶ ପଣ୍ଡା

ଶିଳ୍ପୀ ! ତମେ ସେ ପଥର ମୂର୍ତ୍ତିଟା ପାଖରେ ଠିଆହୋଇ କଣ ସେ ସବୁବେଳେ ଦେଖୁଥାଅ ? ନିଜ ସୃଷ୍ଟିର ରହସ୍ୟମୟ ତଥ୍ୟ ତମେ କଣ ବୁଝିବାକୁ ସମର୍ଥ ହୁଅନାହିଁ ? ଆଉ ତେବେ କଣ, ଇଙ୍ଗିତ ନିର୍ମମ ଭାବରେ ପଥରଟା ସାଙ୍ଗରେ ନିଜକୁ ସ୍ଥାଣୁ କରିନବାକୁ ତମେ ସେ ବ୍ୟାକୁଳ ହେଇଉଠ । ମୁଁ ତ ଅନେକ ଦିନଧରି ଠିକ୍ ସେଇ ମୂର୍ତ୍ତିଟା ପାଖରେ ଅଟକିପଡି ତମକୁ ଦେଖିଆସିଛି । ସେ ପଥରଟା ସାଙ୍ଗରେ ତମର କଣ ବା ସମ୍ପର୍କ ?

ତମେ ଶିଳ୍ପୀ ! ଶିଳ୍ପ ସାଧନାର ଆତ୍ମପ୍ରକାଶ ପରେ ଅଭିନବ ପ୍ରବୃତ୍ତିରେ ତମର ସାଧନାନ୍ତରକୁ ଆଗେଇଯିବାର କଥା । ଅଥଚ ତମେ ଗୋଟେ ନିର୍ଦ୍ଦିଷ୍ଟ ପ୍ରବୃତ୍ତି ପାଖରେ ନିଜକୁ ନିଥର କରି ଦବାକୁ କାହିଁକି ପଣ କରିଥିଲ ?

ଏଇ ମନ୍ଦିର ଦେହରେ ଅସଂଖ୍ୟ ରମଣୀୟ ମୂର୍ତ୍ତି । ତମେ କିନ୍ତୁ ଜଣେ ବିକ୍ଷିପ୍ତ-ବିନ୍ୟାସ ଯୁବତୀ ପାଖରେ ଠିଆହୋଇ କଣ ସେ ସବୁବେଳେ ଭାବୁଥାଅ ! ତମ ସୃଷ୍ଟିର ଚରମଚାତୁରୀ କଣ ସେଇ ଯୁବତୀଟିର ଆଲୁଳାୟିତ ଛନ୍ଦରେ ଆତ୍ମଗୋପନ କରି ରହିଥିଲ ? ତମ ସାଧନାର ସବୁ ରଙ୍ଗ କଣ ସେଇ କୃଷ୍ଣଚିକ୍କଣ ପିଣ୍ଡରେ ଆତ୍ମସ୍ଥ ହୋଇ ରହିଥିଲ ?

ପାଦରେ ନୂପୁର ନାହିଁ । ବାହୁରେ ବାଜୁବନ୍ଧ ନାହିଁ । ଗଳାରେ ଚନ୍ଦ୍ରହାର ନାହିଁ । କୌଣସି କଳ୍ପିତ ପରିପାଟୀ ନାହିଁ । ଅଥଚ ସେଇ ଏକମାତ୍ର ମାମୁଲି ଶାଢ଼ୀଖଣ୍ଡିକ ଭିଡ଼ି ହୋଇଥିବା ଗ୍ରାମ୍ୟତରୁଣୀର ଇତସ୍ତତଃ ସୌନ୍ଦର୍ଯ୍ୟରେ ତମେ ବାରମ୍ବାର ଦୃଷ୍ଟିପାତ କରି କଣ ପିମ୍ପେତ ଖୋଜୁଥାଅ । ଜଣେ ଗ୍ରାମ୍ୟ-ତରୁଣୀର ବିନ୍ୟାସରେ ଆଉ ଅଧିକା କଣ ବା ତମେ ଆଶା କରିପାର ?

ତମେ କଣ ସେ ସେଇ ଯୁବତୀଟିର ଭାସ୍କର୍ଯ୍ୟରେ ଦେଖିବାକୁ ପାଅ ଜାଣେନା । ଅଥଚ ତୁମକୁ ମୁଁ ଏକ ଅଦ୍ଭୁତ ପଲକରେ ଦେଖିବାକୁ ଖୁବ୍ ଭଲପାଏ । ତମେ କେତେବେଳେ ତରୁଣୀଟିର ଉଦାସ ଆଖିରେ ନୀରବ ଆକର୍ଷଣରେ ସଜଳନେତ୍ର ହୋଇଉଠ ତ କେତେବେଳେ ଭୟଙ୍କର ପ୍ରଳାପ କରି ମନକୁ ମନ ଶାନ୍ତ ପଡ଼ିଯାଅ । ମୁଁ ତମ ପଥର ମୂର୍ତ୍ତିର କୌଣସି ମନସ୍ତତ୍ତ୍ୱ

Digitized by PPRACHIN, SOA

ବୁଝିନପାରିଲେ ବି ତମକୁ ଏଇଭଳି ଅବସ୍ଥାରେ ଦେଖିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ ଅବାଧ ପିଲଟି ଘର ମନ୍ଦିର ପାଖକୁ ଛୁଟିଆସେ ।

ତମର ନିଶ୍ଚେ ମନେଥିବ । ଦିନେ ତମକୁ ମୁଁ ଗୋଟେ ପଥର ଦିହରେ ଗ୍ରାମ୍ୟ ଯୁବତୀର ଏକ ଜୀବନ୍ତ ଚିତ୍ର ଆଙ୍କିଦବାକୁ ଅନୁରୋଧ କରିଥିଲି । ମୁଁ ଭଲକରି ଜାଣିଥିଲି ତମବିନୁ ଅନ୍ୟକେହି ନିର୍ଜୀବ ପଥର ଦିହରେ ପ୍ରାଣସଞ୍ଚାର କରିପାରିବେନି । ହେଲେ ତମେ କଣ ସେଦିନ ମୋ ଅନୁରୋଧ ରକ୍ଷା କରି-ଥିଲ ! ତମର ଉଦାସ ଆଖି ଦୁଇଟି ଘନ ଘନ ମନ୍ଦିରର ସେଇ ମୂର୍ତ୍ତିଟି ଆଡ଼େ ଗୁହିଁରହିଥିଲା । ମୁଁ ଲକ୍ଷ୍ୟ କରିଥିଲି, ଅକାଣ୍ଡରେ ହଠାତ ଦୁଇବୁନ୍ଦା ଲୁହ ତୁମ ଆଖିରୁ ନଗଡ଼ି ଆସିବାର । ତମେ ମତେ କହିଥିଲ—'ନା, କ୍ଷମା କରିବେ । ଏ ପଥର ଦିହରେ ଜୀବନ୍ୟାସ ଦବାର ସମସ୍ତ ଶକ୍ତି ମୁଁ ହରେଇ ବସିଚି । ଏ ପଥର ଦିହରେ କୌଣସି ଗ୍ରାମ୍ୟଯୁବତୀର ଚିତ୍ର...... ନା, ନା, ଅସମ୍ଭବ !

ହଠାତ୍ ତମ କଣ୍ଠସ୍ୱର ଆର୍ଦ୍ର ହୋଇଆସିଲା । ତମେ ମୋଠାରୁ ଉଠି ଚାଲିଗଲେ । ସେଇ ଦିନଠୁଁ ତମ ଆଖିରେ ମୁଁ ସଦାବେଳେ ଦେଖିଆସିଚି ଠିକ ସେଇ ଲୁହ ଦୁଇ ବୁନ୍ଦା ।

ଶିଳ୍ପୀ ! ସେହି କଣ ତମ ଜୀବନର ପ୍ରଥମ ଆଉ ଶେଷକୃତି ? କମିତି ନୁହେଁ, ତମେ ତାପରେ ତ ଆଉ କୌଣସି ପଥର ଦିହକୁ ସୁଦ୍ଧା ସ୍ପର୍ଶ କରିନାହଁ ! ତମେ କଣ ଭାବ—ସେହି ତମ ଜୀବନର ଶ୍ରେଷ୍ଠ ସାଧନା ? କମିତି ଜଣେ ସରଳା ଗ୍ରାମ୍ୟଯୁବତୀର ଇତସ୍ତତଃ ସୌନ୍ଦର୍ଯ୍ୟ ପାଖରେ କଣ ତମ ସାଧନାର ସମସ୍ତ ଉତ୍ସ ସମାପ୍ତ ହୋଇଗଲା ? ଏ ଦୁନିଆର ରୂପ-ରଙ୍ଗ-ରସ ସବୁକଣ ତମେ ତାର ପାଖରେ ଅନୁଭବ କରିଥିଲ ? ତମେ କଣ ଭାବ ଯେ ତାକୁ ବାଦ୍‌ଦେଲେ ଆଉ ସମସ୍ତ ସାଧନା ଅପୂର୍ଣ୍ଣ, ଆତ୍ମପ୍ରକାଶହୀନ ??

ଜୀବନ ସଂସାରର ଅନ୍ତରଙ୍ଗ ତମେ କଣ ଜାଣିଛ ଶିଳ୍ପୀ ? ନିଶ୍ଚେ ଜାଣିଥିବ । ନହେଲେ ତମ ସାଧନା ତମ ସୃଷ୍ଟିର ଚରମ ପରିସମାପ୍ତି କାହିଁକି ହଠାତ୍ ନିସ୍ପନ୍ଦ ହୋଇଗଲା ? ତମ ନିହାଣ କାହିଁକି ଗ୍ରାସ୍ଫର୍ଯ୍ୟର ଅଥାହ ଭିତରେ ମିଶିଯିବାକୁ ତମକୁ ଉତ୍ତ୍ୟକ୍ତ କଲାନାହିଁ ? ତମ ହାତୁଡ଼ିର ଠକ୍ ଠକ୍ ଶବ୍ଦ ନିର୍ଜନ ମନ୍ଦିରର ଗମ୍ଭୀରରେ କମିତି ଆତ୍ମପ୍ରତ୍ୟୟରେ ଶିହରୀ ଉଠେ । ତମେ ଅଯତ୍ନ ପଥରଟାର ବୁକୁରେ ଘନ ଘନ କଳ୍ପନାର ପ୍ରଲେପ ଦେଇ ମସୃଣ କରିଦବାକୁ ଅଧୀର ହୋଇଉଠ । ତମେ ଗୁହଁ, ତା ଦିହରେ ଇମିତି ଏକ ଶିଳ୍ପ ଗୃତୁରୀର ସଙ୍କେତ ଦବ ଯାହା ଚିରନ୍ତନ ଥିବ । ସାଧନାର ସୀମାନ୍ତ ଥିବ ।

Digitized by PPRACHIN, SOA

ସେଥିପାଇଁ ବୋଧ ହୁଏ ତମେ ପଥରଟା ସାଙ୍ଗରେ ଅନେକ ବିନିଦ୍ର ରଜନୀ ଅତିବାହିତ କରିଦେଇଛ । କେତେ କଳକଲ୍ଲୋଳ ଭିତରେ ମୁଁ ଲକ୍ଷ୍ୟକରିଛି ତମେ କେବଳ ଠକ୍ ଠକ୍ ଶବ୍ଦର ଆବର୍ତ୍ତି ଭିତରେ ଧ୍ୟାନ ବୁଡ଼ିଛ । ନିଦ ରାତିରେ ଯେତେବେଳେ ମୋର ନିଦ ଭାଙ୍ଗି ଯାଏ ଶୁଣେ ଗୋଟେ ଅସ୍ପଷ୍ଟ ଶବ୍ଦ ଅଦୂରରୁ ଭାସି ଆସୁଥିବାର । ମୁଁ ତା'ପରେ ଆଉ ଶୋଇପାରେ ନାହିଁ । ସେଇ ଶବ୍ଦ ତରଙ୍ଗର ପ୍ରତୀକ୍ଷାରେ ଅବଶିଷ୍ଟ ଅନ୍ଧକାରକୁ ଅତିକ୍ରମି ଯାଏ ।

ଶିଳ୍ପୀ ପଥର ଦେହରେ ପ୍ରାଣ ସଞ୍ଚାର କରିବାକୁ ଯାଇ ତମେ ନିଜର ସତ୍ତାକୁ କଣ ତାଠି ସମର୍ପି ଦେଲ ? ନହେଲେ ଏତେଦିନ ଧରି ସେଇ ମୂର୍ତ୍ତିଟି ପାଖରେ ଠିଆ ହୋଇ ନିର୍ବାକ୍ ହେଇଯିବାକୁ ତମକୁ କଣ ଭଲ ଲାଗନ୍ତା ? କଣ ରାତି— ନିର୍ଜନ ହେଇ ଆସିଲେ ହାତୁଡ଼ିର ଠକ୍-ଠକ୍ ଶବ୍ଦ ତମ କାନରେ ଆସି ଅଜାଡ଼ି ପଡ଼େନା । କୁହ ଯଦିପଡ଼େ; ତମେ କମିତି ନିରବରହି ସବୁ ଶୁଣିଯାଅ ।

ମୁଁ ତ ଶିଳ୍ପୀ ନୁହେଁ । କମିତି ଜାଣିବି ତମ ମନରେ ଥିବା ନିର୍ଜନତାର ବ୍ୟଥା । ତମେ କାହିଁକି ଅଗ୍ରନିକ ହାତୁଡ଼ି ଫିଙ୍ଗିଦେଲ ଅଥବା ହେଇଗଲ କମିତି କାଣିବି କୁହ ! ସେଇ ଲଜ୍ୟାଶୀଳା ଯୁବତୀଟିର ନିରବ ଆକର୍ଷଣରେ ତମେ କାହିଁକି ମୁହୂର୍ତ୍ତି ମୁହୂର୍ତ୍ତିଧରି ଗମ୍ଭୀର ହେଇଯାଅ ସେ କଥା କଣ ମୁଁ ବୁଝିବାକୁ ସମର୍ଥ ହୁଏ... ? କେବଳ ଏତିକି ବୁଝେ ତମ କୃତିକୁ ତମେ ନିଜେ ଦେଖି ନିଥର ହେଇପଡ଼ । ବୋଧହୁଏ ଶିଳ୍ପୀ ତାର ଚରମ ପରି ପ୍ରକାଶରେ ନିଜସୃଷ୍ଟିର କ୍ଷମତା ହରେଇ ନିଃସ୍ୱ ବନିଯାଏ ! ତମେ ତ ଶିଳ୍ପୀ । ଜାଣିଥିବ ନିଷ୍ଟସ୍ୱ, ବିନିଦ୍ର ପ୍ରତୀକ୍ଷାର ଯନ୍ତ୍ରଣା ତମେ ନିଶ୍ଚେ ଅଙ୍ଗେ ନିଭେଇ ଥିବ । ତମ ସାଧନାର ଚରମ ପରି ସମାପ୍ତିକୁ ଦେଖି ନିଷ୍ଟସ୍ୱ ଅଥବା ପାଲଟି ଯାଇଥିବ ।

କୁହ ଶିଳ୍ପୀ ! ଯନ୍ତ୍ରଣା ଭିତରେ ସଢି ସଢି ତମେ କଣ ନିଜକୁ ବାରମ୍ବାର ଆଶ୍ୱାସନା ଦବାକୁ ଭୁଲିଯାଇଥିବ । ଅସମାପ୍ତ ପଥର ଦେହରେ ଯେତେବେଳେ ନିର୍ଜନ-ରାତିର ତରଙ୍ଗଭିତରେ ତମେ ଉବୁଟୁବୁ ହଉଥିଲ ସେତେବେଳେ କଣ ମୁହୂର୍ତ୍ତେ ପାଇଁ ମନକୁ ଆଶ୍ୱାସନା ଦେଉ ନଥିବ । ଗଣ୍ଡ ଉପରେ ଇତସ୍ତତଃ ହୋଇ ପଡ଼ିଥିବା କେଶରାଶିଟିର ଶେଷପ୍ରକାଶ ପର୍ଯ୍ୟନ୍ତ ତମେ କଣ ଆଶ୍ୱାସନାର ଆତ୍ମପ୍ରତ୍ୟୟରେ ଶିହରି ଉଠି ନଥିବ । ଆଉ ଶତ- ବିନିଦ୍ର ରଜନୀ ଅତିବାହିତ ହବାପରେ ଯେତେବେଳେ ପ୍ରଥମ ପ୍ରଭାତର ଆଲୋକରେ କୃତିକୁ ପ୍ରଥମ ଦୃଷ୍ଟିପାତ କରିଥିବ ସେତେବେଳେ ଆଶ୍ୱାସନାର ଝଲକାଏ ରଶ୍ମି କଣ ତମ ଆଖିର ପଲକକୁ ଝଲସେଇ ଦେଇ ନଥିବ ।

Digitized by PPRACHIN, SOA

ତମପରି ଯଦି ମୁଁ ଜଣେ ଶିଳ୍ପୀ ହୋଇଥାନ୍ତି ତେବେ କଣ ଏତିକି ବୁଝିବାକୁ ମତେ ବଳମ୍ବ ଲାଗନ୍ତା । ତମ ସ୍ୱଗତୋକ୍ତି ମୁଁ କମିତି ବୁଝିବି କହିଲ ? ତମେ ଗୋଟେ ନର୍ଜିବ ପଥର ଦେହରେ ଏତେ ଅମାପ ପ୍ରାଚୁର୍ଯ୍ୟ ଭରିଦେଲ ଯେ, ସବୁ ଚନ୍ଦ୍ରାଶନ୍ତର ସମଗ୍ର କଳ୍ପନାର ସୀମା ଟପି ଗ୍ଲଲଗଲା । ତମେ ଇମିତି ନର୍ଦ୍ଧାକ୍ ହୋଇ ସବୁଦନ ପାଇଁ ଗୋଟେ ପଥର ସାଙ୍ଗରେ ପଥର ପାଲଟି ଗଲ ଯେ, କୁହ ମୁଁ କଣ କଉପାରିଥାନ୍ତି କମିତି ବୁଝିପାରିଥାନ୍ତି ତମ ସାଧନାର ମର୍ମ ?

ଶତ ଅନୁରୋଧ ସତ୍ତ୍ୱେ ବ ତମେ ଥରେ ହେଲେ ପାଟି ଖୋଲିଲ ନାହିଁ, ଥରେ ହେଲେ କହିଲେ ନାହିଁ ମୂର୍ତ୍ତିଟିର ନୟନପ୍ରାନ୍ତରେ ଭରି ହୋଇଥିବା ଅଶ୍ରୁର ବିଡ଼ମ୍ବନା । ଆଉ କହିଗଲ ନାହିଁ ତମେ କାହିଁକି ଚରମ ପରିପ୍ରକାଶର ପଣ କରି ନସ୍ତବ୍ଧ ହେଇଗଲେ ? ତମେ ତ ନୀରବରହିଗଲ । ତମ ସାଧନାର ମର୍ମ-ବ୍ୟଥା କିଏ ଆଉ କହିବ । ମୁଁ ଯେ ପଣକରିଥିଲି ତମପାଖରୁ ଶୁଣିବାକୁ ତମର ରହସ୍ୟମୟ ତଥ୍ୟ । ମୁଁ ଯେ ତମ ଯନ୍ତ୍ରଣା ସହ ନିମାଂସିତ ହୋଇ କଟେଇ ଦେଇଚ ଅନେକ ବନିଦ୍ର ରଜନୀ । ତମ ଅଶ୍ରୁର ଆର୍ଦ୍ରତା ଅନେକବାର ମୋ ପଲକଙ୍କ ଛୁଇଁ ମୋ ଅକାରଣରେ ସୃଷ୍ଟି କରିଚ ଅଜସ୍ର ଅଶ୍ରୁ ବିନ୍ଦୁ । ଏ ସବୁ ପ୍ରତୀକ୍ଷା, ଉତ୍କଣ୍ଠା ସବୁଦନ ପାଇଁ ନିଷ୍ଫଳ ହୋଇଯିବ ଏକଥା କଣ ମୁଁ ଜାଣିଥିଲି ? ତମେ କଣ ତମ ପୂର୍ଣ୍ଣତାର ପ୍ରକାଶ ପରେ ଶପଥ କରିଥିଲ ସବୁଦନ ପାଇଁ ମୂକ ହେଇଯିବାକୁ !

ନା-ଶିଳ୍ପୀ । ତମେ ଇମିତି ନିଷ୍ଠୁର ପ୍ରତିଜ୍ଞା କଦାପି କରିନଥିବ । ତମେ ଶିଳ୍ପୀ । ତମ କଳ୍ପନାର ରଂଗ କେତେ ରଙ୍ଗୀନ୍ ହେଇଥିବ ! ତମ ସାଧନାର ସ୍ରୋତ କେତେ ପ୍ରଖର ହୋଇଥିବ । ତମେ କଦାପି କିଛି ପଣ କରିନଥିବ ।

ମତେ କାହିଁକି ସେଦିନ ଖୁବ୍ ଡ଼ର ମାଡ଼ିଥିଲା । ତମେ ଯଦି ମୋର ସମସ୍ତ ଅନୁରୋଧକୁ ପଛରେ ପକାଇ ନୀରବ ରହିଯାଅ, ତମେ ଯଦି ମୂକ ହେଇଯିବାର ପ୍ରତିଜ୍ଞାରେ ସିମିତି ଅଟଳ ରହିଯାଅ ତେବେ, ତେବେ···ମୁଁ ଯେ ତମଠାରୁ ସକଳ ତଥ୍ୟ ଶୁଣିବାକୁ ପଣକରି ସାରିଚ । ତମେ ନୀରବ ରହିଗଲେ ମୋ ପଣ ମୁଁ କଣ ଆଉ ଫେରେଇ ନେଇ ପାରିବ ! ତମେ କଣ ଭାବ ଯେ ମୋ ପଣର କିଛି ଗୋଟେ ମାନେ ନାହିଁ ।

ହଁ, ତମେ କେବଳ ନଜକୁ ହିଁ ଚହ୍ନିଜାଣ । ଅନ୍ୟର । ଅନ୍ତର ବୁଝିଥିଲେ କଣ ଏ ପଣ କରିବାକୁ ଆଗେଇ ଆସିଥାନ୍ତ । ଗୋଟେ ପଥର ଦେହରେ ସାଧନାର ସମସ୍ତ ରଙ୍ଗମାଖି କଣ କାଙ୍ଗାଳ ହେଇଯାଇଥାନ୍ତି ?

Digitized by PPRACHIN, SOA

ତେଣୁ ତୁମେ ସ୍ୱାର୍ଥପର । ଗୋଟେ ରୂପକୁ ହୃଦୟସ୍ଥ କରି ତୁମେ ସାଧନାର ରଙ୍ଗମାଖୁଥିଲ । ତୁମେ କେବଳ ସେଇ ପଥରଟିର ପ୍ରାଣରେ ପ୍ରାଚୁର୍ଯ୍ୟ ଭରିଦବା ପାଇଁ ନିହାଣ ଧରିଥିଲ ।

ମନକୁ ଆଶ୍ୱାସନ ଦେଇ ଅଳ୍ପ ପିବା ପରେ ତୁମକୁ କହିଥିଲି—"ଶିଳ୍ପୀ ! ତୁମକୁ ଶେଷ ଅନୁରୋଧ । ତୁମେ ଥରେ ଖୋଲ୍ ପାଟି ଖୋଲ ପଥର ଦ୍ୱାରରେ ପ୍ରାଣ ସଂଗ୍ରହ କରିଦିଅ । କହିଦିଅ ଥରେ କାହିଁକି ତୁମେ ଗ୍ରାମ୍ୟ ଯୁବତୀର ଫୁଙ୍ଗୁଳା ଦେହରେ ତୁମ ସାଧନାର ସମଗ୍ରଚେତନା ଅକୁଣ୍ଠଭାବରେ ଭରିଦେଲ । କାହିଁକି ତା'ର ପାଖରେ ମାସ ମାସ ଧରି ପଥରପରି ଠିଆହୋଇଛ ।

ଯଦି ସାଧନାର ଉଦ୍ୟମ ପରିସମାପ୍ତି ପରେ ତୁମେ ନିସ୍ପନ୍ଦ ହୋଇଯିବ ଏକଥା ଜାଣିଥିଲ ତେବେ କାହିଁକି ସେଇ ଗ୍ରାମ୍ୟ ଯୁବତୀ ପାଖରେ ନିଜକୁ ଏତେଟା ଦରିଦ୍ର କରିଦେଲ ? କାହିଁକି ତୁମେ ବାନ୍ଧିଦେଲ ନାହିଁ ଯତ୍ନରେ ତା'ର ଆଲୁଳାୟିତ କେଶଗୁଚ୍ଛ ।। କାହିଁକି ତା ଗଳାରେ ଲମ୍ବାଇ ଦେଲ ନାହିଁ ମଣିମୁକ୍ତାର ଦୁର୍ମୂଲ୍ୟ ହାର ।। କାହିଁକି ତା' ବାହୁରେ ବାଜୁବନ୍ଧ ବାନ୍ଧି ପାଦରେ ନୂପୁର ପିନ୍ଧେଇ ରୁଣୁଝୁଣୁ ତାନରେ ଉନ୍ମାଦ ହୋଇ ନ ଉଠିଲ ଶିଳ୍ପୀ......? ତୁମେ ଜାଣି ଶୁଣି ଜଣେ ରୂପସୀ ଯୁବତୀର ପରିଚ୍ଛଦକୁ ଆଚ୍ଛନ୍ନ କରି ବିପର୍ଯ୍ୟସ୍ତ କରିଦେଲ । ତୁମେ ସିନା ବୁଝି ପାରିବ ତୁମ ସାଧନାର ରହସ୍ୟମୟ ତଥ୍ୟ । ହେଲେ ଅନ୍ୟମାନେ କିମିତି ବୁଝିବେ ତୁମ ବିନିଦ୍ରରାତିର ଶତବେଦନାକ୍ତ ବ୍ୟଥା ?

ମୁଁ ଜାଣିଥିଲି ତୁମେ ତୁମ ଟଙ୍କାରୁ କେବେହେଲେ କ୍ଷାନ୍ତ ହେବ ନାହିଁ । ଇମିତି ଆହୁରି କେତେ ବିନିଦ୍ର ପ୍ରତୀକ୍ଷାର ରାତି ପାହିଯିବ । ତୁମେ କେବଳ ଜଣେ କାଙ୍ଗାଳର ଶୂନ୍ୟ ହୃଦୟନେଇ ସବୁ କିଛି ମୋର ନିରର୍ଥକ କରିଦବ ।

କିନ୍ତୁ ହଠାତ୍ ଦିନେ ପାହାଡ଼ର ବୁକୁ ଜଳରାଶି ଗ୍ରୁତପଟେଇ ଉଚ୍ଛୁଳି ଉଠିଲା ପରି ତୁମ ଆଖିରେ ଭରିଗଲା ଅସରନ୍ତି ଅଶ୍ରୁଧାର । ସେଇ ସେ ନିର୍ଜନ ରାତି ! ଅନ୍ଧକାରର ନିଃଶବ୍ଦ ରାଜତ୍ୱ । ତୁମଠୁ ଅନତିଦୂରରେ ମୁଁ ମନର ସମସ୍ତ ସନ୍ତାପ ପୋଛି ଦେଇ ବସିଥିଲି । କିମିତି ଲେଖିବି ଶିଳ୍ପୀ ସେଦିନର ସେ ବେଦନାକୀର୍ଣ୍ଣ ଆକୁଳ ଅନୁଭୂତି । ସେ ଯେ ଏକ ନିର୍ମମ ବିଡ଼ମ୍ବନା । ଅବ୍ୟକ୍ତ ଅଭିବ୍ୟକ୍ତି ।

ତୁମ ହୃଦୟରେ ଭରିରହିଥିଲା ଅସମ୍ଭବ ଉତ୍ତାପ । ତୁମେ ମୋତେ ନିଘଞ୍ଚ ଭାବରେ ଆଲିଙ୍ଗନ କଲ । ଉଷ୍ମ ବନ୍ଧନରେ ସେ ଥିଲା ଏକ ମଧୁର-କୋମଳ ସ୍ପର୍ଶ । ତା'ପରେ ତୁମେ ମୋର ସମସ୍ତ ବ୍ୟାକୁଳତାକୁ ନିଷ୍ଫଳ କରିଦେଇ ପାଟି ଖୋଲିବାକୁ

Digitized by PPRACHIN, SOA

ଚେଷ୍ଟା କଲ । ଜନ୍ମ ଜନ୍ମର ପିପାସିତ ଆତ୍ମା ସେଦିନ ତମକୁ ଆକଂଠ ପାନ କରି ସୁଦ୍ଧା ପରିତୃପ୍ତି ପାଇ ନଥିଲା । ଗୃହ୍ଣି ଥିଲ ତାପରେ, ଅନେକ……

ରାତିର ନିର୍ଜନତା ଧୀରେ ଧୀରେ ଅସ୍ଥିର ହୋଇପଡୁଥିଲା । ମନରେ ଭରି ଆସୁଥିଲା ଅସରନ୍ତି ଆବେଗ । ମନ୍ଦିରର ଅଯତ୍ନ ପଥର ସ୍ତୂପରେ ବସି କାହିଁକି କେଜାଣି ମୁଁ ଏକ ଅହେତୁକ ଉତ୍ତେଜନାରେ ଅଥିର ହୋଇପଡୁଥିଲି । ହେଲେ ସେଦିନ ସେଇ ଉତ୍ତେଜନା ଜୀବନର ଚରମ ବିଡ଼ମ୍ବନା ହେବ ବୋଲି କଣ ମୁଁ ଜାଣିଥିଲି ।

ତମେ ଖୁବ୍ ଜୋର୍‌ରେ ମତେ କୁଣ୍ଢେଇ ଧରିଲ । କେତେ କଣ ଅକୁହା ଯାତନା ଏକାବେଳକେ କହିଦେବା ପାଇଁ ତମେ ପ୍ରବଳ ଚେଷ୍ଟା କଲ । କିନ୍ତୁ ତମ କଣ୍ଠ ଦେଶରେ କିଏ ଜଣେ ନିଷ୍ଠୁର ପ୍ରହରୀ ପଥରୋଧ କରୁଥିଲା । ମୁଁ ଉତ୍କଣ୍ଠିତ ହଉଥିଲି । ତମ ଆଖି ଘନ ଘନ ବେଦନାକ୍ତ ହୋଇପଡୁଥିଲା । ତମେ ଗୃହ୍ଣି ଥିଲ ନିବିଡ଼ ଭାବରେ ତରୁଣୀଟି ଆଡ଼େ ।

କିନ୍ତୁ କଣ ହେଲା ? ତମ ପାଟି ଭିତରେ ଅକୁହା କଥାତକ ଦିନୁଦିନ ପାଇଁ ନିରୁଦ୍ ହୋଇ ରହିଗଲା । ପଥର ସାଙ୍ଗରେ ପଥର ବନିଯିବାର ଚରମ ଶପଥ ନେଇ ତମେ ନିସ୍ପନ୍ଦ ହୋଇଗଲ । ସତେକି ଏକ ମନ୍ତ୍ରଣାମୟ ଆଥର୍ବତନ୍ଦ୍ରା । ସାହାଯ୍ୟର ସଙ୍କା ଥିଲା ସେଠି ଏକ ବ୍ୟଥାର ବିଦ୍ରୋହ ।

ସେଦିନର ରାତି ହେଲା ଆହୁରି ନିଃଶବ୍ଦ । ନିକୃତି ହେଲା ଆହୁରି ନିଥର ସମସ୍ତ ଭାବନା କିଛି କ୍ଷଣ ପାଇଁ ଅଥର୍ବ ହୋଇଗଲା, ସବୁ ଶୂନ୍‌ଶାନ୍ ଶୋଇପଡ଼ିଲେ ତାପରେ………।

ଦୁଃଖ ନାହିଁ ଶିଳ୍ପୀ ! ତମ ମୁହଁରୁ ନ ଶୁଣିଲେ ବି ତମ ଆଖିର ନିଶ୍ଚଳ ପଲକରେ, ଉଦାସ ମୁହଁର ମାଳିନ୍ୟରେ ମୁଁ ଲକ୍ଷ୍ୟ କରିଚି ଅନେକ ଇଙ୍ଗିତ । ଇମିତି ଅନେକ ଅଭିବ୍ୟକ୍ତି ଅଛି ଯାହା ନିର୍ବ-ଅର୍ଥପୂର୍ଣ୍ଣ । ରାତିର ନିର୍ଜନତା ଭିତରେ ତମେ ଜାଣିପାରନା ଯେ ତମ ଅଲକ୍ଷ୍ୟରେ ରହି ମୁଁ କିମିତି ତମର ମନସ୍ତତ୍ତ୍ୱ ବଝିବାକୁ ଯାଇ କ୍ଳାନ୍ତ ହୋଇ ପଡ଼େ ।

ମୁଁ ଅନେକ ଥର ଲକ୍ଷ୍ୟ କରିଚି ତମ ଭାବନାର ସାଗର ବକ୍ଷରେ ଉଚ୍ଛୁଳି ଉଠିଥିବାର ଅକଳନ୍ତ ଅବ୍ୟକ୍ତ ତରଙ୍ଗ । ତମେ ଜଣେ କାଙ୍ଗାଳର ନିଃସହାୟତା ବୋଧରେ ବାରମ୍ବାର ମାଗିଛ ଆଲପାଏ ମୁଠିଏ ଆତ୍ମସନ୍ତୋଷର ଭିକ୍ଷା । ନିର୍ଜନ ମନର ନିବୃଜ ଗୁହାରେ ଅନେକବାର ବିଳପି ଉଠିଚ ଅସହାୟ ଭାବରେ । କିଛି ଭାବିବାକୁ

Digitized by PPRACHIN, SOA

ଯାଇ ଅଟକି ଯାଇଛି ତମର ସମଗ୍ର ସଂବେଗ ଯୁବତୀଟିର କେଶକ୍ଲିଷ୍ଟ କପାଳର କୁଂଚନରେ । ତମ ମୁହୂର୍ତ୍ତରେ ସମସ୍ତ ଶବ୍ଦପୁଞ୍ଜ ହଠାତ୍ ଅବ୍ୟକ୍ତ ଯନ୍ତ୍ରଣାରେ କଣ୍ଠାରୁଦ୍ଧ ହୋଇଚନ୍ତି ତରୁଣୀଟିର ଚିକ୍କଣ ଅଧରର ସ୍ପନ୍ଦନରେ । ତମେ ଅନେକ ଗୃହିଚ । ଅଥଚ ଘନ ଘନ ଅନୁଭବ କରିଚ ତମ ଭିତରେ ଥିବା ନିଜତ୍ୱକୁ ନପାଇ ନିଃସ୍ୱ ବୋଲି । ସେଇ 'ନିଜତ୍ୱ' ବାରମ୍ବାର ତମରି ଆଗରେ ଚିତ୍କାର କରି ଉଠିଚି ମୁଁ ତମଠାରେ ।' ମୋର କେବେ ବିନାଶ ହୁଏନା । ମୁଁ ଏକ ଚିରନ୍ତନ । ଅଥାହ । ତମେ ଓ ମୁଁ ଏକ ତଥା ଅଭିନ୍ନ । ତମର "ନିଜତ୍ୱ" ଏକ ମହାନ୍ ବ୍ୟକ୍ତିତ୍ୱ । ଶିଳ୍ପୀ ! ଗୃହିଁ ଦେଖ କମ୍ପିତ ପ୍ରଦୀପ୍ତ ଚକ୍ଷୁରେ ପ୍ରତିଭାତ ତମରି "ନିଜତ୍ୱ ।" ତମେ ନିଃସ୍ୱ ନୁହଁ । ଅମାପ ବ୍ୟକ୍ତିତ୍ୱର ଅଧିକାରୀ । ତମେ ଏକ ଅକାଟ୍ୟ ସିଦ୍ଧାନ୍ତର । ଅନନ୍ୟ ବ୍ୟତିକ୍ରମ ।

ହୃଷୀକେଶ ପଣ୍ଡା
(ଯୁଗ୍ମସମ୍ପାଦକ)
ମହାଶକ୍ତି ରାଷ୍ଟ୍ରିୟ ସାଂସ୍କୃତିକ ପରିଷଦ
ଏ-୧, ଫରେଷ୍ଟ ପାର୍କ
ଭୁବନେଶ୍ୱର-୭୫୧୦୦୯

Digitized by PPRACHIN, SOA

ନେପାଳ କୁମାରୀ

ଶଶିଭୂଷଣ ରଥ

କାଠମାଣ୍ଡୁର ଆବାଳବୃଦ୍ଧବନିତା ଜାଣନ୍ତି ଯେ ଜଣେ କୁମାରୀ ରାଜାଙ୍କୁ ଆଶୀର୍ବାଦ ଦେବାପରେ, ନେପାଳ ରାଜା ସର୍ବ ଶକ୍ତିମାନ ହୁଅନ୍ତି । କେବଳ ଜଣେ ଅଳ୍ପ ବୟସ୍କ କୁମାରୀ ସମ୍ମୁଖରେ ରାଜମୁକୁଟ ନମିତହୁଏ । ମୁଁ ଜାଣେନା ଏ ପ୍ରକାର ପ୍ରଚଳିତ ଘଟଣା ଏବଂ ପ୍ରଥା ଆଧୁନିକ ଯୁଗରେ ପ୍ରଗତିତ ନାରୀଙ୍କୁ ଏକ ନାରୀବାଦୀଷ୍ଟତାକୁ କି ଭାବରେ ଉତ୍ସାହ ଦେବ ।

କାଠମାଣ୍ଡୁରେ ପହଞ୍ଚୁ ପହଞ୍ଚୁ ପରିଦର୍ଶକ ବିଭିନ୍ନ ରଙ୍ଗୀନ କାର୍ଡ ଏବଂ ପତ୍ରପତ୍ରିକାରେ ଦେଖନ୍ତି ଶ୍ରେଷ୍ଠ ବାଳକାଟିର ମୂର୍ତ୍ତି । ଦିଗଦର୍ଶୀମାନେ ମଧ୍ୟ କଥା ପ୍ରସଙ୍ଗରେ କହନ୍ତି ଯେ ନେପାଳକୁମାରୀ କାଠମାଣ୍ଡୁର ମଧ୍ୟ ଦେଶରେ ଥିବା ଏକ ପ୍ରାଚୀନ ପ୍ରାସାଦରେ ରହନ୍ତି । କେଜାଣି କାହିଁକି ପରୀ ରାଇଜର କାହାଣୀସବୁ ମନେପଡ଼େ । ସେ ରହୁଥିବା ପ୍ରାସାଦର ଝରକା ଦେଖିଲେ କେମିତିଆ ରହସ୍ୟମୟ ଲାଗେ । ଷୋଡ଼ଶ ଶତାବ୍ଦୀରେ ରାଜା ଜୟ ପ୍ରକାଶ ମଲ୍ଲଙ୍କ ଦ୍ୱାରା ନିର୍ମିତ କାଠ ଖୋଦେଇ ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ଏ ଝରକାଦେଇ ନିର୍ଦ୍ଦିଷ୍ଟ ଦିବସ ମାନଙ୍କରେ ନେପାଳକୁମାରୀ ଦର୍ଶନ ଦେଇଥାନ୍ତି ।

କୁମାରୀ ବାଳକାଟିର ମୁହଁଟିରେ ଅଦ୍ଭୁତ ପ୍ରକାର ପ୍ରଲେପ ଦିଆଯାଏ, ପ୍ରତ୍ୟହ ଏବଂ ଦିବସରେ ନିର୍ଦ୍ଦିଷ୍ଟ ସମୟରେ । ଭ୍ରୂଲତା, ଚକ୍ଷୁ ଓ ଓଷ୍ଠରେ ଅତ୍ୟଧିକ ପ୍ରଲେପ ଯୋଗୁଁ ମୁହଁଟି ଏକ ପ୍ରକାର ନିର୍ଜୀବ ମୁଖାପରି ମନେହୋଇଥାଏ । ଏ ପ୍ରକାର ମୁଖ ପ୍ରସାଧନସହ ଅନେକ ଅଳଂକାରରେ ବିଭୂଷିତା କରାଯାଇଥିବାରୁ ଏକ ରାଜକୀୟ ବ୍ୟକ୍ତିତ୍ୱ ଫୁଟିଉଠିଥାଏ ।

ନେପାଳକୁମାରୀସହ ଅନେକ ବିଶ୍ୱାସ ଏବଂ କିମ୍ବଦନ୍ତୀ ଜଡ଼ିତ । ରହସ୍ୟମୟୀ ନେପାଳକୁମାରୀକୁ ଓ ଏବେବି ପ୍ରଚଳିତ ଅନେକ ପ୍ରଥାକୁ ଅନୁଧ୍ୟାନକଲେ ଜଣାଯାଏ ଯେ ପ୍ରକୃତରେ ପ୍ରାଚୀନ ବିଶ୍ୱାସହିଁ ମଣିଷ ମଣିଷ ମଧ୍ୟରେ ଗୋଷ୍ଠୀଭାବ ଆଣିଥାଏ । କେବଳ ଭାରତରେନୁହେଁ ନେପାଳରେ ମଧ୍ୟ ଲୋକବିଶ୍ୱାସ ରହିଛି ଯେ ମହା-

Digitized by PPRACHIN, SOA

ଶିବରାତ୍ରୀ ନିଶାକାଳରେ ଜନ୍ମିତ ବାଳିକା ଅସାଧାରଣ ଶକ୍ତିସମ୍ପନ୍ନା । ନେପାଳରେ ଏମନ୍ତ କୌଣସି ଜନ୍ମହେଲେ ପରିବାରରେ ତାହା ମହା ଆଡ଼ମ୍ବରରେ ପାଳିତହୁଏ । ଏହି ବାଳିକାମାନଙ୍କୁ 'କୁମାରୀ' ଆଖ୍ୟା ଦିଆଯାଏ ଏବଂ ନାଗରିକ ତଥା ରାଜ୍ୟ ଶାସକଗଣ ଦୃଷ୍ଟି ରଖନ୍ତି । କେହି କେହି କୁମାରୀଙ୍କୁ ସ୍ୱୟଂ ପାର୍ବତୀଙ୍କ ଆଶୀର୍ବାଦ ସମ୍ଭୂତା ବୋଲି ବିଶ୍ୱାସ କରନ୍ତି । ମଧ୍ୟରାତ୍ରରେ ପୂଜକମାନେ କଳାରଙ୍ଗର ପରିଧେୟ ଏବଂ ଭୟଉଦ୍ରେକକାରୀ ମୁଖା ପିନ୍ଧି କୁମାରୀ ସମ୍ମୁଖରେ ବିଭତ୍ସନୃତ୍ୟ ଏବଂ ବିକାର ପ୍ରଦର୍ଶନ କରନ୍ତି । ଯଦି କୁମାରୀର ମୁହଁରେ ଭୟ ବା ବିକାରର କୌଣସି ଭାବ ପରିଲକ୍ଷିତ ହୁଏ ତେବେ ସେହି କୁମାରୀକୁ ଆଶୀର୍ବାଦ ସମ୍ଭୂତା ବୋଲି ଗ୍ରହଣ କରାଯାଏନାହିଁ । ଏପରି ବିଭିନ୍ନ ପରୀକ୍ଷାପରେ ପୁରୋହିତମାନେ କୁମାରୀକୁ ରାଜପ୍ରାସାଦର ନିର୍ଦ୍ଦିଷ୍ଟ ସ୍ଥାନରେ ରହିବା ପାଇଁ ନିର୍ଦ୍ଦେଶ ଦିଅନ୍ତି ଏବଂ ରାଜକାର୍ଯ୍ୟ, ରାଜାଆଶୀର୍ବାଦ ତଥା ଅନ୍ୟାନ୍ୟ ପୂଜା ଆରାଧନାର କେନ୍ଦ୍ର ହୋଇଉଠେ କୁମାରୀ । ଜୀବନ୍ତ ଦେବୀ ହିସାବରେ ଗ୍ରହଣ କରାଯାଏ ଅମାବାସ୍ୟାରେ ଜନ୍ମିତ ଅନାମଧେୟ ଅଳ୍ପବୟସ୍କା ବାଳିକାଟିକୁ !

ପ୍ରତ୍ୟେକବର୍ଷ ଏକନିର୍ଦ୍ଦିଷ୍ଟ ତିଥିରେ ନେପାଳ ରାଜା ନିଜେ କୁମାରୀ ପାଦଦେଶରେ ମସ୍ତକ ଅବନମିତ କରନ୍ତି । ଭାବବିହ୍ୱଳିତ କୁମାରୀ ରାଜାଙ୍କ କପାଳରେ ସିନ୍ଦୂର ଟୀକା ଲଗାନ୍ତି । ମନରେ ପ୍ରଶ୍ନଉଠେ କ'ଣ କୁମାରୀ ଜଣକ ବଞ୍ଚିଥିବା ପର୍ଯ୍ୟନ୍ତ ଏପରି ବିଶିଷ୍ଟ କାର୍ଯ୍ୟ କରିଥାନ୍ତି ? ନା, ଯୁବତୀ ହେବାପରେ କୁମାରୀଙ୍କୁ ଜୀବନ୍ତଦେବୀର ସମ୍ମାନରୁ ଓହରିଯିବାକୁ ହୁଏ । ଭାବି କୁମାରୀଙ୍କ ନିର୍ବାଚନ କହିସାରିଥିବା ପ୍ରକ୍ରିୟାର ପୁନରାବୃତ୍ତି ମାତ୍ର । ବର୍ତ୍ତମାନର ଜୀବନ୍ତଦେବୀ ନେପାଳ କୁମାରୀଙ୍କୁ କୋଡ଼ିଏ ବର୍ଷ ।

ଅନ୍ୟ ଏକ ଦୃଷ୍ଟିକୋଣରୁ ବିଚାରକଲେ କୁମାରୀର ଏତାଦୃଶ ଭୂମିକା ଏବଂ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟର ପରିସର ମଧ୍ୟରେ ବିଚାରୀ ବାଳିକାଟିର ମନସ୍ତତ୍ତ୍ୱ ଏକପ୍ରକାର ଅଭିବର୍ତ୍ତିନୀୟ ଓ ଅସ୍ପଷ୍ଟ ରହିବାରୁ, ନେପାଳରେ ପ୍ରଚଳିତ ଏ ପ୍ରଥା ଯେ କେତେଦୂର ମାନୁଷିକ ତାହା ବିଚାର୍ଯ୍ୟ । ଜୀବନ୍ତ ଦେବୀ ବା କୁମାରୀ ପାଇଁ ହସିବା ନିଷିଦ୍ଧ, ଏପରିକି ଭୁଲ୍ ବଶତଃ ହସିଦେବା ଅକ୍ଷମଣୀୟ । ନିର୍ଦ୍ଦିଷ୍ଟ ପରିସୀମା ଏବଂ ସ୍ଥାନ ବ୍ୟତୀତ କୁମାରୀକୁ ଅନ୍ୟସ୍ଥାନ ଗମନ କରିବା ମଧ୍ୟ ନିଷିଦ୍ଧ । ନିଜ ପରିବାରବର୍ଗ, ପିତାମାତାଙ୍କ ବ୍ୟତୀରେକ ଅନ୍ୟ କୌଣସି ବ୍ୟକ୍ତି ବିଶେଷ ସହ କଥୋପକଥନ ମଧ୍ୟ ନିଷିଦ୍ଧ । ସରକାରୀ ପ୍ରଚ୍ଛର ବ୍ୟତୀତ ଅନ୍ୟ କୌଣସି ପ୍ରକାର ଫଟୋଗ୍ରାଫ୍

Digitized by PPRACHIN, SOA

ନଡ଼ଠାଇବା ପାଇଁ ରାଜାଦେଶ ରହିଛୁ, ତେଣୁ କେବଳ ପରିଦର୍ଶକଙ୍କ ପାଇଁ ଛପା ଯାଇଥିବା ରଙ୍ଗୀନ ପୋଷ୍ଟକାର୍ଡ଼ରେ ନେପାଳକୁମାରୀଙ୍କ ପ୍ରତିରୂପ ଦେଖିବାକୁ ମିଳିଥାଏ । ବାଳିକାଟି ଏକରକମ ନିର୍ଜନଦ୍ୱୀପ ପରି କାଳଯାପନ କରେ । ଯେ ମଶା କାମୁଡ଼ାରୁ ହେଉ ବା ଅନ୍ୟ କୌଣସି କାରଣରୁ ଯଦି କୁମାରୀର ଶରୀରରେ କ୍ଷତ ହୁଏ ଏବଂ ରକ୍ତସ୍ରାବ ହୁଏ ତେବେ ତତ୍କ୍ଷଣାତ୍ ଜୀବନ୍ତଦେବୀ ପଦବୀରୁ ଓହରିଯିବାକୁ ହୋଇଥାଏ କାରଣ ଦେବୀ ଅଶରୀରୀ, ଅମାନବୀ ହୋଇଥିବାରୁ ତାଙ୍କଶରୀରରୁ ରକ୍ତସ୍ରାବ ଅଲୌକିକ !

କୁମାରୀଙ୍କ ଦର୍ଶନଲାଭ କରିଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହନ୍ତି—"କୁମାରୀଙ୍କ ସ୍ୱକକ୍ଷରେ ପ୍ରବେଶ କଲାପରେ ମୁଁ ଦେଖିଲି 'ଜୟ କୁମାରୀ' ଲେଖାଥିବା ଏକ ପତକା ତଳେ ସେ ବସିଥାନ୍ତି । ମୂର୍ତ୍ତିଟି ସତେ ଯେମିତି ଚୀନାମାଟିର ଗୋଟିଏ ମୁଖା । ମୁହଁରୁ କୁମାରୀଙ୍କ ହର୍ଷ, ଦୁଃଖ ବା ବିମର୍ଷ ଭାବ ଜଣାଯାଏନା । ଚକ୍ଷୁଦୁଇଟି କଜ୍ଜ୍ୱଳର ବହୁଳ ବ୍ୟବହାର ଯୋଗୁଁ ଏକ ଅଦ୍ଭୁତ ରୂପ ନେଇଥାଏ, ଏବଂ ଡୋଳା ଦୁଇଟି କେମିତି ହଜିଲା ହଜିଲା ପରି ମନେ ହେଉଥାଏ । ଯେତେହେଲେବି ସାଧାରଣ ବାଳିକାଟିଏ ତ' । ତା'ର ଆଶା, କ୍ଷୁଧା ଏବଂ ସୁଖ ଦୁଃଖର ଜୀବନକୁ ଏକ କିମ୍ବଦନ୍ତୀ ଏବଂ ପ୍ରଥାର ପାଶରେ ବାନ୍ଧିରଖିବାର ବ୍ୟବସାୟରେ ସେ କି ପ୍ରକାର ମୁକ୍ତିରହିଛି ଜଣାଯାଏନା । ୪।୧୦ ବର୍ଷର ଏ ବାଳିକାମାନେ ଯାହା-ମାଗନ୍ତି ତାହା ରାଜକୋଷରୁ ଦିଆଯାଏ, କେବଳ ସ୍ୱାଧୀନତା ବ୍ୟତୀତରେକ ସବୁ ଆଡ଼ମ୍ବର ଦିଆଯାଏ । ତା'ର ମନକ'ଣ ପ୍ରକୃତରେ ସେତିକି ପାଇ ଶାନ୍ତ ହୋଇଯାଏ ? ନା, ସେ ତା'ର ସମବୟସ୍କମାନଙ୍କପରି ହସିଖୁସି ଖେଳିବାକୁ ଚାହେଁ । କେବଳ ଏତିକି ନୁହେ ଏ କୁମାରୀଗୁଡ଼ିକ ଯୁବତୀ ହେଲାପରେ ବିବାହ ଏମାନଙ୍କ ପାଇଁ ନିଷିଦ୍ଧ, ଦେବଦାସୀମାନଙ୍କ ପରି ଅବିବାହିତା ରହି ମରିବାକୁ ହୁଏ ଏମାନଙ୍କୁ । କାରଣ ଅନ୍ଧବିଶ୍ୱାସ ରହିଛି ଯେ ଏହି ନେପାଳକୁମାରୀଙ୍କୁ ବିବାହକଲେ ସ୍ୱାମୀଙ୍କୁ ଦୁର୍ଘଟଣା ଜନିତ ଅପମୃତ୍ୟୁ ବରଣ କରିବାକୁ ହୁଏ । ନେପାଳକୁମାରୀ ଅଭିଶପ୍ତା, ଉଆସୀ କନ୍ୟା । ଏମାନଙ୍କ ଦେବୀମାନବୀ ନିଃସଙ୍ଗ ଜୀବନ ବିଷୟରେ କେହିକେବେ ଚିନ୍ତା କରିଛି କି ?"

ଏହି ନେପାଳକୁମାରୀଗୁଡ଼ିକ ତଥାକଥିତ ଦେବୀସ୍ତରରୁ ମାନବୀସ୍ତରକୁ ଅବତୀର୍ଣ୍ଣ ହେବାପରେ ଯଦି ନିଜ ଜୀବନଗାଥା ଲେଖନ୍ତେ ତେବେ ହୁଏତ । ସେମାନଙ୍କ ମନସ୍ତତ୍ତ୍ୱ, ଜୀବନଦର୍ଶନ ସମ୍ପର୍କରେ ଅନେକ ବିଷୟ ଜଣାପଡ଼ନ୍ତା ।

Digitized by PPRACHIN, SOA

କିନ୍ତୁ ଏପର୍ଯ୍ୟନ୍ତ ଏ ଦିଗରେ କୌଣସି ଚେଷ୍ଟା କେହି କରିଥିବା ମନେହୁଏନା । ଏଗୁଡ଼ିକ ନିଷିଦ୍ଧ—ପ୍ରକାଶନର ଅନ୍ତର୍ଭୁକ୍ତ ନୁହେଁତ ?

—※—

ଷ୍ଟିଲ୍ ଅଥରିଟି ଅଫ ଇଣ୍ଡିଆ
ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ
ବଲାଣୀ ଓରେସ୍‌ମାଇନ୍‌ସ୍
ପୋ: ଅ: ବଲାଣୀ—୭୫୮୦୩୭
କେନ୍ଦୁଝର

Digitized by PPRACHIN, SOA

॥ ରହସ୍ୟବାଦର ପରମ୍ପରା ॥

॥ ଅଧ୍ୟାପକ ହରିହର ଆଚାର୍ଯ୍ୟ ॥

ପ୍ରତ୍ୟେକ ଜାତିର ଜୀବନର ପୃଷ୍ଠଭୂମି ତା'ର ଆଧ୍ୟାତ୍ମିକ ଚିନ୍ତା ଓ ଦାର୍ଶନିକ ଜିଜ୍ଞାସା ବୋଧ । ସାହିତ୍ୟ ସାଧନା ମୁଖ୍ୟତଃ ଏହି ତତ୍ତ୍ୱ ଉପରେ ଆଧାରିତ । ଏହାକୁ ମଧ୍ୟ ଆମେ ସାଂସ୍କୃତିକ ଆଧାର ବୋଲି ଅଭିହିତ କରିଥାଉଁ । ଦର୍ଶନ ସାହିତ୍ୟର ମସ୍ତିଷ୍କ ଏବଂ ଆଧ୍ୟାତ୍ମିକତା ତା'ର ହୃଦୟ । "ଆଧ୍ୟାତ୍ମିକତାର କ୍ଷେତ୍ର ହେଉଛି ଭାବ (ନା) ଏବଂ ଦର୍ଶନର କ୍ଷେତ୍ର ହେଉଛି ଚିନ୍ତନ । ତେଣୁ ଚିନ୍ତନ କ୍ଷେତ୍ରରେ ଯାହା ଅଦ୍ୱୈତବାଦ ଭାବନା କ୍ଷେତ୍ରରେ ତାହା ରହସ୍ୟବାଦ" (ରାମଚନ୍ଦ୍ର ଶୁକ୍ଳ) । ରହସ୍ୟବାଦ ଈଶ୍ୱର ବା ସତ୍ୟ ପ୍ରତ୍ୟକ୍ଷାନୁଭୂତିର କଳା ବା ବିଜ୍ଞାନ । ଆତ୍ମା ଓ ପରମାତ୍ମାର ଏକତ୍ୱର ପ୍ରତ୍ୟକ୍ଷ ଚେତନାହିଁ ରହସ୍ୟବାଦ । ଏହି ଅନ୍ତଶ୍ଚେତନାହିଁ ଧର୍ମର ପ୍ରାଣକେନ୍ଦ୍ର । ଏହା ମନୁଷ୍ୟର ଏକ ବିଶେଷ ପ୍ରବୃତ୍ତି ଯାହାଦ୍ୱାରା ସେ ତା'ର ସମସ୍ତ ଚେତନାକୁ ପରମ ସତ୍ୟଙ୍କର ସାକ୍ଷାତକାର ପାଇଁ ନିୟୋଜିତ କରିଥାଏ ଏବଂ ମିଳନ ଜନିତ ଅନୁଭବ ଓ ଆନନ୍ଦକୁ ଅନ୍ତରରୂପରେ ସର୍ବଦା ପ୍ରସାରିତ କରିଥାଏ । ଅଣ୍ଡରହିଲ୍‌ଙ୍କ ମତରେ "ରହସ୍ୟବାଦ ଭଗବତ୍ ସତ୍ତା ସହିତ ଐକ୍ୟସ୍ଥାପନ କରିବାର ଏକ କଳା । ରହସ୍ୟବାଦୀ ଏହି ଐକ୍ୟରେ ବିଶ୍ୱାସୀ, ଏହାର ସିଦ୍ଧିକୁ ଚରମ ଲକ୍ଷ୍ୟ ବୋଲି ମନେକରେ ଏବଂ ଏହାକୁ ଉନ୍ନତର ଯେ କୌଣସି ସୀମା ପର୍ଯ୍ୟନ୍ତ ଉନ୍ନୀତ କରିପାରେ । (Practical Mypticism) ତେଣୁ ପରମେଶ୍ୱରଙ୍କ ସହିତ ମନୁଷ୍ୟର ଐକାନ୍ତିକ, ବ୍ୟକ୍ତିଗତ ତଥା ପ୍ରତ୍ୟକ୍ଷ ସମ୍ପର୍କ ହେଉଛି ରହସ୍ୟବାଦ । ଅର୍ଥାତ୍ ସତ୍ୟଦର୍ଶନ ହିଁ ରହସ୍ୟବାଦ । ଏହି ଦର୍ଶନଜନିତ ଚେତନାର ବ୍ୟାକୁଳ ବାଙ୍ମୟ ରୂପହିଁ ରହସ୍ୟ ସାହିତ୍ୟ, ଅଜ୍ଞାତ, ଅନନ୍ତ ଓ ଅସୀମର ଅନୁଭୂତି ଯେଉଁ ଋଷି ବା ସାଧକମାନଙ୍କୁ ପ୍ରାପ୍ତ ହୋଇଛି, ଚିନ୍ତନ ଓ ମନନ ପୃଷ୍ଠଭୂମି ଉପରେ ଯାହାକୁ ସେମାନେ ଜନ ସମାଜରେ ବ୍ୟକ୍ତ କରିବାକୁ ପ୍ରୟାସ କରିଛନ୍ତି କାଳାନୁକ୍ରମେ ରହସ୍ୟବାଦ ରୂପରେ ତାହା ଅଭିହିତ ହୋଇଛି । ପ୍ରାଗୈତିହାସିକ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସାଧକ ଓ କବି ପରମ୍ପରାରେ ରହସ୍ୟଚେତନା ସମାଜ ଓ ସାହିତ୍ୟରେ ରୂପପାଇ ଆସୁଛି । ମୂଳତଃ ଏହାହିଁ ଧର୍ମର କେନ୍ଦ୍ରୀଭୂତ ଅନନ୍ୟରୂପ ।

Digitized by PPRACHIN, SOA

ଆଦିକାଳରେ ମନୁଷ୍ୟର ରହସ୍ୟ ଭାବନା ପ୍ରଧାନତଃ ଐଶ୍ୱର୍ଯ୍ୟ ଓ ଜିଜ୍ଞାସା ମୂଳକ ଥିଲା । ବୈଦିକ କାଳରେ ଋଷିମାନଙ୍କର ଭାବନାର ଆଧାର ହେଲା ଦୁଃଖର ନିବୃତ୍ତି ଓ ଆନନ୍ଦ ଉପଲବ୍ଧି । ଜୀବନର ଉପଲବ୍ଧି ଦାର୍ଶନିକ ଚେତନାର ଗଭୀର ମନନରେ ପରିବେଶିତ ହୋଇଥିଲା । ମଧ୍ୟକାଳୀନ ରହସ୍ୟବାଦର ସ୍ୱରୂପ ହେଲା ମୋକ୍ଷକାମନା । ଭକ୍ତି ଏହାର ହେଲା ପ୍ରାଣଧର୍ମ । ଆଧୁନିକ କାଳରେ ରହସ୍ୟଚେତନା ମୁଖ୍ୟତଃ ପ୍ରକୃତି ଓ ସୌନ୍ଦର୍ଯ୍ୟ ତତ୍ତ୍ୱମୂଳକ ଏବଂ ମନୋରଞ୍ଜନ ଏଥିରେ ମୁଖ୍ୟଭୂମିକା ଗ୍ରହଣ କରିଛି । ଏସବୁ ସତ୍ତ୍ୱେ ପ୍ରତ୍ୟେକ ଯୁଗରେ ସବୁପ୍ରକାର ରହସ୍ୟଚେତନାର ସନ୍ଧାନ ମିଳିଥାଏ ।

ୟୁରୋପୀୟ ବିଦ୍ୱାନଗଣ 'ମିଷ୍ଟିସିଜମ' ଶବ୍ଦଟିକୁ ଐଶ୍ୱରୀୟଚେତନା ଅର୍ଥରେ ପ୍ରୟୁକ୍ତ କରି ସନ୍ତୁଷ୍ଟ ହୋଇ ନଥିଲେ । ସେମାନଙ୍କ ମତରେ ଏହି ଚେତନାକୁ ସ୍ପଷ୍ଟ ପ୍ରାଞ୍ଜଳ ଭାବରେ ବୁଝାଇବା ପାଇଁ ଭାରତୀୟ ଶବ୍ଦର ଯଥେଷ୍ଟ କ୍ଷମତା ରହିଛି ମାତ୍ର । ଦୁର୍ଭାଗ୍ୟବଶତଃ ଭାରତୀୟ ସାହିତ୍ୟରେ 'ରହସ୍ୟବାଦ' ମିଷ୍ଟିସିଜମର ଭ୍ରଷ୍ଟ ଅନୁବାଦ ରୂପରେ ଗୃହୀତ ହୋଇଅଛି । ମିଷ୍ଟିସିଜମ, 'mystes' ଶବ୍ଦରୁ ବ୍ୟୁତ୍ପତ୍ତି ଲାଭ କରିଅଛି ଯାହାର ଅର୍ଥ ହେଉଛି 'ଦୀକ୍ଷାପ୍ରାପ୍ତ' ଗୋପନୀୟତା ବା ରହସ୍ୟ ଏହାର ଗୌଣ ଅର୍ଥ । ଭାରତୀୟ ସାହିତ୍ୟରେ ରହସ୍ୟବାଦ ଏକ ରୂଢ଼ ଶବ୍ଦରେ ପରିଣତ ହୋଇଅଛି ଏବଂ ଏହା ଏକ ବଶିଷ୍ଟ ଅର୍ଥରେ ପ୍ରଯୁକ୍ତ ।

ଭାରତୀୟ ସାହିତ୍ୟ ପରିପ୍ରେକ୍ଷୀରେ ରହସ୍ୟବାଦର କ୍ରମବିକାଶ ନିମ୍ନମତେ ବିଶ୍ଳେଷଣ କରାଯାଇପାରେ ।

୧- ପ୍ରାଗୈତିହାସିକ ଯୁଗ

୧-୧- ସିନ୍ଧୁ ସଭ୍ୟତା :

୧୯୨୧-୨୨ ମସିହାରେ ସିନ୍ଧୁ ପ୍ରଦେଶର ମହେଞ୍ଜୋଦାରୋ ଏବଂ ହରପ୍ପାର ଖୋଦନ ପରେ ପ୍ରାଗ୍‌ବୈଦିକ ଭାରତୀୟ ସଭ୍ୟତାର ନିଦର୍ଶନ ମିଳିଅଛି । ଏହି ସମୟର ସାହିତ୍ୟ ଯଦ୍ୟପି ଉପଲବ୍ଧ ହୋଇନାହିଁ, ତଥାପି ରହସ୍ୟ ସାଧନାର ବାର୍ତ୍ତା ଅମୂର୍ତ୍ତ ନୁହେଁ । ଆବିଷ୍କୃତ ହୋଇଥିବା ମୂର୍ତ୍ତି, ଭଗ୍ନପାତ୍ର ଓ ଅନ୍ୟାନ୍ୟ ଉପାଦାନରୁ ଏହାର ସନ୍ଧାନ ମିଳିଥାଏ । ତ୍ରିମୁଖବିଶିଷ୍ଟ ଯୋଗବଦ୍ଧ ଶିବ ପଶୁପତି ମୂର୍ତ୍ତି, ତଥା ମାତୃମୂର୍ତ୍ତି-ଗୁଡ଼ିକ ପରବର୍ତ୍ତୀ ସଭ୍ୟତାର ଶୈବ ଓ ଶାକ୍ତଧର୍ମର ମୂଳଉତ୍ସ ବୋଲି ସାର୍ ଜନ୍‌ମାର୍ଶାଲ

Digitized by PPRACHIN, SOA

ଅନୁମାନ କରନ୍ତି । ଉପଲବ୍ଧ ବିବରଣ ମୂର୍ତ୍ତିରୁ ସେ ସମୟର ବାମାଗ୍ନିର ତନ୍ତ୍ରର ବିଶେଷ ପ୍ରଚଳନ ଥିଲି ବୋଲି ଜଣାଯାଏ । ପୁନଶ୍ଚ ଋକବେଦରେ 'ଲିଙ୍ଗଦେବା' ବୋଲି ଉଲ୍ଲେଖ କରାଯାଇ ଯଜ୍ଞକୁ ପରିହାର କରିବାର ନିର୍ଦ୍ଦେଶ ଦିଆଯାଇଛି । ଏଣୁ ଏହାକୁ ଋକବେଦର ପୂର୍ବବର୍ତ୍ତୀ ଅବସ୍ଥା ବୋଲି ଗ୍ରହଣ କରାଗଲେ ଏହା ନିସନ୍ଦେହରେ ସିନ୍ଧୁସଭ୍ୟତାର ଅନ୍ତର୍ଗତ ହେବ । ଏଣୁ ବେଦବିରୋଧୀ ଜୀବନଦର୍ଶନ ଏବଂ ସାଧନା ପଦ୍ଧତି ଏହି ସମୟରେ ପ୍ରଚଳିତ ଥିବାର ଅନୁମାନ କରାଯାଏ । ମୂର୍ତ୍ତିଗୁଡ଼ିକ ମଧ୍ୟରେ ରହସ୍ୟଭାବନାର ପ୍ରାଚୀନ ଇତିହାସ ବାସ୍ତବିକ ବିସ୍ମୟକର । ଜାଗତିକ ବିଭୂତିକୁ ସାଧନା ମାର୍ଗରେ ବୋଧଗମ୍ୟ ଓ ଗ୍ରାହ୍ୟ କରାଇବା ଏହି ସମୟର ରହସ୍ୟସାଧନାର ମାର୍ଗଥିଲି ।

୧.୨- ବୈଦିକ ସଭ୍ୟତା :

ବୈଦିକ ସାହିତ୍ୟରୁ କାବ୍ୟଗତ ଓ ଦାର୍ଶନିକ ରହସ୍ୟବାଦର ସଙ୍କେତ ମିଳିଥାଏ । ଋକବେଦରେ ପ୍ରକୃତି ଶକ୍ତି ରୂପରେ ବ୍ୟାପକ ଚେତନାର ଆଧାର ହୋଇ ଉଠିଲି । ସ୍ତୁତି ବିଷୟ ମାନ ଦେବତା ରୂପେ ପରିଚିତ ହେଲେ । ପ୍ରକୃତିର ପ୍ରତ୍ୟେକ ବିଭବ ଏବଂ ତା'ର ଶକ୍ତିରେ ଦେବତ୍ୱ ଓ ଅନନ୍ତ ଶକ୍ତିର ସତ୍ତା ନିହିତ ବୋଲି ଋଷିମାନେ ବିଶ୍ୱାସ କଲେ । ତେଣୁ ପ୍ରକୃତିର ବିଭିନ୍ନ ବିଭବ ଉପରେ ସ୍ତୁତିପରକ ଋକ୍ ରଚନା କରାଗଲି । ଏଣୁ ବହୁଦେବତ୍ୱ (polytheism) ଆରାଧନା ଆଯଜ ଧର୍ମ ଧାରାରେ ଅନ୍ତର୍ଗତ ହୋଇ ପଡ଼ିଲି । କାଳକ୍ରମେ ନିରନ୍ତର ଚିନ୍ତନ ଫଳରେ ଚେତନାର ଅଭ୍ୟୁଦୟ ଘଟିଲି ଏବଂ ଋଷିମାନଙ୍କର ପ୍ରାତିଭଜ୍ଞାନ (intuition)ରୁ ବହୁଦେବତ୍ୱ ପ୍ରଥା ଏକଦେବତ୍ୱରେ ନିମଜ୍ଜମାନ ହୋଇଗଲି । (ଏକ ସଦ୍‌ବିପ୍ରା ବହୁଧା ବଦନ୍ତ୍ୟଗ୍ନି ଯମଂ ମାତରିଶ୍ୱାନମାହୁଃ) (ଋକ ୧।୧୬୪।୪୬) । ଯାହାଥିଲି, ଯାହାଅଛି, ଯାହାହେବ, ସେହି କେବଳ ସ୍ରଷ୍ଟା ପୁରୁଷ । (ପୁରୁଷ ଏବେଦଂ ସର୍ବଂ ଯଦ୍‌ଭୂତଂ ଯଚ୍ଚ ଭବ୍ୟମ ଋକ ୧୦।୯୦।୨) ବୈଦିକ ଚିନ୍ତନଧାରା ଅବାରିତ, ଅବାଧ । ଋଷିମାନଙ୍କର ନିରନ୍ତର ଚିନ୍ତନ ଦ୍ୱାରା ସେମାନଙ୍କୁ ଆଶ୍ଚର୍ଯ୍ୟ ଓ ସନ୍ଦେହ ମିଶ୍ରିତ ଯେଉଁ ସତ୍ୟ ତତ୍ତ୍ୱ ଉପଲବ୍ଧ ହୋଇଅଛି ତାହା ଆମ ସମକ୍ଷରେ ବୈଦିକ ସାହିତ୍ୟର ଉତ୍କୃଷ୍ଟତମ ଦାର୍ଶନିକ ବିବେଚନା ରୂପେ ପ୍ରତିଭାତ । ଏହା ଅତି ଉଚ୍ଚକୋଟୀର ରହସ୍ୟଚେତନା । ନାସଦୀୟ ସୂକ୍ତରେ ଏହାର ସ୍ଫୂର୍ତ୍ତି ପ୍ରତିଫଳନ ଘଟିଅଛି । ଏଥିରେ ଇନ୍ଦ୍ରିୟଗୋଚର ସମସ୍ତ ସୃଷ୍ଟିର ଅସ୍ତିତ୍ୱ ଏବଂ ସୃଜନର ରହସ୍ୟାନୁଭୂତି ସମନ୍ୱିତ । "ଆଦି (କାଳ)ରେ ନା ଥିଲି ସତ୍ୟ ନା ଅସତ୍ୟ, ଅନ୍ତରୀକ୍ଷ ନଥିଲି, ନଥିଲି ତା' ଉପରେ ଆକାଶ ସେତେବେଳେ

Digitized by PPRACHIN, SOA

ନଥିଲ ମୃତ୍ୟୁ, ନଥିଲ ଅମୃତ । ଦିବାରାତ୍ର ବୁଝିବା ପାଇଁ ନଥିଲ ମଧ୍ୟ କିଛି ଉପାୟ । ସେ ଏକମାତ୍ର ଥିଲେ ତାଙ୍କଛଡ଼ା ତାଙ୍କ ଉପରେ କେହିନଥିଲେ ।" (ଋକ୍ ୧୦।୧୨୯।୨) ସର୍ବବ୍ୟାପୀ ରହସ୍ୟମୟ ବ୍ରହ୍ମର ମହତ୍ତ୍ୱପୂର୍ଣ୍ଣ ବର୍ଣ୍ଣନା ପୁରୁଷସୂକ୍ତରୁ ମଧ୍ୟ ଉପଲବ୍ଧ ହୁଏ ।

ଯଜୁର୍ବେଦର କର୍ମକାଣ୍ଡରେ ମଧ୍ୟ ଏହି ଅଦୃଶ୍ୟସତ୍ତାର ପରିପ୍ରକାଶ ଘଟିଛି । ସାମର ଅପୂର୍ବ ସଙ୍ଗୀତରେ ଲୁଚିରହିଛି ସେହି ରହସ୍ୟସତ୍ତାର ସଂକେତ । ତା'ର ସ୍ୱରଅନନ୍ତ, ଛନ୍ଦ ତାହାର ବଂଧନ । ସ୍ୱର ଅସୀମ, ଛନ୍ଦ ତା'ର ସୀମା ତେଣୁ ସ୍ୱର ଓ ଛନ୍ଦର ଶୃଙ୍ଖଳାରେ ଆତ୍ମା ପରମାତ୍ମାର ତାଦାତ୍ମ୍ୟ ସ୍ଥାପିତ ହୋଇଅଛି । ଅଥର୍ବବେଦର ଉଚ୍ଛିଷ୍ଟ ସୂକ୍ତରେ ମଧ୍ୟ ସେହି ପରମସତ୍ତାଙ୍କର ବ୍ୟଂଜନା । ସେ ଏକମାତ୍ର ଶେଷ, ତେଣୁ ଉଚ୍ଛିଷ୍ଟ । ସ୍ତମ୍ଭ ସୂକ୍ତ ଏକ ପରମ ରହସ୍ୟମୟ ସୂକ୍ତ ଓ ପରବର୍ତ୍ତୀ ଯୁଗର ଏହାର ମୂର୍ତ୍ତିପୂଜାର ଆଦିଉତ୍ସ । ପ୍ରତ୍ୟେକ ଯଜ୍ଞ ମଣ୍ଡପରେ ସ୍ଥାପିତ ହୁଏ ଏହି ସ୍କମ୍ଭ [ସ୍କମ୍ଭ / ଖମ୍ବ] ଏହା ପରମତତ୍ତ୍ୱର ପ୍ରତୀକ ରୂପେ ସ୍ଥାପିତ ହୁଏ [ଅଥର୍ବ ୧୦।୪।୭।୨୧] ବେଦର ରହସ୍ୟ ଉପନିଷଦ । ଏହା ଜ୍ଞାନମାର୍ଗରେ ଭଗବତ୍ ଉପଲବ୍ଧିର ଏକ ବିଶ୍ୱକୋଷ । ପ୍ରତୀକ ମାଧ୍ୟମରେ ପରମ ରହସ୍ୟଙ୍କର ପରିପୂର୍ଣ୍ଣ ଅଭିବ୍ୟକ୍ତି ଉପନିଷଦ୍‌ରେ ଘଟିଅଛି । ଉପନିଷଦୀୟ ଜ୍ଞାନ ଋଷିମାନଙ୍କର ସ୍ୱାନୁଭୂତ ଅତୀନ୍ଦ୍ରିୟ ପ୍ରାତିଭ ଜ୍ଞାନ । ବେଦର ଦାର୍ଶନିକ ବିକାଶକ୍ରମରେ ଉନ୍ନତ ପ୍ରାଞ୍ଜଳ, ତଥା ସୁସମ୍ବନ୍ଧ ଧାରଣାର ଅଭିବ୍ୟଂଜନା ହେଉଛି ଉପନିଷଦ । ଉପନିଷଦର ଶାଖା ପ୍ରଚୁର । ଏଥିରେ ପରମସତ୍ତାଙ୍କୁ ବ୍ରହ୍ମ, ଆତ୍ମା ଏବଂ ସତ୍ ବୋଲି ଉଲ୍ଲେଖ କରାଯାଇଅଛି । ବୃହଦାରଣ୍ୟକର "ଇସାଇବ ଇଦମ ଅଗ୍ରେଆସୀତ," ସର୍ବଖଳୁ ଇଦଂ ବ୍ରହ୍ମ, ଛାନ୍ଦୋଗ୍ୟ ଉପନିଷଦର ଆତ୍ମାଇବ ଇଦମ ସର୍ବମ, ଇତ୍ୟାଦି ବ୍ରହ୍ମଙ୍କର ସର୍ବବ୍ୟାପକତା ସମ୍ପର୍କରେ ରହସ୍ୟମୟ ଜ୍ଞାନର ପରିପ୍ରକାଶ ମାତ୍ର । ଉପନିଷଦରେ ବ୍ରହ୍ମଙ୍କୁ ଯେ ବିଶ୍ୱ ଓ ଜ୍ଞାନର ସର୍ବଶେଷ ପରିଚ୍ଛେଦ ବୋଲି ଗ୍ରହଣ କରାଗଲା ତା' ନୁହେଁ ଆନନ୍ଦର ଆଧାର ବୋଲି ମଧ୍ୟ ଅଭିହିତ କଲା । ଆତ୍ମାନୁଭୂତ ଆତ୍ମଦର୍ଶନ ହିଁ ସର୍ବଶ୍ରେଷ୍ଠ ଆନନ୍ଦ ବୋଲି ଯାଜ୍ଞବଲ୍କ୍ୟ ପ୍ରଚାର କଲେ । ତାଙ୍କ ମତରେ ଆତ୍ମାହିଁ ଆନନ୍ଦ ଓ ରହସ୍ୟବୋଧର ଭିତ୍ତିଭୂମି ସ୍ୱରୂପ । ଏହାର ସାଂକେତିକ ରୂପ "ଦ୍ୱାସୁପର୍ଣ୍ଣା ସମୃଦ ସଖାୟା । ... ।" ସୂକ୍ତରେ ସୁସ୍ପଷ୍ଟ ଅଭିବ୍ୟକ୍ତ ।

୨. ଐତିହାସିକ କାଳ

ବୁଦ୍ଧଦେବଙ୍କ ସମୟକୁ ଐତିହାସିକ କାଳବୋଲି ବିଚାର କରାଯାଉଛି । ଏହା

Digitized by PPRACHIN, SOA

ଖ୍ରୀଷ୍ଟଜନ୍ମ ହେବାର ୬୦୦ ବର୍ଷ ପୂର୍ବ । ଏହି ସମୟରୁ ଖ୍ରିଷ୍ଟିୟ ବର୍ଗୀ ତୋର୍ଖା ପର୍ଯ୍ୟନ୍ତ ଭାରତୀୟ ରହସ୍ୟବାଦର କ୍ରମ ବିକାଶର ପ୍ରାଚୀନ କାଳ ବୋଲି ଗ୍ରହଣ କରାଯାଇପାରେ

୨.୧ ବୈଦିକଧାରା :—

ଇତିହାସ କାଳର ଜନମାନସ ବୈଦିକ କର୍ମକାଣ୍ଡ ଏବଂ ପଶୁବଳି ଉପରୁ ଆସ୍ଥା ହରାଇଥିଲା । ମାନବ ଚରିତ୍ରର ଆଦର୍ଶ ଉପରେ ତା'ର ଧ୍ୟାନ ବିଶେଷ ଭାବରେ କେନ୍ଦ୍ରିତ ହେବାରେ ଲାଗିଲା ଏବଂ ଏହାର ପ୍ରଥମ ଫଳଶ୍ରୁତି ହେଲା ବାଲ୍ମୀକିଙ୍କର ଆଦି ମହାକାବ୍ୟ 'ରାମାୟଣ' । ପୁନଶ୍ଚ ସ୍ୱର୍ଗପ୍ରାପ୍ତି ପାଇଁ ଯଜ୍ଞାନୁଷ୍ଠାନର ଆବଶ୍ୟକତାକୁ ଅସ୍ୱୀକାର କରାଗଲା । ଭାବଧର୍ମ ପ୍ରତି ବିଶେଷ ଆକାଂକ୍ଷା ପ୍ରକାଶପାଇଲା । ମୋକ୍ଷ କାମନା ଉପରେ ବିଶେଷ ଗୁରୁତ୍ୱଆରୋପ କରାଗଲା । ଜନ ଆକାଂକ୍ଷାର ଏହି ଭାବଧାରାକୁ ଚରିତାର୍ଥ କରିବାପାଇଁ ମହର୍ଷି ବ୍ୟାସ ରଚନାକଲେ ପୁରାଣ ମହାକାବ୍ୟ ମହାଭାରତ । ଉପନିଷଦ କର୍ମବିଦୂଙ୍କରେ ଜ୍ଞାନଉପରେ ଗୁରୁତ୍ୱଆରୋପ କରିଥିଲା । କିନ୍ତୁ ଏହାଦ୍ୱାରା ମନୀଷି ହୃଦୟର ଭାବପକ୍ଷ ଅବହେଳିତ ହୋଇ ରହିଥିଲା । ମହାଭାରତରେ ଭାବଗତ ଧର୍ମ ବା ଭକ୍ତି ଉପରେ ଗୁରୁତ୍ୱ ଦିଆଗଲା । ଅନ୍ୟପକ୍ଷରେ କର୍ମକାଣ୍ଡର ସ୍ଥାନ ଅନାସକ୍ତ କର୍ମଗ୍ରହଣ କଲା, ଯାହାର ନେତୃତ୍ୱ ଭଗବାନ ଶ୍ରୀକୃଷ୍ଣ ଗ୍ରହଣକଲେ । ଗୀତା ହେଲା କର୍ମ- ଭକ୍ତି - ଜ୍ଞାନର ଏକ ତ୍ରିବେଣୀ ସଙ୍ଗମ ।

ରାମାୟଣର ବାଲକାଣ୍ଡରେ ଦେବତାଙ୍କ ଦ୍ୱାରା ସ୍ତୁତହୋଇ ଭଗବାନ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହେବାକଥା ବର୍ଣ୍ଣିତ ହୋଇଛି । ଅନୁରୂପ ବର୍ଣ୍ଣନା ମଧ୍ୟ ଯୁଦ୍ଧ କାଣ୍ଡରେ ଦେଖିବାକୁ ମିଳେ । ରାମଚନ୍ଦ୍ରଙ୍କୁ ଏଥିରେ ପୂର୍ଣ୍ଣବ୍ରହ୍ମ ରୂପେ ଅଭିହିତ କରାଯାଇଛି । (ଯୁଦ୍ଧକାଣ୍ଡ ୧୧୭।୧୮) । ତାଙ୍କର ମାନବରୂପ ହିଁ ତାଙ୍କର ବ୍ରହ୍ମରୂପ । ରାମାୟଣର କରୁଣରସ ଚିରନ୍ତନ ବିରହର ରହସ୍ୟାତ୍ମକ ବ୍ୟଞ୍ଜନା ଏବଂ ଏହି ଚିରନ୍ତନ ବିରହ ସନାତନପ୍ରେମର ପ୍ରତୀକ । ମହାଭାରତର ସ୍ୱର୍ଗାରୋହଣ ପର୍ବର ଶେଷାଂଶରେ ମହର୍ଷି କୃଷ୍ଣଦ୍ୱୈପାୟନ ଧର୍ମକୁ ମୋକ୍ଷର ଦ୍ୱାର ସ୍ୱରୂପ ବୋଲି କହିଛନ୍ତି ଏବଂ ଏହି ଯୁଗୀୟ ରହସ୍ୟଚେତନା ମୋକ୍ଷକାମନା ମଧ୍ୟରେ ଉଦ୍ବୋଧିତ ହୋଇଥିବାର ଦେଖାଯାଏ । ସବୁ ପୁରାଣର ପ୍ରତିପାଦ୍ୟ ବିଷୟ ହେଉଛି ଏକ ପରମ ସତ୍ୟ । ତାଙ୍କୁ ଶିବ, ବିଷ୍ଣୁ, ବ୍ରହ୍ମା ଆଦି ବିଭିନ୍ନ ରୂପରେ ଚିତ୍ରଣ କରାଯାଇଛି ମାତ୍ର । ଏକଂସଦ୍ ବିପ୍ରା ବହୁଧା ବଦନ୍ତି... ଠାରୁ ବଡ଼ ଦୃଷ୍ଟାନ୍ତ ବୋଧହୁଏ ଆଉନାହିଁ । ପୁରାଣମାନଙ୍କରେ ସୃଷ୍ଟିର ରହସ୍ୟ ଉଦ୍ଘାଟନ କରାଯାଇଛି । ପୁରାଣରୁ ନିତ୍ୟତତ୍ତ୍ୱର ସଂକୋଚନ ଘଟି ମୋକ୍ଷତତ୍ତ୍ୱର ପ୍ରସାର ଘଟିଅଛି । ରସାତ୍ମକ ଅଭିବ୍ୟକ୍ତି ଦ୍ୱାରା ଏହା ସହଜ ବିବୃତ ।

Digitized by PPRACHIN, SOA

ଋକବେଦରୁ ମହାକାବ୍ୟ ଏବଂ ପୁରାଣ ପର୍ଯ୍ୟନ୍ତ ସମସ୍ତ ରହସ୍ୟ ଉପାଦାନ ମୂଳଗ୍ରନ୍ଥରେ ସନ୍ନିବିଷ୍ଟ କରାଯାଇଛି । ତାହା ଭାବାତ୍ମକ ନୁହେଁ, ଦାର୍ଶନିକ ରହସ୍ୟ-ଚେତନା । ସଂସ୍କୃତ ସାହିତ୍ୟ ପ୍ରାୟଶଃ ଏହି ସୂତ୍ରସରଣୀରେ ଗତିଶୀଳ ହୋଇଥିବାର ଦେଖାଯାଏ । ପୁରାଣରେ ଅଭିବ୍ୟକ୍ତିମୂଳକ ରହସ୍ୟମୟତା ଏଥିରେ ନାହିଁ । ତଥାପି ଅନ୍ତର୍ନିହିତ ରହସ୍ୟର ବ୍ୟଞ୍ଜନା ଯେ ନାହିଁ ତା' ନୁହେଁ । ରଘୁବଂଶର ପ୍ରଥମ ଶ୍ଳୋକରେ ବିବୃତ ପାର୍ବତୀ ପରମେଶ୍ୱରଙ୍କର ମୂଳମୂର୍ତ୍ତିର ଅଭେଦକଳ୍ପନା ରହସ୍ୟ ଭାବନାର ପରିଚୟ ଦିଏ । ମେଘଦୂତର ଯକ୍ଷମୂଳକର ବିରହରେ ଆତ୍ମାଯୁଗଳର ଚିରନ୍ତନ ବିରହ ପ୍ରତିଧ୍ୱନିତ ହୋଇଛି । ସୀତା ବନବାସ ପରେ ରାମଚନ୍ଦ୍ରଙ୍କର ଜାନକୀ ସ୍ମରଣରେ ବିଧୁରତା ଓ ଯକ୍ଷର ପ୍ରିୟାବିଚ୍ଛେଦ ଆକୁଳତା ସମାନ । ଉଭୟଙ୍କୁ ରହସ୍ୟାତ୍ମକ ଦୃଷ୍ଟି-ଭଙ୍ଗୀରେ ବିଚାର ନ କଲେ ବିରହାନୁଭୂତିର ଗଭୀରତା ଅନୁଭୂତ ହେବନାହିଁ । ଉତ୍ତରରାମ ଚରିତ, ଶିଶୁପାଳ ବଧ, କିରାତାର୍ଜୁନୀୟମ ପ୍ରଭୃତି ରଚନାର ଆଧାର ପୌରାଣିକ ରହସ୍ୟବାଦ । ଶ୍ରୀ ହର୍ଷଙ୍କର ନୈଷଧୀୟ ଚରିତମ୍‌ରେ ଅନୁସୃତ ମାୟାବାଦ । ଶୈଳୀମାତ୍ର ନୁହେଁ, ଜୀବ ନ ଦର୍ଶନ ରୂପେ ବିଦ୍ୟମାନ । ବୈଦିକ ଧାରାର କାବ୍ୟଉପରେ ଦାର୍ଶନିକ ରହସ୍ୟବାଦର ଗଭୀର ପ୍ରଭାବ ପ୍ରତିଫଳିତ ହୋଇଅଛି ।

୨.୨ ଅବୈଦିକ ଧାରା :—

ଖ୍ରୀଷ୍ଟଜନ୍ମର ପ୍ରାୟ ୬୦୦ ବର୍ଷ ପୂର୍ବେ ବୈଦିକ କର୍ମକାଣ୍ଡ ବିରୁଦ୍ଧରେ ତୀବ୍ରତମ ପ୍ରତିକ୍ରିୟା ରୂପେ ବୌଦ୍ଧ ତଥା ଜୈନଧର୍ମର ଅଭ୍ୟୁଦୟ ଘଟିଥିଲା । ଏ ଦୁଇଟି ଧର୍ମରେ ବୈଦିକ ଆନନ୍ଦବାଦକୁ ଅସ୍ୱୀକାର କରି ଦୁଃଖକୁ ଜୀବନର ଚିରନ୍ତନ ସତ୍ୟ ବୋଲି ଏବଂ ଦୁଃଖର ନିରସନକୁ ସୁଖର ସଂଜ୍ଞା ବୋଲି ଗ୍ରହଣ କରାଯାଇଥିଲା । କୌଣସି ନିତ୍ୟତତ୍ତ୍ୱ ଗ୍ରହଣୀୟ ହୋଇ ନ ଥିଲା । ଈଶ୍ୱର ବୋଲି କୌଣସି ସ୍ୱତନ୍ତ୍ର ସତ୍ତା ନଥିଲା ତେଣୁ ସାଧନା ପଦ୍ଧତିରେ ସାଧକ ହିଁ ସର୍ବଶ୍ରେଷ୍ଠ ଚେତନବସ୍ତୁ । ମାନସିକ ସଂଯମ ହିଁ ସାଧନାର ଶ୍ରେଷ୍ଠ ମାର୍ଗ । ଏହାକୁ ମନୋବୈଜ୍ଞା-ନିକ ସାଧନା କୁହାଯାଇପାରେ । ବୁଦ୍ଧ କହିଛନ୍ତି "ଯିଏ ଚିତ୍ତ ମଳ ଦୂର ନ କରି ସତ୍ୟ ଏବଂ ସଂଯମ ରହିତ ହୋଇ କଷାୟବସ୍ତ୍ର ପରିଧାନ କରେ, ସେ ବ୍ୟକ୍ତି କଷାୟରର ଅଧିକାରୀ ନୁହେଁ । (ଧମ୍ମପଦ- ଯମକ) ଜୈନ ସାଧନାରେ ଆତ୍ମାର ନିତ୍ୟତା ସ୍ୱୀକୃତ । ମୁକ୍ତ ଆତ୍ମା ହିଁ ଈଶ୍ୱର । ଏହି ସାଧନା ମଧ୍ୟ ମନୋବୈଜ୍ଞାନିକ । ବୌଦ୍ଧଧର୍ମ ଓ ବୌଦ୍ଧ ତତ୍ତ୍ୱ ଉପରେ ପ୍ରଥମ ସାହିତ୍ୟ ରଚନାକାରୀ 'ଅଶ୍ୱଘୋଷ' [୧ମ ଶତାବ୍ଦୀ] ଏହି ଧର୍ମର ରହସ୍ୟସାଧନାର ରସାତ୍ମକ ରଚନା ବହୁ ପରବର୍ତ୍ତୀ ସମୟରେ ବିକାଶ ଲାଭକଲା । ୨ୟ- ୮ମ ଶତାବ୍ଦୀର ବୌଦ୍ଧସିଦ୍ଧମାନଙ୍କର-

Digitized by PPRACHIN, SOA

ଅସ୍ୱୀକାର କରାଗଲା ଏବଂ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ବହୁଳ ପ୍ରଚାର କରାଗଲା । ଏହି ପରମ୍ପରାରେ ଚର୍ଯ୍ୟାଗୀତିକାରୁ ବହୁ ସିଦ୍ଧ ସାଧକଙ୍କର ପରିଚୟ ମିଳେ । ଏହି ଅବୈଦିକ ପରମ୍ପରାରୁ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଅସମୀୟା, ମୈଥିଳୀ ସାହିତ୍ୟର ଉନ୍ମେଷ ଘଟିଅଛି । କାହ୍ନୁପା, ସରହପା, ଶବରୀପା ଇତ୍ୟାଦି ସାଧକଗଣଙ୍କର ରଚନାରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ସନ୍ଧାନ ମିଳିଅଛି । ସିଦ୍ଧଗଣ ଜନତାର ଧାର୍ମିକ ଅଭିପସା ପୂରଣ କରିବା ସଙ୍ଗେ ସଙ୍ଗେ ଅଲକ୍ଷରେ ସାହିତ୍ୟର ମୂଳବୀଜ ପ୍ରୋତ୍ଥିତ କରିଛନ୍ତି ଏବଂ ଧର୍ମ ଓ ସାହିତ୍ୟର ଅପୂର୍ବ ସମନ୍ୱୟ ଘଟାଇଛନ୍ତି । ସାହିତ୍ୟ ଏହାର ନିହିତାଙ୍ଗ, ଅଲକ୍ଷିତ ଦିଗ । ମାତ୍ର ସାଧନା ପଦ୍ଧତି ଓ ବିଭିନ୍ନ ମାର୍ଗରେ ପରମ ତତ୍ତ୍ୱର ଅନୁଭବ ଏହାର ଅଭିଲକ୍ଷିତ ଦିଗନ୍ତ । ଭାରତୀୟ ମଧ୍ୟଯୁଗୀୟ ସାହିତ୍ୟ ସିଦ୍ଧ ସାଧକଙ୍କ ଶୂନ୍ୟ ଓ ସହଜ ସାଧନା ମଧ୍ୟଦେଇ ବିଶେଷ ପ୍ରଭାବିତ ହୋଇଛି । କେତେବେଳେ ଉତ୍ତାଳ ତରଙ୍ଗ ମାଳିନୀ ମହାନଦୀ ଭଳି ସାହିତ୍ୟର ଶସ୍ୟକ୍ଷେତ୍ରକୁ ପ୍ଲାବିତ କରିଛି ବା କେତେ-ବେଳେ ଅନ୍ତଃସଲିଳା ଫଲ୍‌ଗୁ ଭଳି ଶସ୍ୟଶ୍ୟାମଳ କରିଛି । ବୌଦ୍ଧ ଧର୍ମ ପୂର୍ବରୁ ଜୈନ ଧର୍ମର ପ୍ରସାର ଘଟିଥିଲା । ଏହା ଅପେକ୍ଷାକୃତ ବୈଦିକ ଧାରାର ଅଧିକ ନିକଟବର୍ତ୍ତୀ । ଜୈନ ଧର୍ମରେ ଆତ୍ମା ଶାଶ୍ୱତ, ଜୀବହିଁ ବ୍ରହ୍ମ । ଜୀବର ପରିଣାମ ଶରୀର "ଶରୀର ହେଉଛି ସାଢ଼େ ତିନିହାତ ପରିମିତ ଦେବାଳୟ । ସେଠାରେ ଶାନ୍ତ ନିରଞ୍ଜନ ଆତ୍ମାର ନିବାସ । ତାହାକୁ ନିର୍ମଳହୋଇ ଅନୁସନ୍ଧାନ କର" । (ଅପଭ୍ରଂଶ ପ୍ରକାଶ)

ଓଡ଼ିଶାର ନାଥଧର୍ମ ଓ ନାଥ ସାହିତ୍ୟ ଉପରେ ଏହାର ଗଭୀର ପ୍ରଭାବ, ଲକ୍ଷ୍ୟ କରାଯାଇଥାଏ । ପଞ୍ଚସଖା ସାହିତ୍ୟରେ ହଂଯୋଗ ପ୍ରକ୍ରିୟାର ବିଶେଷ ଅନୁଶୀଳନ ମଧ୍ୟରେ ଇଡ଼ା, ପିଙ୍ଗଳା ଓ ସୁସୁମ୍ନା ରୂପକରେ ବହୁ କାବ୍ୟ, କବିତା ରଚିତ ହୋଇ ପାରମ୍ପରିକ ରହସ୍ୟବାଦର ପ୍ରତିଷ୍ଠା କରିଅଛି । ଅନ୍ୟାନ୍ୟ ଗୌଣଧାରା ମଧ୍ୟ ଏହି ମଧ୍ୟ ଯୁଗୀୟ ରହସ୍ୟ ସାହିତ୍ୟରେ ପରିଦୃଷ୍ଟ ହୋଇଥାଏ । ସେଥିମଧ୍ୟରୁ ଶୈବ, ଶାକ୍ତ, ତନ୍ତ୍ର କୌଳ ଇତ୍ୟାଦି ପ୍ରଧାନ

୪ ଆଧୁନିକ ଯୁଗ:—

ପ୍ରାଚୀନ ଓ ମଧ୍ୟଯୁଗର ରହସ୍ୟ ସାଧନା ଉପରେ ଦୃଷ୍ଟିପାତ କଲେ ଦୁଇଟି-ତତ୍ତ୍ୱ ସ୍ପଷ୍ଟ ହୁଏ । ଏହା ଯୁଗ ଭିତ୍ତିରେ ସମ୍ଭବ । ପ୍ରାଚୀନ ରହସ୍ୟ ସାଧନା ବୈଜ୍ଞିକ, ସାଧକର ମାନସ ଭୂମିରେ ଏକାନ୍ତ ବିଚରଣଶୀଳ ଅନ୍ତଃ ସାଧନା । ପୁନଶ୍ଚ ମଧ୍ୟ ଯୁଗରେ ରହସ୍ୟ ସାଧନାର ଭିତ୍ତି ଭକ୍ତି କ୍ରମଶଃ ଭାବସାଧନାର ଉଦ୍ଗମ

Digitized by PPRACHIN, SOA

ଏବଂ ପ୍ରପଞ୍ଚର କାରଣ ହୁଅନ୍ତି । ରାମ ସାହିତ୍ୟରେ ରହସ୍ୟ ଚିନ୍ତା ଅତ୍ୟନ୍ତ ସୂକ୍ଷ୍ମ, ଆବୃତହୀନ । କରୁଣ ରସ, ଶାନ୍ତର ଅଙ୍ଗୀଭୂତ । ଏହାର ଆବେଦନ ସୁତୀବ୍ର । ରାମ ମର୍ଯ୍ୟାଦାବନ୍ତ ପୁରୁଷ । ସୀତା ଚିରନ୍ତନ ବିରହର ପ୍ରତୀକ । ପରମ ତତ୍ତ୍ୱଜ୍ଞାନ ଶ୍ରୀରାମ ସୀତାଙ୍କ କ୍ଷେତ୍ରରେ ସ୍ୱୟଂ ପ୍ରତିଷ୍ଠିତ । ମାନବୀୟ ଓ ଦୈବୀଗୁଣରେ ବିଭକ୍ତ ନୁହେଁ । ସେ ସ୍ୱୟଂ ମୂଳତଃ ରହସ୍ୟ । ମାତ୍ର ବୈଷ୍ଣବ ସାହିତ୍ୟରେ ଦୁଇଟି ଧାରା ପ୍ରଚଳିତ । ଗୋଟିଏ ବାହ୍ୟ ମାନବୀୟ ଧାରା ଓ ଅପରଟି ରୂପକରୂପରେ ତତ୍ତ୍ୱଧାରା । ବାହ୍ୟଧାରାରେ ମାନବୀୟ ଚରମ ଅଭିବ୍ୟକ୍ତି ଘଟିଲେ ମଧ୍ୟ ଏହାର ତତ୍ତ୍ୱ ଅଂଶ ଉପରେ ବୈଷ୍ଣବ କବିମାନଙ୍କର ଦୃଷ୍ଟି ନିବଦ୍ଧ ହୋଇଅଛି । ମାଧୁର୍ଯ୍ୟସାଧନାର ଚରମ ପ୍ରକାଶ ଭାବରେ ଭଗବାନ ସେମାନଙ୍କ ପାଖରେ ପୂର୍ଣ୍ଣ ରୂପେ ମନୁଷ୍ୟ ପ୍ରେମିକ । ନରନାରୀର ଆକାଂକ୍ଷା, ଆକୂତି, ଆନନ୍ଦ, ବେଦନା, ବିରହ ମିଳନ ପ୍ରଭୃତି ପ୍ରେମର ବିଚିତ୍ର ଲୀଳା ସହିତ କାବ୍ୟର ସ୍ୱକୀୟ ପ୍ରେମିକ ଯୁଗଳଙ୍କର ପ୍ରେମ ଲୀଳାର ବିନ୍ଦୁମାତ୍ର ପ୍ରଭେଦ ନାହିଁ । ରସ ଦୃଷ୍ଟିରୁ ଏଗୁଡ଼ିକ ମର୍ତ୍ତ୍ୟର ମଣିଷମାନଙ୍କର ପ୍ରେମ କବିତା ହେଲେହେଁ ଗୋଟାଏ ସୁନିର୍ଦ୍ଦିଷ୍ଟ ଧର୍ମସାଧନା ବା ତତ୍ତ୍ୱବ୍ୟାଖ୍ୟାର ପୃଷ୍ଠଭୂମିରେ ଏହାର ସାର୍ଥକତା ରହିଛି । ତେଣୁ କୃଷ୍ଣ କାବ୍ୟରେ ବିଶିଷ୍ଟାଦ୍ୱୈତ ବାଦର ପ୍ରଭାବ ଦେଖାଯାଇ ଥାଏ ।

ଅଧିକାଂଶ କ୍ଷେତ୍ରରେ ପ୍ରାୟଶଃ ଦେଖାଯାଏ ଯେ ଈଶ୍ୱର ତତ୍ତ୍ୱ ଶକ୍ତିତତ୍ତ୍ୱ ଦ୍ୱାରା ପ୍ରଭାବିତ । ଏଣୁ ସାହିତ୍ୟରେ ରହସ୍ୟାତ୍ମକ ଅଦ୍ୱୟ ତତ୍ତ୍ୱର ପ୍ରକାଶ ଘଟିଥାଏ । ରାମଙ୍କର ସୀତା ଏବଂ କୃଷ୍ଣଙ୍କର ରାଧା ହେଉଛନ୍ତି ଚିରସହଚରୀ ପରମ ଶକ୍ତିରୂପା । ସାଧକ ରାଧା ବା ସୀତା ତତ୍ତ୍ୱ ମଧ୍ୟଦେଇ କୃଷ୍ଣ ବା ରାମ ତତ୍ତ୍ୱ ଉପଲବ୍ଧି କରନ୍ତି । ବିଦ୍ୟାପତି ପଦାବଳୀ, ବନମାଳୀ ପଞ୍ଜିକା ଓ ଜୟଦେବଙ୍କ ଗୀତ ଗୋବିନ୍ଦ (ରାଧାମାଧବ ସ୍ୱୋର୍ଜୟନ୍ତି ଯମୁନା କୂଳେ ରହଃ-କେଳୟଃ) ରେ ଏହି ମୁଗ୍ଧ ଅସ୍ତିତ୍ୱ ସ୍ୱୀକାର କରାଯାଇଛି ।

୩-୨ ଅବୈଦିକଧାରା—

ଓଡ଼ିଶା ଥିଲା ବୌଦ୍ଧ ଧର୍ମର ଅନ୍ୟତମ ବିହାର ସ୍ଥଳୀ । ମହାତ୍ମା ନାଗାର୍ଜୁନ, ଦିଙ୍ନାଗ ହରିଭଦ୍ରଦାସ, ଆଚାର୍ଯ୍ୟ ଧର୍ମକୀର୍ତ୍ତି ଇତ୍ୟାଦି ବୌଦ୍ଧ ସାଧକ ଗଣ ଓଡ଼ିଶାର ଧର୍ମ, ଦର୍ଶନ ଓ ସାହିତ୍ୟ ଉପରେ ଗଭୀର ପ୍ରଭାବ ପକାଇଛନ୍ତି । ଓଡ଼ିଶାର ମହାରାଜ ଇନ୍ଦ୍ରଭୂତି ମହାଯାନ ଶାଖାର ବଜ୍ରଯାନ ଦର୍ଶନର ଏବଂ ତାଙ୍କ ଭଗ୍ନୀ ଲକ୍ଷ୍ମୀଂକରା ହୀନଯାନ ଶାଖାର ସହଜଯାନର ପ୍ରବର୍ତ୍ତିକା ଥିଲେ । ତେଣୁ ଓଡ଼ିଶାରୁ ଉଦ୍ଭୂତ ଦୁଇଟି ବୌଦ୍ଧଶାଖା, ଓଡ଼ିଶାର ଜନ ଜୀବନ ଉପରେ ଗଭୀର ପ୍ରଭାବ ବିସ୍ତାର କରିଥିଲେ । ହୀନଯାନ ଶାଖାରେ କ୍ରମଶଃ ତନ୍ତ୍ର ମନ୍ତ୍ର ଓ ହଠଯୋଗର ପ୍ରବେଶ ଘଟିଲା । ମୂର୍ତ୍ତି ପୂଜା

Digitized by PPRACHIN, SOA

ମାନଙ୍କର ଦୋହାକୋଷ ତଥା ଚର୍ଯ୍ୟାଗୀତିକାରେ ଏହା ଉପଲବ୍ଧ ହୋଇଥାଏ । ଜୈନମାନଙ୍କର ରହସ୍ୟକାବ୍ୟ ଆହୁରି କିଛି ବିଳମ୍ବରେ ରଚିତହୋଇଛି । ଏହି ସିଦ୍ଧ ଓ ଜୈନ ସାଧକଙ୍କ ତନ୍ତ୍ରାଧାର ଓ ସାଧନା ପ୍ରଣାଳୀର ପ୍ରଭାବ ଭାରତୀୟ ସାହିତ୍ୟରେ ଗଭୀର ଭାବେ ଦେଖାଯାଏ । ଏହି ବିଶାଳ ପରମ୍ପରା ସମଗ୍ର ମଧ୍ୟ ଯୁଗୀୟ ସାହିତ୍ୟକୁ ଆଚ୍ଛନ୍ନ କରି ରଖିଛି ।

୩ ମଧ୍ୟଯୁଗ—

ଭାରତୀୟ ସାହିତ୍ୟ ପରିପ୍ରେକ୍ଷୀରେ ଖ୍ରୀଷ୍ଟାବ୍ଦ ୧୦୦୦ ବା ୧୧୦୦ ଠାରୁ ୧୯୦୦ ପର୍ଯ୍ୟନ୍ତ ରହସ୍ୟ ବାଦର ମଧ୍ୟକାଳ ବୋଲି ଗ୍ରହଣ କରାଯାଇ ପାରେ ।"ଦଶମ ବା ଏକାଦଶ ଶତାବ୍ଦୀଠାରୁ ଓଡ଼ିଆ, ବଙ୍ଗଳା, ଆସାମୀ, ପଞ୍ଜାବୀ, ହିନ୍ଦି, ମରାଠି ପ୍ରଭୃତି ଆଧୁନିକ ଭାରତୀୟ ଭାଷା ସମୂହ ଅପଭ୍ରଂଶ ସ୍ତରରୁ ଉନ୍ନୀତ ହୋଇ ନବୀନ ରୂପ ପରିଗ୍ରହ କରିଅଛି ।" (ପ୍ରାଚୀନ ଭାରତୀୟ ସାହିତ୍ୟର ଗୀତିକାବ୍ୟ—ଡ଼ଃ ଜାନକୀ ବଲ୍ଲଭ ମହାନ୍ତି). ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତ ବର୍ଷରେ ପ୍ରାକୃତ ସଂସ୍କୃତ ଓ ଅପଭ୍ରଂଶର ଖଣ୍ଡରାଜତ୍ୱ ଥିଲେ ହେଁ ଆଧୁନିକ ଭାରତୀୟ ଭାଷା ଗୁଡ଼ିକ ବିକାଶ ଲାଭ କରି ପାରିଥିଲା । ତେଣୁ ରହସ୍ୟବାଦର ବିକାଶକ୍ରମ ସାମଗ୍ରିକ ଭାବରେ କେତେକ ଧର୍ମଧାରା ମାଧ୍ୟମରେ ଆଲୋଚନା କରାଯାଇଛି । କାରଣ "Mysticism is religion in the most concentreted and exclusive form" (E. caid)

୩-୧ ବୈଦିକ ଧାରା—

ସାକାର ଭକ୍ତିଦର୍ଶନ ତତ୍ତ୍ୱ ଉପରେ ବୈଦିକ ଧାରାର ପ୍ରଭାବ ପଡ଼ିଥିବାର ଦେଖାଯାଏ । ବିଶିଷ୍ଟାଦ୍ୱୈତବାଦ । ଶୁଦ୍ଧାଦ୍ୱୈତବାଦ, ଦ୍ୱୈତା ଦ୍ୱୈତବାଦ ଆଦି ବିବିଧ ଭକ୍ତି ଦର୍ଶନକୁ ଆଧାର କରି ରଚିତ ଭକ୍ତି ଓ ଗୀତି କାବ୍ୟଗୁଡ଼ିକ ଏହାର ଅନ୍ତର୍ଗତ । ବୈଦିକ ଧାରାର ସାକାର ଭକ୍ତି ଦର୍ଶନର ଦୁଇଟି ଧାରା ପରିଲକ୍ଷିତ ହୁଏ । ଗୋଟିଏ ରାମ ସାହିତ୍ୟ ଓ ଅନ୍ୟଟି କୃଷ୍ଣ ସାହିତ୍ୟ । ଓଡ଼ିଆ ସାହିତ୍ୟରେ ଏଦୁଇଟି ଭକ୍ତି ଦର୍ଶନ ଭିତ୍ତି ସାହିତ୍ୟରେ ବିଶେଷ ପରିଦୃଷ୍ଟ ହୋଇଥାଏ । ବଳରାମ ଦାସଙ୍କ, ଜଗମୋହନ ରାମାୟଣ, ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ' ରାମକାବ୍ୟର ଜ୍ୱଳନ୍ତ ନିଦର୍ଶନ ।

ରାମ କାବ୍ୟରେ ଶୁଦ୍ଧାଦ୍ୱୈତବାଦର ପ୍ରଭାବ ପରିଲକ୍ଷିତ ହୋଇଥାଏ । ରାମ ପରମାତ୍ମା, ସୀତାଙ୍କର ସ୍ଥାନ ଶୁଦ୍ଧ । ସେ ମାୟା ଛାଡ଼ିତ ହୋଇ ମଳିନତ୍ୱ ଲାଭ କରନ୍ତି

Digitized by PPRACHIN, SOA

ଅସ୍ୱୀକାର କରାଗଲା ଏବଂ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ବହୁଳ ପ୍ରଚାର କରାଗଲା ଏବଂ ପରଂ ପରାରେ ଚର୍ଯ୍ୟାଗୀତକାରୁ ବହୁ ସିଦ୍ଧ ସାଧକଙ୍କର ପରିଚୟ ମିଳେ । ଏହି ଅବୈଦିକ ପରଂପରାରୁ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଅସମୀୟା, ମୈଥିଳୀ ସାହିତ୍ୟର ଉନ୍ମେଷ ଘଟିଅଛି । କାହ୍ନୁପା, ସରହପା, ଶବରୀପା ଇତ୍ୟାଦି ସାଧକଗଣଙ୍କର ରଚନାରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ସନ୍ଧାନ ମିଳିଅଛି । ସିଦ୍ଧଗଣ ଜନତାର ଧାର୍ମିକ ଅଭିପ୍ସା ପୂରଣ କରିବା ସଙ୍ଗେ ସଙ୍ଗେ ଅଲକ୍ଷରେ ସାହିତ୍ୟର ମୂଳବୀଜ ପ୍ରୋତ୍ଥିତ କରିଛନ୍ତି ଏବଂ ଧର୍ମ ଓ ସାହିତ୍ୟର ଅପୂର୍ବ ସମନ୍ୱୟ ଘଟାଇଛନ୍ତି । ସାହିତ୍ୟ ଏହାର ବହିଃରଙ୍ଗ, ଅଲକ୍ଷିତ ଦିଗ । ମାତ୍ର ସାଧନା ପଦ୍ଧତି ଓ ବିଭିନ୍ନ ମାର୍ଗରେ ପରମ ତତ୍ତ୍ୱର ଅନୁଭବ ଏହାର ଅଭିଲକ୍ଷିତ ଦିଗନ୍ତ । ଭାରତୀୟ ମଧ୍ୟଯୁଗୀୟ ସାହିତ୍ୟ ସିଦ୍ଧ ସାଧକଙ୍କ ଶୂନ୍ୟ ଓ ସହଜ ସାଧନା ମଧ୍ୟଦେଇ ବିଶେଷ ପ୍ରଭାବିତ ହୋଇଛି । କେତେବେଳେ ଉତ୍ତାଳ ତରଙ୍ଗ ମାଳିନୀ ମହାନଦୀ ଭଳି ସାହିତ୍ୟର ଶସ୍ୟକ୍ଷେତ୍ରକୁ ପ୍ଲାବିତ କରିଛି ବା କେତେ-ବେଳେ ଅନ୍ତଃସଲିଳା ଫଲ୍‌ଗୁ ଭଳି ଶସ୍ୟ ଶ୍ୟାମଳା କରିଛି । ବୌଦ୍ଧ ଧର୍ମ ପୂର୍ବରୁ ଜୈନ ଧର୍ମର ପ୍ରସାର ଘଟିଥିଲା । ଏହା ଅପେକ୍ଷାକୃତ ବୈଦିକ ଧାରାର ଅଧିକ ନିକଟବର୍ତ୍ତୀ । ଜୈନ ଧର୍ମରେ ଆତ୍ମା ଶାଶ୍ୱତ, ଦେବହିଁ ବ୍ରହ୍ମ । ଈଶ୍ୱର ପରିଣାମ ଶରୀର "ଶରୀର ହେଉଛି 'ସାଢ଼େ ତିନିହାତ' ପରିମିତ ଦେବାଳୟ । ସେଠାରେ ଶାନ୍ତ ନିରଞ୍ଜନ ଆତ୍ମାର ନିବାସ । ତାହାକୁ ନିର୍ମଳ ହୋଇ ଅନୁସନ୍ଧାନ କର ।"

(ଅପଭ୍ରଂଶ ପ୍ରକାଶ)

ଓଡ଼ିଶାର ନାଥଧର୍ମ ଓ ନାଥସାହିତ୍ୟ ଉପରେ ଏହାର ଗଭୀର ପ୍ରଭାବ ଲକ୍ଷ୍ୟ କରାଯାଇ ଥାଏ । ପଞ୍ଚସଖା ସାହିତ୍ୟରେ 'ହଂଯୋଗ' ପ୍ରକ୍ରିୟାର ବିଶେଷ ଅନୁଶୀଳନ ମଧ୍ୟରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ପ୍ରତୀକରେ ବହୁ କାବ୍ୟ, କବିତା ରଚିତ ହୋଇ ପାରିଭାଷିକ ରହସ୍ୟବାଦର ପ୍ରଚେଷ୍ଟା କରିଅଛି । ଅନ୍ୟାନ୍ୟ ଗୌଣଧାରା ମଧ୍ୟ ଏହି ମଧ୍ୟ ଯୁଗୀୟ ରହସ୍ୟ ସାହିତ୍ୟରେ ପରିଦୃଷ୍ଟ ହୋଇଥାଏ । ସେଥିମଧ୍ୟରୁ ଶୈବ, ଶାକ୍ତ, ତନ୍ତ୍ର କୌଳ ଇତ୍ୟାଦି ପ୍ରଧାନ ।

୪. ଆଧୁନିକ ଯୁଗ ;—

ପ୍ରାଚୀନ ଓ ମଧ୍ୟଯୁଗର ରହସ୍ୟ ସାଧନା ଉପରେ ଦୃଷ୍ଟିପାତ କଲେ ଦୁଇଟି ତତ୍ତ୍ୱ ସ୍ପଷ୍ଟ ହୁଏ । ଏହା ମୂଳ ଭିତ୍ତିରେ ସମ୍ଭବ । ପ୍ରାଚୀନ ରହସ୍ୟ ସାଧନା ବୈକ୍ତିକ, ସାଧକର ମାନସ ଭୂମିରେ କେନ୍ଦ୍ର ବିବର୍ତ୍ତନଶୀଳ, ଅନ୍ତଃ ସାଧନା । ପୁନଶ୍ଚ ମଧ୍ୟଯୁଗରେ ରହସ୍ୟ ସାଧନାର ଭିତ୍ତିଭୂମି ଜନଗଣ ଭାବ ସାଧନର ଉଚ୍ଚତମ ଶିଖରରୁ ଅବତରଣ କରି

Digitized by PPRACHIN, SOA

ପୂଜା ପଦ୍ଧତି ଓ କର୍ମକାଣ୍ଡ ମଧ୍ୟରେ ପଥଭ୍ରଷ୍ଟ ହୋଇ ରୂଢ଼ିବାଦରେ ପରିଣତ ହୋଇଗଲା । ଧର୍ମ, ସୂକ୍ଷ୍ମ ଅନୁଭୂତି ନହୋଇ, ହୋଇଗଲା ଏକ ସଂକୁଚିତ ସଂସ୍କାର ।

ଜୀବନ ଓ ସାହିତ୍ୟରେ ଯେତେବେଳେ ଦେଖାଦେଲା ସ୍ଥିତିଶୀଳତା ଓ ଅନ୍ଧତମସ୍ର ଜର୍ଜରତା, ସେତେବେଳେ ସମାଜରେ ଦେଖାଦେଲେ ସଂସ୍କାରକ, ମହାପୁରୁଷଗଣ । ଯୁଗର ଆବଶ୍ୟକତା ପୂରଣ କରିବାପାଇଁ ଆଗେଇ ଆସିଲେ ସିଦ୍ଧ, ସାଧକ ଓ ସମାଜ ସେବୀଗଣ । ଅଭିମୁଖ୍ୟରେ ଆସିଲା ପରିବର୍ତ୍ତନ । ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକ ହେଲା ଭାରତର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପୁନରୁତ୍ଥାନର ସମୟ । ଅବତାରବାଦ, ମୂର୍ତ୍ତିପୂଜା ଇତ୍ୟାଦି ବିରୁଦ୍ଧରେ ଆନ୍ଦୋଳନ ହୋଇ ରୂଢ଼ିଗତ ଜଡ଼ତାରୁ ଧର୍ମ ଧାରାକୁ ମୁକ୍ତ କରାଇବା ପାଇଁ ପ୍ରଚେଷ୍ଟା କରାଗଲା । ଆର୍ଯ୍ୟସମାଜ, ବ୍ରହ୍ମସମାଜ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ରାମତୀର୍ଥ, ରବୀନ୍ଦ୍ରନାଥ, ଯୋଗୀ ଅରବିନ୍ଦ ଇତ୍ୟାଦି ଏ ଦିଗରେ ଉଲ୍ଲେଖ ଯୋଗ୍ୟ ଭୂମିକା ଗ୍ରହଣ କଲେ ।

ତେଣୁ ଧର୍ମ ଧାରାରେ ଦେଖା ଦେଲା ମୁକ୍ତ ପ୍ରବାହ । ସେହି ପ୍ରବାହ ରହସ୍ୟ ସାହିତ୍ୟରେ ରସ ରୂପରେ ପାଠକର ତୃଷ୍ଣା ପ୍ରଶମିତ କଲା । ଆଧୁନିକ ଭାରତୀୟ ରହସ୍ୟ ସାହିତ୍ୟ ଉପରେ ମୁଖ୍ୟତଃ ତିନୋଟି ପ୍ରଭାବ ପରିଲକ୍ଷିତ ହୋଇଥାଏ ।

୧) ବେଦ, ଉପନିଷଦ ଏବଂ ତତ୍ତ୍ୱ ଉଦ୍ଭୂତ ଅନ୍ୟାନ୍ୟ ଧର୍ମ ଆନ୍ଦୋଳନ ୨) ବଙ୍ଗଳାର ରହସ୍ୟବାଦୀ କବି ରବୀନ୍ଦ୍ରନାଥ ୩) ପାଶ୍ଚାତ୍ୟ ରୋମାଣ୍ଟିସିଜମ । ଭାରତୀୟ କବି ରସ ସଂଗ୍ରହ କଲେ ଏଥିରୁ । ଧର୍ମର ବିଭିନ୍ନ ମତବାଦ ଯେତେବେଳେ ବାଙ୍ମୟ ରୂପରେ ମନୁଷ୍ୟର ସୂକ୍ଷ୍ମ ଚେତନାକୁ ଆନ୍ଦୋଳିତ କରେ, ଏକ ଦିବ୍ୟ ଭୂମିକୁ ନେଇଯାଇ ଅଲୌକିକ ସତ୍ତା ସହିତ ସଂଯୋଗ ଘଟାଏ ତାହାହିଁ ରହସ୍ୟବାଦୀ ସାହିତ୍ୟ ବୋଲି ପରିଚିତ ହୋଇଥାଏ । ଯୁଗେ ଯୁଗେ ଏହି ରହସ୍ୟ ଚିନ୍ତା ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଆସିଛି । ଆଧୁନିକ ଭାରତୀୟ ସାହିତ୍ୟରେ ପ୍ରତିଫଳିତ ରହସ୍ୟ ଭାବନା ଅତ୍ୟନ୍ତ ସୂକ୍ଷ୍ମ ଏବଂ ଏହା ଯୌଗିଚେତନାର ଏକ ଝଲକମାତ୍ର । କବୀର, ଦାଦୁ ନାନକ, ମୀରା, ଜଗନ୍ନାଥଦାସ, ବଳରାମଦାସ, ଉପେନ୍ଦ୍ରଭଞ୍ଜ, ଭୀମଭୋଇ ଓ ବଙ୍ଗଳାର ବାଉଲ କବିଗଣଙ୍କ ଭଳି ଆଧୁନିକ ରହସ୍ୟ ବାଦୀ କବି, ସାଧକ ନୁହନ୍ତି କବିମାତ୍ର । କବି କର୍ମରେ ଚେତନାର ସର୍ବୋଚ୍ଚ ସୋପାନର ଆରୋହଣ ପର୍ଯ୍ୟାୟରେ ସେମାନେ ଦିବ୍ୟ ଆଲୋକର କ୍ଷଣ ସ୍ପର୍ଶ ପାଇଥାନ୍ତି । ରହସ୍ୟ ବିଦୁର ଯେଉଁ ଶେଷ ରଶ୍ମି ରେଖାଟି ତାଙ୍କୁ ଉଦ୍‌ଭାସିତ କରୁଥାଏ, ଯେଉଁ ଶେଷ ମୂର୍ଚ୍ଛିତ ସ୍ୱରଟି ହୃଦୟକୁ ଅନୁରଣିତ କରୁଥାଏ, ତା'ର ରୂପ ସାହିତ୍ୟରେ ପ୍ରକାଶିତ ହୁଏ । ଆଧୁନିକ ରହସ୍ୟବାଦୀ ସାହିତ୍ୟର

Digitized by PPRACHIN, SOA

ଏହାହିଁ ମର୍ମ କଥା । ରହସ୍ୟଚେତନା ଏକ ଗିରିନଦୀ ଯାହାର ପ୍ରତ୍ୟେକ ମୁହୂର୍ତ୍ତରେ ସମୁଦ୍ର ସଙ୍ଗମ ଘଟୁଥାଏ । ତଥାପି ଯୁଗ ଯୁଗାନ୍ତର ବ୍ୟାପୀ ଏହାର ପ୍ରବହମାନତା ବିଦ୍ୟମାନ ।

ବିଂଶ ଶତାବ୍ଦୀର ରହସ୍ୟ ଚେତନା କବି ରବୀନ୍ଦ୍ରନାଥଙ୍କ ଦ୍ୱାରା କେତେକାଂଶରେ ପ୍ରଭାବିତ । ନୋବେଲ ପୁରସ୍କାର ପାଇବା ପରେ ରବୀନ୍ଦ୍ରନାଥ ହଠାତ୍ ଭାରତୀୟ ସାହିତ୍ୟରେ ଏକ ଉତ୍ତୁଙ୍ଗ ସ୍ୱର ରୂପେ ସବୁ ସାହିତ୍ୟିକଙ୍କର ସ୍ପଷ୍ଟ ଓ ଅସ୍ପଷ୍ଟ ଭାବରେ ନୟନପଥଗାମୀ ହେଲେ । ଭାବଚେତନାର ଆକର୍ଷଣରେ କେହି ସେହି ସ୍ୱରର ଅଧିକ ନିକଟବର୍ତ୍ତୀ ହେଲେ କେହି ବା ଦୂରରୁ ଚାହାଣୀଟାଏ ପକାଇଥିଲେ ମାତ୍ର ।

ରହସ୍ୟ ଭାବଧାରାର ବିକାଶରେ ରବୀନ୍ଦ୍ରନାଥ ସ୍ୱାତନ୍ତ୍ର୍ୟ ରକ୍ଷା କରିଛନ୍ତି । ରବୀନ୍ଦ୍ର କାବ୍ୟପ୍ରତିଭାର ବିଶିଷ୍ଟ ସ୍ୱରୂପ ଅତୀନ୍ଦ୍ରିୟ ଅନୁଭୂତି । ଏହାର କେନ୍ଦ୍ରସ୍ଥଳରେ ବିଦ୍ୟମାନ ଉପନିଷଦୀୟ ଚିନ୍ତା । ରବୀନ୍ଦ୍ର ଦିବ୍ୟମାନସ ଗଠନରେ ବ୍ରାହ୍ମଧର୍ମର ଉଲ୍ଲେଖଯୋଗ୍ୟ ପ୍ରଭାବ ମଧ୍ୟ ନିହିତ । ରବୀନ୍ଦ୍ର ମନୀଷା ଯେଉଁଠି ଉତ୍କ୍ରାନ୍ତ ତାହା ତାଙ୍କର କଳାଧର୍ମ ସହିତ ସନ୍ତୁଳିତ ହୋଇଥିବାର ଦେଖାଯାଇଛି । ଖେୟା, ଗୀତାଞ୍ଜଳି, ଗୀତିମାଲ୍ୟ, ଗୀତାଲିର ଯୁଗକୁ ରବୀନ୍ଦ୍ରନାଥ ଇତିହାସରେ ଆଧ୍ୟାତ୍ମିକ ଯୁଗ ବୋଲି କୁହାଯାଏ । ଭଗବତ୍ ଉପଲବ୍ଧିର ବିଚିତ୍ର ଅନୁଭୂତି ହିଁ ଏ ଯୁଗର ମୂଳସ୍ୱର । ପୃଥିବୀର ଅନ୍ୟାନ୍ୟ ମିଷ୍ଟିକ କବିତା ସହିତ ରବୀନ୍ଦ୍ରନାଥଙ୍କ କବିତା ତୁଳନା କଲେ ଗୋଟିଏ ବୈଶିଷ୍ଟ୍ୟ ଲକ୍ଷ କରାଯାଏ । ରବୀନ୍ଦ୍ରନାଥଙ୍କର ଭଗବତ୍‌ପ୍ରେମର ପଶ୍ଚାତରେ କୌଣସି ନିର୍ଦ୍ଦିଷ୍ଟ ଧର୍ମମତ ବା ସାଧନ ପଦ୍ଧତି ନାହିଁ । ଏହା ତାଙ୍କର ଜୀବନର ଗୋଟାଏ ସ୍ୱରବ୍ୟାପୀ ଏକ ବିଶିଷ୍ଟ ଅନୁଭୂତି ମାତ୍ର । ତାଙ୍କର ଈଶ୍ୱର କେବଳ ମାଧୁର୍ଯ୍ୟମୟ ନୁହନ୍ତି ଐଶ୍ୱର୍ଯ୍ୟ ମଧ୍ୟ । ବୈଷ୍ଣବୀୟ ପଦାବଳୀର ଭଗବାନଙ୍କ ଭଳି ତାଙ୍କର ଭଗବାନଙ୍କୁ ସେ ନିତାନ୍ତ ମାନବୀୟ ଭଗବାନରେ ପରିଣତ କରିନାହାନ୍ତି । ରବୀନ୍ଦ୍ରନାଥଙ୍କର ଭଗବାନ କେତେବେଳେ ଅସୀମ, ଅନନ୍ତ, କେତେବେଳେ ପରମ ପ୍ରିୟତମ, କେତେବେଳେ ସର୍ବହରା ଦରିଦ୍ର ମଧ୍ୟରେ ତାଙ୍କର ରଂଜିତ ଚରଣ, କେତେବେଳେ ପ୍ରକୃତି ଓ ମାନବ ମଧ୍ୟରେ ବହୁ ରୂପ ରସର ପ୍ରକାଶିତ । ସେ ଅରୂପ ସଦାଚଞ୍ଚଳ । ଚିର ବିଚିତ୍ର—ଅନନ୍ତଲୀଳା ରସିକ ।

ଆଧୁନିକ ହିନ୍ଦୀ ସାହିତ୍ୟରେ ଏହି ଧାରାଟି ବିଶେଷ ପ୍ରଚଳିତ ଓ ଆଲୋଚିତ । ପ୍ରଖ୍ୟାତ ରହସ୍ୟବାଦୀ କବି ପ୍ରସାଦ, ନିରାଲା, ପନ୍ତ (ସୁମିତ୍ରାନନ୍ଦନ) ମହାଦେବୀ ବର୍ମା

Digitized by PPRACHIN, SOA

ଇତ୍ୟାଦି ଏ ଢଙ୍ଗରେ ଲେଖନୀ ଚାଳନା କରିଛନ୍ତି । ପ୍ରସାଦ ଯାନ୍ତ୍ରିକ ଓ ବସ୍ତୁବାଦୀ ସଭ୍ୟତାର ଗଣ୍ଡିରୁ ସାହିତ୍ୟକୁ ମୁକ୍ତ କରିବାର ପ୍ରୟାସ କରି ସଫଳ ହୋଇଛନ୍ତି । କାମାୟନୀ ଏ ପର୍ଯ୍ୟାୟର ତାଙ୍କର ଶ୍ରେଷ୍ଠ ଗ୍ରନ୍ଥ । ଜୀବନର ଉତ୍ପତ୍ତି ଓ ବିକାଶ ଉପରେ ଏକ ରହସ୍ୟବାଦୀ ଚିନ୍ତା ଏଥିରେ ବ୍ୟକ୍ତ କରାଯାଇଛି । ମହାଦେବୀ ବର୍ମା ସାଂସାରିକ ରୂଢ଼ ଦୈନନ୍ଦିନତା ମଧ୍ୟରୁ ମୁକ୍ତି ପାଇ ପ୍ରକୃତି ମଧ୍ୟରେ ପରମ ସତ୍ତାର ଅନ୍ୱେଷଣ କରିଛନ୍ତି । ପନ୍ଥ (ସୁମିତ୍ରାନନ୍ଦନ)ଙ୍କ ଉପରେ ରବୀନ୍ଦ୍ରନାଥଙ୍କ ପ୍ରଭାବ ସ୍ପଷ୍ଟ । ପ୍ରକୃତିର ବିଭବ ମଧ୍ୟରେ ପରମ ସତ୍ତାଙ୍କର ଆକୁଳ ଅନୁସନ୍ଧାନ ତାଙ୍କ ରହସ୍ୟ କବିତାର ମୁଖ୍ୟ ଉପଜୀବ୍ୟ । ନିରାଲାଙ୍କ ରହସ୍ୟ କବିତା ଯନ୍ତ୍ରଣା, ନିସଙ୍ଗତା, ଶୂନ୍ୟତା ଅତିକ୍ରମି ଦିବ୍ୟ ସତ୍ତାର ସନ୍ଧାନ ଓ ମିଳନର ଚିତ୍ର ପ୍ରଦାନ କରେ । ଏତଦ୍‌ବ୍ୟତୀତ ମୋହନ ଲାଲ ମେହେତା ଓ ରାମକୁମାର ବର୍ମା, ରାଜାରାମ ଶୁକ୍ଳ ଇତ୍ୟାଦି କବିଗଣ ରହସ୍ୟବାଦୀ କବିତା ରଚନା କ୍ଷେତ୍ରରେ ସ୍ମରଣୀୟ ।

ଆଧୁନିକ ଓଡ଼ିଆ ସାହିତ୍ୟରେ ରହସ୍ୟବାଦୀ ଚିନ୍ତାଧାରା ଅପ୍ରତୁଳ ନୁହେଁ । ଉପରୋକ୍ତ ଦିନୋଟି ପ୍ରଭାବ ମଧ୍ୟ ଏହି ସାହିତ୍ୟ ପାଇଁ ପ୍ରଯୁଜ୍ୟ । ବ୍ରହ୍ମବାଦୀ ମଧୁସୂଦନ, କାନ୍ତକବି ଲକ୍ଷ୍ମୀକାନ୍ତ, ମାୟାଧର ମାନସିଂ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ, କୁନ୍ତଳା କୁମାରୀ, ରାଧାମୋହନ ଗଡ଼ନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ବିଦ୍ୟୁତପ୍ରଭା, ବିନୋଦଚନ୍ଦ୍ର ନାୟକ, ବେଣୁଧର ରାଉତ, ଗୁରୁପ୍ରସାଦ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଡଃ ଜାନକୀ ବଲ୍ଲଭ ମହାନ୍ତି, ଡଃ ଗୋପାଳ ଚନ୍ଦ୍ର ମିଶ୍ର, ଶ୍ରୀମତୀ ପ୍ରତିଭା ଶତପଥୀ ପ୍ରମୁଖ କବିଗଣ ଭାବାତ୍ମକ ଓ ଅଭିବ୍ୟକ୍ତି ମୂଳକ ରହସ୍ୟ କବିତା ରଚନା କରିଛନ୍ତି । ଉପନିଷଦୀୟ ଚିନ୍ତା, ବିସ୍ମୟ, ଜିଜ୍ଞାସାବୋଧ ମଧୁସୂଦନଙ୍କ କବିତାରେ ଉପଲବ୍ଧ । ବୈଦିକ ଋଷି ଭଳି ପ୍ରକୃତିରେ ବିଭୁସତ୍ତାର ଋଲୋଳ ପରିପ୍ରକାଶରେ କେତେବେଳେ ବିସ୍ମିତ ବିମୁଗ୍ଧ କେତେବେଳେ ଶିଶୁସୁଲଭ ଜିଜ୍ଞାସାରେ ଉଦ୍‌ବେଳିତ ବା କେତେବେଳେ ପ୍ରକୃତିର ସୁମୋହନ ରୂପଚ୍ଛଟାରେ ମୁଗ୍ଧ ଚୈତନ୍ୟହୀନ । ପ୍ରକୃତିରୁ ଆତ୍ମଜିଜ୍ଞାସା, ଜିଜ୍ଞାସାର ପ୍ରତ୍ୟୟ ପ୍ରତ୍ୟୟଶ୍ରୀ ଆଲୋକ, ଆଲୋକରୁ ମହାଲୋକକୁ ଉତ୍ତରଣ ଏଥିପାଇଁ ଅନେକତ୍ର ତାଙ୍କର କବିତା କାବ୍ୟ ଧର୍ମରୁ ବିଚ୍ୟୁତ ହୋଇ ପଡ଼ିଛି ।

ମାୟାଧର ମାନସିଂ, କାଳିନ୍ଦୀଚରଣ ଏବଂ ବୈକୁଣ୍ଠନାଥ ଇତ୍ୟାଦି ଇଂରେଜୀ ରହସ୍ୟବାଦୀ କବି ଓ୍ୱାର୍ଡସ ଓ୍ୱାର୍ଥ, ବ୍ଲାକ୍, ଡନେଲୀ, କୀଟସେ ଓ ବ୍ରାଉନିଂ ଦ୍ୱାରା ପ୍ରଭାବିତ । ରୋମାଣ୍ଟିକ ଭାବଚେତନାର ସ୍ୱାଭାବିକ ପରିଣତି ମିଷ୍ଟିସିଜମ । ତେଣୁ ରୋମାଣ୍ଟିସିଜମର ଶେଷ ପରିଚ୍ଛେଦ ବୋଲି କୁହାଯାଇଥାଏ । କାନ୍ତକବି ଲକ୍ଷ୍ମୀକାନ୍ତ

Digitized by PPRACHIN, SOA

ରବୀନ୍ଦ୍ରନାଥଙ୍କ ଦ୍ୱାରା ପ୍ରଭାବିତ । ତତ୍ସହିତ ବୈଷ୍ଣବୀୟ ଧର୍ମଚେତନା ତାଙ୍କ ରହସ୍ୟକବିତାର ପ୍ରାଣଧର୍ମ । ମର୍ମବେଦନାର ଗଭୀର ଉଚ୍ଛ୍ୱାସ, ଦୁଃଖବୋଧ, ଲକ୍ଷ୍ମୀକାନ୍ତଙ୍କ ସାକାର ଭକ୍ତି ଦର୍ଶନ ମାଧ୍ୟମରେ ପରମେଶ୍ୱରଙ୍କ ନିକଟକୁ ଟାଣି-ନେଇଛି । ମାୟାଧର ମାନସିଂ ଦେହରୁ ଅଦେହକୁ, ସ୍ଥୂଳରୁ ସୂକ୍ଷ୍ମକୁ ରୂପରୁ ଅରୂପକୁ ଯାତ୍ରା କରିଛନ୍ତି । 'ଗୋପନମିଳନ' ତାଙ୍କର ରୂପବଦଳମାତ୍ର ଚନ୍ଦ୍ରାମଣିରୁ ପ୍ରେମ ଚନ୍ଦ୍ରାମଣିକୁ । କୁନ୍ତଳାକୁମାରୀଙ୍କ ରହସ୍ୟଚେତନା ଏକ ଅଶାନ୍ତ ଗିରିନଦୀ ଭଳି, ଅବିଶ୍ରାନ୍ତ, ଅବିରଳ । ମାନବୀୟ ସମ୍ପର୍କର ମଧ୍ୟଦେଇ ସାଗର ସଙ୍ଗ ପାଇଁ ସନ୍ତପ୍ତ ବ୍ୟାକୁଳତା ଏମାନଙ୍କ ମଧ୍ୟରୁ କବି ବୈକୁଣ୍ଠନାଥ ଏକ ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ ରକ୍ଷା କରିଛନ୍ତି । ସେ ସାନ୍ତ ମାଝି ଚିର ବନ୍ଧୁ ବ୍ୟାଧ । ଅନାଦି ଅତୀତରୁ ଅନନ୍ତ ଭବିଷ୍ୟତ ବ୍ୟାପୀ ତାଙ୍କ ପରାଣ କୁଞ୍ଜରେ ମୁରଲୀଧ୍ୱନି ଗୁଞ୍ଜରି ଉଠିଛି । ସେହି ସୁରରେ ସେ ଉନ୍ମନା । ମାନସ ହଂସ ତାଙ୍କର ମାନସସରୋବର ଅଭିମୁଖେ ଚିର ଗତିଶୀଳ । ମନର ଭିତ୍ତିଭୂମିରୁ ମାନବୀୟ ରସ ମଧ୍ୟଦେଇ ଭଗବାନଙ୍କୁ ଉପଲବ୍ଧି କରିବାର ପ୍ରୟାସ କରିଛନ୍ତି । ଏହି ଅବବୋଧରୂପୀ ପ୍ରସାଦର ଆଧାରକେନ୍ଦ୍ର ଗଭୀର ଦୁଃଖବୋଧ । ଗୋଟିଏ ସ୍ଥିର ଉପଲବ୍ଧିର ପରମଶାନ୍ତି ଓ ସାର୍ଥକତା ତାଙ୍କର ସମ୍ୟ ନୁହେଁ । ସେ ଜନ୍ମେ ଜନ୍ମେ ନବନବ ପରିସ୍ଥିତି ମଧ୍ୟରେ ନବ-ରୂପରେ ସେହି ପରମ ପ୍ରିୟତମ ପୁରୁଷଙ୍କୁ ଅନୁଭବ କରିବେ । "କେଉଁଠାରେ କବି ସେହି ଅଦୃଶ୍ୟ ସତ୍ତାର ଆଗମନୀ ଛନ୍ଦ ଶୁଣିଛନ୍ତି ତ କେଉଁଠି ତାଙ୍କ ପାଇଁ ହୋଇ ମିଳନ ଆକାଂକ୍ଷାରେ ଅପେକ୍ଷା କରିଛନ୍ତି । କେଉଁଠି ସେ ନିକଟର ଉପଲବ୍ଧିତ କେଉଁଠି ପୁଣି ଦୂରରୁ ଦୂରତର, ଏହି ଗଭୀର ଇନ୍ଦ୍ରିୟୋତ୍ତର ବିଶ୍ୱବୋଧ ରହସ୍ୟବାଦୀ କବିତାର ପ୍ରାଣସତ୍ତା" (ସଂବୃକରୁ ସାମ୍ପ୍ରତିକ ଡ଼ଃ ନିତ୍ୟାନନ୍ଦ ଶତପଥୀ) ନାନା ଅପସୃୟମାଣ ଆଲୋକ ରଶ୍ମିର ବର୍ଣ୍ଣମୟ ଛଟାରେ ସେ ସେହି ରହସ୍ୟ-ମୟଙ୍କୁ ଉପଲବ୍ଧି କରିବାକୁ ଚାହିଁଛନ୍ତି ।

"କୂଳର ଜନପ୍ରାଣୀ କେତେ ମିଳାଅ ଆଖି/ନୟନ ପଲକରେ ଲୁଚୁଅ ଜାଣି ଜାଣି ।" (ଯାତ୍ରା ସଙ୍ଗୀତ—ବୈକୁଣ୍ଠ ନାଥ) କାଳନ୍ଦୀ ଚରଣ ପ୍ରକୃତିକ ରହସ୍ୟବାଦୀ କବି । ହିନ୍ଦୀ ସାହିତ୍ୟର ଛାୟାବାଦୀ କବିଙ୍କ ପରି ପ୍ରକୃତି ମଧ୍ୟରେ ଅଲୌକିକ ସତ୍ତାର ଅନୁସନ୍ଧାନ ଓ ସମର୍ପଣ ତାଙ୍କ କବିତାରେ ଲକ୍ଷ୍ୟ କରାଯାଏ । ଏକ ପ୍ରବଳ ଝଞ୍ଜାରେ ପୁଞ୍ଜୀଭୂତ ସକଳ ରୂଢ଼ିବାଦର ଆବର୍ଜନା ହୃଦୟ ପ୍ରାନ୍ତରରୁ ବହିଷ୍କୃତ ହୋଇ ନବଚେତନାରେ ଉଦ୍ଭାସିତ ହୋଇ ଉଠିଛି । ରବୀନ୍ଦ୍ରନାଥଙ୍କ ପରି ତାଙ୍କ ଆଖିଆଗରୁ ଗୋଟାଏ ପରଦା ଅପସାରିତ ହୋଇ ମୁହୂର୍ତ୍ତକ ମଧ୍ୟରେ

Digitized by PPRACHIN, SOA

ବିଶ୍ୱ ସଂସାରର ଅପରୂପ ନନ୍ଦମାନସ୍ତ ରୂପ ସମାଚ୍ଛନ୍ନ ହୋଇଯାଇଛି । କବି କାଳନ୍ଦୀ ଚରଣଙ୍କ ହୃଦୟରେ ରହସ୍ୟବୋଧର ପ୍ରାଚୀନ ବା ମୌଳିକ ବ୍ୟଞ୍ଜନ (intuition) ଝିଙ୍ଗରୂପରେ ପ୍ରବେଶ କରିଛି । ଜାଗରିତ କରିଛି ଅସୀମ ପିପାସା ।

ଅଧ୍ୟାପକ, ରସାଲପୁର କଲେଜ
ପୋ . ରସାଲପୁର
ଜି : ବାଲେଶ୍ୱର

Digitized by PPRACHIN, SOA

ସତ୍ୟମେବ ଜୟତେ

—ଏମ୍. ମିଶ୍ର

ପରୀକ୍ଷା ହଲ୍‌ର ଦୀର୍ଘ ନୀରବତା ଭଙ୍ଗକରି ସ୍କୁଲ୍ ଘଣ୍ଟା ବାଜି ଉଠିଲା— "ଠନ୍......" ଘଣ୍ଟାଏ" ବିତିଯିବାର ଏହି ସୂଚନା ଲାଭ କରି ବିଭିନ୍ନ ପରୀକ୍ଷାର୍ଥୀଙ୍କର ବିଭିନ୍ନ ପ୍ରତିକ୍ରିୟା ଦେଖାଗଲା ।

କେହି କେହି କଲମ ଉପରେ ଆଙ୍ଗୁଳିଗୁଡ଼ିକୁ ଦୃଢ଼ତର କରି ପରୀକ୍ଷା ଖାତା ଉପରେ ମୁହଁକୁ ଅଧିକ ଝୁଲାଇ ନେଲେ । କେହି କେହି ଘଣ୍ଟାକୁ ବାରମ୍ବାର ଦେଖୁଥିଲେ, ଯେପରିକି ସେମାନେ ଆଶ୍ଚର୍ଯ୍ୟ ହେଉଛନ୍ତି ଏତେ ଶୀଘ୍ର ଘଣ୍ଟାଟିଏ ବିତିଗଲା କିପରି ? ବାସ୍ତବିକ୍ ଏହି ଶ୍ରେଣୀର ପିଲାମାନେ ଘଣ୍ଟାଏ ପୂର୍ବରୁ ଲେଖା ସମାପ୍ତ କରି ଖାତା ଉପରେ କଲମ ଏପଟ ସେପଟ କରିବାରେ ଅଭ୍ୟସ୍ତ । ଆଉ କେତେଜଣ ଏଥର ବାହାରକୁ ଯିବାର ଅଧିକାର ଆସିଯିବା ଜାଣି "May I go out Sir ?" କହିବାର ଉପକ୍ରମ କରୁଥିଲେ ।

କିନ୍ତୁ ସବୁଠାରୁ ବେଶୀ ପ୍ରତିକ୍ରିୟା ହେଲା ଇନ୍‌ଭିଜିଲେଟର ପଣ୍ଡିତ ମହାଶୟଙ୍କର । ଘଣ୍ଟା ବାଜିବା ମାତ୍ରେ ସେ ଚଡ଼ଆସନରେ ଯନ୍ତ୍ରୀ ମଧ୍ୟସ୍ଥ ଶୃଗାଳ ପରି ଦ୍ରୁତତରରେ ପଦଚାରଣ କରିବାକୁ ଲାଗିଲେ । ବାଜିଥିବା ଘଣ୍ଟାକୁ ଅଧିକ ପରିଷ୍କାର ରୂପେ ପିଲାମାନଙ୍କୁ ବୁଝାଇ ଦେବାକୁ ଯାଇ ସେ ଘୋଷଣା କଲେ, "ଏକ ଘଣ୍ଟା ବିତିଗଲା ଆଉ ଏକ ଘଣ୍ଟା ୩୦ ମିନିଟ୍ ପରେ ଉତ୍ତର ପତ୍ର ଦାଖଲ କରିବାକୁ ପଡ଼ିବ ।" ସତେ ଯେପରି ଏ କଥା କୌଣସି ପରୀକ୍ଷାର୍ଥୀ ଜାଣନ୍ତି ନାହିଁ ।

ଏ ପରୀକ୍ଷାର୍ଥୀ ସମସ୍ତେ ମାଟ୍ରିକ ପରୀକ୍ଷାର୍ଥୀ । ସମସ୍ତେ ଅବଶ୍ୟ ସମବୟସ୍କ ନୁହଁନ୍ତି । କାରଣ ଶିକ୍ଷାର ଶେଷ ପାହାଚ ଯୁନିଭର୍ସିଟିକୁ ଯିବାକୁ ହେଲେ ଯେଉଁ ପଥ ଦେଇ ଅତିକ୍ରମ କରିବାକୁ ହୁଏ, ସେଥିମଧ୍ୟରୁ ମାଟ୍ରିକ୍ ବାଟ ଦେଇ ଯାଉଥିବା ପଡ଼ଟି ଦୁର୍ଗମ ଅନେକଙ୍କ ପାଇଁ । ସେମାନଙ୍କ ମଧ୍ୟରୁ କେତେକ ସେ ପଥରେ ଝୁଣ୍ଟି ପଡ଼ି ଆଉ ଉଠି ପାରନ୍ତି ନାହିଁ, କିନ୍ତୁ ଆହୁରି ଅନେକ ଚେଷ୍ଟାର ସହିତ ବୁଝିଥିବାରୁ

Digitized by PPRACHIN, SOA

ବାରମ୍ବାର ଚେଷ୍ଟା କରନ୍ତି । ଇତିମଧ୍ୟରେ ସେମାନଙ୍କର ବୟସ ସହିତ ଯେପରି ସେମାନଙ୍କୁ ଚପି ଗିଳିଯାଇଥାଏ । ତେଣୁ ତାଙ୍କର ବୟସ ଓ ନିଜ ମଧ୍ୟରେ ରହିଥିବା ପାର୍ଥକ୍ୟ ତାଙ୍କୁ ରାଜନୀତିଜ୍ଞମାନଙ୍କ ଭାଷାରେ ‘‘ସମାଜ ବିରୋଧୀ’, କରି ପକାଏ ।

ଏ ପ୍ରକାର ପିଲାଙ୍କର ସେ ହଲ୍‌ରେ ଅଭାବ ନଥିଲା । ପଣ୍ଡିତେ ତେଣୁ ଖୁବ୍ ସାବଧାନ । ଯେପରି ଜଣେ ମଧ୍ୟ କପିର ସୁଯୋଗ ନ ପାଏ । ତାଙ୍କର ପୃଥୁଳ ମୁଖମଣ୍ଡଳରେ କ୍ଷୁଦ୍ର କ୍ଷୁଦ୍ର ଆଖି ଦୁଇଟି ହାତୀ ଆଖି ପରି ହେଲେ ମଧ୍ୟ ପାରା ଆଖିଠାରୁ ଅଧିକ ଶକ୍ତିଶାଳୀ । ତହିଁରେ ପୁଣି ଚଷମାର ଶକ୍ତି ତାକୁ ଖୁବ୍ ଶକ୍ତିଶାଳୀ କରିପକାଇଥାଏ । ସଫା ସୁମରପାଇନ୍ ଧୋତି ଉପରେ ଚେଶ୍‌କୋଟ୍ ତେଫା ପଞ୍ଜାବୀ ଓ ପାଦରେ ହାଓ୍ୱାଇ ଚପଲ ସାଙ୍ଗକୁ କପାଳର ଲାଲ୍ ଟୁକ୍ ଟୁକ୍ ସିନ୍ଦୂର ଟୋପି ତାଙ୍କର ବ୍ୟକ୍ତିତ୍ୱକୁ ବହୁଗୁଣିତ କରିଥାଏ ।

ଏଠାରେ ଏକଥା ଏକରକମ କହି ରଖିବା ଉଚିତ ଯେ ସେହି ପଞ୍ଜାବୀଟି ପଣ୍ଡିତଙ୍କର ଅତି ପ୍ରିୟ । ଏହାକୁ କେବଳ ସେ କେବଳ ଆୟୋଜନ ଦେଖି ପରିଧାନ କରନ୍ତି । ଉଦାହରଣ ସ୍ୱରୂପ ପୁରସ୍କାର ବିତରଣ ସଭା କିମ୍ବା କୌଣସି ଜୟନ୍ତୀ ବା ଶ୍ରାଦ୍ଧ ଦିବସ ଇତ୍ୟାଦି ଉତ୍ସବ, ଯେଉଁଥିରେ ବକ୍ତା ହିସାବରେ ସ୍କୁଲ ମଞ୍ଚ ଉପରେ ପଣ୍ଡିତଙ୍କୁ ବସିବାକୁ ପଡ଼େ ସେଦିନ ଏହି ପଞ୍ଜାବୀଟି ତାଙ୍କ ମନରେ ଖୁବ୍ ଆତ୍ମବିଶ୍ୱାସ ଆଣିଦିଏ । ଥରେ ଏଇ ପଞ୍ଜାବୀର ପଛପଟେ କେଉଁ ଧୂର୍ତ୍ତ ପିଲା କଲମ କାଳି ଛିଞ୍ଚିଦେଇ ଥିବାରୁ ପଣ୍ଡିତେ ସ୍କୁଲରେ ଯେଉଁ ହଟ୍ଟଗୋଳ ଲଗାଇଥିଲେ, ସେ କଥା ସ୍କୁଲର ସମସ୍ତଙ୍କୁ ବିଦିତ । ମ୍ୟାଟ୍ରିକ ପରୀକ୍ଷାର ଜଣେ ଷ୍ଟ୍ରିକ୍ଟ ଇନଭିଜିଲେଟର ଭାବରେ ସେ ନିଜର ପରିଧାନ ରୂପେ ସେହି ପଞ୍ଜାବୀଟିକୁ ବାଛିବା ଅତ୍ୟନ୍ତ ସ୍ୱାଭାବିକ ।

ପଣ୍ଡିତଙ୍କ ପ୍ରଭାବରେ ହଲଟିରେ କପିର ସମ୍ଭାବନା ମଧ୍ୟ ନ ଥିଲା ଅବଶ୍ୟ ଏଥିରେ ଅଳ୍ପ କେତେକ ପରୀକ୍ଷାର୍ଥୀ ଖୁବ୍ ଅତିଷ୍ଠ ବୋଧ କରୁଥିଲେ । ଘଣ୍ଟାଏ ବିତିଯିବାର କିଛି ସମୟ ପରେ ଜଣେ ପରୀକ୍ଷାର୍ଥୀ ନିଜର ଜ୍ୟାମିତି ବାକ୍ସଟିକୁ ଖୋଲିଲା ଖୁବ୍ ସାବଧାନତାର ସହ, ଯଦିଓ ପଣ୍ଡିତଙ୍କ କାନକୁ ତାହା ଅବିଦିତ ରହିଲା ନାହିଁ । ପିଲାଟିର ଗହଳ ଦାଢ଼ି ନିଶ ମଧ୍ୟ ଅଲଗା ମୁଖମଣ୍ଡଳରେ ମଳିନ ଆଖି ଦୁଇଟି ଅସ୍ଥିର ହେବା ଦେଖି ପଣ୍ଡିତେ ଟିକେ ସନ୍ଦେହରେ ପଡ଼ିଲେ ।

ସାହିତ୍ୟ ପରୀକ୍ଷାରେ ଜ୍ୟାମିତି ବାକ୍ସର ଆବଶ୍ୟକତା ସମ୍ପର୍କରେ ପଣ୍ଡିତେ ଇତସ୍ତତ ଚିନ୍ତାକଲେ । ପଲ୍ଲୀକବିଙ୍କର ଡାହାଣିଆଖିଆ କବିତାର ସାରକଥା କିମ୍ବା କୌଣସି ଗଦ୍ୟର ସରଳାର୍ଥ ଲେଖିବା ବେଳେ ପଲ୍ଲୀର ଦୃଶ୍ୟ କିମ୍ବା ତାହାର

Digitized by PPRACHIN, SOA

ଦୃଶ୍ୟପଟ ଖାତାରେ ଆଙ୍କିବାକୁ ପଡେନାହିଁ । ଗୋଟାଏ କଲମରେ ସାହିତ୍ୟ ପରୀକ୍ଷା ପାଇଁ ଯଥେଷ୍ଟ, । ଝିଟିପିଟି କାନ୍ଥରେ ଶିକାର ପଛରେ ଛପିଛପି ଯିବାପରି ପଣ୍ଡିତେ ଧୀରେ ଧୀରେ ଯାଇ ପିଲାଟିର ପଛରେ ଠିଆ ହେଲେ । ଜ୍ୟାମିତି ବାକସ ମଧ୍ୟକୁ ନିରୀକ୍ଷଣ କରି ଦେଖିଲେ । ତହିଁରେ ପାଞ୍ଚ ଓ ଦଶଟଙ୍କିଆ ନୋଟ୍ ସବୁ ରହିଚି । ତା ଛଡ଼ା ଗୋଟାଏ ସ୍କେଲ୍ ବ୍ୟତୀତ ଅନ୍ୟକିଛୁ ପଣ୍ଡିତେ ତହିଁରେ ନ ଦେଖିବାରୁ ନିଶ୍ଚିନ୍ତରେ ପଦଗ୍ରହଣ କଲେ । ହେଲେ କିଛି ସମୟପରେ ପଣ୍ଡିତେ ଦେଖନ୍ତି ତ ପିଲାଟି ନୋଟ୍ ଗୁଡ଼ିକ ଉପରେ ଆଖିବୁଲାଇଟି ନଗ୍ନର ଆଣି ଖାତା ଉପରେ ତତ୍ପରତାରେ କ'ଣ ଲେଖିଯାଉଛି । "ଆଶ୍ଚର୍ଯ୍ୟ", ପଣ୍ଡିତ ମନକୁ ମନ କହିଲେ "ଏ କଣ ? ଟଙ୍କା ଗୁଡ଼ିକ ଉପରୁ ପିଲାଟି କି ଶକ୍ତି ଲାଭ କରୁଛି ଯେ, ସେ ଖାତା ଉପରେ ଏକ ଘଣ୍ଟାର ଆଳସ୍ୟ ପରେ ଏ ପ୍ରକାର ତତ୍ପର ହୋଇଉଠିଛି ?

ପଣ୍ଡିତେ ପୁଣି ପାଖକୁ ଗଲେ । ଯାହା ଦେଖିଲେ, ସେଥିରେ ସେ ଆଚମ୍ବିତ ହେଲେ । ପାଞ୍ଚଟଙ୍କିଆ ଦଶଟଙ୍କିଆ ନୋଟ୍ ଗୁଡ଼ିକ ଉପରେ ଥିବା ଅଣ୍ଡାକୃତିର ବାହ୍ୟ ଶୂନ୍ୟସ୍ଥାନ ଗ୍ଲେଟ ଗ୍ଲେଟ ମାଇକ୍ରୋସ୍କୋପିକ୍ ଅକ୍ଷରରେ ଭରପୁର । କେବଳ ପଣ୍ଡିତ ମହାଶୟଙ୍କର ଶକ୍ତିଶାଳୀ ଆଖିହିଁ ତାହା ଆବିଷ୍କାର କରି ପାରିଲା । ପଣ୍ଡିତେ କ୍ରୋଧରେ ଥରି ଉଠିଲେ । କୌଣସି ସ୍କୁଲ ପିଲା ହୋଇଥିଲେ ପଣ୍ଡିତେ ନିଶ୍ଚିତରୂପେ ତାଙ୍କର ବର୍ଣ୍ଣିବହୁଳ ହାତ ତା'ର ପିଠିଉପରେ ସଦ୍‌ବ୍ୟବହାର କରି ଆଆନ୍ତେ । ହେଲେ ଏ ତ ସ୍କୁଲ୍ ପିଲା କ'ଣ ? ପିଲା ହିଁ ନୁହେଁ । ପଣ୍ଡିତଙ୍କର ବୋଧହୁଏ ଗୋଟିଏ ଶ୍ଳୋକ ମନେ ପଡ଼ିଗଲା ଯେ "ପ୍ରାପ୍ତେତୁ ଷୋଡ଼ଶ ବର୍ଷେ ପୁତ୍ରମ୍‌ମିତ୍ରବଦାଚରେତ୍ ।"

ଯାହାହେଉ, କ୍ରୋଧରେ କମ୍ପିଉଠି ପଣ୍ଡିତେ କହିଲେ "ଯୁବକ ! ନୋଟ୍ ଉପରେ ଗାରେଇବା ଏକ ସରକାରୀ ଧର୍ତ୍ତବ୍ୟ ଅପରାଧ, ତହିଁରେ ପୁଣି କପି ? ମୁଁ ଏହା କଦାପି ବରଦାସ୍ତ କରି ପାରିବି ନାହିଁ ।" ଜ୍ୟାମିତି ବାକ୍ସ ମଧ୍ୟରୁ ଟଙ୍କା ଗୁଡ଼ିକୁ ଝାମ୍ପିନେଲେ ପଣ୍ଡିତ ମହାଶୟ ପରୀକ୍ଷାର୍ଥୀକୁ ଧମକଦେଇ କହିଲେ । "ଏ ସବୁ ପ୍ରଧାନ ଶିକ୍ଷକଙ୍କଠାରେ ଦାଖଲ କରାଯିବ ।"

ପରୀକ୍ଷାର୍ଥୀର ଶ୍ମଶ୍ରୁବହୁଳ ମୁଖର ରକ୍ତବର୍ଣ୍ଣ ଆଖି ପଣ୍ଡିତଙ୍କ ଉପରେ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟାକଲା । କିନ୍ତୁ ପଣ୍ଡିତେ ମଧ୍ୟ ଡ଼ରିଯିବା ଲୋକ ନୁହଁନ୍ତି । ତାଙ୍କ ରକ୍ତବର୍ଣ୍ଣ ଆଖି ଦେଖି କେତେ ପିଲାଙ୍କର ପୋଷାକ ମାରାହୋଇ ଯାଇଥିବା ଗୁଜବ ମୁଖରେ କେତେ କିମ୍ବଦନ୍ତୀ ସୃଷ୍ଟି କରିଛି ।

Digitized by PPRACHIN, SOA

ଏ ଘଟଣା ଅନ୍ୟ ପରୀକ୍ଷାର୍ଥୀମାନଙ୍କୁ ଉପ୍ୟୁଶ୍ୱିତ କଲା । ପରୀକ୍ଷା ଅତ୍ୟନ୍ତ ଶାନ୍ତ ଶୃଙ୍ଖଳା ସହ ସମାପ୍ତ ହେଲା । ପରୀକ୍ଷା ହଲ୍ ଖାଲି ହୋଇଗଲା । ପଣ୍ଡିତେ ପକେଟ୍‌ରେ ଜବତ୍ ନୋଟ୍ ଗୁଡିକ ଓ ହାତରେ ଉତ୍ତର ପତ୍ର ବଣ୍ଡାଟିଏ ଧରି ପ୍ରଧାନ ଶିକ୍ଷକଙ୍କ କୋଠରୀକୁ ପ୍ରବେଶ କଲେ । କିଛି ସମୟ ପରେ ସେ ଅଫିସ୍‌ରେ ସବୁ କାମ ସାରି ବସାକୁ ଫେରିବା ପାଇଁ ବାହାରିଲେ । ହେଲେ ସାଇକଲ୍ ଧରି ସ୍କୁଲ୍ ଦୁଆର ପାରି ହେଉ ହେଉ ପଣ୍ଡିତଙ୍କୁ ଜଣେ ଖାକି ପୋଷାକ ଧାରୀ ଭଦ୍ରବ୍ୟକ୍ତି ଅଟକାଇଲେ । ପଣ୍ଡିତେ ସାଇକଲ୍‌ରୁ ଓହ୍ଲାଇ ପଡ଼ିଲେ । ଏ ପ୍ରକାର ଅନେକ ବ୍ୟକ୍ତି ପଣ୍ଡିତଙ୍କୁ ବାଟରେ ଅଟକାନ୍ତି, ତାଙ୍କର ସନ୍ତାନମାନଙ୍କୁ ସଂସ୍କୃତ ଟିଉସନ୍ କରିବା ପାଇଁ ଅନୁରୋଧ କରିବାକୁ । ହେଲେ ଏ ଯେଉଁ ଭଦ୍ରବ୍ୟକ୍ତି ତାଙ୍କୁ ଅଟକାଇଲେ, ସେ ଥିଲେ ପୋଲିସ୍ । ପଣ୍ଡିତେ ତଥାପି ଅବିଚଳିତ । ପୋଲିସ୍ ବୋଲି ତାଙ୍କର କ'ଣ ପିଲା ଝିଅ ନାହାନ୍ତି କି ସଂସ୍କୃତ ପାଠ ପଢ଼ୁ ନାହାନ୍ତି ?

ପୋଲିସ୍ ବାବୁ କଥା ଆରମ୍ଭ କଲେ, "ଆଜ୍ଞା ନମସ୍କାର ।" ନମସ୍କାର, ନମସ୍କାର ପଣ୍ଡିତେ ଉତ୍ତର ଦେଲେ । "ମୋତେ କ୍ଷମା କରନ୍ତୁ, ମୁଁ ଟିକିଏ ଆପଣଙ୍କ ପକେଟ୍ ଭିତରେ କ'ଣ ଅଛି ଦେଖି ପାରେ ?

"କାହିଁକି ନୁହେଁ, ଗରିବ ପଣ୍ଡିତଟାର ପକେଟ୍‌ରେ କେତେଟା ଚିଠି, କିଛି ଚକ୍‌ଖଡ଼ି ଏବଂ ଖୁଚୁରା ପଇସା ଛଡ଼ା ଆଉ କ'ଣ ବା ଥାଇପାରେ ? ପଣ୍ଡିତେ ପକେଟରୁ ସବୁ କାଢ଼ି ଆଣିଲେ । ହଠାତ୍ ସେ ଜବତ୍ କରିଥିବା ନୋଟ୍‌ଗୁଡ଼ିକୁ ପକେଟ୍‌ରେ ଦେଖି ବ୍ୟସ୍ତ ହୋଇ ପଡ଼ିଲେ । ସେ ଗୁଡ଼ିକୁ ପ୍ରଧାନ ଶିକ୍ଷକଙ୍କ ଜମା ଦେବାକୁ ସେ ଭୁଲି ଯାଇଥିଲେ ।

ନୋଟ୍‌ଗୁଡ଼ିକୁ ପୋଲିସ୍ ବାବୁ ପରୀକ୍ଷା କରି ଯେପରି କିଛି ଧରି ପାରିଲେ । ସେ କହିଲେ ଆପଣ ଦୟାକରି ମୋ ସାଙ୍ଗରେ ଥାନାକୁ ଚାଲନ୍ତୁ । ଟିକିଏ କଥାବାର୍ତ୍ତା ଅଛି ।

ପଣ୍ଡିତେ ଆଶ୍ଚର୍ଯ୍ୟ ହୋଇ ତାଙ୍କର ଅନୁସରଣ କଲେ ।

ପଣ୍ଡିତ ମହାଶୟଙ୍କୁ ଘୁଷର ଅଭିଯୋଗ ଦମେ ଟଙ୍କା ଚୋରି ଅପରାଧ ଯୋଗୁଁ ଗିରଫ କରାଗଲା ଓ ଜାମିନ୍‌ରେ ଛାଡ଼ି ଦିଆଗଲା । ଅବଶ୍ୟ ପଣ୍ଡିତେ ପୋଲିସ୍ ମହାଶୟଙ୍କର ପୁଅ ଏବଂ ଝିଅକୁ ମାଗଣା ଟିଉସନ୍ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ ।

Digitized by PPRACHIN, SOA

ପଣ୍ଡିତେ କିନ୍ତୁ ଏଥିରେ ବିଚଳିତ ନୁହନ୍ତି । "ସତ୍ୟମେବ ଜୟତେ" ଏକଥା ପଣ୍ଡିତେ ବେଶ୍ ଜାଣନ୍ତି ।

ପରଦିନ ସକାଳୁ ସକାଳୁ ପଣ୍ଡିତେ ସମ୍ବାଦପତ୍ର ମାନଙ୍କରେ ଦେଖିବାକୁ ପାଇଲେ, ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ବାହାରିଥିବା ସମ୍ବାଦ ; "ପରୀକ୍ଷା ହଲ୍‌ରେ ଟଙ୍କା ଚୋରି । ଚୋରି ଅପରାଧରେ ସଂପୃକ୍ତ ଶିକ୍ଷକ ଶ୍ରୀ ଗୋବିନ୍ଦ ଚରଣ ପଣ୍ଡା ଗିରଫ ।" ପଣ୍ଡିତଙ୍କ ଆଖି ଯେପରି ତାଳୁଟରେ ଖୋସି ହୋଇଗଲା । ଅପରାଧୀ ଭାବରେ ନିଜର ନାମକୁ ଦେଖି ସେ ନିଜକୁ ବିଶ୍ୱାସ କରି ପାରିଲେ ନାହିଁ । ପୂର୍ଣ୍ଣ ସମ୍ବାଦଟି ଦେଖନ୍ତି ତ : "କଟକ, ତା ୩ । ୪ ସ୍ଥାନୀୟ ସରକାରୀ ବାଳକ ବିଦ୍ୟାଳୟରେ ହେଉଥିବା ମ୍ୟାଟ୍ରିକ୍ ପରୀକ୍ଷାରେ ଗୋଟିଏ ଆଶ୍ଚର୍ଯ୍ୟ ଜନକ ଟଙ୍କା ଚୋରି ଘଟଣା ଘଟି ଯାଇଛି । ଆମର ସ୍ୱତନ୍ତ୍ର ସାମ୍ବାଦିକଙ୍କଠାରୁ ପ୍ରକାଶ ଯେ ପରୀକ୍ଷା ହଲ୍‌ରେ ସଂସ୍କୃତ ପଣ୍ଡିତ ଶ୍ରୀ ଗୋବିନ୍ଦ ଚରଣ ପଣ୍ଡା ନିରୀକ୍ଷକ ଥିଲେ । ସେ ଛାତ୍ର ଶ୍ରୀ ମନୋଜ ସାହୁଙ୍କ ପକେଟରୁ ନଗଦ ଦୁଇଶହ ଟଙ୍କା କପି ବୋଲି କହି ଛଡ଼ାଇ ନେଉଥିବା ବେଳେ ଶ୍ରୀ ସାହୁ ପ୍ରତିବାଦ କରିଥିଲେ । ମାତ୍ର ତାଙ୍କୁ ଏକ୍‌ସପେଲ କରିବାର ଧମକ ପଣ୍ଡିତ ଶ୍ରୀ ପଣ୍ଡା ଦେଇଥିଲେ । ଶ୍ରୀ ମନୋଜ ସାହୁ ଏହାପରେ ନୀରବରେ ପରୀକ୍ଷା ଦେଇଥିଲେ । ପରୀକ୍ଷା ପରେ ସେ ନିରୀକ୍ଷକଙ୍କୁ ତାଙ୍କର ଟଙ୍କା ଫେରାଇ ଦେବାକୁ ଅନୁରୋଧ କରିଥିଲେ । କିନ୍ତୁ ପଣ୍ଡିତେ କେତେକ ଦୁର୍ବୃତ୍ତଙ୍କ ଜରିଆରେ ଛାତ୍ର ଶ୍ରୀ ସାହୁଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ଏହାପରେ ସେ (ଶ୍ରୀ ସାହୁ) ନିକଟସ୍ଥ ପୋଲିସ୍ ଥାନାରେ ଏ ବିଷୟ ଜଣାଇଥିଲେ । ଶ୍ରୀ ପଣ୍ଡା ସଙ୍ଗେ ସଙ୍ଗେ ଗିରଫ ହୋଇଥିବା ପ୍ରକାଶ ।

ଏକ ମିଳିତ ବିବୃତିରେ ଛାତ୍ରନେତା ସର୍ବଶ୍ରୀ କଣ୍ଟୁରି ଚରଣ, ଅନନ୍ତ ଗୋସ୍ୱାମୀ, ରାଧାମଣି ଖୁଣ୍ଟିଆ ଏବଂ କୁମାରୀ ଶୁଭଲକ୍ଷ୍ମୀ ଦାସ ଏହାର ତୀବ୍ର ନିନ୍ଦା କରିଛନ୍ତି ଏବଂ ସଂପୃକ୍ତ ଶିକ୍ଷକଙ୍କର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୃଢ଼ ଦାବୀ ଜଣାଇଛନ୍ତି ।"

ଏକା ନିଃଶ୍ୱାସକେ ପଣ୍ଡିତେ ଏ ସମ୍ବାଦ ପଢି ତାଟକା ହୋଇଗଲେ । "ଆଶ୍ଚର୍ଯ୍ୟ ଶାସନ, ଆଶ୍ଚର୍ଯ୍ୟ ସାମ୍ବାଦିକତା !" ପଣ୍ଡିତେ ନିଜକୁ ନିଜେ କହିଲେ । ନିଷ୍ଠା ଓ ସାଧୁତା ପାଇଁ ସେ ଯେ ସବୁଠାରେ ଆଦୃତ, ଏକଥା କିଏ ବିଶ୍ୱାସ କରିବ ? ସାରା ଓଡ଼ିଶାର ଲୋକ ତାଙ୍କୁ ଜାଣିଲେ ଜଣେ ଚୋର ତସ୍କର ରୂପେ । ଏହାଠାରୁ ବଳି ଆଉ କ'ଣ ଅପମାନ ଥାଇ ପାରେ । ପଣ୍ଡିତେ ନୀରବରେ ବସି

Digitized by PPRACHIN, SOA

ରହିଥାନ୍ତି ମୁଣ୍ଡ ତଳକୁ କରି ଆଉ ମନରେ ତାଙ୍କର ଭାବନାର ଜୁଆର । ପଣ୍ଡିତ ପତ୍ନୀ ଇତି ମଧ୍ୟରେ ସବୁ ବିଷୟ ଅବଗତ ହୋଇ ଊକାପାରି କାନ୍ଦୁଥାଆନ୍ତି । ଯାଇ ପଢ଼ଶାରେ ସେ ମୁହଁ ଦେଖାଇବେ କପରି ?

କିଛି ସମୟ ପରେ ପଣ୍ଡିତେ ସ୍କୁଲ୍ ଆଭିମୁଖେ ଗ୍ଭଲିଲେ । ତାଙ୍କ ମନରେ ତଥାପି ଦମ୍ଭଥାଏ "ସତ୍ୟମେବ ଜୟତେ" । ମୁହଁରୁ ସ୍ୱତଃ ବାହାରି ଆସୁଥାଏ । ହେଲେ, ପଣ୍ଡିତେ ସ୍କୁଲ୍‌ରେ ପହଞ୍ଚି ଦେଖନ୍ତି ତ ସ୍କୁଲ୍ ହତା ବାହାରେ ପ୍ରବଳ ଭିଡ଼ ଲଗି ରହିଛି । କେତେ ବଡ଼ ସାନ ଯୁବକ ବଡ଼ ପାଟିରେ ସ୍ଲୋଗାନ ଗ୍ଭରୁଛନ୍ତି । ସେମାନେ କହୁଛନ୍ତି । "ଶିକ୍ଷକଙ୍କର ଜୁଲମ ଚଳିବ ନାହିଁ । ଚଳିବ ନାହିଁରେ ଚଳିବ ନାହିଁ । "ପରୀକ୍ଷା ନାମରେ ଦୁର୍ନୀତି ଆମେ ସହିବୁ ନାହିଁରେ ସହିବୁ ନାହିଁ - "ଏପରି କେତେ କଣ ।

ପଣ୍ଡିତେ ଯନ୍ତ୍ର ଗ୍ଭଳିତ ପରି ସାଇକଲ୍‌ଟିକୁ ଓହ୍ଲାଇ ଆଗେଇ ଗ୍ଭଲିଲେ । ଯେଉଁମାନେ ମହାନ୍ ତ୍ୟାଗର ସ୍ମାରକୀ ବହନ କରି ସେ ଆନ୍ଦୋଳନରେ ଝାସ ଦେଇଥିଲେ, ସେମାନେ ଦେଖି ନ ଥିଲେ କିଏ ସେହି ଶିକ୍ଷକ, ଯିଏ ଏ ଆନ୍ଦୋଳନରେ କେନ୍ଦ୍ରବିନ୍ଦୁ । ପଣ୍ଡିତେ ନିର୍ବିଘ୍ନରେ ଗେଟ୍ ପର୍ଯ୍ୟନ୍ତ ଗ୍ଭଲିଗଲେ । ବାଟରେ ତାଙ୍କୁ ଗୋଟାଏ ଦାବୀ ପତ୍ର କେହି ଜଣେ ବଢ଼େଇ ଦେଇଥିଲି । ପଣ୍ଡିତେ ସ୍କୁଲ୍ ଭିତରେ ପ୍ରବେଶ କଲେ । କୌଣସି ପରୀକ୍ଷାର୍ଥୀଙ୍କୁ ଗେଟ୍ ଭିତରକୁ ଗ୍ଭଡ଼ି ଦିଆଯାଉ ନ ଥିଲା । ସେମାନେ ପରୀକ୍ଷା ବର୍ଜନ କରିଥାଆନ୍ତି । ଶିକ୍ଷକ ମାନଙ୍କ କମନ୍‌ରୁମ୍ ମଧ୍ୟରେ ପଶିଯାଇ ପଣ୍ଡିତେ ଦାବୀପତ୍ରଟିକୁ ଖୋଲି ପଢ଼ିଲେ ।

"ଅଖିଳ ଓଡ଼ିଶା ଛାତ୍ର ପ୍ରତିରୋଧ କମିଟିର ଦାବୀ"

(୧) ପରୀକ୍ଷା ହଲ୍‌ରେ ଠକା ରୋକିବା କରିଥିବା ଶିକ୍ଷକଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଉ ।

(୨) ସଂପୃକ୍ତ ଛାତ୍ରଙ୍କୁ କ୍ଷତି ପୂରଣ ଦେବା ସଙ୍ଗେ ସଙ୍ଗେ ତାଙ୍କୁ ପରୀକ୍ଷାରେ ପାସ୍ କରାଇ ଦିଆଯାଉ ।

(୩) S. T. ଓ S. C. ଛାତ୍ରମାନଙ୍କୁ ଶତକଡ଼ା ଗ୍ଭଳିଶ ଭାଗ ପ୍ରଶ୍ନ ପରୀକ୍ଷା ପୂର୍ବରୁ ଜଣାଇ ଦିଆଯାଉ ।

(୪) ପରୀକ୍ଷା ଆରମ୍ଭ ହେବାର ଏକଘଣ୍ଟା ପରେ କପିକୁ allow କରାଯାଉ ।

(୫) କୌଣସି ଛାତ୍ର ଅନ୍ୟୂନ ଗୋଟିଏ ବିଷୟରେ ପାସ୍ ବୋଲି ଘୋଷଣା କରାଯାଉ ।

Digitized by PPRACHIN, SOA

ପାଞ୍ଚଦଫା ସମ୍ବଳିତ ଏହି ଦାବୀକୁ ସରକାର ଉପେକ୍ଷା କଲେ ପରିସ୍ଥିତି ଅସମ୍ଭାଳ ହୋଇ ପଡ଼ିବ । ଛାତ୍ରସମାଜ ଶିକ୍ଷକମାନଙ୍କର ଚରିତ୍ରହୀନତା ଓ ଦୁର୍ନୀତିର ଉପଯୁକ୍ତ ଜବାବ ଦେଇ ପାରିବ । ଛାତ୍ରଶକ୍ତି ରୂପକ ପରମାଣୁ ବୋମାକୁ ବିସ୍ଫୋରଣର ସୁଯୋଗ ନ ଦେବାକୁ ସରକାରଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି । ଯେତେଦିନ ପର୍ଯ୍ୟନ୍ତ ଏହି ଦାବୀ ପୂରଣ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଏ ଆନ୍ଦୋଳନ ଚାଲୁରହିବ ।”

ଏହାତଳେ ପ୍ରାୟ ପଚିଶ ଜଣଙ୍କର ନାମ ଲେଖାଥିଲା । ପଣ୍ଡିତେ କେବଳ ଏତିକିପଢ଼ି ପ୍ରାୟ ଅର୍ଦ୍ଧଚେତନ ହୋଇପଡ଼ିଲେ । ଛାତ୍ରଶକ୍ତିର ସେହି ଧମକରେ ତାଙ୍କର ପିଳେହି ପାଣି ହୋଇ ଯାଉଥିଲା ଯେପରି । ସହକର୍ମୀ ଶିକ୍ଷକମାନେ ତାଙ୍କୁ ଦେଉଥିବା ସାନ୍ତ୍ୱନା ତାଙ୍କୁ ବିଷ ପରି ମନେହେଉଥିଲା ।

ପ୍ରଧାନ ଶିକ୍ଷକଙ୍କ ନିକଟରେ ପଣ୍ଡିତେ ସବୁ ବର୍ଣ୍ଣନା କଲେ । ପ୍ରଧାନ ଶିକ୍ଷକ ମହାଶୟ ପଣ୍ଡିତଙ୍କର ଅବସ୍ଥା ବୁଝି ଦୁଃଖିତ ହେଉଥିଲେ । ସବୁ ଶିକ୍ଷକମାନେ ପରୀକ୍ଷାର ନିର୍ଦ୍ଧାରିତ ସମୟରେ ଯାଇ ନିର୍ଦ୍ଦିଷ୍ଟ କୋଠରୀ ମାନଙ୍କରେ ପହଞ୍ଚିଲେ । କିନ୍ତୁ ପରୀକ୍ଷା ହଲ୍‌ରେ ମଶାଣିର ସ୍ତବ୍ଧ ଡ୍ରମ୍ବଗୁଡ଼ିକ ପରି ଟେବୁଲ୍ ଚେୟାର ଗୁଡ଼ିକ ଛଡ଼ା ଛଡ଼ା ହୋଇ ବିଧବଭ ଏକାକୀ ପଡ଼ିରହିଛନ୍ତି, ଦୂରରୁ ଭାସି ଆସୁଛି ତଥା କଥିତ ଛାତ୍ରନାୟକଧାରୀ ବନ୍ଧୁ ଯୁବକଙ୍କ ସ୍ଲୋଗାନ ଡାକ । ନିର୍ଦ୍ଦିଷ୍ଟ ସମୟ ଶେଷ ହେଲା । କେହି ପରୀକ୍ଷାର୍ଥୀ ଆସିଲେ ନାହିଁ । ଶିକ୍ଷକମାନେ ଘରକୁ ଫେରିଲେ । ପଣ୍ଡିତେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ଘରକୁ ଫେରିଲେ । ଏକୁଟିଆ ଯିବାକୁ ତାଙ୍କର ସାହସ କିମ୍ବା ଶକ୍ତି ନ ଥିଲା ।

ପରଦିନ ସମ୍ବାଦପତ୍ରମାନଙ୍କରେ ପୁଣି ଏ ବିଷୟ ଖୁବ୍ ଆକର୍ଷଣୀୟ ମନେ ହେଉଥିଲା । ବହୁ ସ୍କୁଲରେ ପ୍ରତୀକ ଧର୍ମଘଟ ରୂପେ ଶ୍ରେଣୀ ବର୍ଜନ ଓ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ତ୍ୟାଗର ସମ୍ବାଦ ପ୍ରକାଶ ପାଇଥିଲା । ବିଭିନ୍ନ ରାଜନୈତିକ ମହଲରୁ ଶିକ୍ଷକଙ୍କର ତୀବ୍ର ନିନ୍ଦା ଏବଂ ଛାତ୍ରସମାଜ ପ୍ରତି ସମବେଦନା ତଥା ସମର୍ଥନ ସମ୍ବାଦରେ ସମ୍ବାଦପତ୍ରମାନ ଭରପୂର ଥିଲା । ସରକାର ବିଷୟଟିର ପୂର୍ଣ୍ଣ ତଦନ୍ତ କରିବାର ପ୍ରତିଶ୍ରୁତି ମଧ୍ୟ ଦେବାର ଜଣାଇଥିଲେ । ଏ ସବୁରେ ପଣ୍ଡିତେ ମନର ସ୍ଥିରତା ହରାଇବା ସ୍ୱାଭାବିକ ।

କିଛିକାଳ ପଣ୍ଡିତେ ଘରୁ ବାହାରିଲେ ନାହିଁ । ଛାତ୍ର ବିକ୍ଷୋଭ ତେଜିବାରେ ଲାଗିଲା । ପରିଶେଷରେ ଆରମ୍ଭ ହେଲା ଅନଶନ । ପାଞ୍ଚଦଫା ସମ୍ବଳିତ ଦାବୀ ପୂରଣ

Digitized by PPRACHIN, SOA

ନ ହେଲେ ଏ ଥରେ ଅନଶନ, ଆମରଣ ଅନଶନରେ ପରିଣତ ହେବ ବୋଲି ସାମ୍ବାଦିକ ମାନଙ୍କୁ ଛାତ୍ର କମିଟି ତରଫରୁ ଜଣାଇ ଦିଆଗଲା । ପରିସ୍ଥିତି ଦିନକୁ ଦିନ ହୋଇପଡ଼ିଲା ଅତି ଜଟିଳ ।

ପରିଶେଷରେ ଅନ୍ୟ ଗତି ନ ଦେଖି ସରକାର ପାଞ୍ଚଦଫା ଦାବୀକୁ ଗ୍ରହଣ କଲେ । ସରକାରଙ୍କ ଅନୁଧ୍ୟାନ କମିଟି ଅନୁସନ୍ଧାନର ରିପୋର୍ଟ ଏହି ଏହି ପ୍ରକାରେ ଦେଲେ ।

“ଶ୍ରୀ ମନୋଜ ସାହୁ ଜଣେ ମେଧାବୀ ଛାତ୍ର । ସେ ତାଙ୍କ ପ୍ରଶ୍ନପତ୍ରର ଉତ୍ତର ଏକଘଣ୍ଟା ମଧ୍ୟରେ ଶେଷକରି ଆସିଥିଲେ । ଏହାପରେ ସେ ପକେଟ୍‌ରେ ରଖିଥିବା ପାଞ୍ଚଶତ ଟଙ୍କା ହାତରେ ଧରି ଗଣୁଥିଲେ । ସେ ପୂର୍ବଦିନ ବୃତ୍ତି ରୂପେ ପାଇଥିବା କିଛି ମାସର ଏ ଟଙ୍କା ବ୍ୟାଙ୍କ୍‌ରେ ଜମା କରିବା ପାଇଁ ସେ ଦିନ ନେଇଥିଲେ । ଟଙ୍କା ଗଣିବା ସମୟରେ ସେ କେତୋଟି ନୋଟ୍‌ରେ ଏଣୁତେଣୁ ଗାରଆ ପାଇଥିବା ଦେଖି ସେ ଗୁଡ଼ିକୁ ଏପଟ ସେପଟ ଓଲଟାଇ ଦେଖୁଥିଲେ । ଏହି ସମୟରେ ଶିକ୍ଷକ ଶ୍ରୀ ପଣ୍ଡା ତାଙ୍କଠାରୁ ସେ ଟଙ୍କା କପି ବୋଲି କହି ଛଡ଼ାଇ ନେଇଥିଲେ ଓ ଆଉ ଫେରାଇ ନ ଥିଲେ । ବରଂ ତାଙ୍କୁ ମାଡ଼ ମାରିବାର ଧମକ ଦେଇଥିଲେ । ପୋଲିସ ଠାରୁ ରକ୍ଷା ପାଇବା ପାଇଁ ଶିକ୍ଷକ ଶ୍ରୀ ପଣ୍ଡା ସେ ଗୁଡ଼ିକରେ ସାହିତ୍ୟ ପତ୍ରର ବିଷୟବସ୍ତୁ ନିଜେ ସ୍ୱହସ୍ତରେ କପି ପରି ଲେଖିଥିଲେ ।

ଏ ରିପୋର୍ଟ ବହୁବିଜ୍ଞ ଅନୁସନ୍ଧାନକାରୀମାନଙ୍କ ଦ୍ୱାରା ଅଫିସର ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ଏହାଥିଲା ସତ୍ୟ । ଆକାଶର ସୂର୍ଯ୍ୟ ଚନ୍ଦ୍ର ପରି ସତ୍ୟ । ମଣିଷ ଜୀବନରେ ମୃତ୍ୟୁ ପରି ଏ ରିପୋର୍ଟ ମଧ୍ୟଥିଲା ଧ୍ରୁବ ସତ୍ୟ । ତେଣୁ ଏହା ସମସ୍ତେ ଗ୍ରହଣକଲେ । ସମ୍ବାଦପତ୍ରରେ ଏହାର ପ୍ରକାଶନ ଦେଖି ଛାତ୍ର କମିଟି ଆନନ୍ଦିତ ହେଲେ । ଅନୁଧ୍ୟାନ କମିଟିର ଅଧ୍ୟକ୍ଷଙ୍କୁ ତାଙ୍କର ସତ୍ୟାସତ୍ୟ ଯୋଗୁଁ ଧନ୍ୟବାଦ ଜଣାଇଲେ ।

ଏଥର ଆସିଲା ପଣ୍ଡିତଙ୍କର ବିପର୍ଯ୍ୟୟ । ପଣ୍ଡିତେ ଭାବୁଥିଲେ “ସୀତା ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜର ସତୀତ୍ୱ ପ୍ରତିପାଳନ କରିପାରିଲେ କିନ୍ତୁ ମୁଁ କେଉଁ ପରୀକ୍ଷାରେ ନିଜକୁ ପରୀକ୍ଷିତ କରାଇ ଜଗତ ଆଗରେ ନିଜକୁ ସତ୍ୟନିଷ୍ଠ ବୋଲି ପ୍ରମାଣ କରିବ ?

Digitized by PPRACHIN, SOA

ପଣ୍ଡିତଙ୍କର ଚନ୍ଦ୍ରାନ୍ତମେ ଦୁଶ୍ଚିନ୍ତାରେ ପରିଣତହେଲା । ଶେଷରେ ସେ ଯାହା ଆଶଙ୍କା କରୁଥିଲେ ତାହାହିଁ ହେଲ । ଗ୍ରାହକମାନଙ୍କର ଦାବୀ ଅନୁଯାୟୀ ତାଙ୍କୁ ଗ୍ରକଣ୍ଠରୁ ବରଗାସ୍ତ କରାଗଲ କେବଳ ସେତିକି ନୁହେଁ । ପଶ୍ଚାଷାରେ ସେ ଜବତ କରୁଥିବା ପଚାଶ ଟଙ୍କା ଅନୁଧ୍ୟାର୍ନ କମିଟିଙ୍କ ରିପୋର୍ଟରେ ପାଞ୍ଚଶ ଟଙ୍କା ହୋଇଥିବାରୁ ତାଙ୍କୁ ସେ ଟଙ୍କା କ୍ଷତିପୂରଣ ସ୍ୱରୂପ ଦେବାକୁ ପଡ଼ିଲା । ଗରିବ ପଣ୍ଡିତଙ୍କର କେତେ କାଳର ସଞ୍ଚିତ ଅର୍ଥ ସେ ।

କିଛିଦିନ ପରେ ପଣ୍ଡିତଙ୍କୁ ଆଉ ସହରରେ ଦେଖିବାକୁ ମିଳିଲା ନାହିଁ । ପତ୍ନୀ, ସନ୍ତାନ ସନ୍ତତିଙ୍କୁ ନେଇ ପଣ୍ଡିତେ ତାଙ୍କର ସୁଦୂର ମଫସଲ ଗ୍ରାମକୁ ଫେରି ଯାଇଥିଲେ । ଚଲାବେଳେ ଜନନ୍ତ ପଦ ବୁଜୁଳା ଉନୋଟି ଏବଂ ସଂସ୍କୃତ ଗ୍ରନ୍ଥ କେତୋଟି କାଖରେ ଧରି ପଣ୍ଡିତେ ବାହାରି ଯାଇଥିବା ଦେଖଣାହାରୀ ମାନେ କହନ୍ତି ।

ମାରଫତ୍ . ଡ଼ି. ମିଶ୍ର
ମୋଦିପଡ଼ା
ସମ୍ବଲପୁର

Digitized by PPRACHIN, SOA

ନାୟିକା ସମ୍ବାଦ

କାହ୍ନୁଚରଣ ଦାସପଟ୍ଟନାୟକ

ତୁମେ ଏକ ଛନ୍ଦମୟୀ, ବେଗବତୀ ନଦୀ
ଆଶା ବୈତରଣୀ
ମୁଁ ତ ଏକ ସୀମାହୀନ ସମୁଦ୍ର ଅଥଳ ।
ମୋ ରକ୍ତରେ ମେଞ୍ଚା, ମେଞ୍ଚା ଫେନିଳ ଲବଣ ମିଶା
ମୋ ହୃଦୟେ କେଉଁଯୁଗ ଯୁଗର ପିପାସା
ତୁମେ ମୋର ତୃଷାର ଜଳ ।
ମୁଁ ତ ଏକ ଜନ୍ମାନ୍ଧର ଶୁଷ୍କ ସାହାରା
ଗୃହ ଆଜି ମୋର ଘେରା ନିର୍ବାସନ ବନ୍ଦି ।
ତୁମେ ମୋର ଶ୍ରାବଣର ମନ୍ଦାକିନୀ ଧାରା
ନାୟିକା ଶ୍ରାବଣୀ
ତୁମେ ମୋର ମୃତ୍ୟୁ ସଂଜୀବନୀ ।
ତୁମେ ମୋର ଭଗ୍ନବୀଣାର ଏକ
ଅସଂଲଗ୍ନ ତାର ।
ତୁମେ ମୋର ଅନ୍ଧକାର ମନ ଆକାଶର
ଏକ ବିଜୁଳିର ଗାର ।

ଶାନ୍ତିନୀଡ଼
ବ୍ଲକରୋଡ଼, ପାଲବଣି
ବାରିପଦା, ମୟୂରଭଞ୍ଜ

—୦—

Digitized by PPRACHIN, SOA

"ଜାଗରଣୀ"

ଭଗବାନ ନାୟକବର୍ମା

ବସିଥା' ରେ କବ୍ବ ବସିଥା'...
ଦୁଆର- ଝର୍କା ସବୁ ଖୋଲିଦେଇ ବସିଥା'...

ହୁଏତ କେତେବେଳେ ପଶିଆସିବ
ଦମକାଏ ବାଉବୁଲା ଖିଆଲି ପବନ—
ତୋର ବିଷର୍ଣ୍ଣ ଡ୍ରାଏଙ୍ଗ ଆଉ
ପୁରୁଣା କ୍ୟାଲେଣ୍ଡର ପୃଷ୍ଠାରୁ
ଏବଂ ତୋ ଟେବୁଲର ପ୍ଲାଷ୍ଟିକ୍ ଫୁଲରୁ
ଝାଡ଼ି ଦେବ କିଛି ଅବସାଦର ଧୂଳି...

ହୁଏତ କେତେବେଳେ ପଶି ଆସିବ
ଚେନାଏ ଅଚିହ୍ନା ଆଲୁଅ—
ତୋର ନିର୍ବାସିତ ସ୍ୱପ୍ନ ଘରର
ନିବୁଜ ବଖରାମାନଙ୍କରୁ
ଘୁଞ୍ଚିଯିବ କିଛି ବିଷର୍ଣ୍ଣତାର ଅନ୍ଧକାର...

ହୁଏତ କେତେବେଳେ
ଚେତନାରେ ତୋର ଜଳି ଉଠିବ
କେଉଁ ଅନନ୍ୟ ଉପଲବ୍ଧିର
ଗୋଟିଏ ଅମୃତ ଲଗ୍ନ—
ପ୍ରସାରିତ ହୋଇଯିବ
ତୋର ସମଗ୍ର ଜୀବନ ଓ ଜଗତ
ଏକାକାରେ ହୋଇଯିବେ
ଆକାଶ ଆଉ ଧରିତ୍ରୀ ...
ଜୀବନ ହୋଇଯିବ ଜଗତମୟ
ଜଗତ ହୋଇଯିବ ଜୀବନମୟ

Digitized by PPRACHIN, SOA

ସାଗରମୟ ଆକାଶ
ଆକାଶମୟ ପୃଥିବୀ······
ବସିଥା' ରେ କବି ବସିଥା'—
ଦୁଆର-ଝରକା ସବୁ ମେଲକରି ବସିଥା'······
ବଣର ବାଘକୁ ଡର୍‌ନା
ରଜାର ହାତୀକୁ ଡର୍‌ନା
ଡାକୁର କାଠକୁ ଡର୍‌ନା—
ବସିଥା'······ଖାଲି ବସିଥା'
[ସାମନାରେ ଘାପଟିଏ ଜାଲ ବସିଥା'...
ହୁଏତ ଏ ରାତି ଏମିତି ପାହିଯିବ...
ହୁଏତ ଏ ରାତି କେମା ପାହିବନି ······

———

ଧରଣୀ
ଭୁବନେଶ୍ୱର

ପଢ଼ନ୍ତୁ
ଚିତ୍ତରଞ୍ଜନ ଦାସଙ୍କର
ରମ୍ୟରଚନା ଗ୍ରନ୍ଥ
ସଂସ୍କୃତି ଓ ଓଡ଼ିଶା
ପ୍ରକାଶକ—ମୟୂର ପବ୍ଲିକେସନ୍‌ସ
ଭୁବନେଶ୍ୱର

Digitized by PPRACHIN, SOA

ବ୍ୟକ୍ତିଗତ

ଅନ୍ନପୂର୍ଣ୍ଣା ମିଶ୍ର

କେମିତି ଭୁଲିବ କୁହ ?
ମନମୋର କାଗଜ ନଉକା ପରି— ଆକାଂକ୍ଷାର ସାଗରରେ
ଉବୁଟୁବୁ ହୁଏ ଅହରହ ।
କାହିଁକି ଚଢ଼ିଲୁ ଆମେ ଆଶା ଐରାବତ ??

କାହିଁକି ଦେଖିଲୁ ପୁଣି ସ୍ୱପ୍ନ-ପାରିଜାତ ?
ନନ୍ଦନ- କାନନ କିଣ ଆମପାଇଁ ଏତେ ଅବାଞ୍ଛିତ ???
ସ୍ୱପ୍ନର ଇଲାକା ଯଦି ଯୋଜନ ଯୋଜନ ବ୍ୟାପ୍ତ
ସମ୍ପର୍କର ରଜ୍ଜୁ ଆମ ତେବେ କିମ୍ପା କରିବା ସଂକ୍ଷିପ୍ତ ????

....ଲୌକିକତା ଲୋଡ଼ା ନାହିଁ...ଲୋଡ଼ା ନାହିଁ ସୌଜନ୍ୟତା ମଧୁର ଗରଳ,

କିବା ଲାଭ ଛଳନାର ସୁନ୍ଦର ନଅର ?

କାହାକୁ ନେଇ ଲେଖିବ ପ୍ରୀତିର ଗଜଲ୍
କିଏ ଦେବ ଭରି ମୋ ବଂଶୀରେ ସ୍ୱର ?
....ମୋ ନୟନେ ପ୍ରତୀକ୍ଷିତ ଗୃହାଣୀର ବ୍ୟଥା
ଆଉ କେ ବୁଝିବ ? ବୁଝେ ସିନା ଖାଲି
ତୁମର ସେ ଖିଆଲି ହୃଦୟ,

...କେମିତି ମୁଁ ଭାବିବନି କୁହ ?
ଯୁଗ ଯୁଗ ସମସ୍ତ ଅଣ୍ଟିବ ନାହିଁ ମୋ ଭାବନା ପାଇଁ
ଜାଣିଛି ମୁଁ ......ତୁମେ ମୋର କେହି ନୁହେଁ
ତୁମେତ ବଳୟ ଏକ ଭିନ୍ନ ପରିଧିର ।

ମୋ କେନ୍ଦ୍ର, ତୁମ କେନ୍ଦ୍ର, ପାପ-ପୁଣ୍ୟ, ଦିନ-ରାତି, ସୁଖ-ଦୁଃଖ ପରି
ଅପସୃତଗାମୀ,

Digitized by PPRACHIN, SOA

ତଥାପି··· ଏ ହୃଦୟ- ମହମ ଯାଏ ଯେ ତରଳି
ସେ ଉପରୁ ଧାସଟିକେ ପାଇ ।
କମ୍ପନର ବତାସରେ, ଏ ସାଗରେ ବାତ୍ୟା ସୃଷ୍ଟି ହେଲେ···
ସେ କୂଳେ କାମନାର ବନ୍ୟାପାଣି କମ୍ପାଦିଏ ଫସଲ ଉଜାଡ଼
ତୁମେ କି ତା' ଉତ୍ତର ଜାଣିଛ ?
ତୁମେ ଖାଲି ବାସ୍ତବତା— ନୁହେଁ କେବେ ନିଛକ କଳ୍ପନା ।

ଏକ ସତ୍ୟ, ଚିରନ୍ତନ, ଏକାନ୍ତ ଈପ୍‌ସିତ,
ତୁମେ ଖୁବ୍ ମନେପଡ଼ ମୋର ।
ସତେଅବା ରକ୍ତ ଆଉ ଝିଲ୍ଲୀର ସହରେ
ତୁମ ମୋ ସମ୍ପର୍କର ତଡ଼ିତ୍ ପ୍ରବାହ
ଗ୍ରୀଷ୍ମରାତେ ଆଣେ ଶିଥିଳତା--ଶୀତ ରାତେ ଅନେକ ଉଷ୍ମତା ।

···ତୁମେ ମୋର ଜୀବନର ସମସ୍ତ ତପସ୍ୟା ।
ଜନ୍ମ ଜନ୍ମ ସାର୍ଥକତା ପୂର୍ତ୍ତି,
ତୁମେ ବୁଝି ପାରିବନି—କେହି ବୁଝି ପାରି ନାହିଁ,
ମୋ ପ୍ରୀତିର ଗମ୍ଭୀରତା— ମନଗହନର ନିଭୃତ ସଲାପ ।
ମୃତ୍ୟୁ ମୋର ! ହେ ଆଗାମୀ ଆକାଶର ସ୍ୱଚ୍ଛ ଧ୍ରୁବତାରା ।
ତୁମପାଶେ ଏତିକି ମିନତି,

ଜୀବନର ସମସ୍ତ ଦେ'ଣ ନେ'ଣ—ହିସାବ ଶେଷରେ,
ବାଡିବନି କେବେ—ସଂଦେହ /ସଂଶୟର ଅନେକ ଟିପ୍‌ପଣୀ
ଥରେ ହେଲେ ଆକ୍ଷେପ କରିବ ନାହିଁ,
ତୁମପାଇଁ ସରାଗରେ ଜାଗର ଜାଳିନି ବୋଲି କେବେ ନିଶାର୍ଦ୍ଧରେ,
ଅବା ସଜାଡ଼ି ରଖିନି ପ୍ରୀତିର ନୈବେଦ୍ୟ ଅତି ସଂଗୋପନେ
ମୋହର ହୃଦୟେ ।

—o—

ଉପାଧ୍ୟକ୍ଷା, ନଳିନୀ ଦେବୀ ପ୍ରଶିକ୍ଷଣ ମହାବିଦ୍ୟାଳୟ
ଭୁବନେଶ୍ୱର

Digitized by PPRACHIN, SOA

ଭାବାନ୍ତର

ଶାନ୍ତଲତା ମିଶ୍ର

ସବୁଦିନ ପରି ଅପରାହ୍ଣରେ ବଗିଚାକୁ ଯିବା ପୂର୍ବରୁ ମିସ୍ ଦାସ ଦର୍ପଣ ଆଗରେ ବସି ନିଜର କେଶ ବିନ୍ୟାସରେ ମନ ଦେଲେ । ପୁଷ୍ପାଶ୍ରୀ ଆସି ଚା କପେ ଧରାଇ ଦେଇଗଲା । କେଶ ବିନ୍ୟାସ ସେଇଠି ଅଧାରଖି ଚା'ର ଉଷ୍ମତା ଅନୁଭବ କରିବାକୁ ମନସ୍ଥ କଲେ ମିସ୍ ଦାସ ।

ଓଃ ! ଆଜି ଚା ଟା ବହୁତ ଭଲ ଲାଗୁଛି । କ'ଣ ଅଧିକା ମିଶାଇଛି କି ନିତ୍ୟାନନ୍ଦ ? ନା ମନଟା ହାଲ୍‌କା ଲାଗୁଥିବାରୁ ସବୁ ଭଲ ଲାଗୁଛି ।

...ଏଇ ସାମନାରେ ବାପାମାଆଙ୍କ ଫଟୋ । ତାଙ୍କର ଅଧାକାମ ଆଜି ତାଙ୍କର ହେଲ୍ଲାରିଆ ଝିଅ ଗୀତାଲି ଓରଫେ ମିସ୍ ଦାସ ପୂରଣ କରିପାରିଛି । ସାନ ଭାଇ ଭଉଣୀଙ୍କର ପାଠପଢ଼ା ଓ ବାହାଘର ପରେ ସେ ଆଜି ନିଶ୍ଚିନ୍ତ ହୋଇପାରିଛି । ମିତାଲି ତା ସ୍ୱାମୀଙ୍କ ସହ ପୁଅ ଝିଅ ତିନିଜଣଙ୍କୁ ନେଇ ତା ସଂସାରରେ ମଗ୍ନ ରହିଛି । ଅପା କଥା ବୁଝିବାକୁ ସମୟ ତାର ନାହିଁ । ପୂଜା ଛୁଟିରେ ଥରେ ପିଲାମାନଙ୍କୁ ନେଇ ଆସେ । ଅପା ପାଖରେ ମାସେ ପନ୍ଦରଦିନ ରହି ଚାଲିଯାଏ । ଏବର୍ଷ ତା'ର କ'ଣ ଘର ତିଆରି କରୁଛି ଯେ ଆସି ପାରିଲା ନାହିଁ ।

ଚା କପ୍‌ଟି ନିଃଶେଷ କରି ମିସ୍ ଦାସ ପୁଣି ଡ୍ରେସିଂ ଟେବୁଲ ସାମନାରେ ବସି ପଡ଼ିଲେ । ଭଲକରି ନିଜର ମୁହଁ ଓ କେଶରାଶିକୁ ନିରୀକ୍ଷଣ କରୁ କରୁ ଲକ୍ଷ୍ୟ କଲେ— ତାଙ୍କର ବାଳ କେଉଁ କେଉଁ ହୋଇ ପାଚିବାକୁ ଆରମ୍ଭ କଲାଣି-ଚମରେ ପୂର୍ବପରି ଆଉ ଏତେ ଚମକ ନାହିଁ । ଆଖିର ଜ୍ୟୋତି ମଧ୍ୟ ଟିକିଏ କମି ଆସିଲାଣି । ପାଞ୍ଚବର୍ଷ ହେଲା ଚାଳଶା ଚଷମା ବ୍ୟବହାର କରି ଆଖିତଳ ଓ ନାକ ଦୁଇକଡ଼ କ୍ରମେ କଳାଦାଗିଲାଣି । ହସ ମାଡ଼ିଲା ମିସ୍ ଦାସଙ୍କୁ — ବାର୍ଦ୍ଧକ୍ୟ ତା' ହେଲେ ନିକଟ ପ୍ରାୟ । ମନେପଡ଼ିଲା ସାନଭାଇ 'ମନୋଜର'ର ଝିଅ 'ରୋଜା' କଥା । ଗତବର୍ଷ ଡିସେମ୍ବରରେ ଲଣ୍ଡନରୁ ମନୋଜ ତା'ର ପିଲାପିଲିଙ୍କ ସହ ମାସକପାଇଁ ଓଡ଼ିଶା ବୁଲିବାକୁ ଆସିଥିଲା । 'ରୋଜୀ'

Digitized by PPRACHIN, SOA

ତାର ଗୀତା ଆଣ୍ଟିକୁ ଚୁମ୍ବି କହୁଥିଲା—ନୋ ଆଣ୍ଟି, ନୋ; ୟୁ ହାଭ୍ ଗଟ୍ ଗ୍ରେ-ହେୟାର୍—ୟୁଆର୍ ବିକମିଂ ଓଲ୍ଡ୍ । ୟୁ ନୋଓ ସମଥିଙ୍ଗ୍ ଆଣ୍ଟି-ଫର୍ଟି ଇଜ୍ ଦ ଓଲ୍ଡ୍ ଏଜ୍ ଅଫ୍ ୟୁଥ୍ ଆଣ୍ଡ ଫିଫ୍ଟି ଇଜ୍ ଦ ୟୁଥ୍ ଅଫ୍ ଓଲ୍ଡ୍ ଏଜ୍"—ମିସ୍ ଦାସ୍ ହସିହସି ଗଡ଼ି ଯାଇଥିଲେ ଓ 'ରୋଜିର' ଗାଲରେ ଚୁମାଦେଇ କହୁଥିଲେ—"ହଁ", ତୋ'ର ପିଉସୀ ବୁଢ଼ୀ ହୋଇଗଲଣି ପରା" ।

ସବା ସାନଭାଇ ସରୋଜ । କେତେ ଗୋରୀ ହୋଇଥିଲା ପିଲାଦିନେ । ତା'କୁ ଦଶବର୍ଷ ବେଳେ ବାପା ମରିଗଲେ । ସେତେବେଳକୁ ମିସ୍‌ଦାସ୍ ଠିକ୍ ଚାକିରି କରିବା ଆରମ୍ଭ କରିଥିଲେ ପଚିଶ ବର୍ଷ ବୟସରେ । ନିଜର ଅପୂର୍ବ ସୁନ୍ଦରୀ ଓ ଗୁଣବତୀ ଝିଅ 'ଗୀତାଲି' ଆଇ. ଏ. ଏସ୍ ପାଇ ସମସ୍ତଙ୍କର ପ୍ରଶଂସାପାତ୍ରୀ ହୋଇଥିଲା । ଅତି ଆଦରରେ ବାପା ପାଳି ଦେଇଥିଲେ । ଯେତେ ତାଙ୍କର ଚାକିରିଆ ଲୋକ ଆସିଥିଲେ । ହଠାତ୍ ରାତି ୩ଟାରେ ହାର୍ଟଫେଲ୍ କରି ସମସ୍ତଙ୍କୁ ଶୋକସାଗରରେ ଭସାଇ ଆଖି ବୁଜିଲେ । ମାଆ ଏତେ ଆକସ୍ମିକ ବିଷାଦକୁ ସହି ନପାରି ଶଯ୍ୟାଶାୟୀ ହେଲେ । ସେଇଦିନୁ 'ଗୀତାଲି' ମନେମନେ ଖୁବ୍ ଦୃଢ଼ପ୍ରତିଜ୍ଞା କରିଥିଲା—ତା'ର ଭାଇଭଉଣୀଙ୍କୁ ବାପାମାଆଙ୍କର ଆଦରଦେଇ ମଣିଷ କରିବ । ସରୋଜ ହାଇସ୍କୁଲ୍ ପାସ୍ କଲାବର୍ଷ, ବାପାଙ୍କ ମରିବାର ପାଞ୍ଚବର୍ଷ ପରେ ମାଆ ଆଖିବୁଜିଲେ । ବର୍ଷେ ହେଲା ସରୋଜର ବାହାଘର ସରିଯାଇଛି—ଏବେ ସେ ତା'ର ସ୍ତ୍ରୀସହ ହାଓ୍ୱାଇରେ ଅଛି । ଦୁଇବର୍ଷ ପାଇଁ ଭାରତ ସରକାର ବିଭିନ୍ନ ଦେଶ ବିଦେଶରେ ଟ୍ରେନିଂପାଇଁ ପଠାଇଛନ୍ତି । ଆଉ ବର୍ଷକ ପରେ ଫେରିବ ସିଏ—କେତେ ଖୁସି ନହେବ ତା' ଅପାର ଏଇ ଘରକୁ ଦେଖି !

ଗୀତାଲି ରେଭେନ୍‌ସା କଲେଜରେ ପାଠପଢ଼ିଲା ବେଳେ ବାପାଙ୍କର ଚୌଧୁରୀ ବଜାରର ଜମିଦାରିଆ ପୁରୁଣା କାଳିଆ ଘରକୁ ଦେଖି ସବୁବେଳେ ବାପାଙ୍କୁ କହୁଥିଲା—"ବାପା, ଏ ଘର ମୋର ପସନ୍ଦ ହେଉନି । ମୁଁ ବଡ ହେଲେ ଚାକିରିକଲେ ନା ପାହାଡ଼ ଉପରେ ଗୋଟିଏ ସ୍ୱେତ ଧବଳବର୍ଣ୍ଣରିଆ ଘରଟିଏ କରିବ । ଗୋଟିଏ ବଖରା ତୁମର ଓ ମାଆର—ଅନ୍ୟଟି ମୋ'ର ଓ ଗୋଟିଏ ବଡ଼ ଡ୍ରଇଂ ଘର । ପ୍ରତ୍ୟେକ ଘରେ ସବୁ ଆଧୁନିକ ସୁବିଧାଥିବ । ଡ୍ରଇଂରୁ ଘର ସାମନାରେ ନା ବଡ଼ ଫୁଲବଗିଚା କରିବି । ଲନ୍‌ରେ ବସି ତୁମର, ମୋ'ର ଓ ମାଆର ଧର୍ମଚର୍ଚ୍ଚା କରିବା । ଘର ଚାରିପଟେ ନାନାରକମର ଫଳଗଛ ଲଗେ-ଇବି—ଯେଉଁଫଳ ମତେ ଭଲଲାଗେ ଓ ଯେଉଁଫଳ ତୁମେ ପାକୁଆ ପାଟିରେ ବୁଢାଦିନେ ଖାଇପାରିବ । ତୁମେ ମୋ ପାଖରେ ରହିବ—ଆଉ କାହା ପାଖରେ

Digitized by PPRACHIN, SOA

ରହିବନି । ମୁଁ ଆଦୌ ବାହା ହେବିନି । ସେ ବଡ଼ ଜଞ୍ଜାଳ । ଆଉ ଆମ କ୍ଲାସରେ ଯେ ଫାଷ୍ଟ ହୁଏନା—ଅଶୋକ ତାକୁ ମୁଁ ଫାଇନାଲ୍‌ରେ ଟପିବି । ସେଥିପାଇଁ ମୁଁ ଲୁଚେଇ ଲୁଚେଇ ବହୁତ ପରିଶ୍ରମ କରୁଛି ସେ ମୋ'ଠାରୁ କେଉଁ ଗୁଣରେ ବେଶୀ କି ? ପରେ ସେ ମୋ'ର ରେଜଲ୍‌ଟ ଦେଖି ଯେମିତି ଆଶ୍ଚର୍ଯ୍ୟ ହେଇଯିବ''—

ବାପା ହସିହସି କହିଲେ—''ହଁ, ମାଆ, ତୁ ମୋର ସବୁ ଆଶା ପୂରଣ କରିପାରିବୁ । ହେଲେ ତୁ ବଡ଼ ହୁଅ, ତା'ପରେ ବିଚାର କରିବୁ ବାହା ହେବୁ କି ନାହିଁ—ବିବାହ ପରା ଆମ ପରମ୍ପରାର ଶ୍ରେଷ୍ଠ ସଂସ୍କାର''...ଏମିତି କହୁ କହୁ ମିସ୍‌ଦାସଙ୍କ ଅଜାଣତରେ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡ଼ିଲା । ଲୁହପୋଛି ମୁଣ୍ଡବାନ୍ଧିବା ଶେଷକଲେ, ନା, ଏତେ ଭଲ ଦିନରେ ସେ କାନ୍ଦିବେନି ।

ସରୋଜର ବାହାଘର ପରେ ସେ ଦୀର୍ଘ କୋଡ଼ିଏ ବର୍ଷ'ର ଆଡ୍‌ମିନଷ୍ଟ୍ରେଟିଭ ସର୍ଭିସରୁ ଦୁଇବର୍ଷ ପାଇଁ ଛୁଟିନେଇ ରାଉରକେଲାରେ ଟାଉନ୍‌ଠାରୁ ଦୂରରେଥିବା ପାହାଡ଼ ଉପରେ ତାଙ୍କର ଜାଗାଟିରେ ସେ ନିଜର ରୁଚିଅନୁଯାୟୀ ଘରଟି ତିଆରି କରିବାକୁ ସ୍ଥିରକଲେ । ଘର ତିଆରି ବର୍ଷକ ଭିତରେ ସରିଗଲେ ଆଉବର୍ଷେ ସେ ବସି ପଢ଼ାପଢ଼ି କରିବେ । ରିସର୍ଚ୍ଚ କରିବେ । ଆଡ଼ମିନଷ୍ଟ୍ରେସନରେ ଚିହ୍ନିଚିହ୍ନି ବିରକ୍ତ ଆସିଲାଣି । ରିସର୍ଚ୍ଚ'ରେ ମନଲାଗିଲେ ସର୍ଭିସରୁ ଅବ୍ୟାହତି ନେବେ । ସରକାରତ କୋଡ଼ିଏ ବର୍ଷ'ପରେ ରିଟାୟାର କରିବାକୁ ସୁବିଧା ଦେଇଛନ୍ତି । ସେଥିରେ ତାଙ୍କର ଆଉ ଦୁଃଖ କ'ଣ ? ଅଭାବ ତ କିଛି ନାହିଁ ।

ବର୍ଷକ ଭିତରେ ଘରଟି ସର୍ବାଙ୍ଗ ସୁନ୍ଦର ହୋଇ ଶେଷ ହେଇଯାଇଛି । ଗତକାଲି ହାଉସ୍‌ୱାର୍ମିଂପାର୍ଟିଥିଲା । ଅଶୋକ ବାବୁଙ୍କ ସହ ନାନା ବନ୍ଧୁମାନଙ୍କ ସମାବେଶରେ ଘରଟି କୋଳାହଳମୟ ହେଇଉଠିଥିଲା । ଆଜି ସବୁ ଚୁପ୍‌ଚାପ୍ । ସେ ଏକୁଟିଆ ଫୁଲ ବଗିଚାରେ ବସି ସମ୍ପୂର୍ଣ୍ଣ ଭାବରେ ସମସ୍ତ ଉପଭୋଗ କରିବାକୁ ଇଚ୍ଛାକଲେ । ତାଙ୍କର ଆଦେଶାନୁଯାୟୀ ଦରୱାନ୍ ଲନ୍‌ରେ ଗାର୍ଡ଼େନ୍ ଚେଆର ଗୋଟିଏ ପକାଇଦେଇ ଆସିଲା । ମିସ୍‌ଦାସ ବଗିଚାରେ ବୁଲିବୁଲି ପ୍ରତିଟି ଫୁଲଗଛକୁ ଦେଖୁଥିଲେ । ମଲ୍ଲୀ, ଚମ୍ପା, କରବୀର, ରଜନୀଗନ୍ଧା, ଟଗର, ବ୍ଲିଡ଼ିଂହାର୍ଟ, ମାଳତୀ, କୁଞ୍ଜଲତା, କାମିନୀ, ହେନା ଆଦି ସହ ନାନା ପ୍ରକାର ସିଜନ୍‌ଫଲର ଗାଲିଚା ଦେଖି ଆନନ୍ଦରେ ଆତ୍ମହରା ହେଇଉଠିଲେ । ଟ୍ରାଞ୍ଜିଷ୍ଟାରଟି କୋଳରେ ରଖି ସିଲୋନ୍‌ର ମ୍ୟୁଜିକ୍ ଶୁଣିଶୁଣି ଲକ୍ଷ୍ୟକଲେ ଫୁଲମାନଙ୍କ ଉପରେ ମହୁମାଛି, ଭଅଁର ଓ ନାନାରଙ୍ଗର ପ୍ରଜାପତିମାନ ବସି ମହୁଶୋଷିବାରେ ଲାଗି-

Digitized by PPRACHIN, SOA

ପଡ଼ିଛନ୍ତି । ସେମାନେ ମଧ୍ୟ ଆଜି ତାଙ୍କଭଳି ବାସନା ଓ ମହୁଭରା ଫୁଲବଗିଚାକୁ ପୂର୍ଣ୍ଣପ୍ରାଣରେ ଉପଭୋଗ କରିବାକୁ ଚାହାନ୍ତି ।

ଏମିତି ଦେଖୁ ଦେଖୁ ମିସ୍‌ଦାସ୍ ହଠାତ୍ କାହିଁକି ଉଦାସ ହୋଇପଡ଼ିଲେ । ତାଙ୍କୁ କିପରି ନିଃସଙ୍ଗ ଲାଗିଲା । 'ମିତାଲି' ଏ ବର୍ଷ ଆସିନି । ତା'ର ପିଲା-ମାନଙ୍କ ସହ ମଝିରେ ଦେଖାହେଲେ ତାଙ୍କୁ ଏତେ ଏକୁଟିଆ ଲାଗେନା । ସରୋଜ ଓ ମନୋଜଙ୍କଠାରୁ ପ୍ରାୟ ଦୁଇମାସ ହେବ କୌଣସି ଚିଠି ପାଇନାହାନ୍ତି । ସମସ୍ତେ ନିଜନିଜ ସଂସାର ଓ କର୍ମନେଇ ବ୍ୟସ୍ତ । ଏଇ ନିଃସଙ୍ଗତାକୁ ସମ୍ବଳକରି କେଜାଣି କାହିଁକି ହଠାତ୍ ଅଶୋକବାବୁଙ୍କ ଚିଠି ତାଙ୍କ ଆଖି ଆଗରେ ନାଚି ଉଠିଲା । ସେଥିରେ ସଙ୍ଗେ ସଙ୍ଗେ ମନେ ପଡ଼ିଗଲା ଦୀର୍ଘ କୋଡ଼ିଏ ବର୍ଷ ତଳର ଘଟଣା ।

...ବାପାଙ୍କ ମୃତ୍ୟୁପରେ... । ମନଭୁଲାଇବାକୁ ସେ ହିନ୍ଦ୍‌ରେ ମ୍ୟାଟିନ ଶୋ ଦେଖି ଯାଇଥିଲେ । ସିନେମା ପରେ ଅଶୋକ ବାବୁଙ୍କ ସହ ଦେଖାହେଲା । ଅଶୋକ ଅନୁରୋଧକଲେ କାଠଯୋଡ଼ି ଆଡ଼େ ଟିକେ ବୁଲିଯିବାକୁ । କଥା ଭାଙ୍ଗି ନପାରି ଗୀତାଲି ତାଙ୍କସହ ଚାଲିଯାଇଥିଲେ । କାଠଯୋଡ଼ି ବନ୍ଧରେ ବୁଲି ବୁଲି ଶେଷରେ ଦୁହେଁ ଏକାଠି ବନ୍ଧଉପରେ ବସିପଡ଼ିଲେ । ନାନା ଆଡୁ ନାନା କଥା ପଡ଼ିଲା । କଥା ପ୍ରସଙ୍ଗରେ ଅଶୋକ ଗୀତାଲିଙ୍କୁ ବାହା ହେବା ପାଇଁ ପ୍ରସ୍ତାବ ଦେଲେ । ଗୀତାଲି ଅଶୋକଙ୍କୁ ବହୁତ ବୁଝାଇବାକୁ ଚେଷ୍ଟାକଲେ ଯେ ସେ ତାଙ୍କୁ ସବୁବେଳେ ବନ୍ଧୁ ହିସାବରେ ଦେଖିଆସିଛନ୍ତି । ପତିରୂପେ ପାଇବା ପାଇଁ କେବେ ଚିନ୍ତା ବି କରିନାହାନ୍ତି । ତା' ଛଡ଼ା ବାପାଙ୍କ ମୃତ୍ୟୁପରେ ତାଙ୍କର ମା ଓ ଭାଇ ଭଉଣୀଙ୍କ ପ୍ରତି ଗୁରୁ କର୍ତ୍ତବ୍ୟ ରହିଛି । ତେଣୁ ଏ ପ୍ରସ୍ତାବ ଗ୍ରହଣ ତ ଅସମ୍ଭବ, ବିବାହ ମଧ୍ୟ ତାଙ୍କ ଜୀବନରେ ଅସମ୍ଭବ । କାରଣ ପିଲା-ଦିନରୁ ବିବାହକରି ସଂସାର ଜଞ୍ଜାଳରେ ବାନ୍ଧିହେବାକୁ ତାଙ୍କର ଆଦୌ ଆଗ୍ରହ ନଥିଲା । ଏବେ ମଧ୍ୟ ନାହିଁ । ଅଶୋକ କିନ୍ତୁ କୌଣସି ପ୍ରକାରେ ବୁଝିଲେ ନାହିଁ । ବିବାହ କିପରି ଅତ୍ୟାବଶ୍ୟକ ତାହା ପ୍ରମାଣ କରିବାକୁ 'ଫ୍ରଏଡ୍'ଙ୍କଠାରୁ ଆରମ୍ଭକରି ନାନା ଯୁକ୍ତି ଦେଖାଇଲେ । ଗୀତାଲି କିନ୍ତୁ ବାପାଙ୍କ ଦେହାନ୍ତ ପରଠାରୁ ବିବାହ ନକରିବାକୁ ଦୃଢ଼ ପ୍ରତିଜ୍ଞା କରିଥିବା କଥା କହିଲେ । ବହୁ ଯୁକ୍ତିତର୍କ ପରେ ଅଶୋକ ମଧ୍ୟ ପ୍ରତିଜ୍ଞା କଲେ ଯେ ଗୀତାଲି ବ୍ୟତୀତ ସେ ଆଉ କାହାକୁ ବିବାହ କରିବେନାହିଁ ବରଂ ସାରାଜୀବନ ଅବିବାହିତ ରହିବାକୁ ସେ ପସନ୍ଦ କରିବେ ।

Digitized by PPRACHIN, SOA

...ହଠାତ୍ ଏତେ ବର୍ଷପରେ ଏ କି ଭାବାନ୍ତର ମିସ୍ ଦାସଙ୍କର...? ଗତକାଲି ରାତରେ ପାର୍ଟିରେ ଏତେ ବନ୍ଧୁଙ୍କ ଗହଣରେ ଅଶୋକଙ୍କୁ ଦେଖି କାହିଁ ତାଙ୍କର ତ କିଛି ଏପରି ଭାବାନ୍ତର ସୃଷ୍ଟି ହୋଇନଥିଲା ? ସେ ଅନୁଭବ ମଧ୍ୟ କରି ନଥିଲେ ଯେ ପ୍ରୌଢ଼ ଅଶୋକ ପଚାଶବର୍ଷ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ଅବିବାହିତ ରହିଛନ୍ତି ? ସ୍ୱାଭାବିକ ବନ୍ଧୁ ଭାବର ସେ ନିଦର୍ଶନ ହୋଇ ରହି-ଛନ୍ତି । ତାଙ୍କୁ କେଜାଣି କାହିଁକି ଅଶୋକଙ୍କ ଉଦାର ଭାବ ତଥା ଉଦାସଭାବ ମନେପଡ଼ି ଭାରି ବ୍ୟାକୁଳ ଲାଗିଲା । ଭାବିଲେ ଯାଇ ତାଙ୍କୁ ଫୋନ୍ କରିବେ ଓ ନିଜର କୃତକର୍ମ ପାଇଁ କ୍ଷମା ମାଗିବେ । ଅନ୍ତତଃ ଅଶୋକ ବାବୁଙ୍କ ପାଇଁ ସୁଯୋଗ୍ୟା ପାତ୍ରୀ ଖୋଜି ତାଙ୍କୁ ବିବାହ କରିବାକୁ ଅନୁରୋଧ କରିବେ । ପ୍ରୌଢ଼ ହେଲେ ମଧ୍ୟ ଅଶୋକ ବାବୁ ତିରିଶ ବର୍ଷର ଯୁବକ ପରି ଦେଖାଯାଆନ୍ତି । ତାଙ୍କପରି ସୁଶ୍ରୀ ସୁପ୍ରତିଷ୍ଠିତ ପ୍ରଫେସରଙ୍କ ପାଇଁ ପାତ୍ରୀ ଅଭାବ ହେବ ନାହିଁ । ଏମିତି ଅନେକ କିଛି ଭାବୁ ଭାବୁ ହଠାତ୍ କାରର ହର୍ଣ୍ଣ ଶୁଣି ଚମକି ପଡ଼ିଲେ ମିସ୍ ଦାସ । ଗାଡ଼ି ପାର୍କକରି ଅଶୋକବାବୁ ଗେଟ୍ ଖୋଲି ପଶିଆସିଲେ । ଦରୱାନ୍ ନମସ୍କାର ଜଣାଇଲା । ମିସ୍ ଦାସଙ୍କ ନିର୍ଦ୍ଦେଶରେ ଆଉ ଗୋଟିଏ ଚେଆର ଆଣି ମୁହଁକରି ପକାଇ ଦେଇ-ଗଲା । ତାଙ୍କ ମନରେ ଅଫୁରନ୍ତ ଆନନ୍ଦ । ବସୁବସୁ ଅଶୋକବାବୁ ପଚାରିଲେ—"କ'ଣ ମୁଁ ଆଜି ଆସିବି ବୋଲି ଭୁଲିଯାଇଛନ୍ତି କି ମିସ୍ ଦାସ—ଗୋଟିଏ ଚେଆର ଦେଖି ମୋର ସନ୍ଦେହ ହେଉଛି ।" ମିସ୍ ଦାସ ହଠାତ୍ ଅପ୍ରତିଭ ହୋଇ ପଡ଼ିଲେ । କାଲିର ଏତେ ଜନ କୋଳାହଳ ଭିତରେ ସେ ସତରେ ଅଶୋକଙ୍କର ଆଜି ସନ୍ଧ୍ୟା ୫ଟାରେ ଆସିବା କଥା ଭୁଲିଯାଇଛନ୍ତି । ଅତି ନମ୍ର ଭାବରେ କହିଲେ—"କ୍ଷମା କରିବ ଅଶୋକ । ତୁମେ କାଲି କହିଥିଲ, କିନ୍ତୁ ମୁଁ କାଲି କଥା ସମ୍ପୂର୍ଣ୍ଣ ଭୁଲିଯାଇଥିଲି । ତେବେ ଟେଲିପ୍ୟାଥି କାମ କରୁଛି କି କ'ଣ ଘଣ୍ଟାଏ ହେବ ତୁମରି କଥା ହିଁ ଭାବୁଥିଲି । ତୁମକୁ ବହୁତ ଆଘାତ ଦେଇଛି—ଅଶୋକ । ତୁମେ ଅନ୍ୟାୟ ବିବାହକର । ମୋ'ର କର୍ମମୟ ଜୀବନ ଭିତରେ ତୁମେ ଯେ ମୋ ପାଇଁ ଆଜିଯାଏ ବିବାହ କରିନ—ସେ କଥା ମୁଁ ଅନୁଭବ କରିପାରି ନଥିଲି । ମୁଁ ତୁମ ପାଇଁ ପାତ୍ରୀ ଖୋଜିବାର ଦାୟିତ୍ୱ ନେଲି ।" ଅଶୋକବାବୁ କିଛି ନକହି ଗୋଟିଏ ରେଜେଷ୍ଟ୍ରୀ ବିବାହର ଫର୍ମ ତାଙ୍କ ହାତକୁ ବଢ଼ାଇଦେଲେ । ମିସ୍ ଦାସ କିଛି ନ ବୁଝିଲା ଭଳି ଚାହିଁଲେ ତାଙ୍କ ମୁହଁକୁ । ଅଶୋକବାବୁ ଏଥର ମୁହଁ ଖୋଲିଲେ—"ତୁମର ସବୁ ଆଶା ପୂରଣହେଲା ଗୀତୁ ! ଏବେ ମୋ' ଆଶା ପୂରଣ କରିବାକୁ ହେବ । ମୁଁ କଥାବାର୍ତ୍ତା କରିଆସିଛି । କାଲି ଦିନ ୧୧ଟା ସମୟରେ ବନ୍ଧୁମାନଙ୍କ ଗହଣରେ ଆମ ଦୁହିଁଙ୍କର କୋର୍ଟରେ ରେଜେଷ୍ଟ୍ରୀ

Digitized by PPRACHIN, SOA

ବିବାହ ହେବ । ତୁମର କୌଣସି ଅଭିଯୋଗ ମୁଁ ଶୁଣିବାକୁ ଚାହେଁ ନା ।” ଏଥର ମିସ୍ ଦାସ ତାଙ୍କ ଖାଲି ଟିକେ ଚାହିଁ ହସିଦେଇ ତଳକୁ ମୁହଁ ପୋତିଲେ ଓ ଚଟି ଆଗରେ ଲନ୍‌ରେ ଅଙ୍କୁଷ୍ଠଗାର ଟାଣିବାକୁ ଲାଗିଲେ ।

—×—

ଅଧ୍ୟାପିକା ଏକାମ୍ର ମହାବିଦ୍ୟାଳୟ
ଭୁବନେଶ୍ୱର

ପଢ଼ନ୍ତୁ ! !
ଡକ୍ଟର ଭାବଗ୍ରାହୀ ମିଶ୍ରଙ୍କ
କ୍ରାନ୍ତିକାରୀ ରମ୍ୟରଚନା ଗ୍ରନ୍ଥ
ମୁଁ
ମୟୂର ପବ୍ଲିକେସନ୍‌ସ୍, ଭୁବନେଶ୍ୱର

Digitized by PPRACHIN, SOA

କବିତାରେ କେବେ ବିପ୍ଳବ ଆସେନାହିଁ

କୁଳମଣି ଜେନା

କବିତାରେ ଯେଣୁ ଫୁଟି ସେ ପାରୁନି ବୋମା
ତେଣୁ ମୁଁ ଧରିବି ହାତେ ରାଇଫେଲ୍ ଏକ
ସତକୁ ସତ ମୁଁ ଅଗ୍ନି ଟ୍ରିଗାର ଟିପି
ଫିଙ୍ଗି ଦେବି ମୋ ଦ୍ୱନ୍ଦ୍ୱ-ବିନୋଦିଆ ଭେକ ।

ବହୁତ କବିତା ହେଲଣି ତ ଏଠି ଲେଖା
ଏଣୁ ମୁଁ କବିତା ଲେଖିବିନି ଆଉ ଜମା
କେଉଁଠି କାହିଁକି ପରିବର୍ତ୍ତନ ଢେଉ
ଛୁଇଁ ପାରିଲନି ସୂର୍ଯ୍ୟୋଦୟର ସୀମା ?

ଘୃରିଲି ମୋ'ର ପୂର୍ବଜ କବି ଗଣେ
କହ ଅଗ୍ରଜ କହରେ କାହିଁକି ଏଠି
ତମ କବିତାର କାରୁକାର୍ଯ୍ୟରେ କେହି
ଶୋଷଣର ଚୁଲେ ଉଠାଇଲ ନାହିଁ ଲଠି ?

ନିତି ମୁଁ ଦେଖୁଛି ମଣିଷ ମରୁଛି ହାୟ
ମଣିଷର ପାଶେ ମଣିଷ ଖଟୁଛି ବେଠି
ନିତି ମୁଁ ଦେଖୁଛି ଗରିବର ଦେହ ଝାଳେ
ଭିଜି ଯାଉଅଛି ବସୁଂଧରାର ମାଟି ।

ତଥାପି ନୀରବ ଏଇ ପୃଥିବୀର ମନ
ତଥାପି ନୀରବେ ଆଖିରୁ ଢାଳୁଛି ଲୁହ
ତଥାପି ମନରେ ରହିଯାଉଅଛି କଥା
ବଂଧା ତାହାର ଉଷ୍ଣ ଶୋଣିତ କୋହ ?

ଉତ୍ତର ତମେ ଦେଇପାରିଲନି କବି
କାରଣ ତମର କବିତା ଛଳନାମୟୀ
ଜୀବନ ଯାହାର ପ୍ରାଚୁର୍ଯ୍ୟ ଚୁଲେ ଗଢା
ଲେଖାରେ ତାହାର 'ବିପ୍ଳବ' ଆସେ ନାହିଁ ।

Digitized by PPRACHIN, SOA

କବିତାରେ କେବେ 'ବିପ୍ଳବ' ଆସେ ନାହିଁ
ଜୀବନରେ ଯଦି 'ବିପ୍ଳବୀ' ଆଚରଣ
ପାଳନ ନ କର ତମ କବିତାରେ କେହି
'ବିପ୍ଳବ' ପାଇଁ କରେ ନାହିଁ ସଂଗ୍ରାମ ।

ଏଇକଥା ଯେଣୁ ବୁଝି ମୁଁ ପାରିଛି ଆଜି
ଗୋଟାଏ ହାତରେ ଫିଙ୍ଗିବି ଏକ ବୋମା
ଆଉ ହାତେ ମୋର ଅଗ୍ନି ବର୍ଚ୍ଛା । ସମ
କର୍ଷିବି ମୁହିଁ କବିତାର ତର୍ଜନା ।

—୦—

ବେଦବ୍ୟାସ ମହାବିଦ୍ୟାଳୟ
ରାଉରକେଲା-୪୧

ପଢ଼ନ୍ତୁ
କୁଳମଣି ଜେନାଙ୍କ
ନବତମ କବିତା ଗ୍ରନ୍ଥ
ମୃତ ଈଶ୍ୱର
ଯୋଗାଯୋଗ—ଓଡ଼ିଆ ବିଭାଗ
ବେଦବ୍ୟାସ ମହାବିଦ୍ୟାଳୟ
ରାଉରକେଲା-୪୧

Digitized by PPRACHIN, SOA

ବଉଳ

ଜୟକୃଷ୍ଣ ସାମଲ

ଆମ୍ବ ବଉଳିଲେ
ତମେ ବି ବଉଳି ଉଠ
ମୋର ସ୍ମୃତିର ରୋମନ୍ଥନରେ...... ।

କେତେ କବିତାର ବଉଳ ବାସ୍ନା
ବୁଣି ହୋଇଯାଏ ମୋର
ସମଗ୍ର ସତ୍ତା ଆଉ
ଚେତନାର ଚତ୍ୱରରେ ..... ।

ଅଥଚ ତମେ ଯେତେବେଳେ
ନିକଟେ ଆସି ଠିଆ ହୋଇ ଯାଅ
ମୋର ଆଖି ସାମ୍ନାରେ
କାହିଁକି ନେଜାଣି
ହଠାତ୍ ସବୁ ବାସ୍ନା
ହଜିଯାଏ, ନିଭିଯାଏ
କେଉଁ ବିସ୍ମୃତିର ଅତଳ ଗହ୍ୱରରେ ।

କିନ୍ତୁ କାହିଁକି ?
କିଏ ତେବେ ମୋର ବାଞ୍ଛିତା ?
ତମେ ? ନା ତମର ସ୍ମୃତି ? ?

ସ୍ୱାସ୍ଥ୍ୟ ବିଭାଗ
ରାଜ୍ୟ ସଚିବାଳୟ
ଭୁବନେଶ୍ୱର

Digitized by PPRACHIN, SOA

ତଟିନୀର ତୃଷ୍ଣା

ପୂର୍ଣ୍ଣେନ୍ଦୁ ମିଶ୍ର

କ୍ୟାମ୍ପସରୁ ଫେରି ତଟନୀ ବୋଉର ଚିଠିଟା ପାଇଲା ଘରୁ ଟଙ୍କା ପାଇ ସାରିଥିଲା । ଏବେ ଆଉ ଚିଠି ଆସିବାର ନଥିଲା । ଚିଠି ପାଇ ଟିକିଏ ଆଶ୍ଚର୍ଯ୍ୟ ହେଲା ଚିଠି ପଢ଼ି ମନ ମରିଗଲା । ନାକତଳୁ ଝାଳ ବାହାରିବାକୁ ଲାଗିଲା ହଠାତ୍ ମୁହଁ ରଙ୍ଗା ପଡ଼ିଗଲା । ବୋଉ ଲେଖିଥିଲା ତା ସାନ ଭଉଣୀ ମାନିନିର ବାହାଘର ଆସନ୍ତା ଓଥରେ ଠିକ୍ ହୋଇ ଯାଇଛି । ତାକୁ ଯିବାକୁ ପଡ଼ିବ ।

ମାନିନୀ ତାଠାରୁ ପୁରା ଗୃରିବର୍ଷ ସାନ ଏବର୍ଷ ଗ୍ରାଜୁଏସନ କରିଛି । ତଟନୀ ଏମିତି ଏକ ପରିସ୍ଥିତି ଗୃହିଁଥିଲା । କିନ୍ତୁ ଏତେ ଚଞ୍ଚଳ ନୁହେଁ । ଆକାଶରେ ମେଘ ଘୋଡ଼ାଇ ରହିଲେ କେମିତି ଗୋଟିଏ ଗମ୍ଭୀର ଲାଗେ ଅଥଚ ହଠାତ୍ ବର୍ଷା ହୋଇ-ଗଲେ ମନଟା ଖରାପ ହୋଇଯାଏ ।

ତଟିନୀର ମନ ଅନେକ ପଛକୁ ଫେରି ଯାଉଥିଲା । ଆଇ. ଏ. ପାସ୍ କରିବା ପରଠାରୁ ତା ପାଇଁ ବର ଖୋଜା ଗୃଲିଥିଲା । ସମସ୍ତେ କହୁଥିଲେ ଆସନ୍ତା ବର୍ଷ ବାହାଘର ନିଶ୍ଚୟ ହୋଇଯିବ । ଥାର୍ଡ଼ ଇୟରଟା ଝିଅମାନଙ୍କର ମ୍ୟାରେଜ ଇୟର ବୋଲି ସମସ୍ତେ କହନ୍ତି । ବର୍ଷ ପରେ ବର୍ଷ ଗଲା ଅଥଚ ବାହାଘର ଠିକ୍ ହୋଇ ପାରିଲା ନାହିଁ । ପ୍ରଥମେ ପ୍ରଥମେ ମୁହଁରେ ସ୍ନୋ ମାଖି ଦେହରେ ଦାମୀ ଶାଢ଼ୀ ଗୁଡ଼ାଇ ଭଦ୍ର ଲୋକଙ୍କ ସାମନାକୁ ପାନ ମହଲା ନେଇ ଯିବାରେ ଟିକିଏ ଉତ୍କଣ୍ଠା ଥାଏ ହେଲେ ଏମିତି ଘଟଣା ପୁନର୍ବାର ହୋଇ ଗୃଲିଥିଲେ ଉତ୍ସାହ ମରିଯାଏ । ଘସରା ରେକର୍ଡ ବାଜିବା ପରି ବାରମ୍ବାର ଏକ ପ୍ରକାର ଅଭିନୟ କରି କରି ତଟିନୀ ଥକି ଯାଇଥିଲା, ତା ମନ ମରି ଯାଇଥିଲା । ଏବେ ଆଉ ଅଚିହ୍ନା ଲୋକଙ୍କ ପାଖକୁ ଚାଲି-ଲେଲେ ପାଦ ଥରେ ନାହିଁ । ଅଖାଡ଼ୁଆ ପ୍ରଶ୍ନର ଉତ୍ତର ଦେବା ବେଳକୁ ପାଟି ଖନି ମାରେ ନାହିଁ । ସେ ଯେମିତି ଏକ ଗୃକିରିଆ କଣେଇ ତା ସାଙ୍ଗ ସାଥିମାନେ ବାହା ସାହା ହୋଇଗଲେ । ସେ ପାଠ ପଢ଼ି ଗୃଲିଲା ଅନେକ ପଢ଼ିଲା, ପାଠ ପଢ଼ି ବିଶ୍ୱ-ବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ତଟିନୀ ପାଇଁ ସହଜ ଥିଲା । କିନ୍ତୁ ଜୀବନ ପରୀକ୍ଷାରେ ଅନେକ ଥର ଫେଲ୍ ହୋଇ ତା ମନ ମରିଯାଇଥିଲା ।

Digitized by PPRACHIN, SOA

ତଟିନୀ କଚ୍ଛଦନ ହେଲ ଅନୁଭବ କରୁଛି ସେ ସୁନ୍ଦର ନୁହେଁ । ତା ରୂପ ହିଁ ତା ବର ପାଇଁଙ୍କ ଆଖିକି ଆଗ ଗୃଲ ଆସୁଛି । ଆଉ ଫାଷ୍ଟ ଇମ୍ପ୍ରେସନ୍ ଲଷ୍ଟ ଲଙ୍ଗ ମାଡରେ ସେ ବାରମ୍ବାର କାଟ୍ ଖାଇ ଯାଉଥିଲ । ଅଇନାରେ ମୁହଁ ଦେଖିଲ ବେଳେ ତା ଆଖିରେ ଲୁହ ଆସି ଯାଉଥିଲ । "ଫେଆର ଏଣ୍ଡ ଲଭ୍ଲି" ଟିୟୁବ ଟିୟୁବ ଘଷି ବି ରଙ୍ଗ ସଫା ହୋଇ ପାରଲ ନାହିଁ । ତା ରଙ୍ଗ ସାବନା ହେବାରେ ବା ତା ମୁହଁର ଗଢ଼ଣ ସୁନ୍ଦର ନ ହେବାରେ ତାର କମା ହାତ ନାହିଁ । ସେ ଜାଣି ଶୁଣି ଅସୁନ୍ଦର ହୋଇନାହିଁ । ଏଇସବୁ ଅପ୍ରୀତିକର ପରିସ୍ଥିତି ସେ ଖୁବ୍ ଅନୁଭବ କରୁଛି ।

ବାପା କେମିତି ଉଦାସ ହୋଇ ଗଲେଣି, ତଟିନୀର ସାଙ୍ଗ ପାଥିଙ୍କ ବାହାଘର କଥା ଶୁଣିଲେ ତାଙ୍କ ଦୀର୍ଘ ନିଶ୍ୱାସ ଆସି ଯାଉଛି । ବୋଉ ଏବେ ବେଳେ ବେଳେ ଲୁଚାଇ ଲୁଚାଇ କାନ୍ଦୁଛି । ପୂଜା ପାଠ ସମସ୍ତ ବଢ଼ାଇ ଦେଇଛି । ଜାତକ ଦେଖା ଓ ସାଧୁ ବାବା ମାନଙ୍କ ପାଖକୁ ଯାଇ ତାଙ୍କଠାରୁ କିଛି ସାନ୍ତ୍ୱନା ଶୁଣି ମନକୁ ଭୁଲଉଛି ।

ମାନସୀ ବଢ଼ି ବଢ଼ି ଚାଲିଛି । ତଟିନୀ ଓ ମାନସୀ ଏକା ମା' ପେଟରେ ଦୁଇ ଭଉଣୀ କିନ୍ତୁ ଦୁଇ ଜଣଙ୍କ ଚେହେରାରେ ଆକାଶ ପାତାଳ ଫରକ୍ । ମାନସୀର ସୁନ୍ଦରିଆ ଚେହେରା ଏବେ ବୟସ ପରଶ ପାଇ ଫୁଟି ଉଠିଲଣି । ତଟିନୀକୁ ଦେଖିବାକୁ ଆସିଥିବା ବରପାଇ ମାନସୀକୁ ପସନ୍ଦ କରୁଛନ୍ତି । କିନ୍ତୁ ବାପାଙ୍କ ଜିଦ୍ ତଟିନୀ ଆଗ ବାହାହେବ ।

ଘରେ ଭଗାରୀ ଛକୁଲେଇବା ଆରମ୍ଭ କଲେଣି । ସାଙ୍ଗମାନେ ତଟିନୀକୁ ଏଣ୍ଡ-ତେଣ୍ଡ ପଗ୍ରରୁଛନ୍ତି । କେହି କେହି ଭାବୁଛନ୍ତି ସେ ଯେ ପ୍ରେମ କରୁଛି । ତେଣୁ ବାହା ହୋଇ ପାରୁନି । ତା ଚରିତ୍ର ଉପରେ ବି କମେଣ୍ଟ ଆସିଲଣି । କିନ୍ତୁ ତଟିନୀ ନାଗ୍ରର । କାହାକୁ ବା କେତେ କୈଫିୟତ୍ ଦେବ ଆଉ କୈଫିୟତ୍ର ମୂଲ୍ୟ କଣ ?

ତଟିନୀ ଜାଣୁଛି କେବଳ ତା ବାହାଘର ପାଇଁ ଘରର ସମସ୍ତେ ଯେମିତି ଗୋଳେଇ ଘାଣ୍ଟି ହେଉଛନ୍ତି । ବାପା ବୋଉ ମୁହଁ ସୁଖାଇଛନ୍ତି । ମାନସୀ ବି କେମିତି ଉଦାସ ଉଦାସ ରହୁଛି । ସବୁ ଭାବିଚନ୍ତି । ସେ ତା ଜୀବନର ଗୋଟାଏ ନିଷ୍ପତ୍ତି ନେଇଥିଲ ପରିସ୍ଥିତିରେ ପଡ଼ି ସମସ୍ତେ ଚଳପଥ ବଦଳାନ୍ତି । ଯେମିତି ପାହାଡ଼ ନଈ ତା ଶଯ୍ୟା ବଦଳାଏ ।

ତଟିନୀ ବାହା ହେବନାହିଁ । ଏବେ ତା ପାଇଁ ନୁହେଁ ମାନିନୀ ପାଇଁ ପାତ୍ର ଖୋଜା ଯାଉ । ଏଇ ଦୁଇଧାଡ଼ କହିବା ପାଇଁ ତାକୁ ଦୁଇଧାଡ଼ କହିବା ପାଇଁ ଲଗିଲ ।

Digitized by PPRACHIN, SOA

ଏତେ ବଡ଼ କଠୋର ନିଷ୍ପତ୍ତି ନେବା ତା ପକ୍ଷରେ ସହଜ ନଥିଲା । ସେ କେବେ ଗୃହୁଁ ନଥିଲା ବାପାଙ୍କ ମୁହଁ ଫୁଲ ବୋଉର ମୁଣ୍ଡ ବାଡେଇବା ନିଷ୍ଫଳ ହେଲା । ଗୋଟାଏ ଝୁଙ୍କରେ ନିଜ ସହର ଛାଡ଼ି ଚାଲି ଆସିଥିଲା । ଏଇ ବିଶ୍ୱବିଦ୍ୟାଳୟରେ ଏମ୍ ଫିଲ୍ କରିବା ପାଇଁ ।

ଏହା ଭିତରେ କିଛିଦିନ ବିତି ଯାଇଥିଲା । ଚମ୍ପିମା ମନୁରୁ ପରସ୍ତ ପରସ୍ତ ଦୀର୍ଘ ନିଶ୍ୱାସ ବାହାରି ଶକ୍ତ କରି ଦେଉଥିଲା । ଗୋଟିଏ ସନ୍ୟାସୀନୀର ଜୀବନ ପାଇଁ ନିଜକୁ ଗଢି ତୋଳୁଥିଲା । ସନ୍ୟାସ ଏତେ ଦୁଃଖ ଦାୟକ ନୁହେଁ । ଯେତେ ଦୁଃଖ ସନ୍ୟାସ ବ୍ରତରେ ଥାଏ ।

ଶଠି ପାଇ ଚମ୍ପିମାକୁ ଆସିବାକୁ ପଡ଼ିଲା । ଯଦିଓ ତାର ଆସିବାକୁ ଜମା ଇଚ୍ଛାନଥିଲା, କିନ୍ତୁ ମାନିନୀର କାନ୍ଦୁରା ମୁହଁ ତା ଆଖି ଆଗରେ ନାଚି ନାଚି ଯାଉଥିଲା । ଆଉ ମାନିନୀର ସେଇ ଲୁହ ଭରା ଶଠି ଯେଉଁଥିରେ ସେ ଲେଖିଥିଲା । "ତୁ ନଆସିଲେ ମୁଁ ଜମା ବେଦୀକି ଯିବିନି" । ବାଧ୍ୟ ହୋଇ ତାକୁ ଯିବାକୁ ପଡ଼ିଲା ।

ଘରଟା ଉତ୍ସବ ମୁଖରିତ ହୋଇ ଯାଇଛି । ବନ୍ଧୁ ବାନ୍ଧବ କୁଣିଆ ମଇପଙ୍କ ଗହଳି ଚହଳିରେ ଘର ଉଠୁଛି ପଡ଼ୁଛି । ମାନିନୀ ଆପରି ଭାଘର କନିଆ ଡ଼ାକରା ଖାଇ ବୁଲୁଛି । କିନ୍ତୁ ଚମ୍ପିମାକୁ ତା ସଙ୍ଗରେ ସମସ୍ତଙ୍କ ଘରକୁ ଯିବାକୁ ହେଉଛି । ଯେଉଁଠି ଯାଉଛି ସବୁଠି ସେଇ ଗୋଟିଏ ପ୍ରଶ୍ନ, ଗୋଟିଏ ଜିଜ୍ଞାସା । ଯାହାର ଉତ୍ତର ଚମ୍ପିମା ଏଯାଏ ଖୋଜି ପାଇନାହିଁ । ତାକୁ ମନେ ହେଉଥିଲା ଯେମିତି ପୁରା ସହରଟା ତାକୁ ଦୟା କରୁଛନ୍ତି । ସେ ଏକାନ୍ତ ଅସହାୟ । ମନପୁରାଇ କାନ୍ଦିବାକୁ ଇଚ୍ଛା ହେଉଥିଲା କିନ୍ତୁ କାନ୍ଦିବାର କାରଣ ଖୋଜି ପାଇ ପାରୁନଥିଲା ।

ଚମ୍ପିମା ବୋଉ ସାମନାକୁ ଯାଇ ପାରୁନଥିଲା । ଯେତେବେଳେ ପାଖରେ ପାଇଲେ ତାକୁ ଧରି ବହେ କାନ୍ଦୁଥିଲା । ଅଉ ବାପା ସେ ତା ମୁହଁକୁ ଚାହିଁ ପାରୁ ନାହାନ୍ତି । ବୋଧେ ଏଇ ପରିସ୍ଥିତି ପାଇଁ ନିଜକୁ ଦୋଷି ମଣୁଛନ୍ତି । କିନ୍ତୁ ଚମ୍ପିମା ଜାଣେ ଏଥିରେ କାହାରି ବି ଦୋଷ ନାହିଁ । ତାର ନିଜର ବି ଦୋଷ ନାହିଁ । ଯେମିତି ସବୁ ନଈ ସାଗରରେ ମିଶିପାରନ୍ତି ନାହିଁ । ଯେମିତି ସବୁ ଫୁଲ ଠାକୁରଙ୍କ ଅଙ୍ଗଲାଗି ହୋଇପାରେ ନାହିଁ । ସେମିତି ସବୁଝିଅ ବାହା ହୋଇ ପାରନ୍ତି ନାହିଁ । ଅଉ ସେ ସେମିତି ଗୋଟିଏ ଝିଅ । ଯାହା ସୀମନ୍ତ ସାରାଜୀବନ ଶୁଖିଯାଇଥିବା ନଈ ଧାର ପରି ନିର୍ଲିପ୍ତ ରହିବ ।

Digitized by PPRACHIN, SOA

ସେଇଦିନ ଆସିଗଲା ଯୋଉଥି ପାଇଁ ତନିମାର ପ୍ରତୀକ୍ଷା ଥିଲା। କିନ୍ତୁ ଏଇ ସାହାନାଇର ସୁର ତା ପାଇଁ ନଥିଲା, ଥିଲା ତା ସାନ ଭଉଣୀ ମାନସୀ ପାଇ ଇଚ୍ଛା କରିବି ଖୁସି ହୋଇ ପାରୁନଥିଲା ।. ତନିମା କେହି ଯେମିତି ତା ଗୋଡ଼କୁ ପଛରେ ଟାଣି ଧରିଥିଲା । ସେ ଅନୁଭବ କରୁଥିଲା ଯେମିତି ସମସ୍ତଙ୍କ ଆଖି ତା ଉପରେ ଏବଂ ସେ ଦେଖି ପାରୁଥିଲା ସମସ୍ତଙ୍କ ଆଖିରେ ଗୋଟିଏ ପ୍ରଶ୍ନ ଯେଉଁ ପ୍ରଶ୍ନ ତନିମା ନିଜକୁ ବାରମ୍ବାର ପଚାରି ସାରିଛି ତଥାପି ଉତ୍ତର ପାଇନାହିଁ ।

ସମସ୍ତଙ୍କ ଉତ୍ସାହରେ ସେ ସାମିଲ ହୋଇ ପାରୁନାହିଁ । ବନ୍ଧୁ ବାନ୍ଧବମାନେ ତାକୁ ସାନ୍ତ୍ୱନା ଦେଉଛନ୍ତି । ଯେମିତି ଆଜି ତା ବାହାଘର ଅତିଥିମାନଙ୍କୁ ବାପା କୈଫିୟତ୍ ଦେଉଛନ୍ତି । ଆଉ ତନିମା ସେ କିଛି ଦେଖି ପାରୁନି, ଶୁଣି ପାରୁନି । ଏଇ ଆନନ୍ଦ ଉତ୍ସବ ତା ପାଇଁ ନୁହେଁ । ସେ ନିଜ ବେଡ୍ ରୁମରେ କବାଟ ଦେଇ କାନ୍ଦୁଥିଲା । ଫୁଲି ଫୁଲି କାନ୍ଦୁଥିଲା ।

—o—

କ୍ୱାର୍ଟର ନଂ ୫।୧
ଟାଇପ-ସି, ୟୁନିଟ୍
ଭୁବନେଶ୍ୱର

ସାମ୍ବାଦିକ କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ସଙ୍କଳନ

ଗଣତନ୍ତ୍ର : ମୋ ଦୃଷ୍ଟିରେ

(ଡକ୍ଟର ସବଗ୍ରାହୀ ମିଶ୍ର)

ମୟୂର ପବ୍ଲିକେସନ୍, ଭୁବନେଶ୍ୱର

Digitized by PPRACHIN, SOA

ପରାଜୟ

ରମାକାନ୍ତ ରାଉତ

ପରାଜୟ କାହାଲାଗି, ବିଜୟ ନିଶାଣ କା'ର
କେ କହିବ ଏ ଯୁଦ୍ଧରେ କିଏ ବା ବିଜୟୀ;

ନିତ୍ୟ ସମାହୃତ ଏଇ ଜୀବନ ସଂଗ୍ରାମେ
କିଏ ଜିତେ, କିଏ ହାରେ, ଜାଣିବା ମୁସ୍କିଲ
ରାମ, ରାବଣ ମଧ୍ୟରେ କିଏ ଜୟୀ ହେଲା
ପାଣ୍ଡବ, କୌରବ ମଧ୍ୟେ କିଏ ହାରିଗଲା ?

ବିଜୟଲକ୍ଷ୍ମୀ କାହାର ? ଭୀମର ନା ମାନଗୋବିନ୍ଦର ?

କଂସର ନା ବାଳଗୋପାଳର ?

କିପରି କହିବା କିଏ ବଡ଼ ବୀର—ଅର୍ଜୁନ ନା ଜୟଦ୍ରଥ
ସପ୍ତରଥୀ ଅବା ଅଭିମନ୍ୟୁ ? ? ?

ଟ୍ରୟର କରାଳ ଧ୍ୱଂସ ଆଗ୍ନେୟ ସ୍ତୂପରୁ
କି ବିଜୟ ଲଭହେଲା, ଫେରିଗଲେ ବିଜୟୀ ସମ୍ରାଟ
ହେଲେନ୍‌ର ଚିତାଭସ୍ମ ଦେଖି, ବୈଫଲ୍ୟ ଓ ଅସୀମ ଗ୍ଲାନିରେ ।

କି ପାଇଲା ବିଭୀଷଣ, ଲଙ୍କାରମସ୍‌ନଦେ ବସି
ବର୍ଷିୟସୀ ମନ୍ଦୋଦରୀ, ଦଗ୍ଧ ଲଙ୍କାପୁରୀ ଆଉ ଅସଂଖ୍ୟ ବିଧବା ।

ଧଉଳିର ସବାଧାରୁ, ଦୟାରକ୍ତ ସ୍ରୋତରୁ, କି ପାଇଲେ
ଚଣ୍ଡାଶୋକ ଉଜେଇଁଲେ ଦୁର୍ବାର ଜିଘାଂସା
ବୁଦ୍ଧ, ଧର୍ମ, ସଂଘର ଆଶ୍ରାକଲେ ଉପଗୁପ୍ତ ଦୀକ୍ଷାର ପ୍ରଭାବେ ।
ଜୟ ଆଉ ପରାଜୟ ଆପେକ୍ଷିକ ସମଫଳପ୍ରଦ
କେତେବେଳେ ଉଇମାଇ, ଉଠ, ପଡ଼ ଧ୍ୱଂସର ପ୍ରଳୟ

ପରିଣତ କହୁନୁହେଁ, ଖାଲିନିଶା, ଭାବପ୍ରବଣତା ।
ମଧ୍ୟାହ୍ନରେ କେତେବେଳେ ଘୋଟେ ଅନ୍ଧକାର
ବାଲକଟିଁ ଅଲୌକିକ ଈଶ୍ୱରୀୟ ଦୀପ୍ତି

Digitized by PPRACHIN, SOA

ମଞ୍ଚାରୁ ପଡ଼ଣ ମାମୁଁ ମୃତ୍ୟୁଲଭେ ଭଣଜାର ନବ ରୂପଦେଖି
କନ୍ୟାହରଣ ପାତକେ ପିତା ଲଭେ ଶୋଚନୀୟ ମୃତ୍ୟୁ
ସତୀତ୍ୱହରଣ ଲାଗି ବିଶ୍ୱପିତା   ଛଦ୍ମବେଶ ପିନ୍ଧେ,
ଦେବରାଜ ଜଟାଜୁଟ କୌପିନୀରେ ପ୍ରତାରିତକରେ
ସତୀତ୍ୱ ଓ ପାଶବିକ ତାର ଏଇ ଦ୍ୱନ୍ଦ୍ୱ ସଂଘାତରେ
ସବୁ ସମାଧାନହୁଏ ପ୍ରକଟିତ ପାଷାଣ ହୃଦୟ ଏବଂ
ସହସ୍ରଯୋନିର ନାମାବଳୀ ପିନ୍ଧି ସେମାନଙ୍କ ପ୍ରାୟଶ୍ଚିତ୍ତ ।
ଜଗତ ତର୍ଜମାକରେ ସତୀତ୍ୱ ବା ବୀରତ୍ୱ ଭୀରୁତା ।
ଅବଶରେ ଫାଟିପଡ଼େ ଦୁଃଶାହସ୍ତ ଓଟାର ଓଟାର
ଦ୍ରୌପଦୀର ମିହନ ଶାଢ଼ୀର ଅନେକଶତ ଫର୍ଦ୍ଦ
ତଥାପି ପାରେନ ଦେଖି ତା ଗୋପନ ଜାନୁ, ଯଉବନ
ତା ପୌରୁଷ ବୀରତ୍ୱଗାରିମା ଦୁନିଆରେ ହୁଏ ଉଦ୍‌ଘୋଷିତ ।
ସହସା ଅଗ୍ନିଦାହରୁ ପଳାୟିତା ଉଲଗ୍ନା ଭାନୁମତୀର
ସ୍ତନ ଓ ଯୋନି ଦୃଶ୍ୟରେ ତଟସ୍ଥ ହୁଅନ୍ତି
ମାନଗୋବିନ୍ଦ ସମେତ ସାରା ସଭାସଦ
ନଷ୍ଟ ହୁଏ କପଟପାଶାର ଆସର, ଯୁଧିଷ୍ଠିର
ଆଖିଦେଖି ଦବିଯାଏ ଅଟ୍ଟହାସ୍ୟ କ୍ରୁଦ୍ଧ ଭୀମର ।
ଏ ଜୀବନ ସଂଗ୍ରାମରେ ଆମେ ସବୁ ବହୁବାର
ପରାଜିତ ହେଉ, ଭଗ୍ନ ମନ ପ୍ରାଣନେଇ ଥାଟକୁ ସଜାଡ଼ି
ଝାଡ଼ି ଝୁଡ଼ି ହୋଇ ପୁଣି ବଂଶୀନାଦକରୁ ।
ପରାଜୟ ଗ୍ଲାନି ଆଉ ବିଜୟ ଉଲ୍ଲାସ, କିଏ ଭଲ, କିଏ ମନ୍ଦ,
କିଏ ହେୟ, କିଏ ଧ୍ୟେୟ, କିଏ ଅନ୍ତରଙ୍ଗ,
ଜୟକା'ର ପରାଜୟ କା'ର ବିଚାରକିଏ, କିଏ ଭୀରୁ
ବଡ଼କଷ୍ଟ, ଏ ବଡ ଗହନ ହୋଇପାରେ ପରିବେଶ
ଦୃଷ୍ଟାନ୍ତ ପ୍ରମାଣ, ଯଦିଓ ଦୁନିଆରେ ବାହାବାହା ବିଜୟୀଙ୍କୁ,
ନିନ୍ଦା ଅପବାଦ, କୁତ୍ସା ଅପଯଶବାଣେ ଶତଧା ଆହତ
କ୍ଷତାକ୍ତ ବେଦନାଭରେ ଦୁର୍ବଳ ପରାସ୍ତ ।

ପ୍ଲଟ ନଂ—୪୧୦୪,
ଚିନ୍ତାମଣିଶ୍ୱର ଅଞ୍ଚଳ
ଭୁବନେଶ୍ୱର—୭୫୧୦୦୬

Digitized by PPRACHIN, SOA

ବିଶେଷ ଗଳ୍ପ

ଅପରାଜିତା ଚିତ୍ରଲେଖା

—ଚକ୍ରଧର ମହାନ୍ତ

ଭଗବାନ ସେହି ଜ୍ଞାନ, ସେହି ଅନୁଭୂତ, ସେହି ସଚେତନ ଯାହାପରେ ଜ୍ଞାତବ୍ୟ ଆଉ କିଛି ନ ଥାଏ । ପ୍ରାଣୀ ଉତ୍ପତ୍ତିର ଅବ୍ୟକ୍ତ ପୂର୍ବକାଳ, ଜନ୍ମ-ମୃତ୍ୟୁର ବ୍ୟକ୍ତ ମଧ୍ୟ କାଳ ଏବଂ ମୃତ୍ୟୁ ପରର ଅବ୍ୟକ୍ତ ପରକାଳର ସମସ୍ତ ଅଜ୍ଞାତ ବୃତ୍ତାନ୍ତ ତାଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ଜ୍ଞାତ ।

କିଏ ସେହି ଭଗବାନ ? କେଉଁଠି ସେ ଥାଆନ୍ତି ?? ତାଙ୍କୁ କିଏ ଦେଖିଛି ??? ସୃଷ୍ଟି ଯୁଗ ଧରି ମଣିଷ ତା'ର ଅଦୃଷ୍ଟ ସ୍ରଷ୍ଟାର ପରିଚୟ ପାଇବାକୁ ଚିର ଅନୁସନ୍ଧିତ୍ସୁ ହୋଇ ଆସିଛି !

ଥରେ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜ ଦରବାରରେ ଏହି ପ୍ରଶ୍ନ ଉପସ୍ଥାପନ କରିଥିଲେ ସ୍ୱୟଂ ସମ୍ରାଟ ।

ତାଙ୍କର ପ୍ରଶ୍ନର ଅଡୁଆ ଖିଅ ଖୋଜିବାକୁ ଯାଇ ବିଦୁଷୀ ବିଦ୍ୱାନ୍ କୂଟନୀତିଜ୍ଞ ମହାମନ୍ତ୍ରୀ ଚାଣକ୍ୟ କହିଥିଲେ—

'ମହାଭାଗ ! ମଣିଷ ଏକ ମାଟିର ଖେଳନା ଥିଲା । ବ୍ରହ୍ମା ସେ ଖେଳନାକୁ ନିର୍ମାଣ କରିଥିଲେ । ପାର୍ବତୀଙ୍କ କହିବା ଅନୁସାରେ ମହାଦେବ ଜୀବନ୍ୟାସ ଦେଇଥିଲେ । କିନ୍ତୁ କପିଳ ଋଷିଙ୍କ ମତରେ ଏ ସଂସାରକୁ ପ୍ରକୃତି ସୃଜନା କରିଥିଲେ । ଧରଣୀ ଓ ଆକାଶର ସଂଯୋଗରେ ମଣିଷ ଜନ୍ମ ନେଇଲା । ସେ ଆହୁରି କହନ୍ତି- ମଣିଷର ଜନ୍ମ ଏକ ଘଟଣା ନୁହେଁ, ଏହା ପଛରେ ଅବଶ୍ୟ ଆହୁରି ଅନେକ ରହସ୍ୟ ଲୁକ୍କାୟିତ ହୋଇରହିଛି । କିନ୍ତୁ ବେଦାନ୍ତ କପିଳ ମୁନିଙ୍କ କଥାକୁ ଅସ୍ୱୀକାର କରି ବ୍ରହ୍ମାଙ୍କୁ ହିଁ ସ୍ରଷ୍ଟା ରୂପେ ମାନେ । ସେ କହେ ବ୍ରହ୍ମା ହିଁ ଜୀବାତ୍ମା ଏବଂ ଆତ୍ମା ହିଁ ଈଶ୍ୱର । ମାତ୍ର ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ- ମୁଁ ସେହି ସମସ୍ତ ଯାହାକୁ ଧରି ରଖିହୁଏନା । ମୁଁ ଭୟଙ୍କର ମୃତ୍ୟୁ ଅଟେ । ମୁଁ ଏ ଦୁନିଆର ଆଦି ଏବଂ ମୁଁ ହିଁ ଦୁନିଆର ଅନ୍ତ ।'

Digitized by PPRACHIN, SOA

ମହାବୀର ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ଘୋଷଣା କରନ୍ତି 'ଭଗବାନ ବୋଲି ଏ ଦୁନିଆରେ କେହି ନାହାନ୍ତି । ଏଇ ଦୁନିଆ ନିଜେ ହିଁ ଆଦି, ଯେ ନିଜର ଶକ୍ତି ବଳରେ ଛିଡ଼ା ହୋଇଛି । ଏହା ଧର୍ମ, ଅଧର୍ମ ଏବଂ ଆତ୍ମା ସବୁର ସମାହାରରେ ତିଆରି ହୋଇଛି । ଏହାହିଁ ସବୁଠାରୁ ବଡ଼ ସତ୍ୟ ।' କିନ୍ତୁ ଶାକ୍ୟ ମୁନି ଆଧ୍ୟାତ୍ମିକତାବାଦର ମଧ୍ୟ-ପଥର ପଥିକ ହୋଇ କହନ୍ତି 'ଈଶ୍ୱର ଥାଆନ୍ତୁ ବା ନ ଥାଆନ୍ତୁ ଏଇଟା ସତ୍ୟ ଯେ ଏ ସଂସାରରେ ଦୁଃଖ ଅଛି । ପ୍ରେମ ଓ ମନୋବାଞ୍ଛାନ — ଏ ସବୁ ବେକାର । ଏ ସବୁ ମହାମାୟା, ଧକ୍କା । କୌଣସି ଜିନିଷର ଆଦି ନାହିଁ କି ଅନ୍ତ ନାହିଁ । ଏହା ଏକ ପ୍ରବାହମାନ ଧାରା ।' ସେ ଆହୁରି ସ୍ପଷ୍ଟ କରିବାକୁ ଯାଇ କହିଛନ୍ତି 'ଆମେ ଥିବୁ ଆମେ ଅଛୁ' ଆମର ସ୍ଥିତି ଅଛି । କିନ୍ତୁ ପ୍ରକୃତରେ ଆମେ କିଛି ନୁହେଁ । ଏ ସଂସାରରେ ସବୁ ଅସ୍ଥାୟୀ । ଆତ୍ମାବି ସବୁବେଳେ ରହେନି । ଏହାର ମଧ୍ୟ ବିଲୟ ଘଟିପାରେ । ଏହା ଆତ୍ମାର ଆବାଗମନ ନୁହେଁ, କର୍ମର ଆବାଗମନ ଅଟେ । ମଣିଷକୁ କର୍ମଫଳ ଭୋଗିବାକୁ ହିଁ ପଡ଼ିବ । ମଣିଷର ଜୀବନ ଏକ ଜଳନ୍ତା ପ୍ରଦୀପ, ଯାହାକୁ ଫୁଙ୍କି ଲିଭାଇ ଦିଆଯାଇପାରେ ।'

ମହାମନ୍ତ୍ରୀ ହୁଏତ ଆଉ କ'ଣ କହିଥାନ୍ତେ । କିନ୍ତୁ ସମ୍ରାଟ ଚନ୍ଦ୍ରଗୁପ୍ତ ସେ କଥାର ପୂର୍ଣ୍ଣଚ୍ଛେଦ ପକାଇ ଆଉ ଏକ ପ୍ରଶ୍ନ କରିଥିଲେ : ମହାମନ୍ତ୍ରୀ ! ମୋର ଆଉ ଏକ ସନ୍ଦେହ ରହିଛି । ଆପଣଙ୍କ ରାଜନୀତି ଗତାନୁଗତିକତା ତଥା ଅନେକ ଶୀଳା- ଆଚଲକ୍ଷ୍ୟ ବଟୁଙ୍କରେ ଯାଉଛି ବୋଲି ବେଳେବେଳେ ମୋର ସଂଶୟ ହୁଏ । ଆପଣ କ'ଣ ଚାହାନ୍ତିନି ରାଜନୀତିରେ ଧର୍ମର ସ୍ଥାନ ନ ରହୁ !

ମହାମନ୍ତ୍ରୀ ଅର୍ଥଶାସ୍ତ୍ରର ପ୍ରଣେତା ସମ୍ରାଟଙ୍କ ବାଚାଳତା ଶ୍ରବଣ ପୂର୍ବକ ଈଷତ୍ ହସି କହିଲେ—

'ମହାଭାଗ ମୁଁ ସ୍ୱୀକାର କରୁଛି ମୋ ପ୍ରଣୀତ ରାଜନୀତିରେ ତଥାକଥିତ ଧର୍ମର ସ୍ଥାନ ରହିନି । କାରଣ ଏହା ରାଜନୀତି — ଧର୍ମନୀତି ନୁହେଁ । ରାଜନୀତିର ଯଜ୍ଞ କୁଣ୍ଡରେ ଅନେକ ବିଶ୍ୱସ୍ତ ଓ ବିଶମ୍ବଦ ଦୁର୍ଦ୍ଦଷ୍ଟର ଆହୁତି ଅଥବା ଅବିଶ୍ୱାସୀ ବିଶ୍ୱାସର ଜନକ ଅନେକ ନନ୍ଦ ବଂଶକୁ ବଳି ଦେବା ଏକ ଦୈନନ୍ଦିନ ଘଟଣା । ଏଥିରେ ଆପଣଙ୍କ ଭଳି ଧୀମାନ୍ ବ୍ୟକ୍ତି ବିଚଳିତ ହେବା ଅଶୋଭନୀୟ । ମୁଁ ବିଶ୍ୱାସ କରେ ଧର୍ମ ସମାଜ ଦ୍ୱାରା ସୃଷ୍ଟ । ଲକ୍ଷଣର ଗାର

Digitized by PPRACHIN, SOA

ସତ୍ତ୍ୱଣ୍ୟ ଏହି ଧର୍ମ ନାମଧାରୀ ସୀମାରେଖା ସମାଜର ସମସ୍ତ ମତ ନିସ୍ତମଙ୍କୁ ନିୟନ୍ତ୍ରଣ କରେ । ଏହାଙ୍କୁ ଡ଼େଇଁ ନଗଲେ ଶାସନକଳ ସ୍ଥାଣୁ ପାଲଟିଯାଏ । ରାଜନୀତି ବିଜ୍ଞାନ ସମାଜର ଉନ୍ନତ କଲେବ ସୃଷ୍ଟି । ସେଇ ସମାଜର ହିତପାଇଁ ସାମାଜିକ ସଂବିଧାନର ଊର୍ଦ୍ଧ୍ବରେ କିଛୁ କାମ କଲେ ତାହା ମୋ ଆଖିରେ ଦୋଷାବହ ନୁହେଁ । ରାଜନୀତରେ ଧର୍ମର ପ୍ରବେଶ ସାମୟିକ ଭାବେ ସାମାଜିକ ଉନ୍ନତିକଲେବ ଦୃଢ଼ବନ୍ଧକ ବ୍ୟତରେକ ଅନ୍ୟକିଛୁ ନୁହେଁ । ଏଣୁ ମୋ ସୃଜିତ ରାଜନୀତି ଧର୍ମର ଲକ୍ଷଣ ଗାର ଦ୍ୱାରା ନିୟନ୍ତ୍ରିତ ନୁହେଁ ।

ସଭାସଦ୍ ମନ୍ତ୍ରମୁଗ୍ଧ ପ୍ରାୟେ କୌଟିଲ୍ୟଙ୍କର ମୁହଁର ଅଦ୍ଭୁତ ଏହି କୁଟୀଳ ବାଖ୍ୟା ଶୁଣି ଚୁପ୍‌ଥିଲେ । ଯାହାଙ୍କର କୁଟନୀତି ଉପରେ ବିଶାଳ ମୌର୍ଯ୍ୟ ସାମ୍ରାଜ୍ୟ ଗଠିତ, ହେଇ ଗୁରୁଦେବଙ୍କର ଉତ୍ତରକୁ ଅବମାନନା କରିବାର ଆସ୍ପର୍ଦ୍ଧା କାହାର ଅଛି ?

କିନ୍ତୁ ଅଗ୍ରନନ୍ଦକ ଏକ ଅଘଟଣ ଘଟିଲା । ସମସ୍ତଙ୍କୁ ଅହେତୁକ ବିସ୍ମୟରେ ବିସ୍ମିତ କରି ଅଦୂରରୁ ଏକ ଗୁରୁଗମ୍ଭୀର ସ୍ୱର ଭାସି ଆସିଲା—

:ମହାଭାଗ, ଭଗବାନ ମଣିଷର ସ୍ରଷ୍ଟା । ଆଉ ମଣିଷ ସମାଜର ଜନ୍ମଦାତା । ଧର୍ମ ହିଁ ମଣିଷ ଓ ଭଗବାନଙ୍କ ମଧ୍ୟରେ ଥିବା ଶୂନ୍ୟ ସ୍ଥାନକୁ ପୂରଣ କରିଥାଏ । ସତ୍ୟ ଅପରିବର୍ତ୍ତିତ । ସତ୍ୟ ହିଁ ଧର୍ମ । ଯେଉଁ ରାଜନୀତିରେ ଧର୍ମକୁ ଅନୁଚିତ ଭାବେ ଉପେକ୍ଷା କରାଯାଏ, ସେଥିରେ ସତ୍ୟର ସ୍ଥାନ ନାହିଁ ବୋଲି ବୁଝିବାକୁ ପଡ଼ିବ । ସେ ରାଜନୀତି ସୁବିଧାବାଦର ଏକ ମହାରଣ୍ୟ- ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ହେଲି ସେଠାରେ ଏକମାତ୍ର ଧର୍ମ । ଏଥିରେ ମହାମନ୍ତ୍ରୀ ଦ୍ୱିମତ ପ୍ରକାଶ କରିବେନି ବୋଧହୁଏ !

ଗୁରୁଦେବ ପ୍ରଶ୍ନକର୍ତ୍ତାଙ୍କୁ କ୍ଷଣେକ ଦୃଷ୍ଟି ନିକ୍ଷେପ କରି ପ୍ରଶ୍ନକଲେ—

: ଯୋଗୀ । ତୁମେ ଧର୍ମ ବିଷୟରେ ଆଉ କୁହୁଡ଼ିର ଘର ତୋଳନା । କହିପାରିବ ତୁମେ ଧର୍ମର ସ୍ରଷ୍ଟାକିଏ ?

: ଭଗବାନ ! ନିର୍ଲିପ୍ତ କଣ୍ଠରେ ଉତ୍ତର ଦେଲେ ଯୋଗୀ କୁମାର ଗିରି ।

: କହି ପାରିବ ଭଗବାନଙ୍କ ସ୍ରଷ୍ଟାକିଏ ?

Digitized by PPRACHIN, SOA

ଏ ଥିଲା କୌଟିଲ୍ୟଙ୍କର କୁଟିଳତାର ଘନ କୁହୁଡ଼ି ।

ଉପସ୍ଥିତ ସଭାସଦ୍, ପ୍ରଧାନମନ୍ତ୍ରୀ ଏହି ପ୍ରଶ୍ନରେ ଅକସ୍ମାତ୍ ପ୍ରକମ୍ପିତ ହୋଇଉଠିଲେ । ସତରେ ମଣିଷକୁ ଭଗବାନ ସୃଷ୍ଟି କରିଛନ୍ତି, କିନ୍ତୁ ଭଗବାନଙ୍କୁ ?? ଏହି ସମୟରେ ସମ୍ରାଟଙ୍କ ଆତ୍ମୀୟ ଜଣେ ଯୋଗୀ କୁମାର ଗିରି ତାଙ୍କର ସ୍ୱଭାବ ସୁଲଭ ଗୁରୁଗମ୍ଭୀର ସମ୍ମୋହନଙ୍କ କଣ୍ଠରେ ଉତ୍ତର ଦେଲେ—

: ଭଗବାନ ନିରାକାର । ତାଙ୍କର ଆକାର ନାହିଁ କି ପ୍ରକାର ନାହିଁ । ସେ ଅନନ୍ତ —ତାଙ୍କର ଆଦି ଅଥବା ଅନ୍ତ କିଛି ନାହିଁ । ସେ ସାଗର ଜଂଘମର ସ୍ରଷ୍ଟା । ଅଖିଳ ଜଗତର ସୃଷ୍ଟି, ସ୍ଥିତି, ଲୟ ଯେ ଭଗବାନଙ୍କର ଅଚିନ୍ତ୍ୟମାୟ୍ଯ ଲୀଳାର ଅନ୍ତର୍ଭୁକ୍ତ ବିଷୟ, ଏକଥା ଆପଣଙ୍କୁ କହିବା ନିଷ୍ପ୍ରୟୋଜନ । ଭଗବାନଙ୍କର ବିରାଟ ଶରୀର ଅତ୍ୟନ୍ତ ସ୍ଥୂଳ ପଦାର୍ଥ ମଧ୍ୟରେ ସ୍ଥୂଳତମ ଏବଂ ତହିଁରେ ଭୂତ, ଭବିଷ୍ୟତ ଏବଂ ବର୍ତ୍ତମାନ ଆଦି ସମସ୍ତ ଜଗତ ଆତ୍ମ ପ୍ରକାଶ କରିଥାଏ । ଭଗବାନଙ୍କ ପାଦ ତଳକୁ ପାତାଳ, ଚରଣର ଅଗ୍ରଭାଗ ଓ ପଶ୍ଚାତ୍ ଭାଗକୁ ରସାତଳ, ଗୁଲ୍ଫ ଦୁଇଟିକୁ ମହାତଳ, ଜଙ୍ଘକୁ ତଳାତଳ, ଜାନୁ ଦୁଇଟିକୁ ସୁତଳ, ଉରୁ ଦୁଇଟିର ନିମ୍ନ ଭାଗକୁ ବିତଳ ଓ ଊର୍ଦ୍ଧ୍ୱ ଭାଗକୁ ଅତଳ, କଟୀ ଦେଶକୁ ପୃଥିବୀ, ନାଭି ହ୍ରଦକୁ ଆକାଶ, ବକ୍ଷ ସ୍ଥଳକୁ ସ୍ୱର୍ଗ, ଗ୍ରୀବା ଦେଶକୁ ମହାଲୋକ, ମୁଖକୁ ଜନଲୋକ, ଲଲାଟକୁ ତପଲୋକ, ମସ୍ତକକୁ ସତ୍ୟଲୋକ ବୋଲି କୁହାଯାଏ । ବ୍ରାହ୍ମଣ ତାଙ୍କର ମୁଖ, କ୍ଷତ୍ରିୟ ତାଙ୍କର ଭୁଜ, ବୈଶ୍ୟ ତାଙ୍କର ଉରୁ, ଶୁଦ୍ର ତାଙ୍କର ଚରଣ ଏବଂ ଯଜ୍ଞ ତାଙ୍କର ଅଭିପ୍ରେତ କର୍ମ । ସାଗର-ଜଂଘମର ସ୍ରଷ୍ଟା ଭଗବାନଙ୍କର ସ୍ରଷ୍ଟା କିଏ ବୋଲି ପ୍ରଶ୍ନକରିବା ଧୃଷ୍ଟତା ମାତ୍ର । ସେ ସ୍ୱୟଂ ନିଜର ସ୍ରଷ୍ଟା । ସ୍ୱ-ସଂକଳ୍ପରୁ ସେ ଜାତ । ତାଙ୍କୁ ସୃଷ୍ଟି କରିବ ଏମିତି କିଏ ଅଛି ?

କୁମାର ଗିରିଙ୍କ କଥା ଶୁଣି ଚୈଣକ୍ୟ ସ୍ମିତହସି ଅବହେଳିତ ଭାବେ କହିଲେ-

: ଯୋଗୀ । ଭାଗବତ ଚର୍ଚ୍ଚା ତୁମର ଶୁଣିଲି । କିନ୍ତୁ ତୁମକୁ କହିବାକୁ ପଡ଼ିବ ତୁମେ କେବେ ଭଗବାନଙ୍କୁ ଦେଖିଛ ? ସତରେ ତୁମେ କ'ଣ ତାଙ୍କୁ ଅନୁଭୂତି ମଧ୍ୟରେ ପାଇଛ ? ଯେଉଁ ଭଗବାନ ଏ ବିଶ୍ୱର ସ୍ରଷ୍ଟା ତାଙ୍କୁ ତୁମର ଏଇ ସୂକ୍ଷ୍ମ ଭାବନା ଶକ୍ତିରେ ସତେ କ'ଣ ରୂପରେଖ ଦେଇ ଦେଖିଛ ? ବରଂ ମୁଁ କହିବି ତୁମେ ଯେଉଁ ଭଗବାନଙ୍କୁ ଦେଖିଛ ସେ ଭଗବାନ ନୁହନ୍ତି । ସମାଜ ଅତୀତରୁ ଆମ ଆଖି ଆଗରେ ଯେଉଁ ପ୍ରସ୍ତର ପ୍ରତିମୂର୍ତ୍ତି ଥୋଇଦେଇ ଯାଇଛି,

Digitized by PPRACHIN, SOA

ଆମେ ଅନ୍ଧ ହୋଇ ତାକୁ ଭଗବାନ ବୋଲି ଗ୍ରହଣ କରି ନେଇଛୁ । ମୋ ମତରେ ସେହି ଭଗବାନଙ୍କୁ ଆମେ ପୂଜାକରୁ ଯେ ଆମର ମାନସ ସୃଷ୍ଟି ଏକ ପ୍ରତିମୂର୍ତ୍ତି ଭିନ୍ନ ଅନ୍ୟ କିଛି ନୁହେଁ । ସମାଜରେ ବିଭିନ୍ନ ଧର୍ମର ଲୋକେ ବାସ କରନ୍ତି । ସେଥିପାଇଁ ସେମାନେ ଭଗବାନଙ୍କୁ ବିଭିନ୍ନ ରୂପରେ ପୂଜା କରିଥାନ୍ତି, ଭଗବାନ ଏକ ଓ ଅଭିନ୍ନ ବୋଲି ତୁମେ ମୋ ସହିତ, ଏକମତହେବ । ସେ ହିଁ ସମସ୍ତ ଧର୍ମର ନୀତିନିୟମ ପ୍ରଣେତ୍ରକ । ତେଣୁ ପ୍ରତି ଧର୍ମର ସମସ୍ତ ଧର୍ମ ସମାନ ରହିବା ଆବଶ୍ୟକ ନୁହେଁ କି ? କିନ୍ତୁ ତାହା ହୁଏନି । ଧର୍ମର ଆଗୁରି ବିଗୁରି ନେଇ ଭଗବାନଙ୍କ ରୂପରେଖ ସଦା ପରିବର୍ତ୍ତିତ ହୁଏ । ଏଣୁ ରାଜନୀତିରେ ଧର୍ମକୁ ସ୍ଥାନଦେଲେ, ସାମାଜିକ ନୀତିନିୟମର ଭାରସାମ୍ୟ ରକ୍ଷା କରିବା ଦୁରୁହତମ ବ୍ୟାପାର ହୋଇପଡେ । ମଣିଷର ଅନ୍ତଃସ୍ଥର ଧର୍ମଦ୍ୱାରା ପ୍ରଭାବିତହେବା ଅପେକ୍ଷା ପାରିପାର୍ଶ୍ୱିକ ପରିବେଷ୍ଟନୀ କୁ ହିଁ ମାନିଚାଲିଥାଏ । ତେଣୁ ମୋ ମତରେ ପ୍ରଥମଟି ଅପେକ୍ଷା ଶେଷୋକ୍ତଟି ବେଶି ପ୍ରାଧାନ୍ୟ ଏଥି ପାଇଁ ମୋ ରାଜନୀତି ଧର୍ମ ଅପେକ୍ଷା ସମାଜର ପାରିପାର୍ଶ୍ୱିକ ଅବସ୍ଥା ପଛରେ ଗମ୍ଭୀରଭାବେ ଅନୁଧାବିତ ।

ଚାଣକ୍ୟ ନିଜ ସୂତ୍ରର ଉପସଂହାର କଲେ । ସମସ୍ତେ ଏଇ ଉକ୍ତି ମଧ୍ୟରେ ଯେମିତି ଆତ୍ମବିସ୍ମୃତ ହୋଇ ପଡ଼ିଥିଲେ କେତେକ୍ଷଣ ପାଇଁ । ହଠାତ୍ ଅଭିନିବେଶ ଭାଙ୍ଗିଗଲା କାହାର ପାଦଶବ୍ଦରେ— ମୂର୍ଚ୍ଛିତ ରାଜଦରବାର କଂକଣ ଓ ନୂପୁରର ରୁଣିଝୁଣି ସିଂଜନରେ ଆମୋଦିତ ହୋଇଉଠିଲା ରାଜନର୍ତ୍ତକୀ ଚନ୍ଦ୍ରଲେଖାର ପ୍ରବେଶ କ୍ଷଣରେ । ହାସ୍ୟ ବିଲୋଳିତ ଆଖିର ସ୍ରୋତର ଚଞ୍ଚଳତା, ସେଥିରେ କେବଳ ଲମ୍ଫଂଦେଇ ସନ୍ତରଣ କରିବାର ଆମନ୍ତ୍ରଣ ଭରି । ଉପସ୍ଥିତ ସୁରୁ ପରିବେଶକୁ ଲଘୁ କରିପକାଇଲେ ଚନ୍ଦ୍ରଲେଖା । ସମ୍ରାଟଙ୍କ ଅଂଗୁଳି ଇଙ୍ଗିତରେ କ୍ଷଣକ ମଧ୍ୟରେ ସମସ୍ତେ ସେଇ ନୃତ୍ୟ ମଧ୍ୟରେ ଆତ୍ମସମ୍ମୋହିତ ହୋଇ ପଡ଼ିଲେ ।

ଯୋଗୀ କୁମାରଗିରି ଏ ପର୍ଯ୍ୟନ୍ତ ଆଖି ବୁଜି ସମାଧିସ୍ଥ ହୋଇଥିଲେ ଯେମିତି । ହଠାତ୍ ସେ ମଧୁର ରସ ଭଙ୍ଗ ପୂର୍ବକ ଚିତ୍କାର କରିଉଠିଲେ—

: ପାଇଛି ! ପାଇଛି । ମୁଁ ଭଗବାନଙ୍କୁ ପାଇଛି । ତୁମେ ଯଦି ଚାହିଁବ ତେବେ ମୁଁ ସମସ୍ତଙ୍କୁ ଭଗବାନଙ୍କୁ ଦେଖାଇ ପାରିବି ।

ନର୍ତ୍ତକୀ ଚନ୍ଦ୍ରଲେଖାର ନୃତ୍ୟରେ ବିଭୋଳ ହୋଇ ଯାଇଥିବା ସଭାସଦ୍ ଯୋଗୀଙ୍କର ଏଇ ବାତୁଳତା ପାଇଁ କ୍ଷୋଭ ପ୍ରକାଶ କରୁଥିଲେ । ଚନ୍ଦ୍ରଲେଖାର

Digitized by PPRACHIN, SOA

ନୃତ୍ୟ ବନ୍ଦ ହୋଇ ଯାଇଥିଲା । ଯୋଗୀ କୁମାର ଗିରଙ୍କ ଆଖିରେ ସାଗରର କଳା ଘୂମର ପାଣି ଘନ ରଙ୍ଗ— ସେଥିରେ ଅତଳ ଗଭୀରତା । ସେଥିରେ ନିମଜ୍ଜିତ ହେବା କ'ଣ ଏତେ ସହଜ !

ଚାଣକ୍ୟ କିନ୍ତୁ ଏ ସୁଯୋଗର ସଦ୍‌ବ୍ୟବହାର କରିବାକୁ ବସିଲେ । ସେ ସମ୍ରାଟଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଯାଇ କୁଟୀଳ ହସରେ କହିଲେ—

: ମହାଭାଗ ! ଯୋଗୀ କୁମାର ଗିରି ଆମ ସମସ୍ତଙ୍କୁ ଭଗବାନ ଦର୍ଶନ କରାଇବେ । ଏହା ଆପଣଙ୍କର ଅନୁମତି ସାପେକ୍ଷ ।

ସମ୍ରାଟ ଅଚିରେ ସମ୍ମତି ପ୍ରଦାନ କଲେ ।

ଏଥର କୁମାର ଗିରି ଯଜ୍ଞ ବେଦୀ ଆଡ଼କୁ ଅଗ୍ରସର ହେଲେ । ସେ ବଡ଼ ବିଚିତ୍ର ଭାବରେ ଅଙ୍ଗୁଳି ସଂଚାଳନ କରିବାକୁ ଲାଗିଲେ । ଏହି ସମୟରେ ଏକ ଅଦ୍‌ଭୁତ ଘଟଣା ଘଟିଲା । ସମସ୍ତେ ଲକ୍ଷ୍ୟ କଲେ ଯଜ୍ଞ କୁଣ୍ଡ ମଧ୍ୟରୁ ହଠାତ୍ ଅଗ୍ନି ପ୍ରଜ୍ୱଳିତ ହେବାର ଲକ୍ଷ୍ୟ କଲେ । ତାହା କ୍ରମଶଃ ଉଜ୍ଜ୍ୱଳତର ହେବାକୁ ଲାଗିଲା । ଚାରିଆଡ଼େ କେବଳ ଆଲୋକ । ନିବିଡ଼ ଘନ ଆଲୋକର ଦ୍ୟୁତି । ଏକ ଭୟଙ୍କର ଭୟର ଜୁଆରରେ ସମସ୍ତେ ଯେମିତି ଥରି ଉଠିଲେ । ସୂର୍ଯ୍ୟ ପରି ଉଜ୍ଜ୍ୱଳ ଅଥଚ କି ଶାନ୍ତ, କି ଶୀତଳ !

କୁମାର ଗିରଙ୍କ ସମ୍ମୋହନ କଣ୍ଠ ସ୍ୱର ଭାସି ଆସୁଥିଲା—

: ଯାହା ଦେଖୁଛ ତାହା ସତ୍ୟ । ଯାହା ସତ୍ୟ ତାହା ଈଶ୍ୱର । ଈଶ୍ୱର ହିଁ ଚରମ ସତ୍ୟ ଓ ସତ୍ୟ ହିଁ ଶିବ —ଆଉ ଶିବ ହିଁ ସୁନ୍ଦର ।

: ମିଥ୍ୟା ! ସମ୍ପୂର୍ଣ୍ଣ ମିଥ୍ୟା । ମୁଁ କିଛି ଦେଖିପାରୁନି । ଚାଣକ୍ୟ ଚିତ୍କାର କରି ଉଠିଲେ । ସମସ୍ତଙ୍କର ଦୃଷ୍ଟି ଚାଣକ୍ୟଙ୍କ ଆଡ଼କୁ ଆକୃଷ୍ଟହେଲା । ବୃଦ୍ଧ ମହାମନ୍ତ୍ରୀଙ୍କର ମତିଭ୍ରମ ଘଟିନିତ !

କୁମାର ଗିରଙ୍କ କଣ୍ଠସ୍ୱର ତରଂଗାୟିତହୋଇ ଭାସି ଆସୁଥିଲା—

: ଯେଉଁ ମାନେ ଏଇ ଚରମ ସତ୍ୟ, ଏଇ ଆଲୋକ ରୂପୀ ଭଗବାନଙ୍କୁ ଅସ୍ୱୀକାର କରନ୍ତି ସେମାନଙ୍କୁ ଅଜ୍ଞତାର ଅନ୍ଧକାରରୁ ଆଲୋକକୁ ଆଣିବାକୁ ଭଗବାନ ସ୍ୱୟଂ ତମସାର ଅବତାର ଧାରଣ କରନ୍ତି । ଏଇ ଦେଖନ୍ତୁ—ଭଗବାନ ଆଲୋକରୁ ଅନ୍ଧକାର ରୂପ ନେଉଛନ୍ତି—ଭଗବାନ ଧର୍ମ ସଂସ୍ଥାପନ ପାଇଁ ଅବତାର ଧାରଣ କରୁଛନ୍ତି ।

Digitized by PPRACHIN, SOA

ମୁହୂର୍ତ୍ତକ ମଧ୍ୟରେ ସେଇ ଆଲୋକ ରଶ୍ମି ଘନୀଭୂତହୋଇ ଏକ ବିନ୍ଦୁରେ ପରିଣତ ହୋଇଗଲା— ସେଇ ବିନ୍ଦୁ ଘନ ଅନ୍ଧାର ମଧ୍ୟରେ ମିଶିଗଲା ।

କୁମାର ଗିରି ପୁନଶ୍ଚ କହୁଥିଲେ—

ପ୍ରଥମ ପର୍ଯ୍ୟାୟରେ ଏଇ ସୃଷ୍ଟି ଜଳମଗ୍ନ ଥିଲା । ଲୁପ୍ତ ପ୍ରାୟ ନିରାଳମ୍ବଜ୍ଞାନ ବେଦକୁ ଉଦ୍ଧାର କରିବାକୁ ଭଗବାନ ମୀନ ଅବତାର ଗ୍ରହଣ ପୂର୍ବକ ଶଂଖା ସୁରକୁ ହତ୍ୟାକଲେ । ଏହି ଜଳମଗ୍ନ ବିକାରର ମଧ୍ୟମ ସୋପାନରେ ରସାତଳ ଗାମୀ ପୃଥିବୀ କଚ୍ଛପାବତାରରେ ରକ୍ଷା ପାଇଲା । ଜଳମଗ୍ନ ସଭ୍ୟତାର ଅନ୍ତିମ ପର୍ଯ୍ୟାୟରେ ପ୍ରଳୟଂ ପ୍ଲାବନରୁ ପୃଥିବୀକୁ ଦଂଷ୍ଟ୍ରାଗ୍ରରେ ଧାରଣ କରି ଆଜି ପୁରୁଷ ବରାହ ରୂପୀ ବିଷ୍ଣୁ ଆବିର୍ଭୂତ ହେଲେ । ଏହା ମନୁଷ୍ୟ ସଭ୍ୟତାର ପ୍ରଥମ ନିଦର୍ଶନ । ତାପରେ ଆରଣ୍ୟକ ସଭ୍ୟତାର ପ୍ରଥମ ପର୍ଯ୍ୟାୟରେ ଅର୍ଦ୍ଧ ପଶୁ ଅର୍ଦ୍ଧ ମଣିଷ ନୃସିଂହ ହିରଣ୍ୟ କଶ୍ୟପକୁ ନିହତକରି ଦାନବରାଜ ପ୍ରହ୍ଲାଦକୁ ଅଭୟ ଦେଲେ । ପ୍ରହ୍ଲାଦଙ୍କ ପୁତ୍ର ବିରୋଚନ ଏବଂ ପୌତ୍ର ବଳି । ଏହି ଅନ୍ଧାରରୂପୀ ବଳିକୁ ତ୍ରିପାଦ ଭୂମିଛଳରେ ବାମନରୂପୀ ବିଷ୍ଣୁ ପ୍ରତାରିତ କରି ପୃଥିବୀରେ ପ୍ରଥମ ଉଷାର ଆଲୋକ ସିଂଚନ କଲେ । ତାପରେ ପ୍ରତିହିଂସାର ଅବତାର ପର୍ଶୁରାମ । ଅନ୍ୟାୟ ବିରୋଧର ଏକ ନିଷେଧାତ୍ମକ ଆତ୍ମ ପ୍ରତ୍ୟୟ ଉପରେ ପର୍ଶୁରାମ ବେଶିଦିନ ତିଷ୍ଠି ପାରିଲେ ନି । ତା ପରେ ଅଭୀପ୍ସିତ ଯୁଗାନ୍ତ କାରୀ ମନୁଷ୍ୟ—ଶ୍ରୀ ରାମଚନ୍ଦ୍ର । ସେ ଅନ୍ୟାୟର ବିରୋଧ କରିବା ସଙ୍ଗେ ସଙ୍ଗେ ସୃଷ୍ଟି ପ୍ରତି ଏକ କାରୁଣିକ ଦୃଷ୍ଟି ଭଙ୍ଗୀ ପ୍ରକାଶ କଲେ । ତାପରେ କୃଷ୍ଣ ଓ ବଳରାମ ଉଚ୍ଛ୍ୱସିତ ମାନବବାଦର ସଂକେତ ବହନକରି ରାମଚନ୍ଦ୍ରଙ୍କ ଆଦର୍ଶକୁ ସଂପ୍ରସାରିତ କଲେ । ତାପରେ ଜନ୍ମନେଲେ ବୁଦ୍ଧ । ସେ ଅହିଂସା ଓ ପ୍ରେମର ପ୍ରତୀକ । ତାଙ୍କର ସଂସ୍କାର ମୁଖ୍ୟତଃ ବ୍ୟକ୍ତି ଜୀବନ ଓ ସାମାଜିକ କ୍ଷେତ୍ରରେ ଆବଦ୍ଧ ରହିଲା, ଶାସନତନ୍ତ୍ରକୁ ସ୍ପର୍ଶ କରିପାରିଲାନି । ତାଙ୍କର ଆଦର୍ଶବାଦ ଉପରେ ପର୍ଯ୍ୟବେସିତ ଶାସନତନ୍ତ୍ର କାଳକ୍ରମେ ଉତ୍ସାହ ବିହୀନ ହୋଇ ଦୁର୍ବଳ ହୋଇପଡ଼ିଲା । ଧର୍ମଠାରୁ ଶାସନ ଦୂରେଇ ଯିବାରୁ ଦେଶରେ ଦୁର୍ନୀତି ବ୍ୟାପିଗଲା । ପ୍ରଭୁଙ୍କର ଦଶମ ଅବତାର ବା ଶେଷ ଅବତାର ଏବେ ବି ବାକି ରହିଛି । ସେଇଟା କଳକୀ ଅବତାର । ଲହ ଲହ ଲାଳାୟିତ ଶାଣିତ ଖଣ୍ଡା ଚଳାଇ ସେ ଧର୍ମର ସଂସ୍ଥାପନା କରିବେ । ଅନ୍ଧାରର ମୃତ୍ୟୁହେବ । ପୃଥିବୀ ପୁଣିଥରେ ନୂତନ ସୂର୍ଯ୍ୟାଲୋକରେ ଉଦ୍ଭାସିତ ହୋଇଉଠିବ ।

Digitized by PPRACHIN, SOA

କୁମାର ଗିରି କହୁଥିଲେ—

ଏହାହିଁ ଅବତାରବାଦ । ଏହାହିଁ ମାନବବାଦର ବିବର୍ତ୍ତିତ ଭଗବାନଙ୍କର ସୃଷ୍ଟିତର ସମୁଜ୍ଜ୍ୱଳ ଉଦାହରଣ ।

: ମିଥ୍ୟା । ତୁମେ ମିଥ୍ୟାବାଦୀ । ମୁଁ କିଛି ଦେଖିପାରିନି । ଚାଣକ୍ୟ ପାଗଳ ପ୍ରାୟେ ଚିତ୍କାର କଲେ ।

କୁମାର ଗିରି ଏବେ ଆଖି ଖୋଲିଲେ । କ୍ଷଣକ ମଧ୍ୟରେ ସମସ୍ତେ ଫେରିବାକୁ ଫେରିପାଇଲେ ଯେମିତି ।

ଏଥର ତୁମେ ମିଥ୍ୟାବାଦୀ ମହାମନ୍ତ୍ରୀ । ସମସ୍ତେ ଦେଖିଛନ୍ତି । ଅଥଚ ତୁମେ ସତ୍ୟର ଅପଳାପ କରୁଛ । କୁମାର ଗିରି ସ୍ଥିର କଣ୍ଠରେ କହିଉଠିଲେ ।

ଚାଣକ୍ୟ ସମସ୍ତ ସଭାସଦଙ୍କ ଜିଜ୍ଞାସା କଲେ । ସମସ୍ତେ ଦେଖିଛନ୍ତି । ଅଥଚ ସେ ?? ଅସମ୍ଭବ । ଆଜି ପ୍ରଥମ ଥର ପାଇଁ ବାର୍ଦ୍ଧକ୍ୟତାର ସୀମାରେଖା ଛୁଇଁ ତାଙ୍କର ଚକ୍ଷୁ ଦୁଇଟି ହୁଏତ ବିଶ୍ୱାସଘାତୀ ହୋଇଛି ।

ସତ୍ୟକୁ ସ୍ୱୀକାର କରି ସେ ମସ୍ତକ ଅବନତକରି କହିଲେ—

: ଯୋଗୀ । ତୁମେ ବିଜେତା— ମୁଁ ପରାଜୟ ସ୍ୱୀକାର କରୁଛି । କିନ୍ତୁ ସଭାସଦଙ୍କୁ ଆଶ୍ଚର୍ଯ୍ୟକରି ହଠାତ୍ ଅପ୍ରତ୍ୟାଶିତ ଭାବେ ନର୍ତ୍ତକୀ ଚନ୍ଦ୍ରଲେଖା ପ୍ରତିବାଦ କରି ଉଠିଲେ—

ଯୋଗୀ । ମୁଁ ବି କିଛି ଦେଖିନି, ସଭାସଦ୍ ଦୃଷ୍ଟିରେ ମହାମନ୍ତ୍ରୀ ମିଥ୍ୟାବାଦୀ ହୋଇ ପାରନ୍ତି କିନ୍ତୁ ମୋ ଆଖିରେ ନୁହେଁ । ଯୋଗୀ, ମୁଁ ତୁମକୁ ତୁମର ସେଇ ସତ୍ୟ ଓ ଭଗବାନଙ୍କ ନାଆଁରେ ପଚାରିବି ସତରେ ତୁମେ କ'ଣ ସତ୍ୟ ଓ ଭଗବାନଙ୍କୁ ଦେଖିଛ ? ତୁମେ କିନ୍ତୁ ମନେରଖ ତୁମେ ସେତେବେଳେ ଆଖି ବୁଜି ରହିଥିବାର ମୁଁ ଦେଖିଛି ।

ସମସ୍ତଙ୍କୁ ଆଶ୍ଚର୍ଯ୍ୟକରି ଯୋଗୀ କହିଲେ—

ନା—ନର୍ତ୍ତକୀ—ନା……

ଚାଣକ୍ୟ ଗଭୀର ଉତ୍ତେଜନାରେ ପ୍ରକମ୍ପିତ ହୋଇଉଠିଲେ । ଜୀବନରେ ପ୍ରଥମ ପରାଜୟକୁ ସେ ପରାଜିତ କରିବାକୁ ଚାହୁଁଥିଲେ ।

Digitized by PPRACHIN, SOA

ଚନ୍ଦ୍ରଲେଖା ପୁଣି କହିଲେ—

ଏକଥା ସତ । ତୁମେ ତୁମର ଶକ୍ତିଶାଳୀ ଇଚ୍ଛା ଶକ୍ତି ପ୍ରୟୋଗକରି ତୁମର କଳ୍ପନା ଜାତ ସତ୍ୟ ଓ ଭଗବାନଙ୍କ ରୂପକଳ୍ପ ଲୋକଙ୍କୁ ଦେଖାଇଛ । ଏହା କ'ଣ ମିଥ୍ୟା ଅଟେ ? ତୁମେ ଯୋଗୀ—ସତ୍ୟ ଓ ଭଗବାନଙ୍କୁ ଶପଥ କରି କୁହ ।

ହଁ, ତୁମେ ଠିକ୍ କହୁଚ ନର୍ତ୍ତକୀ !

:ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଉଦ୍‌ବେଳିତ କରି ଯୋଗୀ ଉତ୍ତରଦେଲେ ।

ତୁମକୁ ଆଉ ଏକ ପ୍ରଶ୍ନ ପଚାରିବି । ତୁମର ଇଚ୍ଛା ଶକ୍ତି ଯାହାଠାରୁ ଶକ୍ତିଶାଳୀ ତାଙ୍କୁ କେବଳ ତୁମେ ତୁମର ସମ୍ମୋହନ ଶକ୍ତିରେ ପ୍ରଭାବିତ କରି-ପାରନ୍ତ । ମୁଁ ଓ ମହାମନ୍ତ୍ରୀ ତୁମଠାରୁ ଶକ୍ତିଶାଳୀ ଇଚ୍ଛା ଶକ୍ତିର ଅଧିକାରୀ । ତେଣୁ ଆମେ କିଛି ଦେଖି ପାରିଲୁନ, ନୁହେଁ ?

କୁମାର ଗିରି ମସ୍ତକ ହଲାଇ ସମ୍ମତି ସୂଚନା ଦେବା ପରେ ଗୃଣକ୍ୟ ଚନ୍ଦ୍ରଲେଖାଙ୍କ ମଥାରେ ବିଜୟ ମୁକୁଟ ପିନ୍ଧାଇ କହିଲେ—

: ହେ ନର୍ତ୍ତକୀ । ତୁମେ ହିଁ ବିଜେତା । ତୁମେ ହିଁ ସତ୍ୟର ଉଦ୍‌ଘାଟିକା । ହେ ଯୋଗୀ —ଆମ ରାଜ ନର୍ତ୍ତକୀ ଚନ୍ଦ୍ରଲେଖା ତୁମର ବାଚାଳତା ପାଇଁ ନିଜ ଇଚ୍ଛାରେ ଦଣ୍ଡ ଦେଇପାରିବେ । ତୁମେ ଦଣ୍ଡିତ ହେବାପାଇଁ ପ୍ରସ୍ତୁତହୋଇ ରହ ।

କୁମାର ଗିରି କ୍ଷୁବ୍ଧ ହୋଇ ଛିଡ଼ାହେଲେ । କ୍ରୋଧରେ ପ୍ରକମ୍ପିତହୋଇ କହିଲେ—

କେହି ମୋତେ ଦଣ୍ଡ ଦେଇପାରିବେନି । କାରଣ ମୁଁ ସତ୍ୟର ପୂଜାରୀ ।

ମୁଁ କିନ୍ତୁ ତୁମକୁ ଦଣ୍ଡଦେବାର ଅଧିକାର ପାଇଛି । ଚନ୍ଦ୍ରଲେଖା ଲାସ୍ୟମୟୀ ଭଙ୍ଗୀରେ ଆଗେଇ ଆସିଲେ । ନିଜ ମଥାରୁ ଗୃଣକ୍ୟଙ୍କ ପ୍ରଦତ୍ତ ବିଜୟ ମୁକୁଟକୁ ଯୋଗୀ କୁମାର ଗିରିଙ୍କ ମଥାରେ ପିନ୍ଧାଇ ଦେଇ କହିଲେ—

ତୁମେ ହିଁ ବିଜେତା । ଭଗବାନ ବିଶ୍ୱାସରେ ମିଳନ୍ତି, ତର୍କରେ ଦୂରରେ ଯାଆନ୍ତି । ଏକଶତ ବର୍ଷ ତପସ୍ୟାପରେ ବ୍ରହ୍ମା ଯାହାକୁ ଚକ୍ଷୁରେ ଦେଖିପାରିଲେ ନି ଅଥଚ ନିଜର ସ୍ୱାଭିମାନ ତ୍ୟାଗ କରି ନିଜର ହୃଦୟ ମଧ୍ୟରେ ନାରାୟଣଙ୍କ ଦର୍ଶନ ଉପଲବ୍ଧି କରିପାରିଲେ ସେଇ ନିରାକାର ପୁରୁଷଙ୍କୁ ଏଇ ନର ଆଖିରେ ଦେଖିବା ଧୃଷ୍ଟତା ମାତ୍ର । ତେଣୁ ମୁଁ ଆଜି ପରାଜିତା ଯୋଗୀ ମୋତେ କ୍ଷମାକରିଦିଅ ।

Digitized by PPRACHIN, SOA

ଚନ୍ଦ୍ରଲେଖାର ଆଖିରେ ଆଷାଢ଼ର ଉଷାମେଘର ଶୋଭାଯାତ୍ରା । ଯୋଗୀ କୁମାର ଶିବ ସେଇ ମେଘଦେଖି ପ୍ରୀୟାବିଧୁର ବିରହ ଯକ୍ଷ କଣ୍ଠରେ କହିବାକୁ ଚାହୁଁଥିଲେ—

ତୁମେ ଅପରାଜିତା ଚନ୍ଦ୍ରଲେଖା । ମୁଁ ଯାହାଏତେ ସାଧନା କରି ଜାଣି ପାରି ନ ଥିଲି ତୁମେ ତାହା ମୋତେ କେତେ ସହଜରେ ଶିଖାଇ ଦେଇପାରିଲ । ଭଗବାନ ବାସ୍ତବରେ ବିଶ୍ୱାସରେ ମିଳନ୍ତି !

କିନ୍ତୁ ସେ କିଛି କହି ପାରିଲେ ନା—ଯେମିତି ସ୍ଥାଣୁ ପାଲଟି ଯାଇଥିଲେ ଆନନ୍ଦ ପୁଲକାଦି ଭାବରାଶିର ଅବିଶ୍ରାନ୍ତ ଘୂର୍ଣ୍ଣନ ମଧ୍ୟରେ ଦଳା ଚକଟି ହୋଇ ଯେମିତି ଅନୁଭବ କରୁଥିଲେ—ଭଗବାନ ସେହି ଜ୍ଞାନ, ସେଇ ଅନୁଭୂତି, ସେଇ ସଚେତନ ଯାହାପରେ ଜ୍ଞାତବ୍ୟ ଆଉ କିଛି ନ ଥାଏ !!

(ବି.ଦ୍ର :—ଭଗବତୀ ଚରଣ ଶର୍ମାଙ୍କ ରଚିତ ପ୍ରଖ୍ୟାତ ହିନ୍ଦୀ ଉପନ୍ୟାସ, ଇତ୍ୟାଦି ଇତ୍ୟାଦି) 'ଚନ୍ଦ୍ରଲେ ।' ର ଗ୍ରନ୍ଥରେ ଲିଖିତ ଏବଂ ଚନ୍ଦ୍ରଲେଖାର ଏହି ଆମର ସ୍ରଷ୍ଟାଙ୍କ ନିକଟରେ ସକୃତଜ୍ଞ ଉତ୍ସର୍ଗୀକୃତ—(ଲେଖକ)

ସବଡିଭିଜନାଲ ଅଫିସର,
ସୁବର୍ଣ୍ଣରେଖା ଜଳସେଚନ
ସବଡିଭିଜନ ନମ୍ବର— ୩,
ମୁର୍ଗାବାଡ଼ି ,ବାରିପଦା-୭୫୭୦୦୧,

ବିଶେଷ କବିତା

ବିଳମ୍ବିତ ଲୟ

—ଦେବୀ ଧଳ

ସମୟର କଣ୍ଟାବାଡ଼ ବସିବା ଆଗରୁ, ଏ ଦ୍ୱୀପର ସୀମାନ୍ତରେ,
ସନ୍ଧ୍ୟାର ଅବିର ବୋଲି ହୋଇ ଯାଉ ଯାଉ
ଫିକା, ବିଛା ବା ରଙ୍ଗ ଛଡ଼ା ଫୁଲଦାନୀରେ

Digitized by PPRACHIN, SOA

ଶୀତର ପବନ ଚଢ଼ିବାକୁ ହାଡ଼ ମାଂସ, କବୁଜ କୋଟଟିକୁ ରାସ୍ତା ଖୋଜୁ ଖୋଜୁ
ଚାଲ ଆମେ ବାହାରିବା ଯାତ୍ରା ପଥେ,"
ପରସ୍ପରକୁ ଯାହା ସଂପର୍କିତ ପ୍ରଶ୍ନ ପଚାରି,
ଅନଶ୍ଚିତତା, ଅନନ୍ୱେଷିତାକୁ ଲକ୍ଷ୍ୟକରି ଚାଲିସିବା ଆଗକୁ ବାହାରି ।

× × ×

ମୁଁ, ତମେ, ବା ଅନ୍ୟ କେହି ପଚାରିବ— ସମସ୍ୟ କେତେ ?
ସମସ୍ୟ କ'ଣ ?

ଆଜ ଓ କାଲର ସନ୍ଧିକ୍ଷଣ ?
ମଧ୍ୟରାତ୍ରୀର ନୀରବତା ?
ପ୍ରଭାତର କସ୍ୱାହତା ?

ବା'ର·········ବା'ର ରାତ୍ରି··· । ଆଜ ନା କାଲ ?

× × ×

ବର୍ଷାକୁ ଅପେକ୍ଷା ବେଳେ

ଏମିତ ଶିଥିଳ ସୀମାହୀନ ସମୟ
ବ୍ୟର୍ଥ, ବିମୂକ୍ତ, ଦ୍ୱିଧାଗ୍ରସ୍ତ ସମୟ—

ତଥାପି ଅପେକ୍ଷା—

ଅପେକ୍ଷା ମାଟିତଳେ ପୋତା ମନ୍ଦରେ
ଝାଂଜପିଟା ବିଦ୍ରୋହର ଉତ୍ତେଜନା ଓ ଉତ୍ସାହରେ
କ୍ଷୀଣ ନଦୀ ସ୍ରୋତର ଆଶା ଓ ଆଶଙ୍କାରେ ।

ବନ୍ୟାକୁ ଅପେକ୍ଷା—

ମଧ୍ୟାହ୍ନରେ— ନିର୍ଜନ ରାତ୍ରୀରେ ।

ବର୍ଷାର ପ୍ରତୀକ୍ଷା—

ସମସ୍ୟର ବିଭକ୍ତ ମୁହୂର୍ତ୍ତରେ,
ମୁହୂର୍ତ୍ତହୀନ ସାମଗ୍ରୀକୁ ସମସ୍ୟରେ ।

× × ×

ଯା'ହାର କୋଳାହଳେ—ବର୍ଷାର ପ୍ରତୀକ୍ଷାରେ
ତମେ; ମୁଁ ଏବଂ ସିଏ ଏକାକାର ଜୀବନର ପ୍ରଶସ୍ତ ଚଟାଣରେ ।
—ଆମ ରେଡ଼ିଓରେ ସମ୍ବାଦ ନାହିଁ । ଖବରକାଗଜ ଆସୁନାହିଁ ।

Digitized by PPRACHIN, SOA

କ'ଣ ଆଜିର ସଂକ୍ଷିପ୍ତ ସମାଚାର ? ପାଣିପାଗ ଖବର ?
କେଉଁଠି ଜଳୁଛି ଫସଲ ଆଉ ବର୍ଷାବିନା ?
କେଉଁଠି ଝୁଲୁଛି ଟ୍ରେନ୍ ନିକଟ ଭବିଷ୍ୟତରେ ?
ନା— ବର୍ଷାର ସୂଚନା ନାହିଁ ।
ଯାହାରେ ସାନ୍ତ୍ୱନା ନାହିଁ ।
ଅଥଚ ଯାତନା ନାହିଁ— ଶୋଚନା ବି ନାହିଁ ।

× × ×

କ୍ଷତି କ'ଣ ? ବର୍ଷା ନ ଆସୁ । କ୍ଷତି କ'ଣ !
ସମସ୍ତ ଜୀବନ କନ୍ଦ—
ସମସ୍ତ ବିଭବ କେନ୍ଦ୍ର— ବିଚ୍ଛିନ୍ନ ଦ୍ୱୀପର ଭୂଇଁରେ,
ପଥଧାର ନାମହୀନ ପାନ୍ଥଶାଳାରେ ।
ଅଜଣା ବାନ୍ଧବୀର ସୁବିନ୍ୟସ୍ତ ନିର୍ଲିପ୍ତତାରେ ।
ଅର୍ଥହୀନ ଗଳ୍ପଗୁଜବର ମଧ୍ୟାଚୂଆ ଇଲାକାରେ ।
ବର୍ଷା ନ ଆସିଲେ କ୍ଷତି କ'ଣ ? ସମୟର ଲମ୍ବ ସୂତା ଛିଡ଼ିଗଲେ କ୍ଷତି କ'ଣ !
ଏମିତି ତ ଜୀବନକୁ ମାପୁ ମାପୁ ବୃଦ୍ଧାଶ୍ରମଟରେ ସମସ୍ତେ କେବେ ବଳିଯାଏ—
କେବେ ଚଳନ୍ତା ଟ୍ରେନରେ ଷ୍ଟେସନ ଆସିବା ଆଗରୁ
ସମସ୍ତ ବି ଅଜାଣତେ ସରିଯାଏ ।
କିଏ ବୁଝେ (?) ଜୀବନ ଏକ କଥା—
ଅନ୍ୟ କଥା—
ଜୀବନ ନାଁରେ ଏ ପଟରୁ ସେ ପଟକୁ ଧାଇଁ ଧାଇଁ
ହାଲୁକା କଥାରେ ଘେରରେ ନିଜକୁ ଢାଙ୍କିବା
କିଏ ବୁଝେ ? ମନ କେବେ ଗଢ଼ିପାରେ ନିଜପାଇଁ ନିଜର ଆକାଶ,
କେବେ ପୁଣି ଅବରୁଦ୍ଧ ଆକାଶର ହାହାକାର ତଳେ
ମନ ମରେ ମନଗଢ଼ା ସୀମାଙ୍କିତ ପୃଥିବୀରେ !

× ×

ଯାହାର ଲଗ୍ନରେ—ପ୍ରତୀକ୍ଷାର ମୁହୂର୍ତ୍ତରେ,
ଝଡ଼ ତଥାପି ଦୋହଲାଏ ଅଧାଖୋଲା ଦୁର୍ଗର ସ୍ଥିତି
ଯେମିତିକା ହଳଯାପ ଦକ୍ଷଯଜ୍ଞ ସଂଭ୍ରମ ଘୂର୍ଣ୍ଣିରେ
ମୋ ନିଜର ନୈତିକତା, ପ୍ରତିଶ୍ରୁତି ।

Digitized by PPRACHIN, SOA

ଝଡ଼ ତଥାପି ଧାଇଁଆସେ ଘେରିବାକୁ ଅବିନାଶୀ ସ୍ରୋତ
ଏ ଯାହାର ଉଚ୍ଛ୍ୱାସରେ ସତେ ଅବା ଫାଟିଯାଏ ଜନାକୀର୍ଣ୍ଣ ନଗରୀର ଛାତ ।

× × ×

ବର୍ଷାର ସୂଚନା କାହିଁ ? ଯାହାରେ ସାନ୍ତ୍ୱନା କାହିଁ ?
ଶୋଚନା ନାହିଁ — ଯାତନା ବ ନାହିଁ ।
ଯଦି କିଛି ଭୁଲିଯାଏ — ମୁଁ ଭୁଲ କରେ ମୋ ମନର ପାପପୂର୍ଣ୍ଣ ଅଭିଧାନ ଦେଖି
ସେ ଭୁଲ ମୋ ଠାରୁ ବିଚ୍ଛୁଡ଼ିଯାଏ—
ଗ୍ଳାଇ ତା'ର ମାଡ଼ିଯାଏ ଦୂରରୁ ଦୂରକୁ
ଛୁଇଁଯାଇ କିଛି କିଛି ମନ ଓ ଆଖିର ଦର୍ପଣ—
ଅଂଧାରରେ ଛୁଡ଼ା କରି ସଂଶୟର ପ୍ରତିବିମ୍ବ— ।
ମୁଁ ଭୁଲ୍ କରେ । ସ୍ୱୀକାର କରେ । ମୁକ୍ତ ହୁଏ --
ଅଥଚ ଏ ଭୁଲ୍‌ରେ ବିଳୟର ବାସ୍ନା ଖୋଜି ଖୋଜି—
ପ୍ରତୀକ୍ଷାରେ ସଂଶୟର ଗ୍ଳାଇ ମାଖି—
ପ୍ରତିଫଳିତ ଅଂଧାରର ବିଟପରେ ମୋ ଇଚ୍ଛାକୁ ଶବ୍ଦକରି—
ପରିଚିତ ସହରର କମ୍ପନ ବଢିଯାଏ !
ସ୍ମୃତିଭିଜା ରୁମାଲ୍‌ର ଏକାନ୍ତ ନିଜସ୍ୱ ତାଙ୍କ ପବନ ହଠାତ୍ ଝର୍ମି ନେଲା ପରି
ଅବିକଳ ବର୍ଷାଛିଟା ପୁଟୁଣା ଲଫାପାରୁ ଠିକଣା ଲିଭିଗଲା ପରି
ଆପଣା ଆପଣା ବିଳୟର ସଂକୀର୍ଣ୍ଣତାରେ ଏକ ସ୍ନେହାତୁର ବନ୍ଧୁ ଲାଗି ଲିଭିଯାଏ
ଅନ୍ୟାନ୍ୟ ବନ୍ଧୁଙ୍କର ଆସକ୍ତି, ଅନୁରକ୍ତି, ଅଭିବ୍ୟକ୍ତି ।

× × ×

ଯାହା କ'ଣ ଶେଷ ହୁଏ ସମୟର ସାମୟିକ ବିରୋଧରେ ?
ବର୍ଷା କ'ଣ ଥମିଯାଏ ଏମିତିକା ଆଘାତରେ ?
ବର୍ଷା କ'ଣ ରହିଯାଏ ସ୍ୱାଭାବିକ ସମସ୍ତଙ୍କୁ ଗୃହିଁ ?
ବର୍ଷା କ'ଣ ଥିଲା କେବେ ଯାହାର ପୂର୍ବରୁ ?
ନା ବର୍ଷା ଆସିବ ଯାହାର ଶେଷରେ ?
ସମସ୍ତ ବା କେତେ—ସମସ୍ତ କେମିତି— କିଏ ଜାଣେ ?

—୦—

Digitized by PPRACHIN, SOA

Postal Regd. No. O67/83 R. N. No./41079/82

Pragativadi Publications

PRESENTS

1, Pragativadi Oriya Daily

2. Chayanika Literary Quaterly

Printed and Published by Pradyumna Bal on behalf of Pragativadi Publications, Editor : **Bhabagrahi Misra**

Price : Rupees Four Only

Digitized by PPRACHIN, SOA